

ହମାସ୍‌କୁ ଟ୍ରମ୍ପଙ୍କ ଶେଷ ଚେତାବନୀ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବିବାହ ପର ଠୁ ଅଭିନୟରୁ ଦୂରେଇ ରହିଛନ୍ତି ପାର୍ବତୀ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୬୦ Vol. 22 No-160 9 SEPTEMBER 2025 TUESDAY, BHUBANESWAR ମଙ୍ଗଳବାର, ୯ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପାପକ୍ଷୟ ଘାଟରେ ୨୦ ମହିଳା ଲୁଟ୍‌ର ଶିକାର

ବିନିକା,୮।୯(ଭାସ୍କର ନ୍ୟୁଜ): ଚନ୍ଦ୍ରଗ୍ରହଣ ଉପଲକ୍ଷେ ପାପକ୍ଷୟ ଘାଟରେ ବୁଡ଼ ପକାଇ ଯାଇଥିବା ବଲାଙ୍ଗୀର ବେଲପଡ଼ାର ୨୦ଜଣ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ଲୁଟେରାମାନେ ୨୦ ମହିଳାଙ୍କ ମୋବାଇଲ ଲୁଟି ନେବା ସହ ୧୫ ହଜାର ଟଙ୍କା ଲୁଟି ନେଇଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା,୨ ମୃତ

ଫୁଲବାଣୀ,୮।୯(ଭାସ୍କର ନ୍ୟୁଜ): ସୋମବାର ସକାଳେ ଫୁଲବାଣୀ ଫିରିଙ୍ଗିଆ ଥାନା ଅନ୍ତର୍ଗତ ଖାଡ଼ିଙ୍ଗିଆରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ସ୍ଥାନୀୟ ଅଞ୍ଚଳର ଯୁବକ ବୋଲି ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।


### ଏନକାଉଣ୍ଟରରେ ଆତଙ୍କୀ ନିହତ

ଶ୍ରୀନଗର,୮।୯: ଜାମ୍ମୁକାଶ୍ମୀରର କୁଲଗାମ ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଛି। କୁଲଗାମର ଗୁଡ୍ଡର ଜଙ୍ଗଲରେ ଆତଙ୍କବାଦୀମାନେ ରହିଥିବା ନେଇ ସୂଚନା ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଥିଲା। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷାକର୍ମୀ ଏହାର ପାଲଟା ଜବାବ ଦେଇଥିଲେ। ମୃତ ଆତଙ୍କବାଦୀଠାରୁ ବହୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏବେ ବି ସେହି ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଜାରି ରହିଛି।

ସେନ୍‌ସେକ୍ସ: ୮୦,୭୮୭.୩୦
ସର୍ବାଧିକ: ୩୨.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୮।୯।୨୦୨୫ ର ମତାମତ**

ସେମିକନ ଇଣ୍ଡିଆ ଭାରତକୁ ଡିଜିଟାଲ କରିବା କ୍ଷେତ୍ରରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ଉପରାଷ୍ଟ୍ରପତି ନିର୍ବାଚନରେ ଭୋଟ୍‌ଦାନରୁ ବିଜେଡି ବିରତ ରହିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଉପ ରାଷ୍ଟ୍ରପତି ନିର୍ବାଚନ ଆଜି
ଘୋ ଘୋ କମ୍ପୁଛି ଦିଲ୍ଲୀ,
ବିଜେଡ଼ି ରଖିବ ସମାନ ଦୂରତା
ଏଣି ଯେଣୁ ମ୍ୟାଉଁ ବିଲ୍ଲୀ ।
ମିଛୁଟାରେ କଣ ଖାଲି,
ନବୀନ ଯାଇକି ଘାଟ ଜଗିଛନ୍ତି
କାଳେ ମାନିବେନି ବୋଲି !!

## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ଆଜି ଭୋଟ୍





**ସକାଳ ୧୦ଟାରୁ ୫ଟା ପର୍ଯ୍ୟନ୍ତ ମତଦାନ**

**ଗୋଲାପି କାଗଜରେ ଭୋଟ ଦେବେ ସାଂସଦ**

**ସନ୍ଧ୍ୟା ୬ଟାରେ ଗଣତି, ଫଳାଫଳ ଘୋଷଣା**

ନୂଆଦିଲ୍ଲୀ,୮।୯: ମଙ୍ଗଳବାର ଦେଶରେ ଅନୁଷ୍ଠିତ ହେବ ଉପରାଷ୍ଟ୍ରପତି ନିର୍ବାଚନ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉଭୟ ଏନଡିଏ ଓ ଇଣ୍ଡିମେଣ୍ଟ ଏ ନେଇ ନିଜର ରଣନୀତି ମଧ୍ୟ ପ୍ରସ୍ତୁତ କରି ସାରିଛନ୍ତି। ତେବେ ଏହି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ବିଜୟୀ ହେବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତେବେ ପୂର୍ବ ନିର୍ବାଚନ ଭଳି ଏଥର ବିଜୟ ବ୍ୟବଧାନ ଯଥେଷ୍ଟ କମ୍ ରହିବ ବୋଲି ସ୍ପଷ୍ଟ ହୋଇଛି। ଖାସ୍ ଏହି କାରଣ ପାଇଁ ଏନଡିଏ ପକ୍ଷରୁ ମେଣ୍ଟର ପ୍ରତ୍ୟେକ ଭୋଟକୁ ଟ୍ରାକ୍ କରାଯାଉଛି। ଗୋଟିଏ ହେଲେ ବି ଭୋଟ ମେଣ୍ଟ ହରାଇବାକୁ ଚାହୁଁନାହିଁ। ଉପରାଷ୍ଟ୍ରପତିଙ୍କୁ ସଂସଦର ସଦସ୍ୟମାନେ ସିକ୍ରେଟ ବାଲାଟ ଦ୍ୱାରା ନିର୍ବାଚିତ କରିଥାନ୍ତି। ଚଳିତଥର ଗୋଲାପି ବାଲାଟରେ ମତଦାନ କରାଯିବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ରାଜ୍ୟସଭାରେ ୨୩୯ ଓ ଲୋକସଭାରେ ୫୪୨ଜଣ ସାଂସଦ ରହିଛନ୍ତି। ତେବେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ଓ ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ବିଆରଏସ୍ ଭୋଟଦାନରୁ ବିରତ ରହିବା ନେଇ ଘୋଷଣା କରିଛନ୍ତି। ତେଣୁ ଉଭୟ ସଦନରେ ସାଂସଦଙ୍କ ସଂଖ୍ୟା ୭୭୦କୁ ଖସି ଆସିଛି। ଏହି ନିର୍ବାଚନ ଜିତିବା ପାଇଁ ୩୮୬ ସାଂସଦଙ୍କ ଭୋଟ ଦରକାର। ବିଜେପି ନେତୃତ୍ୱାଧୀନ ଏନଡିଏ ପାଖରେ ଏବେ ୪୨୫ଜଣ ସାଂସଦ ରହିଛନ୍ତି। ତେଣୁ ବିଜେପି ପ୍ରାର୍ଥୀ ତଥା ମହାରାଷ୍ଟ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନ ଦେଶର ଉପରାଷ୍ଟ୍ରପତି ହେବା ନିଶ୍ଚିତ ହୋଇଛି। ଏ କ୍ଷେତ୍ରରେ ଏନଡିଏ ଜଗନଙ୍କ ୱାଇଏସଆର କଂଗ୍ରେସର ସମର୍ଥନ ହାସଲ କରିପାରେ। ରାଜ୍ୟ ସଭାରେ ଦଳର ୭ଜଣ ଓ ଲୋକସଭାରେ ୪ଜଣ ସଦସ୍ୟ ରହିଛନ୍ତି। ଯଦି ୱାଇଏସଆର କଂଗ୍ରେସ ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରେ ତାହାହେଲେ ବିଆରଏସ୍ ଓ ବିଜେଡିର ଭୋଟ ବର୍ଜନ ସତ୍ତ୍ୱେ ଏନଡିଏ ସାଂସଦଙ୍କ ସଂଖ୍ୟା ୪୩୬ରେ ପହଞ୍ଚିବ। ଏହାବାଦ୍ ଲୋକସଭାରେ • ପୃଷ୍ଠା ୫ ଦେଖନ୍ତୁ

**ସଂଖ୍ୟାଗଣିତ**

| | |
|---|---|
| ଲୋକସଭା ଆସନ ସଂଖ୍ୟା | ୫୪୨ |
| ରାଜ୍ୟସଭା ଆସନ ସଂଖ୍ୟା | ୨୩୯ |
| ମୋଟ ଭୋଟରଙ୍କ ସଂଖ୍ୟା | ୭୮୧ |
| ଏନଡିଏ ସପକ୍ଷରେ | ୪୩୯ |
| ଇଣ୍ଡିମେଣ୍ଟ ସପକ୍ଷରେ | ୩୨୪ |
| ୧୮ ସାଂସଦଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହୋଇନି | |

### ଭୋଟ୍‌ଦାନରୁ ବିରତ ରହିବ ବିଜେଡି

ଭୁବନେଶ୍ୱର,୮।୯(ଭାସ୍କର ନ୍ୟୁଜ): ମଙ୍ଗଳବାର ଅନୁଷ୍ଠିତ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ମତଦାନରୁ ବିରତ ରହିବ। ଏ ନେଇ ଦଳର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଜେଡି ଉଭୟ ଏନଡିଏ ଓ ଇଣ୍ଡି ମେଣ୍ଟଠାରୁ ସମଦୂରତା ବଜାୟ ରଖିଛି। ଏ ନେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାରେ ଲୋକସଭାର ୨୦ ସାଂସଦ ହେଉଛନ୍ତି ବିଜେପିର। ତେଣୁ ଓଡ଼ିଶାରୁ ଏନଡିଏ ପ୍ରାର୍ଥୀ ଭୋଟ ପାଇବାରେ ଅସୁବିଧା ନାହିଁ। ତେବେ ରାଜ୍ୟ ସଭାରେ ଏବେ ବି ବିଜେଡିର ସଂଖ୍ୟା ଅଧିକ। ବିଜେଡିର ୭ଜଣ ସାଂସଦ ରହିଥିବାବେଳେ ବିଜେପିର ୩ ସଦସ୍ୟ ରହିଛନ୍ତି। ତେଣୁ ଏନଡିଏ ପ୍ରାର୍ଥୀଙ୍କୁ ଜିତିବା ପାଇଁ ବିଜେଡିର ସମର୍ଥନ ସେତେଟା ଗୁରୁତ୍ୱ ରଖୁନି। ତା ସତ୍ତ୍ୱେ ବି ଏନଡିଏ ପକ୍ଷରୁ ବିଜେଡିର ସମର୍ଥନ ଲୋଡ଼ାଯାଇଛି। ଅଧିକ ସଂଖ୍ୟକ ଭୋଟରେ ଏନଡିଏ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କେନ୍ଦ୍ର ନେତୃବୃନ୍ଦ ଲାଗି ପଡ଼ିଛନ୍ତି।

## ଉପରାଷ୍ଟ୍ରପତି ନିର୍ବାଚନ

# ଓଡ଼ିଶା ବିଜେପି ସାଂସଦଙ୍କ ବୈଠକରେ ମୋହନ-ମନମୋହନ



ନୂଆଦିଲ୍ଲୀ,୮।୯: ମଙ୍ଗଳବାର ଅନୁଷ୍ଠିତ ହେବାକୁ ଯାଉଛି ଉପରାଷ୍ଟ୍ରପତି ପଦବୀ ପାଇଁ ଭୋଟଗ୍ରହଣ। ଏଥିପୂର୍ବରୁ ସୋମବାର ବିଜେପି ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଓଡ଼ିଶାର ସମସ୍ତ ବିଜେପି ସାଂସଦଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶା ଦାୟିତ୍ୱରେ ଥିବା ବିଜେପି ପ୍ରଭାରୀ ବିଜୟପାଲ ସିଂ ତୋମାର ଯୋଗ ଦେଇଥିଲେ। ବୈଠକରେ ଉପରାଷ୍ଟ୍ରପତି ନିର୍ବାଚନ ନେଇ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ଭୋଟଗ୍ରହଣର ପ୍ରକ୍ରିୟା ଏବଂ ସମସ୍ତ ସାଂସଦମାନେ ଯେପରି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବେ ସେ ନେଇ ମଧ୍ୟ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ସୋମବାର ସକାଳୁ ଯାତ୍ରା ଆରମ୍ଭ କରିଥିଲେ। ଏଥିସହ ସେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ଉପରାଷ୍ଟ୍ରପତି ନିର୍ବାଚନ ନେଇ ମଧ୍ୟ ଆଲୋଚନା କରିଥିଲେ। ବୈଠକ ପରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଥିଲେ ଯେ ସେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ବିଭିନ୍ନ କମିଟି, ବୋର୍ଡ ଓ ନିଗମ ନିଯୁକ୍ତି ତଥା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା କରିବେ। ନିକଟରେ ଶ୍ରୀ ସାମଲ ଦିଲ୍ଲୀ ଗସ୍ତରେ ଯାଇ ବରିଷ୍ଠ ଦଳୀୟ ନେତାଙ୍କୁ ସାକ୍ଷାତ କରିଥିଲେ। ସେତେବେଳେ ମଧ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ରାଜ୍ୟର ରାଜନୈତିକ ସ୍ଥିତି, ରାଜ୍ୟ କମିଟି ଗଠନ ଓ ବୋର୍ଡ ନିଗମ ଅଧ୍ୟକ୍ଷ ପଦବୀ ନେଇ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତ ୫ ତାରିଖରେ ଦିଲ୍ଲୀରୁ ଫେରିଥିଲେ। ତାଙ୍କ ଦିଲ୍ଲୀ ଗସ୍ତ ସମୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମନୋହରଲାଲ ଖଟ୍ଟରଙ୍କୁ ସାକ୍ଷାତ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ବିକାଶ ପରିଯୋଜନା, ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମର ଦୃଷ୍ଟିକୋଣ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ସେହିପରି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ସାକ୍ଷାତ କରି ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ସେମିକଣ୍ଡକ୍ଟର ଶିଳ୍ପ ଓ ଆଇଟି କ୍ଷେତ୍ରର ପ୍ରସାର ଆଦି ବିଷୟରେ ଆଲୋଚନା କରିଥିଲେ।

# ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ



**ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ**

ନୂଆପଡ଼ା,୮।୯(ଭାସ୍କର ନ୍ୟୁଜ): ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କର ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ହୃଦରୋଗ ଓ କିଡନୀ ରୋଗରେ ସେ ପୀଡ଼ିତ ରହିଥିଲେ। ସେ ନୂଆପଡ଼ା ବିଧାନସଭା ଆସନରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ରେ ନୂଆପଡ଼ାରୁ ସ୍ୱାଧୀନ ବିଧାୟକ ଭାବେ ନିର୍ବାଚିତ ହେବାପରେ ସେ ବିଜେଡିରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ୨୦୧୪, ୨୦୧୯ ଏବଂ ୨୦୨୪ ନିର୍ବାଚନରେ ସେହି ଆସନରୁ ବିଜୟଲାଭ କରିଥିଲେ। ଏପରିକି ସେ ନବୀନ ସରକାରରେ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ସେ ଯୋଜନା ଓ ସଂଯୋଜନା ବିଭାଗର କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। • ପୃଷ୍ଠା ୫ ଦେଖନ୍ତୁ

## ସୋସିଆଲ ମିଡିଆ ବନ୍ଦ ନେଇ ନେପାଳରେ ବ୍ୟାପକ ହିଂସା

# ତାତିଲେ, ଜାଳିଲେ- ମୁହାଁମୁହିଁ ହେଲେ

- ପୋଲିସ ଗୁଳିରେ ୨୦ ମୃତ
- ନେପାଳ ସଂସଦରେ ପଶିଲେ ବିକ୍ଷୋଭକାରୀ
- ୧୦୦ରୁ ଅଧିକ ଆହତ ହସ୍ପିଟାଲରେ ଭର୍ତ୍ତି
- କାଠମାଣ୍ଡୁ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା
- ସ୍ଥିତି ନିୟନ୍ତ୍ରଣ ପାଇଁ ସେନା ମୁତୟନ
- ଇସ୍ତଫା ଦେଲେ ନେପାଳ ଗୃହମନ୍ତ୍ରୀ
- ସାରା ରାଜ୍ୟରେ କର୍ଫ୍ୟୁ ଜାରି




କାଠମାଣ୍ଡୁ,୮।୯: ନେପାଳ ସରକାର ଅନେକ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନିଷିଦ୍ଧ କରିବା ପରେ ସେଠାରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ସୋମବାର ରାଜଧାନୀ କାଠମାଣ୍ଡୁ ସମେତ ଦେଶର ବିଭିନ୍ନ ସହରରେ ଯୁବବର୍ଗ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି କ୍ରୋଧିତ ଯୁବକମାନେ ନେପାଳ ସଂସଦରେ ପ୍ରବେଶ କରି ଭଙ୍ଗାରୁଜା କରିବା ସହ ବ୍ୟାପକ ଜଳାପୋଡ଼ା କରିଥିବା ସୂଚନା ମିଳିଛି। ଏହି ସମୟରେ ପୋଲିସ ଗୁଳିଚାଳନା କରିବାରୁ ପ୍ରଥମେ ୧୬ଜଣଙ୍କର ମୃତ୍ୟୁ ଘଟିଥିଲା ଓ ପରେ ଆଉ ୪ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଫଳରେ ମୋଟ ୨୦ଜଣଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ହିଂସାକୁ ଦୃଷ୍ଟିରେ ରଖି ସମଗ୍ର ଅଞ୍ଚଳରେ ପୋଲିସ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଛି। ପୋଲିସ ବାୟୁରେ ଗୁଳି ଚଳାଇବା ଏବଂ ଯୁବ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ଘଉଡାଇବା ପାଇଁ ରବର ଗୁଳି ବ୍ୟବହାର କରିଥିବା ସୂଚନା ମିଳିଛି। ଏଥିରେ ୩ଜଣ ସାମ୍ବାଦିକ ଆହତ ହୋଇଥିବାବେଳେ ୧୦୦ରୁ ଅଧିକ • ପୃଷ୍ଠା ୫ ଦେଖନ୍ତୁ

### ତେଜିଲା ଅଣଛାତ୍ରମୁକ୍ତ ବାଣୀବିହାର ଅଭିଯାନ

ଭୁବନେଶ୍ୱର,୮।୯(ଭାସ୍କର ନ୍ୟୁଜ): ବର୍ଷ ବର୍ଷ ଧରି ମାଡ଼ି ବସିଥିଲେ ହଷ୍ଟେଲ ରୁମ୍। ତା ଛଡ଼ା ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଚଳାଇଥିଲେ ଅରାଜକତା। ଶେଷରେ ବାଣୀବିହାର କ୍ୟାମ୍ପସରୁ ସୋମବାରଠାରୁ ଅନଧିକୃତ ଭାବେ ହଷ୍ଟେଲରେ ରହୁଥିବା ଅଣଛାତ୍ର ଗୋଷ୍ଠୀଙ୍କୁ ବିଦା କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଲିସ ସହାୟତାରେ ବାଣୀବିହାର କର୍ତ୍ତୃପକ୍ଷ ସୋମବାର ଚଢାଉ କରି କୋଠରୀଗୁଡ଼ିକ ଭିତରୁ ହିଟର, ଥାଳି, ତାଟିଆ ସହ ଅନ୍ୟାନ୍ୟ ବହୁ ସାମଗ୍ରୀ ଜବତ କରିଛନ୍ତି। ଏଥିସହ ଅଣଛାତ୍ରଙ୍କୁ କ୍ୟାମ୍ପସରୁ ବିଦା କରି ଦିଆଯାଇଛି। ପୋଲିସ ଉପସ୍ଥିତିରେ ଅଣଛାତ୍ରଙ୍କ କବ୍‌ଜାରେ ଥିବା ରୁମ୍‌ର ତାଲା ଭାଙ୍ଗି ସାମଗ୍ରୀଗୁଡ଼ିକୁ ପଦାକୁ ଫିଙ୍ଗି ଦିଆଯାଇଛି। ସୂଚନାଯୋଗ୍ୟ ଯେ ୪ ତାରିଖ • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି

# ଅକ୍ଟୋବରରୁ ନକ୍ସଲ ବିରୋଧୀ ଅଭିଯାନ ଜୋରଦାର



ନୂଆଦିଲ୍ଲୀ,୮।୯: କେନ୍ଦ୍ର ସରକାର ମାଓ ପ୍ରଭାବିତ ରାଜ୍ୟ ସରକାରଙ୍କ ସହାୟତାରେ ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ମାଓବାଦର ସଂପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖିଛନ୍ତି। ଆତ୍ମସମର୍ପଣ କରୁଥିବା ନକ୍ସଲଙ୍କୁ ପ୍ରୋତ୍ସାହନ ଦେବା ସହ ଅମାନିଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ମାଓ ପ୍ରଭାବିତ ରାଜ୍ୟ ଓଡ଼ିଶା, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଆଦି ରାଜ୍ୟରେ ସୁରକ୍ଷାବାହିନୀ ମୁତୟନ ରହିବା ସହ ଘନ ଘନ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଦୁର୍ଗମ ଅଞ୍ଚଳରେ ମାଓବାଦୀମାନେ ଯଦିଓ ବିପୁଳ କ୍ଷୟକ୍ଷତି ଘଟାଉଛନ୍ତି, ତେବେ ଆଗାମୀ ଦିନରେ ସେମାନେ ନିପାତ ହେବେ ବୋଲି ସମ୍ଭାବନା ଦେଖାଦେଇଛି। ମାଓ ଅଧ୍ୟୁଷିତ ରାଜ୍ୟଗୁଡ଼ିକରେ ପୋଲିସ, ବିଏସ୍‌ଏଫ, ସିଆରପିଏଫ ଓ ଆଇଟିବିପିର ଯବାନମାନେ ମୁତୟନ ହୋଇଛନ୍ତି। ତେବେ ଆସନ୍ତା ଅକ୍ଟୋବର ମାସରୁ ସୁରକ୍ଷାକର୍ମୀମାନେ ବଡ଼ ଧରଣର ଅପରେସନ ଆରମ୍ଭ କରିବେ ବୋଲି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଇ ଏହି ଅପରେସନ କରାଯିବ। ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଛତିଶଗଡ଼ର ବସ୍ତର ଅଞ୍ଚଳରେ କେବଳ ୧୫ଶହରୁ ଅଧିକ ମାଓବାଦୀ ରହିଛନ୍ତି। ତେବେ ରାଜ୍ୟ ସରକାର ସେମାନଙ୍କୁ ଆତ୍ମସମର୍ପଣ କରିବା ସହ ବିକାଶ ମୂଳକ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଉଛନ୍ତି। ଯଦି ସେମାନେ ଆତ୍ମସମର୍ପଣ ନ କରନ୍ତି ତେବେ ମୃତ୍ୟୁ ସୁନିଶ୍ଚିତ ବୋଲି ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ନିକଟରେ ଛତିଶଗଡ଼ ରାଜଧାନୀ ରାୟପୁରରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକର ଶୀର୍ଷସ୍ତରର ପୋଲିସ ଅଧିକାରୀଙ୍କୁ ନେଇ ଏକ ବୈଠକରେ ଏ ନେଇ ରଣନୀତି ପ୍ରସ୍ତୁତ ହୋଇଛି। ବୈଠକରେ ସିଆରପିଏଫ, ବିଏସ୍‌ଏଫ, ଆଇଟିବିପିର ବରିଷ୍ଠ ଅଧିକାରୀଙ୍କ ସହ ଛତିଶଗଡ଼, ମଧ୍ୟପ୍ରଦେଶ, ଓଡ଼ିଶା ଓ ତେଲଙ୍ଗାନାର ମୁଖ୍ୟ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନା ବ୍ୟବସ୍ଥା ଏବଂ ସମନ୍ୱୟକୁ ପ୍ରଭାବଶାଳୀ କରାଯିବା ପାଇଁ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଗତ ସପ୍ତାହରେ ଦିଲ୍ଲୀରେ ଆୟୋଜିତ ଏକ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ ସମସ୍ତ ମାଓବାଦୀ ଆତ୍ମସମର୍ପଣ ନ କରିବା ପର୍ଯ୍ୟନ୍ତ କେନ୍ଦ୍ର ସରକାର • ପୃଷ୍ଠା ୫ ଦେଖନ୍ତୁ

## ମହାନଦୀରେ ବନ୍ୟା

# ଗାଁରେ ପଶିଲା ପାଣି

- କୁଜଙ୍ଗ, ତିର୍ତ୍ତୋଲ ବ୍ଲକ ବିଶେଷଭାବେ ପ୍ରଭାବିତ
- କୋଟକଣା ଗାଁ ଭିତରେ ପଶିଲା ବନ୍ୟା ପାଣି
- ନଦୀବନ୍ଧ ଉପରେ ଆଶ୍ରୟ ନେଲେ ୩୦ ପରିବାର
- ମୁଣ୍ଡଳିରେ କମୁଛି ଜଳସ୍ତର: ସର୍ବୋଚ୍ଚ ଯନ୍ତ୍ରୀ



ଭୁବନେଶ୍ୱର,୮।୯ (ଭାସ୍କର ନ୍ୟୁଜ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଯଦିଓ ମୁଣ୍ଡଳିରେ ଜଳସ୍ତର ହ୍ରାସ ପାଉଥିବା ନେଇ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ ସୂଚନା ଦେଇଛନ୍ତି, ତେବେ ମହାନଦୀର ବନ୍ୟାଜଳ ଜଗତସିଂହପୁର ଜିଲ୍ଲାର କେତେକ ଗାଁରେ ପଶିଥିବା ସୂଚନା ମିଳିଛି। ଏହି ବନ୍ୟାରେ କୁଜଙ୍ଗ ଓ ତିର୍ତ୍ତୋଲ ବ୍ଲକ ବିଶେଷଭାବେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ତିର୍ତ୍ତୋଲ ବ୍ଲକର କୋଟକଣା ଆଦିବାସୀ ସାହିରେ ବନ୍ୟାଜଳ ପ୍ରବେଶ କରିବାରୁ ୩୦ ପରିବାରରୁ ଊର୍ଦ୍ଧ୍ୱ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସେମାନେ ଆଶ୍ରୟ ନେବାପାଇଁ ନଦୀବନ୍ଧରେ ତମ୍ବୁ ଟାଣି ରହିଛନ୍ତି। ସେହିପରି ଗାଁକୁ ଯୋଗାଯୋଗ କରୁଥିବା ରାସ୍ତା ଉପରେ ପାଣି ଚାଲୁଥିବାରୁ ଯିବା ଆସିବାରେ ପ୍ରତିବନ୍ଧକ ଦେଖାଦେଇଛି। ସେହିପରି ସାହାରାଡିଆ ଓ ହରିପୁର ଗାଁରେ ମଧ୍ୟ ବନ୍ୟାଜଳ ପ୍ରବେଶ କରିବା ଫଳରେ ସ୍ଥିତି ଦୟନୀୟ ହୋଇପଡ଼ିଛି। ରବିବାର ମହାନଦୀର ବନ୍ୟାଜଳ ଭଟ୍ଟାରିକା ମନ୍ଦିର ଭିତରେ ପ୍ରବେଶ କରିଥିଲା। ତେବେ ଉପରମୁଣ୍ଡରେ ବର୍ଷା ପରିମାଣ ହ୍ରାସ ପାଇବା ଓ ହୀରାକୁଦ ଡ୍ୟାମର ଗେଟ୍ ବନ୍ଦ ହେବା ପରେ ମହାନଦୀର ଜଳସ୍ତର କମୁଥିବା ସୂଚନା ମିଳିଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢୀ କହିଛନ୍ତି ଯେ ମୁଣ୍ଡଳିରେ ବନ୍ୟାଜଳ କମୁଥିବାରୁ ମହାନଦୀରେ ବନ୍ୟାର ଆଶଙ୍କା ନାହିଁ। ସେହିପରି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମଥାନିଠାରେ ଜଳକା ନଦୀର ଜଳସ୍ତର ଓ ଆଖୁଆପଦାଠାରେ ବୈତରଣୀ ନଦୀର ଜଳସ୍ତର ହ୍ରାସ ପାଇଥିବା ସୂଚନା ମିଳିଛି। ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ରାଜସ୍ୱମନ୍ତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଲଘୁଚାପଜନିତ ଲଗାଣ ବର୍ଷା ଆଉ ୬ ଦିନ ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବ୍ୟାପକ ଫସଲହାନି ଘଟିବା ସହ ପନିପରିବା ଚାଷ ନଷ୍ଟ ହୋଇଛି। ଚାଷୀ ପରିବାର ପ୍ରତିପୋଷଣ ପାଇଁ ମୁଣ୍ଡରେ ହାତଦେଇ ବସିଛି।



କଣାସ (ଭାସ୍କର ନ୍ୟୁଜ୍): ପୁରାଣ ବର୍ଣ୍ଣିତ ସାଧବ ଝିଅ ତଅପୋଇ ଉପରେ ତାହାର ଭାଉଜମାନେ ଅକଥନୀୟ ଅତ୍ୟାଚାର କରିଥିବାବେଳେ ତଅପୋଇ ମା' ମଙ୍ଗଳଙ୍କୁ ଆଶ୍ରୟକରି କିପରି ଉଦ୍ଧାର ହୋଇଥିଲା ସେହି ପ୍ରଥାକୁ ଅନୁସରଣ କରି ଆଜିର କୁଆଁରୀ କନ୍ୟାମାନେ ଭାଦ୍ରବ ମାସର ସମସ୍ତ ରବିବାର ଦିନ ମା' ମଙ୍ଗଳାଙ୍କ ପୂଜା ଉତ୍ସବ ପାଳନ କରୁଥିବା ବେଳେ ଆଜି ଭାଦ୍ରବ ମାସର ଶେଷ ରବିବାର ହୋଇଥିବାରୁ ମା' ମଙ୍ଗଳାଙ୍କ ପୂଜା ଓ ଖୁଦରୁକୁଣୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ରବିବାର ଚନ୍ଦ୍ର ଗ୍ରହଣ ଥିବାରୁ କୁଆଁରୀ କନ୍ୟା ମାନେ ଦିନ ୧୨.୫୭ମିନିଟ୍ ମଧ୍ୟରେ ସମସ୍ତ ଦେବ ସେବା ନୀତି ସାରିବାକୁ ଥିବାରୁ ପ୍ରଭାତରୁ କୁଆଁରୀ କନ୍ୟାମାନେ ସ୍ନାନ ସାରି ନିଜ ନିଜ ଗ୍ରାମରେ ଥିବା ନଦୀ ଓ ପୋଖରୀ ତୁଠରୁ ବାଲି ଆଣି ବାଲୁକା ମୂର୍ତ୍ତି ସ୍ଥାପନ କରିବା ପରେ ରଂଗବେରଂଗର ଫୁଲ ଦେଇ ସଜିତ କରି ବିଭିନ୍ନ ଫଳ ଆଣି ପୂଜା ଅର୍ଚ୍ଚନା କରିଥିଲେ। ଗ୍ରାମରେ କୁଆଁରୀ କନ୍ୟାମାନେ ମେଳି ହୋଇ ଠା'କୁ ଠାଆ ବିଭିନ୍ନ ତୋରଣମାନ କରି ମା' ମଙ୍ଗଳାଙ୍କୁ ବସାଇ ଭାଦ୍ରବ ମାସର ୫ ରବିବାର ମା'ଙ୍କୁ ପୂଜା କରୁଥିବାବେଳେ ଆଜି ଶେଷ ରବିବାର ହୋଇଥିବାରୁ ମା' ମଙ୍ଗଳାଙ୍କ ନିକଟରେ ଖୁଦୁରୁକୁଣୀ ପୁସ୍ତକ ପଠନ କରି ସାରିବାପରେ ଭୋଗରାଗ ଆଦି ଦେଇ ପୂଜା କରି ମା ମଙ୍ଗଳାଙ୍କୁ ବିଦାୟ ଦେଇଥିଲେ।

# ଦୟାନଦୀରେ ପହଞ୍ଚିଲା ବନ୍ୟାଜଳ



କଣାସ(ଭାସ୍କର ନ୍ୟୁଜ୍): ଦୟା ଓ ତାହାର ଶାଖା ନଦୀମାନଙ୍କରେ ହୀରାକୁଦରୁ ଖୋଲିଥିବା ୨୪ଟି ଗେଟ୍‌ର ବନ୍ୟାଜଳ ଗତକାଲି ଠାରୁ ପହଞ୍ଚିଛି । ଦୟାନଦୀରେ ବିପଦ ସଂଙ୍କେତ ୩.୯ ୯ମିମି ଥିବାବେଳେ ୩ମିମି ବନ୍ୟାଜଳ ଆଜି ସଂଧ୍ୟାରେ ପ୍ରବାହିତ ହେଉଛି। ଯାହାଫଳରେ କି ଦୟା ଓ ରାଜୁଆନଦୀର ମଧ୍ୟବର୍ତ୍ତୀ ଅଂଚଳ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ଗ୍ରାମପଞ୍ଚାୟତର ଦୋକନ୍ଦା, କଦଳୀଦଣ୍ଡା, ବାଲିପାଟଣା, ତରପଡା, ବଡାସ, ବୈଦ୍ୟନାଥପାଟଣା, କଖାରୁବସ୍ତ, ସବଳଙ୍ଗ, ଗଡବଳଭଦ୍ରପୁର, ଅଠରବାଟିଆ ଗ୍ରାମର ଧାନ ଓ ପରିବା ଫସଲ ଜମି ଦୀର୍ଘ ଏକମାସ ହେଲା ବନ୍ୟା ଜଳରେ ବୁଡିଯାଇଥିବାରୁ କଣାସ ଅଞ୍ଚଳରେ ହେଉଥିବା ବାଇଗଣ, ପୋଟଳ, କଲରା, କଖାରୁ, ଜହ୍ନି, କଞ୍ଚାଲଙ୍କା, ଭେଣ୍ଡି ଫସଲ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ କଣାସ ଅଂଚଳରେ ପରିବାଦର ଆକାଶଛୁଆଁ ହୋଇଥିବାରୁ ମଧ୍ୟମ ଓ ଦିନମଜୁରିଆ ପରିବାରମାନେ ପରିବାରେ ହାତ ମାରିପାରୁନାହାଁନ୍ତି ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ

ବରଗଡ଼(ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଡ଼ାମାଲ ଠାରେ ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ତୁଷାରକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶେଖ ଜଲିଲ, ବୁଦ୍ଧଦେବ ସାହୁ, ନାଏବ ସରପଞ୍ଚ ବିରଞ୍ଚି କଲାରୀ, ଶିକ୍ଷା କମିଟୀର ସଭାପତି ଶେଷଦେବ ବେହେରା ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ର ସମ୍ମୁଖରେ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ନିକଟରେ ଦେହାନ୍ତ ହୋଇଥିବା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ହାରାଧନ ବେହେରାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ସିଆରସିସି କେଦାରନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଗୁରୁବନ୍ଦନା, ଗୁରୁ ପୂଜନ ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ଶିକ୍ଷକ ଶେଖ ଜଲିଲଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରୀଶଙ୍କର ଦୁଆନଙ୍କ ସ୍ମୃତିରେ ଦୁଇଜଣ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ କେକ୍ କାଟି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ ପାଳନ କରିଥିଲେ । ଶେଷରେ ଶିକ୍ଷକ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ତୁଳସୀରାମ ପାଣୀ, ଶିକ୍ଷୟିତ୍ରୀ ରୁକ୍ମିଣୀ ପଧାନ, ଡିଲେଶ୍ୱରୀ ଭୁଏ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗୁରୁ ଦିବସ ପାଳିତ





ପାରାଦୀପ(ଭାସ୍କର ନ୍ୟୁଜ୍): ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଗୁରୁ ବା ଶିକ୍ଷକ ଦିବସ ଏକ ସୁସ୍ଥ ପରିବେଶରେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। କ୍ଲବର ସଭାପତି କ୍ୟାପଟେନ ସୁଶାନ୍ତ କୁମାର ବାଗ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କ୍ଲବର ସମସ୍ତ ସଦସ୍ୟମାନେ ସମାଜରେ ଶିକ୍ଷକ ମାନଙ୍କର ଭୂମିକା ତଥା ଦେଶର ପ୍ରଗତି ଓ ସୁନାଗରିକ ସୃଷ୍ଟି ପଛରେ ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପାରାଦୀପ, କୁଜଙ୍ଗ ଓ ରାହାମା ଅଞ୍ଚଳ ସ୍କୁଲର ବହୁ ଶିକ୍ଷକ ଯୋଗଦାନ କରି ନିଜ ନିଜର ଅଭିଜ୍ଞତା ଓ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ବିପ୍ଳବ କୁମାର ଜେନା ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ। ଶେଷରେ ୧୫ଜଣ ମନୋନୀତ ଶିକ୍ଷକଙ୍କୁ ସେମାନଙ୍କ ଉଚ୍ଚକୋଟୀର ସେବା ପାଇଁ କ୍ଲବ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା ।

# ଭାଗବତଙ୍କ ଜନ୍ମ ଉତ୍ସବ ପାଳିତ

କଣାସ (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଭାଗବତଙ୍କ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହେଉଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର ସମସ୍ତ ପୁରପଲ୍ଲୀରେ ଭାଗବତଙ୍କ ଜନ୍ମଉତ୍ସବ ପାଳିତ ହୋଇଯାଇଛି । ପ୍ରତ୍ୟେକ ଗ୍ରାମରେ ଥିବା ଭାଗବତ ଟୁଙ୍ଗିମାନଙ୍କରେ ଗ୍ରାମର ବୟସ୍କ ବ୍ୟକ୍ତିମାନେ ଏକତ୍ରିତ ହୋଇ ଭାଗବତ ପୁସ୍ତକକୁ ପ୍ରଥମେ ପୂଜା ଅର୍ଚ୍ଚନା କରିବା ସହିତ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ପରେ ପୁସ୍ତକ ପଠନ କରାଯିବା ପରେ ପ୍ରତି ପରିବାରକୁ ଭୋଗରାଗ ଆସି ପୂଜା କରାଯାଇଥିବା ଦେଖିବାକୁ ମିଳିଥିଲା।



# ଦିଲ୍ଲୀରେ କଳା ଦିବସ ପାଳନ କଲା ଓଡ଼ିଶା କୁଡୁମୀ ସେନା



କରଞ୍ଜିଆ (ଭାସ୍କର ନ୍ୟୁଜ୍): ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ମୁଖ୍ୟ ଅଧିବାସୀଙ୍କ ମଧ୍ୟରେ କୁଡୁମୀ(ମହାନ୍ତ) ସମ୍ପ୍ରଦାୟ ଅନ୍ୟତମ। ଏହା ସହ ଏହି ସମ୍ପ୍ରଦାୟ ଅନ୍ୟ ସବୁ ରାଜ୍ୟରେ ମଧ୍ୟ ପରିବ୍ୟାପ୍ତ ଅଟେ। କୁଡୁମୀ ଜାତିକୁ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଆସୁଥିଲା ଆଜିର ଦିନରେ କୁଡୁମୀ ଜାତିର ଆଦିବାସୀ ମାନ୍ୟତାକୁ ହଟାଇ ଦିଆଯାଇଛି। କୁଡୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦେବା ପାଇଁ କୁଡୁମୀ ସେନା ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇଆସୁଛି । ଏହି ଆଦିବାସୀ ଜାତିକୁ ପୁନଃ ମାନ୍ୟତା ପ୍ରଦାନ ଓ ଆଜିର ଦିନରେ ଆଦିବାସୀ ମାନ୍ୟତା ହଟାଇ ଦିଆଯାଇଥିବା ପ୍ରତିବାଦ କରି କଳା ଦିବସ ପାଳିଛି ଓଡିଶା କୁଡୁମୀ ସେନା। କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟ ସିଂହ ମହାନ୍ତ, ସାଧାରଣ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, ରାଜ୍ୟ ସମ୍ପାଦକ ଲାଲମୋହନ ମହାନ୍ତ, ଜିଲ୍ଲା ସଭାପତି ଫଣ୍ଟୁସ୍ ମହାନ୍ତ, ସମ୍ପାଦକ ତରଣୀ ସେନ ମହାନ୍ତ , ବାମନ୍ ଘାଟି ମହିଳା ସଭାନେତ୍ରୀ ପ୍ରତିଭା ମହାନ୍ତ, କେନ୍ଦୁଝର ଜିଲ୍ଲା ସଭାପତି ତ୍ରିଲୋଚନ ମହାନ୍ତ , ଉପଦେଷ୍ଟା ରତ୍ନାକର ମହାନ୍ତ, ମମତା ମହାନ୍ତ, ରଜନୀ ମହାନ୍ତ, ସବିତା ମହାନ୍ତ, କୁଡୁମୀ ବିକାଶ ମୋର୍ଚ୍ଚା କେନ୍ଦ୍ରୀୟ ସଭାପତି ଶୀତଳ ଅହୁର୍ଦ୍ଦ ଦିଲ୍ଲୀ କୁଡୁମୀ ଆଦିବାସୀ ସମାଜ ସଭାପତି ଅମିତ୍ କୁମାର ମହାତୋ, ରାଜେଶ ମହାତୋ ବେଙ୍ଗଲ ଏବଂ ସପନ୍ କୁମାର ମହାତୋ ଏବଂ ହଜାର ହଜାର କୁଡୁମୀ ଜାତି ଉପସ୍ଥିତ ହୋଇ ଦିଲ୍ଲୀସ୍ଥିତ ଯନ୍ତର ମନ୍ତର ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଅନୁସୂଚିତ ଜନଜାତି ତାଲିକାରୁ କେନ୍ଦ୍ର ସରକାର ବାଦ୍ ଦେଇଥିଲେ । ସେହିଦିନରୁ ଆଜିର ଦିନଟିକୁ କୁଡୁମି ସମ୍ପ୍ରଦାୟର ଲୋକେ କଳା ଦିବସ ଭାବେ ପାଳନ କରୁଛନ୍ତି। କୁଡୁମୀମାନଙ୍କୁ ପୁନଃ ଆଦିବାସୀ ତାଲିକାରେ ସାମିଲ ନକଲେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି କୁଡୁମୀସେନା ରାଜ୍ୟ ସଭାପତି ଦିବ୍ୟସିଂ ମହାନ୍ତ । ତେବେ କୁଡୁମୀ ସମ୍ପ୍ରଦାୟର ଦାବି ହେଲା ଏହି ସମ୍ପ୍ରଦାୟକୁ ଆଦିବାସୀ ଜାତିର ପୁନଃ ମାନ୍ୟତା ପ୍ରଦାନ ସହ କୁଡମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରାଯାଉ । କରମା ପର୍ବ ପାଇଁ ଛୁଟି ଘୋଷଣା ଏବଂ କୁଡୁମୀ ବିକାଶ ପରିଷଦ ଗଠନ କରିବାକୁ କୁଡୁମୀ ସମ୍ପ୍ରଦାୟ ଦାବି କରିବା ସହିତ କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବାକୁ ଦାବି ଦୀର୍ଘଦିନ ଧରି ଚାଲିଆସୁଛି । ହେଲେ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଦିନକୁ ଦିନ ଅବହେଳିତ ହେଉଛନ୍ତି ଏହି କୁଡୁମୀ ସମ୍ପ୍ରଦାୟର ଲୋକେ। ଓଡ଼ିଶା କୁଡୁମୀ ସେନା , ଓଡ଼ିଶାରୁ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା, ଝାରଖଣ୍ଡ, କୁଡୁମୀ ଆଦିବାସୀ ସମାଜ ଦିଲ୍ଲୀ, କୁଡୁମୀ ସମାଜ ବେଙ୍ଗଲ, କୁଡୁମୀ ସାଂସ୍କୃତିକ ବିକାଶ ସମିତି ଝାଡ଼ଖଣ୍ଡର ମିଳିତ ଉଦ୍ୟମରେ ଦିଲ୍ଲୀ ଯନ୍ତର ମନ୍ତର ଠାରେ ଏହି ବିକ୍ଷୋଭ ପାଳନ କରାଗଲା। ଓଡ଼ିଶା କୁଡୁମୀ ସେନା ତରଫରୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କଳା ଦିବସ ପାଳନ କରାଗଲା। ଦିଲ୍ଲୀ ଯନ୍ତର ମନ୍ତର ସହ ଓଡ଼ିଶାର କେନ୍ଦୁଝର ଜିଲ୍ଲା ସଦର ମହକୁମା, ମୟୂରଭଞ୍ଜ ଜିଲ୍ଲାରେ ସାରସକଣା , ମୋରଡା ବ୍ଲକ ରେ ମଧ୍ୟ ପାଳନ କରାଯାଇଥିବା ସୂଚନା ମିଳିଛି ।

# ମୁଖ୍ୟ ଚିକିତ୍ସାଳୟର ସଫେଇ କର୍ମଚାରୀଙ୍କୁ ଛଟେଇ ପ୍ରତିବାଦରେ ଧାରଣା



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଛଟେଇ ପ୍ରତିବାଦରେ ଦୁଇଦିନ ଧରି ଚିକିତ୍ସାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ସଫେଇ କର୍ମଚାରୀ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ କର୍ମଚାରୀ ଭାବେ କାମ କରୁଥିବା ପ୍ରାୟ ୩୦ ଜଣଙ୍କୁ ଏଜେନ୍ସୀ ଗାଇଡ୍ ଲାଇନ ଅନୁସାରେ କାର୍ଯ୍ୟରୁ ଛଟେଇ କରିଦେଇଥିବାରୁ ସମସ୍ତେ ପୁନଃ ନିଯୁକ୍ତି ଦାବିରେ ଦୁଇଦିନ ଧରି ଧାରଣାରେ ବସିଛନ୍ତି । ଏଜେନ୍ସୀ ଗାଇଡ ଲାଇନ ଅନୁସାରେ ଅତି କମରେ ସପ୍ତମ ଶ୍ରେଣୀ ପାସ ଓ ୫୦ ବର୍ଷରୁ କମ ରଖିଥିବା ବେଳେ ଅନେକ ଗାଇଡ଼ ଲାଇନ ଅନୁସାରେ ଯୋଗ୍ୟତା ଥାଇ ମଧ୍ୟ ସେମାନଙ୍କୁ ଛଟେଇ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏପରିକି ସେମାନେ ଏ ନେଇ ଏଜେନ୍ସୀ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସିଡିଏମଓ କହିଲେ ସେ ପୁନଃ ନିଯୁକ୍ତି ଦେବେ ବୋଲି ତାଙ୍କୁ କହିଛନ୍ତି । ସେପଟେ ସେମାନେ ସିଡିଏମଓଙ୍କୁ ଦେଖାକରିବାରୁ ସବୁ ଗାଇଡ଼ ଲାଇନ ଅନୁସାରେ ହେବ ବୋଲି କହିଛନ୍ତି। ସଫେଇ କର୍ମଚାରୀମାନେ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ହେଲାଣି କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଏଭଳି ନିଷ୍ପତ୍ତି ପାଇଁ ମହିଳାମାନେ ନିଯୁକ୍ତି ହରାଇଲେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ପ୍ରକାଶ କରିଛନ୍ତି। ତେବେ ଛଟେଇ ହୋଇଥିବା କର୍ମଚାରୀମାନେ ପୁନଃ ନିଯୁକ୍ତି ନ ପାଇ ନିରାଶ ହୋଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ପୁନଃ ନିଯୁକ୍ତି ପାଇ ଲିଖିତ ଆବେଦନ କରିଥିଲେ। ତେବେ ଜିଲ୍ଲାପାଳ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନଥିବାରୁ ସେମାନେ ଆନ୍ଦୋଳନ ପନ୍ଥା ଆପଣେଇ ନେଇଛନ୍ତି। ତେବେ ସମସ୍ତେ ପୁନଃ ନିଯୁକ୍ତି ନ ପାଇବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି ଧାରଣାରତ ସଫେଇ କର୍ମଚାରୀମାନେ । ଏନେଇ ସିଡିଏମଓ ଙ୍କୁ ପଚାରିବାରୁ ଯେଉଁ କର୍ମଚାରୀମାନେ ଏଜେନ୍ସୀ ଗାଇଡଲାଇନ ଯାହା ଅଛି ତା ମଧ୍ୟରେ ଯେଉଁମାନେ ଯୋଗ୍ୟ ସେମାନଙ୍କୁ ରଖାଯାଇଥିବା କଥା କହିବା ସହ ଏଥିରେ ତାଙ୍କର କୌଣସି ହାତ ନାହିଁ ଓ ସେ ଗାଇଡଲାଇନ ବାହାରେ କିଛି କରି ପାରିବେ ନାହିଁ ବୋଲି କହିଥିଲେ।

# ଚଉଷଠି ଯୋଗିନୀ ସାହିତ୍ୟ କଳା ପରିଷଦ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



ମୁରିବାହାଲ/ବଙ୍ଗୋମୁଣ୍ଡା(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ସତ୍ୟ ମହିମା ଆଶ୍ରମଠାରେ ଚଉଷଠି ଯୋଗିନୀ ସାହିତ୍ୟ କଳାପରିଷଦ ବଙ୍ଗୋମୁଣ୍ଡାର ଷଷ୍ଠତମ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ଼ଃ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ଜିଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ମୁଖ୍ୟବକ୍ତା ଭାବେ ମୁରିବାହାଲ କଲେଜର ଓଡ଼ିଆ ଅଧ୍ୟାପକ ଦିଲିପ ପଶାୟତ, ବିଶିଷ୍ଟ ଅତିଥି ଭାବେ ବଙ୍ଗୋମୁଣ୍ଡା ସତ୍ୟ ମହିମା ଆଶ୍ରମର ମଠାଧିଶ କପିଳେନ୍ଦ୍ର ବାବା,ବଙ୍ଗୋମୁଣ୍ଡା ସରପଞ୍ଚ ତଥା ସରପଞ୍ଚ ସଂଘ ବଙ୍ଗୋମୁଣ୍ଡା ବ୍ଲକ ସଭାପତି ଅଜିତ ଯୋଶୀ,ସମ୍ମାନିତ ବକ୍ତାଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ବିନୟ କୁମାର ଦାସ, ସମ୍ମାନିତ ଅତିଥି କଣ୍ଟାବାଞ୍ଜି ନିର୍ଝରିଣୀ ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ଦାସ,ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲ, ଆଦିବାସୀ ନେତା ସୁରେଶ ଭୋଇ, ସମାଜସେବୀ ବିଦ୍ୟା ଜୈନ, ଅନୁଷ୍ଠାନର ସମ୍ପାଦକ ନିଗମାନନ୍ଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୂଆଁଖାଇର ପରମ୍ପରା ଓ ଇତିବୃତ୍ତି ସମ୍ପର୍କରେ ଆଲୋକପାତ ପ୍ରଦାନ କରିଥିଲେ। ପଶ୍ଚିମ ଓଡିଶାର କୃଷିଭିତ୍ତିକ ନୂଆଁଖାଇ ଭାଇଚାରାର ପର୍ବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପୂଜାର୍ଚ୍ଚନା ପରେ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ତଥା ଅର୍ଗସ ନ୍ୟୁଜ କଣ୍ଟାବାଞ୍ଜି ପ୍ରତିନିଧି ହୁଲେଶ୍ୱର ହଂସ ସଂଯୋଜନା କରିଥିଲେ । ଅଞ୍ଚଳର ବିଶିଷ୍ଟ କଳାକାର, ସାହିତ୍ୟିକ, କବି, ସାମ୍ବାଦିକ, ଡାକ୍ତର, ରାଜନୈତିକ, ଜନପ୍ରତିନିଧିମାନଙ୍କୁ ମାନପତ୍ର ଓ ଉପଢୌକନ କରାଯାଇଥିଲା । ଏହି ଅବସର ରେ ୨୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭକ୍ତବନ୍ଧୁ ସାହୁ, ତୁଲେଶ୍ୱର ମେହେର, ଦୀପକ ଯାଦବ, ତେଜୁରାମ ବାଗ, ଅଶୋକ ନାରାୟଣ ଭୋଇ, ହରିଦାସ ଛୁରା, ଚିଣ୍ଟୁ ପୁଟେଲ,ଶଙ୍କର ତାଣ୍ଡି, ଥମିର ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମି ଉଠୁଥିଲେ ଦର୍ଶକ। ସବୁବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଆୟୋଜନ ହେଇଥିବାରୁ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ଛାତ୍ର ବିଜେଡି ପକ୍ଷରୁ ଚାରାରୋପଣ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରବିବାର ପୂର୍ବାହ୍ନରେ ପୁରୁଣା କଟକ ହାଟ ପଡ଼ିଆଠାରେ ଶାଖା ସଭାପତି ତେଜ କୁମାର ଜଗଦଳାଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୃଥିବୀର ତଥା ମାନବ ସମାଜର ଭବିଷ୍ୟତ ସୁରକ୍ଷା ପାଇଁ ବୃକ୍ଷହିଁ ଏକମାତ୍ର ସାଥି ବୋଲି ବିବେଚନା କରି ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ଜାନୀ, ଗୁଞ୍ଜନ୍ ନାୟକ , ଲିପୁନ୍ ରାଉତ , ରିଙ୍କି ବେହେରା, ସୋମିଶୁଭ ବେହେରା, ପ୍ରଭଞ୍ଜନ ଜଗଦଳା, ସୁବ୍ରତ ଜଗଦଳା, କାର୍ତ୍ତିକେଶ୍ୱର୍ ପ୍ରଧାନ, କୈଳାଶ ନାଏକ ପ୍ରମୁଖ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ଥିବାବେଳେ ସ୍ଥାନୀୟ ସରପଞ୍ଚ ଅଶୋକ ସେଠି ଯୁବନେତା ଅବକାଶ ସାହୁ ଗରୁଡ଼ ପ୍ରଧାନ ବାସୁଦେବ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।





# ରାଇଡିହା ଉଚ୍ଚ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦୁଝର(ଭାସ୍କର ନ୍ୟୁଜ୍): ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଇଡିହାର ନବାଗତା ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଦୀପ୍ତା କୁମାରୀ ବ୍ରହ୍ମ ସଭାପତିତ୍ୱ କରିଥିଲେ। ରାଇଡିହା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ଛାତ୍ରୀମାନେ ପାରମ୍ପରିକ ରୀତିରେ ଗୁରୁବନ୍ଦନା ଓ ସ୍ୱାଗତ ସଂଗୀତ ଗାନ କରି ସଭା ଆରମ୍ଭ କରିଥିଲେ । ଶଙ୍ଖ, ହୁଳହୁଳି ସହ ଫୁଲଚନ୍ଦନ ଦେଇ ଗୁରୁମାନଙ୍କୁ ପୂଜା କରିବା ସହ ନବାଗତା ଛାତ୍ରୀମାନଙ୍କୁ ମଧ୍ୟ ଚନ୍ଦନ ତିଳକ ଲଗାଇ ଉପହାର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷା ତାଙ୍କ ଅଭିଭାଷଣରେ ଛାତ୍ରୀମାନେ ନିଜ ମଧ୍ୟରେ ଆତ୍ମ ବିଶ୍ୱାସ ଜାଗ୍ରତ କରି କର୍ତ୍ତବ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ପ୍ରଧାନଶିକ୍ଷକ ଛାତ୍ରୀମାନଙ୍କୁ ନୀତିନିୟମ ମାନି ଚଳିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଦୀପ୍ତିରଞ୍ଜନ ମଲ୍ଲିକ, ଡ଼ ଚନ୍ଦ୍ରକାନ୍ତ ମିଶ୍ର ଏବଂ ଅଧ୍ୟାପିକା ଶୁଭଶ୍ରୀ ଶୁଭସ୍ମିତା ଖିଲାର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସୁପରାମର୍ଶ ଦେଇଥିଲେ। ଅଧ୍ୟାପିକା ବନ୍ଦିତା ମହାପାତ୍ର,ଅଧ୍ୟାପକ ବାଦଲ କୁମାର ବେହେରା ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଝାରପୋଖରିଆକୁ ବ୍ଲକ ହେବାକୁ ଅଞ୍ଚଳବାସୀଙ୍କ ଦାବି

ସାରସକଣା, (ଭାସ୍କର ନ୍ୟୁଜ): ଏହି ବ୍ଲକ ଅନ୍ତର୍ଗତ ଝାରପୋଖରିଆରେ ଅଞ୍ଚଳ ବାସୀ ବ୍ଲକ ହେବା ପାଇଁ ବହୁ ଦିନରୁ ଦାବିକରି ଆସୁଛନ୍ତି। ଏହା ପୂର୍ବରୁ ତହସିଲ କାର୍ଯ୍ୟାଳୟ ପାଇଁ ଜନସାଧାରଣ ଦାବି କଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଝାରପୋଖରିଆ ହେଉଛି, ଝାଡ଼ଖଣ୍ଡ, ଓଡ଼ିଶା, ଓ ବେଙ୍ଗଲ୍ ସୀମାନ୍ତରେ ଅବସ୍ଥିତ। ଏଠାରେ ସୀମାନ୍ତ କଲେଜ, ଫାର୍ମାସୀ କଲେଜ୍, ଆଇଟିଆଇ କଲେଜ୍ ଓ ନିକଟରେ ଇଞ୍ଜିନିୟରିଂ କଲେଜ୍, ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ୍ ଅଫ ଇଣ୍ଡିଆ, ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ, ଏମ.ସି.ସି ବ୍ୟାଙ୍କ୍ , ଝାରପୋଖରିଆ ଥାନା, ଡାକ୍ତରଖାନା , ଉପଡାକଘର, ତହସିଲ, ଟ୍ରେଜେରୀ ମଧ୍ୟ ରହିଛି । କିନ୍ତୁ ଦୁଃଖର ବିଷୟ ଏତେ ସବୁ ଥାଇବି ଜନସାଧାରଣଙ୍କୁ ୧୫ କିଲୋମିଟର ଦୂରରେ ଥିବା ସାରସକଣାକୁ ବ୍ଲକ ପାଇଁ ଯିବାକୁ ପଡୁଥିବାରୁ ସମସ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତା ପାଲଟିଛି ମରଣଯନ୍ତା, ଯାନବାହାନ ଚଳାଚଳରେ ବାଧା। ଠିକ୍ ସମୟରେ ଯିବା ପାଇଁ କିଛି ନାହିଁ। ଯାହାର ବାଇକ୍ ନାହିଁ ସେ ଠିକ ସମୟରେ ସେଠାରେ ପହଞ୍ଚିବା କଷ୍ଟକର। ଖୁସିର ବିଷୟ ଯେ ଏଠାରେ ଏକ ବସଷ୍ଟାଣ୍ଡ ନିର୍ମାଣ ହେବାର ସମ୍ଭାବନା ରହିଛି। ତେଣୁ ପ୍ରଶାସନ ତଥା, ବିଧାୟକ, ତଥା ବିଭାଗୀୟ ମନ୍ତ୍ରୀ ମହୋଦୟଙ୍କୁ ଜନସାଧାରଣଙ୍କ ତରଫରୁ ଅନୁରୋଧ କରିଛନ୍ତି କି ଯଦି ଏଠାରେ ବ୍ଲକ୍ ସ୍ଥାପନ କରାଯାଆନ୍ତା ତାହାହେଲେ ବହୁ ଜନସାଧାରଣ ଉପକୃତ ହୁଅନ୍ତେ ।

# ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା





ବୌଦ୍ଧ(ଭାସ୍କର ନ୍ୟୁଜ୍): ଶିକ୍ଷା, ଶିକ୍ଷାୟତନ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉନ୍ନତି ଓ ବିକାଶ ପାଇଁ ଉତ୍ସର୍ଗୀକୃତ ବସନ୍ତ ସୋସିଆଲ ଫାଉଣ୍ଡେସନ, ନୂଆଦିଲ୍ଲୀ ( ଶାଖା: ମନମୁଣ୍ଡା ) ତରଫରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବୌଦ୍ଧ ଯୋଗିନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ରେ 'ଗୁରୁ ଦିବସ ଓ ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ସମ୍ବର୍ଦ୍ଧନା ଉତ୍ସବ' ସୁନ୍ଦର ସାଜସଜ୍ଜା ଓ ବର୍ଣ୍ଣାଢ଼୍ୟ ପରିବେଶରେ ଆୟୋଜିତ ହୋଇଯାଇଛି। ଫାଉଣ୍ଡେସନର ଚେୟାରପର୍ସନ ରାଜଶ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତା ଓ ଆଦର୍ଶ ଶିକ୍ଷକ ସମ୍ପିତ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ନବ୍ୟ, ଭବ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ମୁଖ୍ୟ ଅତିଥି, ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଭାରତୀୟ ବ୍ୟାଙ୍କ ସଂଘ ବରିଷ୍ଠ ପରାମର୍ଶଦାତା (ନୂଆଦିଲ୍ଲୀ ) ବିକାଶ ନାରାୟଣ ମିଶ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ସମ୍ବଲପୁର ମଣ୍ଡଳ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଅଶ୍ୱିନୀ କୁମାର ପଟେଲ , ବୌଦ୍ଧ ଯୋଗିନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସାହୁ, ସୋନପୁର ପିଏନ୍‌ବି ବିପଣନ ଅଧିକାରୀ ଲିଙ୍କନ କୁମାର ସାହୁ, ବୌଦ୍ଧ ପିଏନ୍‌ବି ଶାଖା ପରିଚାଳକ ପ୍ରାଣବନ୍ଧୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସରକାରୀ ସ୍କୁଲମାନଙ୍କ ବିକାଶ, ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି ପାଇଁ ପ୍ରାୟ ୫୦ ଟି ସ୍କୁଲ କୁ କମ୍ପ୍ୟୁଟର, ବିଶୁଦ୍ଧ ପାନୀୟ ଜଳ ପାଇଁ ଆକ୍ୱାଗାର୍ଡ, ଛାତ୍ରଛାତ୍ରୀ ମାନଙ୍କୁ ସିଉଟର (ଶୀତବସ୍ତ୍ର), ସ୍କୁଲ ବ୍ୟାଗ, ପାଠ୍ୟ ଉପକରଣ ପ୍ରଦାନ ସହ ତର୍କ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରି ଆସୁଥିବା ଏହି ଫାଉଣ୍ଡେସନ ଗୁରୁଦିବସ ପାଳନ କରି ଜିଲ୍ଲାର ୩୦ ଜଣ ଉତ୍କୃଷ୍ଟ ଶିକ୍ଷକ, ଶିକ୍ଷୟିତ୍ରୀ ଙ୍କୁ ଫୁଲ, ଚନ୍ଦନ ମଖାଇ ଅତିଥିଗଣଙ୍କ ଦ୍ୱାରା ପ୍ରଶଂସାପତ୍ର, ଉତ୍ତରୀୟ , ମିମେଣ୍ଟୋ ପ୍ରଦାନ ପୂର୍ବକ ସମ୍ମାନିତ / ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦୨୪- ୨୫ ମାଟ୍ରିକ ପରୀକ୍ଷା ରେ ଜିଲ୍ଲାର ୬ ଜଣ 'ଏ ୧ ଗ୍ରେଡ ' ପାଇଥିବା ଛାତ୍ରଛାତ୍ରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ଏବଂ 'ଏ ୨ ଗ୍ରେଡ ' ପାଇଥିବା ଶ୍ରେଷ୍ଠ ୨୧ ଜଣ ଛାତ୍ରଛାତ୍ରୀ ଙ୍କୁ ୩୦୦୦ ଟଙ୍କା ଲେଖାଏଁ ଫାଉଣ୍ଡେସନ ତରଫରୁ ପ୍ରଦତ୍ତ ଅର୍ଥରାଶି ପୁରସ୍କାର ଛାତ୍ରଛାତ୍ରୀମାନଙ୍କୁ ଅତିଥିଗଣ ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି ଅବସରରେ ଘଣ୍ଟାପଡ଼ା ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୀତବାସ ପଣ୍ଡାଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ବସନ୍ତ ସ୍ମୃତି ସମ୍ମାନ ଏବଂ 'ବିଦ୍ୟା ବସନ୍ତ' ଉପାଧି ରେ ଭୂଷିତ କରି ଉତ୍ତରୀୟ ଓ ମାନପତ୍ର ଦେଇ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶେଷରେ ଏହି କାର୍ଯ୍ୟକ୍ରମର ପ୍ରତ୍ୟକ୍ଷ ତତ୍ତ୍ୱାବଧାରକ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେରଙ୍କ ପ୍ରଚେଷ୍ଟାରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଓ କାନାଡା ବ୍ୟାଙ୍କ ତରଫରୁ ମଧ୍ୟ ସହଯୋଗ କରାଯାଇଥିଲା।

# ଅନନ୍ତ ବାସୁଦେବ ମନ୍ଦିରରେ ମହାବିଷ୍ଣୁ ଯଜ୍ଞ ପୂର୍ଣ୍ଣାହୁତି

## ■ ହଜାର ହଜାର ଭକ୍ତଙ୍କ ସମାଗମ



ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ଗ୍ରାମରେ ଅନନ୍ତ ବାସୁଦେବ ମନ୍ଦିରରେ ଗତ ବୁଧବାର ଠାରୁ ୨୮ତମ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ ରୀତିନିତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା ।ପାଞ୍ଚଦିନବ୍ୟାପି ଏହି ମହାଯଜ୍ଞର ପବିତ୍ର ଭାଗବତ ପୂର୍ଣ୍ଣିମା ରବିବାର ପୂର୍ଣ୍ଣଆହୂତି ଶେଷ ହୋଇଛି। ଏହି ଅବସରରେ ମଠାଧିଶ ମହନ୍ତ ବାବା ବଂଶୀଧର ଦାସ ମହାରାଜଙ୍କ ନେତୃତ୍ୱରେ ଏଠାରେ ବହୁ ସାଧୁସନ୍ଥମାନଙ୍କ ସମାଗମ ହେବାସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ଏଠାରେ ଭଗବତ କଥାମୃତ, ପ୍ରବଚନ ଓ ଭଜନ କୀର୍ତ୍ତନ ଅନୁଷ୍ଠିତ ସାଙ୍ଗକୁ ହରିହାଟ କରାଯାଇଥାଏ। ହଜାର ହଜାର ଭକ୍ତ ଏଥିରେ ରୁଣ୍ଡହୋଇ ଭଗବତ କଥାମୃତର ସୁଧାରସ ପାନକରି ହରିହାଟରେ ପ୍ରସାଦ ସେବନ କରି ନିଜକୁ କୃତାର୍ଥ ମଣିଥାନ୍ତି। ରବିବାର ଚନ୍ଦ୍ରଗ୍ରହଣ ହେତୁଏହି ପୂର୍ଣ୍ଣଆହୂତି କାର୍ଯ୍ୟକ୍ରମ, ଭାଗବତ ଜନ୍ମ ଓ ହରିହାଟ ସନ୍ଧ୍ୟା ପରିବର୍ତ୍ତେ ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା। ଏହାର ସମସ୍ତ ଦାୟିତ୍ୱ ବାବା ବଂଶୀଧର ଦାସ ମହାରାଜ ବହନ କରିଥିବାବେଳେ। ସାମ୍ବାଦିକ ଜୟଗୁରୁ ମହାପାତ୍ର, ଅଭୟ ପ୍ରଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞ ଉତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିଲା।

# ଶୃଙ୍ଖଳାର ସହ ଗଣେଶ ଭସାଣି ଉତ୍ସବ ସମ୍ପନ୍ନ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗଣେଶ ଭସାଣି ଉତ୍ସବ ଶୃଙ୍ଖଳାର ସହ ରବିବାର ଦିନ ସମ୍ପନ୍ନ ହୋଇଛି । ଦୀର୍ଘ ୧୧ ଦିନ ଧରି ପ୍ରତ୍ୟେକ ପୂଜା ମଣ୍ଡପରେ ପୂଜା ପାଉଥିବା ଅଗ୍ରପୂଜ୍ୟ ଶ୍ରୀ ଗଣେଶ ରବିବାର ଦିନ ଧରାପୃଷ୍ଠରୁ ବିଦାୟ ନେଇଥିଲେ। ମିଳିତ ପୂଜା କମିଟି ଓ ଉର୍ଜା ଟ୍ରଷ୍ଟ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଏକ ଲକ୍ଷ ଟଙ୍କାର ଲଡ୍ଡୁ ନିଲାମ ସ୍ୱତନ୍ତ୍ର ନିଆରା ରହିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ନିମନ୍ତ୍ରିତ ଅତିଥିମାନଙ୍କୁ ରଙ୍ଗମଞ୍ଚରେ ଦେଖିବାକୁ ମିଳିଥିଲା। ରବିବାର ଭସାଣି ଉତ୍ସବରେ ନଅଗୋଟି ପୂଜା ମଣ୍ଡପର ମେଢ଼ ବିସର୍ଜନ ହୋଇଥିଲା । ସମସ୍ତ ପୂଜା କମିଟିର ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅପରାହ୍ନ ସମୟରେ ପରଜଙ୍ଗ ମିନି ଷ୍ଟାଡିୟମରେ ପହଞ୍ଚି ସେଠାରେ କ୍ରମାନ୍ୱୟରେ ମେଢ଼ଗୁଡ଼ିକ ଭସାଣି ଅଭିମୁଖେ ରହିଥିଲା । ବ୍ଲକ , ହାଇସ୍କୁଲ, ମେଡିକାଲ ରାସ୍ତାରେ ସମସ୍ତ ମେଢ଼ଗୁଡ଼ିକ ଆସି ସେଠାରୁ ପରଜଙ୍ଗ ଗାଁ ଭିତରେ ଯାଇ ପରଜଙ୍ଗ ବଜାର ମଧ୍ୟରେ ପହଞ୍ଚିଥିଲେ। ସମସ୍ତ ପୂଜା କମିଟିର ସଦସ୍ୟମାନେ ଭିନ୍ନ ଭିନ୍ନ ରଙ୍ଗର ଡ୍ରେସ ପିନ୍ଧି ଡିଜେ ସାଉଣ୍ଡ ତାଳେ ତାଳେ ନିଜ ନିଜ ମେଢ଼ ଆଗରେ ନାଚ ପରିବେଷଣ କରି ଦର୍ଶକ ମାନଙ୍କ ମନକୁ ବିମୋହିତ କରିଥିଲେ । ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲାବେଳେ, ଦର୍ଶକମାନଙ୍କ ବିପୁଳ ଜନସମାଗମରେ ଶୃଙ୍ଖଳା ସହ ଭସାଣି ଉତ୍ସବ ପାଳିତ ହୋଇଥିଲା ।

ଓଡ଼ିଶା ଭାସ୍କର
ODISHA BHASKAR

# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିନାଶ ମୁହଁରେ ଲାଲ ଟୁକୁଟୁକୁ ସାଧବବୋହୂ । ସଂପ୍ରତି ଜଳବାୟୁର ଜ୍ୱାଳା, ପ୍ରଦୂଷିତ ଜଳବାୟୁ, ରାସାୟନିକ ଦ୍ରବ୍ୟର ବ୍ୟବହାର ତଥା ଅସ୍ୱାଭାବିକ ପରିବେଶ ଯୋଗୁଁ ବିଲୁପ୍ତ ଅବସ୍ଥାରେ ସାଧବବୋହୂ । ମୌସୁମୀର ଆଗମନରେ ଯେତେବେଳେ ଧରିଣୀ ରାଣୀ ଭିଜିଯାଏ ପ୍ରକୃତି କୋଳରୁ ଜନ୍ମ ନେଇଥାଏ ଏହି ଲାଲ ଟୁକୁଟୁକୁ ସାଧବବୋହୂ । ପାଣି ଓ ମାଟିର ମିଳନରେ ସୃଷ୍ଟି ହୋଇଥାଏ ସ୍ରଷ୍ଟାଙ୍କ ସୃଷ୍ଟିର ଏହି ସୁନ୍ଦର ଜୀବ । ଟିପି ଟିପି ବର୍ଷାରେ ସବୁଜ ଘାସରେ ଥିରି ଥିରି ଚାଲୁଥିବା ସାଧବବୋହୂ ନିଜ ରୂପ ମାଧ୍ୟମରେ ପିଲାଠୁ ବୁଢ଼ାଯାଏ ସମସ୍ତଙ୍କୁ ଆନମନା କରିଦେଇଥାଏ । ଏବେ କିନ୍ତୁ ଗାଆଁ ଗହଳିରେ କାଁ ଭାଁ ଦେଖିବାକୁ ମିଳୁଥିଲେ ସୁଦ୍ଧା ବିପଦରେ ସାଧବବୋହୂ । ଏନେଇ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଚିନ୍ତା ପ୍ରକଟ କରିବା ସହ ସାଧବବୋହୂର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ରଙ୍ଗ ତୂଳୀରେ ନିଖୁଣ ରୂପେ ଆଙ୍କିଛନ୍ତି ସ୍ରଷ୍ଟାଙ୍କ ଏହି ସୁନ୍ଦର କାରିଗରୀ ଲାଲ ଟୁକୁଟୁକୁ ସାଧବବୋହୂର ଚିତ୍ର । ବେଳ ହୁଁ ସଚେତନ ନହେଲେ ଏହି ଜୀବଟିକୁ ଆଉ ଆଗାମୀ ପିଢ଼ି ପାଇଁ ଇତିହାସ ପାଲଟିଯିବ ।



## ୧୦ରେ ଜିଲ୍ଲା ପ୍ରଶାସନର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



କଟକ(ଭାସ୍କର ନ୍ୟୁଜ୍): ଚଳିତ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ୧୦ ତାରିଖ ବୁଧବାର ଦିନ ସହିଦ ଭବନରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ମହାନଗର ପୂଜା କମିଟି ସଭାପତି ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ ଘଟିକା ସମୟରେ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିବାବେଳେ ଅପରାହ୍ନ ୪ ଘଟିକା ସମୟରେ ସହରାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଗ୍ରାମାଂଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ପୂର୍ବାହ୍ନ ୧୦ ଟା ସମୟରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ସେହିପରି ଅପରାହ୍ନ ୪ ଟାରେ ସହରାଞ୍ଚଳ ଦୁର୍ଗାପୂଜା କମିଟି ସହ ସମ୍ପୃକ୍ତ ସମସ୍ତ ସଭାପତି ଓ ସମ୍ପାଦକ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଉଛି । ଏହି ବୈଠକରେ କଟକ ଲୋକସଭା ସାଂସଦ ଓ ରାଜ୍ୟସଭା ସାଂସଦଙ୍କ ସମେତ ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ସଭାପତି, କଟକ ମହାନଗର ନିଗମ ମେୟର, କଟକ ମହାନଗର ନିଗମ ପୂଜା କମିଟି ସମ୍ପାଦକ, କଟକ ମହାନଗର ଶାନ୍ତି କମିଟି, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ଓ ସଂପାଦକ ଓ ସହରର ସମସ୍ତ ପୂଜା କମିଟିର ସଭାପତି ଓ ସଂପାଦକମାନେ ଯୋଗ ଦେବେ । ଏତଦ୍‌ବ୍ୟତୀତ ଆୟୁକ୍ତ କଟକ ମହାନଗର ନିଗମ, ଉପାୟୁକ୍ତ ପୋଲିସ୍ କମିଶନରେଟ୍ ଭୁବନେଶ୍ୱର-କଟକ, ଗ୍ରାମାଞ୍ଚଳ ଏସ.ପି. ଓ ସଂପୃକ୍ତ ସମସ୍ତ ବିଭାଗୀୟ ପଦାଧିକାରୀ, ଯନ୍ତ୍ରୀ ଓ ବିଭିନ୍ନ ବେସରକାରୀ କଂପାନୀର ମୁଖ୍ୟ ପରିଚାଳନା ଅଧିକାରୀ/ପରିଚାଳନା ସହ ସଂପୃକ୍ତ ଅଧିକାରୀ ବୈଠକରେ ନ୍ୟସ୍ତ କାର୍ଯ୍ୟର ସ୍ଥିତି ସମ୍ବନ୍ଧରେ ଅଗବତ କରିବାକୁ କୁହାଯାଇଛି । ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଦୃଷ୍ଟିରେ ରଖି ବିଭିନ୍ନ ବିଷୟବସ୍ତୁ ଉପରେ ପ୍ରଶାସନିକ ପ୍ରସ୍ତୁତି ନେଇ ବୈଠକରେ ସମୀକ୍ଷା କରାଯିବ । ଏତଦ୍‌ବ୍ୟତୀତ ବିଭିନ୍ନ ପୂଜା କମିଟି ଦ୍ୱାରା ଅନୁଭୂତ ସମସ୍ୟାର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ନେଇ କାର୍ଯ୍ୟସୂଚୀ ରହିଛି ।

### ଦୁର୍ଗାପୂଜା ନିମନ୍ତେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଆଉ ଗୋଟିଏ ଦିନ ବୃଦ୍ଧି

କଟକ(ଭାସ୍କର ନ୍ୟୁଜ୍): ଆସନ୍ତା ଦୁର୍ଗା ପୂଜା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାକୁ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ପୂଜା କମିଟିଗୁଡ଼ିକର ଅନୁରୋଧ ଅନୁଯାୟୀ, ପୂଜା ପେଣ୍ଡାଲ ଏବଂ ଗେଟ ନିର୍ମାଣ ପାଇଁ ଅନୁମତି ନିମନ୍ତେ କରାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସୋମବାର ୮ ତାରିଖ ଦିନ ମଧ୍ୟ କାର୍ଯ୍ୟକ୍ଷମ ରହିବ । ବାରବାଟୀ ପ୍ୟାଲେସରେ ଏହି ସିଙ୍ଗଲ ୱିଣ୍ଡୋ ଜାରି ରହିବ । ଏହା ପରେ ଆଉ କୌଣସି ପ୍ରକାରର ସମୟ ଅବଧି ବୃଦ୍ଧିକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ପିତୃପକ୍ଷ ଆରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବପୁରୁଷଙ୍କ ପ୍ରତି ସମର୍ପିତ ପକ୍ଷ, ପିତୃପକ୍ଷ ସୋମବାର ଠାରୁ ଆରମ୍ଭ ହୋଇଛି, ଯାହା ୧୫ ଦିନ ଧରି ଚାଲିବ ଏବଂ ମହାଳୟା ଅମାବାସ୍ୟାରେ ଶେଷ ହେବ । ଏହି ସମୟ ମଧ୍ୟରେ, ଭକ୍ତମାନେ ତିଳ ତର୍ପଣ ଏବଂ ପିଣ୍ଡଦାନ କରି ପୂର୍ବପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରନ୍ତି । ଶ୍ରୀକ୍ଷେତ୍ର ପୁରୀର ମହାଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡ, ଇନ୍ଦ୍ରଦ୍ୟୁମ୍ନ ଏବଂ ନରେନ୍ଦ୍ର ସରୋବର ଭଳି ପବିତ୍ର ଜଳାଶୟରେ ହଜାର ହଜାର ଭକ୍ତ ଏକତ୍ରିତ ହୋଇ ପାରମ୍ପରିକ ରୀତି ପାଳନ କରିଥିଲେ । ସେହିପରି, ଭୁବନେଶ୍ୱରରେ ବହୁ ସଂଖ୍ୟକ ଭକ୍ତ ବିନ୍ଦୁସାଗରରେ ପହଞ୍ଚି ଭକ୍ତି ସହିତ ପିଣ୍ଡଦାନ କରିଥିଲେ । ପାରମ୍ପରିକ ବିଶ୍ୱାସ ଅନୁସାରେ, ପିତୃପକ୍ଷ ସମୟରେ, ପୂର୍ବପୁରୁଷଙ୍କ ଆତ୍ମା ପୃଥିବୀକୁ ଆସି ସେମାନଙ୍କ ବଂଶଧରଙ୍କୁ ଆଶୀର୍ବାଦ କରନ୍ତି । ଏହି ପକ୍ଷ ମହାଳୟାରେ ଶେଷ ହୁଏ ଏବଂ ଦୀପାବଳି ଅବସରରେ ପୂର୍ବପୁରୁଷଙ୍କୁ ବିଦାୟ ଦିଆଯାଏ । ଏହା ବିଶ୍ୱାସ କରାଯାଏ ଯେ ସେମାନେ ଅନ୍ଧକାରରେ ଆସନ୍ତି ଏବଂ ଆଲୋକକୁ ଫେରିଯାଆନ୍ତି । ପ୍ରଥମ ଦିନରେ ରାଜ୍ୟ ସାରା ଅନେକ ପରିବାର ମନ୍ଦିର ଏବଂ ମନ୍ଦିର ପରିଦର୍ଶନ କରି ପୂର୍ବପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ପବିତ୍ର ସ୍ଥାନରେ ଶ୍ରାଦ୍ଧ ବ୍ରତ ପାଳନ କରି ଲୋକମାନେ ସେମାନଙ୍କ ସ୍ୱର୍ଗତଃ ଆତ୍ମୀୟଙ୍କ ଆତ୍ମାର ଶାନ୍ତି ଏବଂ ମୁକ୍ତି ପାଇଁ ପ୍ରାର୍ଥନା କରିଥିଲେ । ପୁରୋହିତମାନେ କହିଥିଲେ ଯେ ପିତୃପକ୍ଷର ଏହି ପର୍ବ ପିଢ଼ି ପାଇଁ ବିଶ୍ୱାସ ଏବଂ କୃତଜ୍ଞତାର ପ୍ରତୀକ, ଯାହା ପୂର୍ବପୁରୁଷଙ୍କ ସ୍ମୃତି ଏବଂ ପାରିବାରିକ ବନ୍ଧନକୁ ଚିରକାଳ ପାଇଁ ଉଜ୍ଜୀବିତ ରଖିଥାଏ ।



ରାଜ୍ୟ ଯୁବ ବିଜେଡି ଚିନ୍ମୟ ସାହୁ ଓ ଛାତ୍ର ବିଜେଡିର ସଭାନେତ୍ରୀ ଇପ୍‌ସିତା ସାହୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା

### ଛାତ୍ର ସଂସଦ ନିର୍ବାଚନ ଘୋଷଣା କରନ୍ତୁ ସରକାର: ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ର ସଂସଦ ନିର୍ବାଚନ ତୁରନ୍ତ କରିବାକୁ ଦାବି କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ସେ କହିଛନ୍ତି ୨୦୧୮ରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି । ଅନେକ ଛାତ୍ର ନେତା ଦେଶ ଏବଂ ରାଜ୍ୟରେ ବିଭିନ୍ନ ବଡ ପଦ ପଦବୀରେ ରହି ନିଜର ଦକ୍ଷତା ପ୍ରତିପାଦିତ କରୁଛନ୍ତି । କାହିଁକି ରାଜ୍ୟ ସରକାର ଛାତ୍ର ନେତାଙ୍କୁ ଅଣଦେଖା କରୁଛନ୍ତି । ପୂର୍ବ ବିଜେଡି ଏବଂ ବର୍ତ୍ତମାନର ବିଜେପି ସରକାର ଏହି ଅପରାଧ କରିଛନ୍ତି, ଏବେ ଏହି ଅପରାଧରୁ ମୁକ୍ତ ହେବାର ସମୟ ଆସିଛି । ଛାତ୍ରର ଅଧିକାରଙ୍କ ସରକାର କାହିଁକି ଦମନ କରୁଛନ୍ତି ? ଏବେ ସମୟ ଆସିଛି ଛାତ୍ର ସଂସଦ ନିର୍ବାଚନ ଘୋଷଣା କରନ୍ତୁ ସରକାର ।

### ଅନ୍ତର୍ଜାତୀୟ ସାକ୍ଷରତା ଦିବସର ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ସାକ୍ଷରତା ଦିବସର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ସାକ୍ଷରତା ହେଉଛି ସଶକ୍ତିକରଣର ଆଧାର, କାରଣ ଏହା ଜ୍ଞାନ, ଗୌରବ ଓ ଅଗ୍ରଗତିର ଦ୍ୱାର ଖୋଲିଦିଏ । ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ଆସନ୍ତୁ ନିଶ୍ଚିତ କରିବା ଯେ ସାକ୍ଷରତାର ଏହି ଉପହାର ପୃଥିବୀର ପ୍ରତ୍ୟେକ କୋଣରେ ପହଞ୍ଚୁ, ଡିଜିଟାଲ ସାକ୍ଷରତା ମଧ୍ୟ ଯେଉଁଥିରେ ଏହି ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ତିଷ୍ଠି ରହିବା ପାଇଁ ଆବଶ୍ୟକ ଦକ୍ଷତା ଓ ଜ୍ଞାନ ଅର୍ଜନ କରିପାରିବେ ।

### ପ୍ଲାନେଟୋରିଅମ୍ ପାଚେରି ଭୁଶୁଡ଼ି ପଡିବା ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମର ପାଚେରି ଭୁଶୁଡ଼ିବା ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ସୋମବାର ପୂର୍ବାହ୍ନରେ ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମଙ୍କ ସମେତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଟିମ ଦ୍ୱାରା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଘଟଣା ବାବଦରେ ସେ ପଚାରି ବୁଝିବା ସହ ଭାଙ୍ଗିଥିବା ପ୍ରାଚିରର ଅଂଶକୁ ତୁରନ୍ତ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଗତକାଲି ଲଗାଣ ବର୍ଷାରେ ପ୍ଲାନେଟୋରିଅମର ଦକ୍ଷିଣ ପାର୍ଶ୍ୱ ସୁରକ୍ଷା ପ୍ରାଚିରର କିଛି ଅଂଶ ଭାଙ୍ଗି ଯାଇଥିଲା । ଏ ନେଇ ସ୍ଥାନୀୟ ବାସିନ୍ଦା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମନ୍ତ୍ରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ପୂଜା ମିଶ୍ର, ବିତ ପରାମର୍ଶଦାତା ବିଦ୍ୟୁତ ପ୍ରଭା ରାଉତ, ସୁନାରାମ ମୁର୍ମୁ, ଉପସଚିବ ଉର୍ମିପ୍ରଭା ମହାରଣା, ଶୁଭ୍ରାଂଶୁ ଶେଖର ମିଶ୍ର, ଉପ ନିର୍ଦ୍ଦେଶକ ଶଶିକାନ୍ତ ଦାଶ, ଉପସଚିବ ପଙ୍କଜ କୁମାର ସାହୁ ପ୍ରମୁଖ ସାମିଲ ଥିଲେ ।

### ମଞ୍ଚେଶ୍ୱର୍ ଶିଳ୍ପାଞ୍ଚଳରେ ଅଗ୍ନିକାଣ୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଞ୍ଚେଶ୍ୱର୍ ଶିଳ୍ପାଞ୍ଚଳରେ ଅଗ୍ନିକାଣ୍ଡ । ଟ୍ରାନ୍ସଫରମର୍ ତିଆରି କମ୍ପାନୀରେ ଅଗ୍ନିକାଣ୍ଡ ଘଟିଛି । ଆଲ୍ଟା ଟ୍ରାନ୍ସଫରମର୍ ଲିମିଟେଡ କମ୍ପାନୀରେ ଲାଗିଲା ନିଆଁ । ସକାଳ ସାଢ଼େ ୭ରୁ ନିଆଁ ଲାଗିଥିବା ବେଳେ ଘଟଣା ସ୍ଥଳରେ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ପାଇଁ ଚେଷ୍ଟା କରୁଛି । ଲକ୍ଷାଧିକ ଟଙ୍କାର ସମ୍ପତି ଜଳି ପୋଡ଼ି ପାଉଁଶ ହୋଇଯାଇଛି । ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ହୋଇଥିବା ସୂଚନା ମିଳିଛି ।

### ରାଜେନ୍ଦ୍ର ଢୋଲକିଆ ଜଣେ ଦରଦୀ ମଣିଷ ଥିଲେ: ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଚେନ୍ନାଇସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ ଢୋଲକିଆ ୨୦୦୪, ୨୦୦୯, ୨୦୧୯ ଓ ୨୦୨୪ରେ ବିଧାୟକଭାବେ ନିର୍ବାଚିତ ହୋଇଥିଲେ । ୨୦୧୯ରେ ସେ ତତ୍କାଳୀନ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗରେ କ୍ୟାବିନେଟ୍ ମନ୍ତ୍ରୀ ହୋଇଥିଲେ । ସେ ଜଣେ ସ୍ନେହୀ, ପରୋପକାରୀ ଓ ଦରଦୀ ମଣିଷ ଥିଲେ । ଢୋଲକିଆଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ସ୍ୱର୍ଗତଃ ଢୋଲକିଆଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।



ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତି ନୀଲମ ଘୋର ।

## ତୁରନ୍ତ ଛାତ୍ରସଂସଦ ନିର୍ବାଚନ କରାଯାଉ: ଭକ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ଛାତ୍ରସମାଜକୁ ଭବିଷ୍ୟତର ନେତୃତ୍ୱ ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜୀବ ଗାନ୍ଧି ମତଦାନ ଅଧିକାରକୁ ୧୮ ବର୍ଷକୁ ଖସାଇଥିଲେ । କିନ୍ତୁ ୨୦୧୭-୧୮ ମସିହାରୁ ଛାତ୍ର ସଂସଦ ନିର୍ବାଚନକୁ ତତ୍କାଳୀନ ସରକାର ବନ୍ଦ କରିଦେଲେ । ବର୍ତ୍ତମାନର ସରକାର ମଧ୍ୟ ନିର୍ବାଚନ କରିବା ଦିଗରେ ଉଦ୍ୟମ କରୁନାହାନ୍ତି । ଛାତ୍ର ନିର୍ବାଚନ ବନ୍ଦ କରିବା ଅର୍ଥ ହେଲି ରାଜନୈତିକ ଦଳମାନେ ଦେଶନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରି ଦେଇଛନ୍ତି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ଅଭିଯୋଗ କରିଛନ୍ତି । ସୋମବାର କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି ଯେ, ଛାତ୍ର ଜୀବନରୁ ଯିଏ ରାଜନୀତି କରି ପରବର୍ତ୍ତୀ ସମୟରେ ନେତା ହୁଏ ସେ ହିଁ ପ୍ରକୃତ ରାଷ୍ଟ୍ର ନିର୍ମାଣକାରୀ । ଛାତ୍ର ରାଜନୀତି ସଂଘର୍ଷରେ କଷ୍ଟସହିଷ୍ଣୁତା, ଆତ୍ମବିଶ୍ୱାସ, ପାରସ୍ପରିକ ସହଯୋଗ, ସେବା ମନୋଭାବ, ଦେଶପ୍ରେମ, ଶୃଙ୍ଖଳା ଆଦି ମୂଲ୍ୟବାନ ଶିକ୍ଷା ଓ ଅଭିଜ୍ଞତା ହାସଲ ହୋଇଥାଏ । ଏଭଳି ଛାତ୍ର ଯେତେବେଳେ ରାଜନୀତିକୁ ଆସେ ସିଏ ଦେଶ ଆଉ ଦଶ ପାଇଁ ଚିନ୍ତାକରେ । ତେଣୁ ଛାତ୍ର ସଂସଦ ନିର୍ବାଚନ ଅତିଶୀଘ୍ର ଘୋଷଣା କରି ଏକ ସୁସ୍ଥ ଶିକ୍ଷାନୁଷ୍ଠାନ ବାତାବରଣ ସହିତ ଭାଇଚାରାର ପୁନଃପ୍ରତିଷ୍ଠା କରୁ ବୋଲି ପ୍ରଦେଶ କଂଗ୍ରେସ କମିଟି ଦାବୀ କରୁଛି । ଛାତ୍ରଙ୍କୁ ନିବେଦନ, ନିର୍ବାଚନ ସଂଘର୍ଷ ଯେମିତି ଅହିଂସା ଉପାୟରେ ହେବ, ନିଜ କର୍ତ୍ତବ୍ୟ ଅନୁଯାଇ ସଂଗଠନ ମାଧ୍ୟମରେ ନିଜ ଭବିଷ୍ୟତ ଗଢନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି । ପିସିସିର ମୁଖ୍ୟ ମୁଖପାତ୍ର ଅରବିନ୍ଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ଅନ୍ତୁଡ଼ିଶାଳ । ଅତୀତରେ ସାରା ରାଜ୍ୟର ଛାତ୍ରସଂସଦ ନିର୍ବାଚନରୁ ବହୁତ ବଡ଼ବଡ଼ ନେତା ସୃଷ୍ଟି ହୋଇଛନ୍ତି, ଯେଉଁମାନେ କି ପରବର୍ତ୍ତୀ ସମୟରେ କେବଳ ରାଜନୀତି ନୁହେଁ, ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶର ନେତୃତ୍ୱ ନେଇଛନ୍ତି । କେବଳ ରାଜନୀତିକୁ ଯଦି ଧରାଯାଏ, କଂଗ୍ରେସ ଦଳ ଏକାଧିକ ପ୍ରତିଷ୍ଠିତ ରାଜନେତା ସୃଷ୍ଟି କରିଛି । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଦେବାଶିଷ ପଟ୍ଟନାୟକ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂସଦର ପୂର୍ବତନ ସଭାପତି ମନୋଜ ବିଶ୍ୱାଳ, ପିସିସି ମୁଖପାତ୍ର ଡ.ମନିଷା ଦାସପଟ୍ଟନାୟକ, ମୁଖପାତ୍ର ଅଶୋକ ସ୍ୱାଇଁ, ମୁଖପାତ୍ର ଓ ଛାତ୍ରନେତା ବିଭୂତି ମହାପାତ୍ର ଓ ଛାତ୍ରନେତା ଆଦିତ୍ୟ ପ୍ରିତମ ଦାସ ପ୍ରମୁଖ ଉପସ୍ଥିତ ରହି ଶିଘ୍ର ଛାତ୍ରସଂସଦ ନିର୍ବାଚନ କରିବାକୁ ଦାବି କରିଥିଲେ । ଏହି ଅବସରରେ ଦିବଂଗତ ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକରେ ପିସିସି ସଭାପତି ଶ୍ରୀ ଦାସଙ୍କ ଆହ୍ୱାନ କ୍ରମେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ୨୧ରେ ମୋଦୀ ଯୁବା ମାରାଥନ କରିବ ବିଜେପି ଯୁବ ମୋର୍ଚ୍ଚା





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ । ଚଳିତ ବର୍ଷ ମୋଦିଜୀଙ୍କ ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବୃକ୍ଷଚାରା ରୋପଣଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଜେପି, ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ । ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୨୧ରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ‘ମୋଦୀ ଯୁବା ମାରାଥନ’ ଆୟୋଜନ କରାଯିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେପଟେମ୍ବର ୨୧ ତାରିଖରେ ସକାଳ ୬ଟା୧୫ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ । ଏଥିରେ ସାରା ରାଜ୍ୟରେ ୧୦ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ । ଏନେଇ ୭ ସେପ୍ଟେମ୍ବରରୁ ସାରା ଦେଶରେ କ୍ୟାମ୍ପେନ ଆରମ୍ଭ ହୋଇଛି । ଏହାକୁ ରାଷ୍ଟ୍ରୀୟ କାର୍ଯ୍ୟାଳୟରେ ଦେଶର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବୀୟ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ତେଜସ୍ୱୀ ସୂର୍ଯ୍ୟା, ଦେଶର ଫିଟନେସ୍ ଆଇକନ୍ ମିଳିନ୍ଦ ସୋମନ ଉଦ୍‌ଘାଟନ କରିଥିଲେ । ଏହି ମାରାଥନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ପଣ୍ଡା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ମାନସ କୁମାର ସାହୁ, ରାଜ୍ୟ ସଂଯୋଜକ ଚଣ୍ଡୀ ପ୍ରସାଦ ବେହେରା ଯୋଗ ଦେଇଥିଲେ ।

### ଫିଜିଓଥେରାପିଷ୍ଟଙ୍କୁ ସଲାମ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫିଜିଓଥେରାପି ଦିବସରେ ସମସ୍ତ ଫିଜିଓଥେରାପିଷ୍ଟଙ୍କୁ ସଲାମ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ଫିଜିଓଥେରାପି ଦିବସରେ, ଆମେ ସମସ୍ତ ଫିଜିଓଥେରାପିଷ୍ଟଙ୍କୁ ସଲାମ ଜଣାଉଛୁ, ଯେଉଁମାନେ ଚିକିତ୍ସା, ଗତିଶୀଳତା ପୁନଃସ୍ଥାପନ ଏବଂ ଜୀବନ ଉନ୍ନତିରେ ନିଜକୁ ସମର୍ପଣ କରିଛନ୍ତି ।

## ଏମ୍ସରେ ପ୍ରଥମ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ମେଡିକାଲ୍ ଅକ୍ସିଜେନ୍ର ସଫଳ ପରିଚାଳନା ତଥା ରୋଗୀ ସେବାରେ ଏହାର ସଫଳ ପ୍ରୟୋଗକୁ ଉନ୍ନତ କରିବା ନିମନ୍ତେ, ଏମ୍ସ ଭୁବନେଶ୍ୱର, ହସ୍ପିଟାଲ ପ୍ରଶାସନ ବିଭାଗ ପକ୍ଷରୁ ମେଡିକାଲ ଅକ୍ସିଜେନ ପରିଚାଳନା ଉପରେ ଏକ ଜାତୀୟ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଶିକ୍ଷକମାନଙ୍କ ତାଲିମ ପରିଚାଳନା ନିମନ୍ତେ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ବିପର୍ଯ୍ୟୟ ପରିଚାଳନା ପ୍ରକୋଷ୍ଠ ଏବଂ ହସ୍ପିଟାଲ ପ୍ରଶାସନ ବିଭାଗ, ଏମ୍ସ ନୂଆଦିଲ୍ଲୀର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି । ସାରା ଦେଶରେ ମେଡିକାଲ ଅକ୍ସିଜେନ ପରିଚାଳନାକୁ ବ୍ୟବସ୍ଥିତ କରିବାରେ ଏହା ପ୍ରଥମ ପଦକ୍ଷେପ ଭାବେ ବିବେଚିତ ହେଉଛି । ଏହି କାର୍ଯ୍ୟକ୍ରମକୁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱର ଡିନ୍ ଡ. ପି ଆର ମହାପାତ୍ର, ଡ. ସତ୍ୟଜିତ ମିଶ୍ର, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, ଏମ୍ସ ନୂଆଦିଲ୍ଲୀ ମେଡିକାଲ୍ ଅଧୀକ୍ଷକ ଡ. ନିରୁପମ ମଦନ, ହସ୍ପିଟାଲ୍ ପ୍ରଶାସନ ବିଭାଗ ଅତିରିକ୍ତ ପ୍ରଫେସର ଡ. ବିଜୟଦୀପ ସିଦ୍ଧାର୍ଥ, ଏବଂ ପ୍ରୋଜେକ୍ଟ ଲିଡ୍ ତଥା ଏମ୍ସ ଭୁବନେଶ୍ୱର ହସ୍ପିଟାଲ୍ ପ୍ରଶାସନ ବିଭାଗୀୟ ମୁଖ୍ୟ ଡ. ଜବାହାର ଏସ୍.କେ. ପିଲ୍ଲାଇ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ସୁରକ୍ଷା ବିଭାଗର ଅତିରିକ୍ତ ସଚିବ ଭି. ହେକାଲି ଝିମୋମି ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରି ଏହି କ୍ଷେତ୍ରରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅକ୍ସିଜେନ ପିଏମୟୁ, ସ୍ୱାସ୍ଥ୍ୟ ସୁରକ୍ଷା ମନ୍ତ୍ରଣାଳୟର ବୈଷୟିକ ବିଶେଷଜ୍ଞ ଭାରତ ଭୂଷଣ ଦାହିଆ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।

### ୩୧ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଚତୁର୍ଥ ସନ୍ଧ୍ୟା

## ସ୍ମାନିତ ହେଲା ରଙ୍ଗମଞ୍ଚର କାର୍ଯ୍ୟକ୍ରମ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଆୟୋଜିତ ୩୦ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା । ଏହି ଚତୁର୍ଥ ସନ୍ଧ୍ୟାରେ ମାନବ ଭାବନା ଏବଂ ମନସ୍ତାତ୍ତ୍ୱିକ ଜଟିଳତାର ଗଭୀରତାକୁ ଅନୁସନ୍ଧାନ କରି ଏକ ସ୍ୱତନ୍ତ୍ର ନାଟ୍ୟ ଅଭିଜ୍ଞତାକୁ ପ୍ରସ୍ତୁତ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ର ଶେଖର ହୋତା, ବିଶିଷ୍ଟ ସଙ୍ଗୀତଜ୍ଞ ତଥା ଗାୟକ ଲକ୍ଷ୍ମୀକାନ୍ତ ପାଳିତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରବୋଧ ରଥ, ବିଶିଷ୍ଟ ବୀଣା ବାଦକ ଗୁରୁ କେ. ରାମାରାଓ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ଅନୁଜା ତାରିଣୀ ମିଶ୍ରଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର । ସନ୍ଧ୍ୟାରେ ପ୍ରଦର୍ଶିତ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆଜିର ଓଡ଼ିଶୀ ସହିତ ଜଟିଳ ଭାବରେ ଜଡିତ ଥିବା ଏକ ପ୍ରଦର୍ଶନ କଳା, ଯାହା ଆଭ୍ୟନ୍ତରୀଣ ମନସ୍ତାତ୍ତ୍ୱିକ ଦୃଶ୍ୟର ଗଭୀର ଅନୁସନ୍ଧାନ ଦ୍ୱାରା ଭିନ୍ନ । ଯେଉଁଠାରେ ଅଭିନେତାମାନେ ସଂଳାପ, ହାବଭାବ ଏବଂ ନାଟକୀୟ ଅଭିନୟ ମାଧ୍ୟମରେ ମାନବ ଭାବନାକୁ ପରିଚାଳିତ କରନ୍ତି । ଯାହା କଳାକାର ଏବଂ ଦର୍ଶକଙ୍କ ମଧ୍ୟରେ ଏକ ଘନିଷ୍ଠ ସମ୍ପର୍କ ସୃଷ୍ଟି କରେ । ବହୁମୁଖୀ ନାଟ୍ୟ ନିର୍ଦ୍ଦେଶକ ଏବଂ ଅଭିନେତା ନଳିନୀ ନିହାର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟ ଦଳନ୍ୟୁକ୍ଲେଷ୍ଟ ରେପର୍ଟୋରୀ ବ୍ୟାଘ୍ର ରୋହନକୁ ଉପସ୍ଥାପନ କରିଥିଲେ । ଏକ ବ୍ୟଙ୍ଗାତ୍ମକ ନାଟକ ଯାହା ସେମାନଙ୍କ ବୀରତ୍ୱ ପ୍ରମାଣ କରିବା ପାଇଁ ଫସି ରହିଥିବା ବାଘକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିକୁ ଚିତ୍ରଣ କରିଥିଲା । ଦର୍ଶକମାନେ ମଞ୍ଚ ଉପରେ ଏକ ଆକର୍ଷଣୀୟ କାହାଣୀ ପ୍ରକାଶିତ ହେବାର ଦେଖିଥିଲେ ଯେଉଁଥିରେ ଏକ ରାଜ୍ୟର ବ୍ୟକ୍ତି ବିଶେଷ, ମାଳୀ ଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ, ସେମାନଙ୍କର ପରାକ୍ରମ ପ୍ରଦର୍ଶନ କରିବାର ସୁଯୋଗ ପାଇଁ ପରସ୍ପର ମଧ୍ୟରେ ଲଢ଼ିଥିଲେ । ଅନିଚ୍ଛୁକ ରାଜକୁମାରଙ୍କ ଏପରି ପ୍ରଦର୍ଶନ ପ୍ରତି ଦାର୍ଶନିକ ଆପତି ସତ୍ତ୍ୱେ ରାଜାଙ୍କ ଆଦେଶନାମା ‘ବ୍ୟାଘ୍ର ରୋହନ’ର ବିପଦପୂର୍ଣ୍ଣ କାର୍ଯ୍ୟରେ ପରିଣତ ହେଲା । ସେମାନଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ ମାଧ୍ୟମରେ କ୍ଷମତାଗତ ଗତିଶୀଳତା ଏବଂ ନୈତିକ ଦୁର୍ନୀତି ଉପରେ ଶକ୍ତିଶାଳୀ ଏବଂ ମର୍ମସ୍ପର୍ଶୀ ମନ୍ତବ୍ୟ ଦର୍ଶକଙ୍କ ଉପରେ ଏକ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା । ଗୁରୁ ରତିକାନ୍ତ ମହାପାତ୍ର ସମଗ୍ର ଉତ୍ସବଟିର ପରିକଳ୍ପନା ଓ କାର୍ଯ୍ୟକାରୀ କରିଥିଲା ବେଳେ ଦେବୀପ୍ରସାଦ ମିଶ୍ର ତାଙ୍କୁ ସହଯୋଗ କରିଥିଲେ । ଡଃ. ମୃତ୍ୟୁଞ୍ଜୟ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଟେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



## ଯୁଦ୍ଧ ବିରତିର ନିଷ୍ଫଳ ପ୍ରୟାସ

# ରୁଷ୍-ୟୁକ୍ରେନ୍ ଯୁଦ୍ଧର ଭୀଷଣ ରୂପ

ପରାକ୍ରମଶାଳୀ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଭୀଷଣ ଯୁଦ୍ଧକୁ ଆଉ ଅଳ୍ପଦିନ ପରେ ଚାରିବର୍ଷ ପୂରିବାକୁ ଯାଉଛି। ଏହି ସମୟ ଭିତରେ ଯୁଦ୍ଧ ବିଭୀଷିକାରେ ଦୁଇଦେଶର ଅପରିସୀମ କ୍ଷୟକ୍ଷତି ଘଟିବା ସଙ୍ଗେ ସଙ୍ଗେ ଲକ୍ଷାଧିକ ନରନାରୀ ପ୍ରାଣ ହରାଇ ସାରିଲେଣି। ବିଶେଷ କରି ୟୁକ୍ରେନ୍ ପ୍ରାୟତଃ ଧ୍ୱଂସସ୍ତୂପରେ ପରିଣତ ହୋଇସାରିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତଥାପି ରୁଷ୍ ନେତା ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ନିଜ ନିଜର ଜିଦ୍‌ରେ ଅଟଳ ରହିଛନ୍ତି। ରକ୍ତକ୍ଷୟୀ ଯୁଦ୍ଧର ପରିସମାପ୍ତି ଘଟାଇବାକୁ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କର ଦ୍ୱିତୀୟ ପାଳି ଶାସନ ଆରମ୍ଭରୁ ଜୋରଦାର୍ ପ୍ରୟାସ ଆରମ୍ଭ କରିଛନ୍ତି ଏବଂ ଅଳ୍ପଦିନ ପୂର୍ବେ ପୁଟିନ୍‌ଙ୍କ ସହ ଆଲାସ୍କାରେ ଓ ଜେଲେନ୍‌ସ୍କିଙ୍କ ସହ ୱାଶିଂଟନ୍ ଠାରେ ପୃଥକ ପୃଥକ ଆଲୋଚନା ଚଳାଇଥିଲେ। ତାଙ୍କର ଏଭଳି ଉଦ୍ୟମ ଫଳରେ ଦୀର୍ଘସ୍ଥାୟୀ ଯୁଦ୍ଧର ଅନ୍ତ ଘଟିବ ବୋଲି ଆଶା କରାଯାଉଥିଲା। ଏପଟେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଯୁଦ୍ଧବିରତି ପାଇଁ ଦୁଇନେତାଙ୍କ ସହ ଏକାଧିକବାର ବାର୍ତ୍ତାଳାପ କରିସାରିଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ଏତେ ସବୁ ଉଦ୍ୟମ ସତ୍ତ୍ୱେ ଚାରି ବର୍ଷର ଏହି ଯୁଦ୍ଧ ବନ୍ଦ ହେବାର ସାମାନ୍ୟତମ ସୂଚନା ମିଳୁନାହିଁ ଏବଂ ଦିନକୁ ଦିନ ଏହା ଭୟଙ୍କର ରୂପ ନେବାକୁ ଲାଗିଲାଣି। ରବିବାର ଦିନ ରୁଷ୍ ପକ୍ଷରୁ ୟୁକ୍ରେନ୍ ଉପରେ ସର୍ବବୃହତ୍ ଆକ୍ରମଣ କରାଯାଇଥିବାର ଖବର ମିଳିଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏତେବଡ଼ ଆକ୍ରମଣ ଆଉ କେବେ କରାଯାଇ ନଥିଲା। ଖୋଦ୍ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷ୍‌ସେନା ୮୦୦ରୁ ଅଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରି ସହରକୁ ଥରାଇ ଦେଇଛନ୍ତି। ଏଥିରେ ରାଜଧାନୀର କ୍ୟାବିନେଟ୍ ଭବନ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହୋଇଛି। ଗତ ତିନି ସପ୍ତାହ ହେଲା ରୁଷ୍ ସେନା କିଭ୍‌କୁ ଟାର୍ଗେଟ୍ କରି ଆକ୍ରମଣ ଅବ୍ୟାହତ ରଖିଥିବା ବେଳେ ରବିବାର ହଠାତ୍ ରଣନୀତି ବଦଳାଇ 'ଏୟାର ଷ୍ଟ୍ରାଇକ୍' କରି ସମଗ୍ର ସହରକୁ ଧ୍ୱଂସ କରିଦେବାକୁ ବିଶାଳ ଯୋଜନା କରିଛି। କ୍ୟାବିନେଟ୍ ଭବନ ୟୁକ୍ରେନ୍ ସରକାରଙ୍କ ମୁଖ୍ୟ ତଥା ଗୁରୁତ୍ୱପୂର୍ଣ୍ଣ ଦପ୍ତର ହୋଇଥିବାରୁ ଏହାକୁ ଧ୍ୱଂସ କରିବା ରୁଷ୍ ରଣନୀତିର ଅଂଶବିଶେଷ ବୋଲି ଅନୁମାନ କରାଯାଉଛି। ରୁଷ୍‌ର କ୍ଷେପଣାସ୍ତ୍ର ମାଡ଼ରେ କ୍ୟାବିନେଟ୍ ଭବନରେ ଅଗ୍ନିକାଣ୍ଡ ଘଟିବା ସଙ୍ଗେ ସଙ୍ଗେ କେତେକ ଅଂଶ ଭୁଶୁଡ଼ି ପଡ଼ିଥିବାର ୟୁକ୍ରେନ୍‌ର ସାମରିକ ପ୍ରଶାସନ ମୁଖ୍ୟ ନିଜେ ସ୍ୱୀକାର କରିଛନ୍ତି। କିଭ୍ ଉପରେ ହୋଇଥିବା ଡ୍ରୋନ୍ ଓ ବିମାନ ଆକ୍ରମଣରେ ଅନେକ ଲୋକ ମୃତାହତ ହୋଇଛନ୍ତି। ଯୁଦ୍ଧ ଆରମ୍ଭ ହେବା ପରେ ଏଇ ପ୍ରଥମ ଥର ଲାଗି ଶତ୍ରୁ ଆକ୍ରମଣରେ ୟୁକ୍ରେନ୍ ସରକାରଙ୍କ ମୁଖ୍ୟ ଭବନ କ୍ଷତିଗ୍ରସ୍ତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଥିବା ବେଳେ ରାଷ୍ଟ୍ରପତି ଜେଲେନ୍‌ସ୍କି ଏଥିନେଇ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଫୋନ୍‌ରେ କଥାବାର୍ତ୍ତା କରିଥିବାର ସୂଚନା ଦେଇଛନ୍ତି। ବନ୍ଧୁ ରାଷ୍ଟ୍ର ଫ୍ରାନ୍ସ ସହିତ ମିଶି ଆମେ ଆମର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ପଦକ୍ଷେପ ଗ୍ରହଣ କରୁଛୁ ବୋଲି ଜେଲେନ୍‌ସ୍କି କହିଛନ୍ତି। ରୁଷ୍-ୟୁକ୍ରେନ୍ ଯୁଦ୍ଧର ପ୍ରତିକୂଳ ପ୍ରଭାବ କେବଳ ସମ୍ପୃକ୍ତ ଦୁଇଦେଶ ମଧ୍ୟରେ ସୀମିତ ନୁହେଁ, ସମଗ୍ର ବିଶ୍ୱର ବାଣିଜ୍ୟ ଓ ଅର୍ଥନୀତିକୁ ଏହା ଢ଼ଣାଅଧିକେ ପ୍ରଭାବିତ କରୁଛି। ସେହି ଦୃଷ୍ଟିରୁ ଏହି ଯୁଦ୍ଧର ଯେତେଶୀଘ୍ର ପରିସମାପ୍ତି ଘଟିବ, ତାହା ମାନବଜାତିର କଲ୍ୟାଣ ନିମନ୍ତେ ସେତିକି ସହାୟକ ହେବ। ତେଣୁ ଏହାର ଅନ୍ତ ଘଟାଇବାକୁ ଚାଲିଥିବା ଉଦ୍ୟମ ଅବ୍ୟାହତ ରହିବା ଏକାନ୍ତ ଜରୁରି ମନେ ହୁଏ ।

# ଚଳଚ୍ଚିତ୍ର ବାସନ୍ଦ କେମିତି କାମ କରେ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ସେଠାରେ ଗୋଟିଏ ବୁଝାମଣାପତ୍ର ଥାଏ ବିଭିନ୍ନ ଉଲ୍ଲେଖଯୋଗ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ କାମ କରିବା ପାଇଁ ଯେଉଁମାନେ ଅଭ୍ୟାସଗତ ଭାବରେ ସ୍ୱାକ୍ଷର କରନ୍ତି ବିଭିନ୍ନ ପିଟିସନ ଏବଂ ଅଂଶଗ୍ରହଣ କରନ୍ତି ଅନେକ ମହମବତୀ ପ୍ରତିବାଦରେ ଯାହା ବଢ଼ାଇଥାଏ ବିବାଦ ପଶ୍ଚିମବଙ୍ଗ ସରକାରଙ୍କ ବିରୁଦ୍ଧରେ ଅଣସରକାରୀ ବାସନ୍ଦ ଚଳଚ୍ଚିତ୍ରର ପ୍ରଦର୍ଶନ ଉପରେ। ବଙ୍ଗଳା ଚଳଚ୍ଚିତ୍ରଗୁଡ଼ିକ ଯେବେଠାରୁ ଚଳଚ୍ଚିତ୍ର ନିର୍ମାତାମାନେ ଗୋଟିଏ ଇତିହାସ ସୃଷ୍ଟି କରନ୍ତି ଯାହା ବାମପନ୍ଥୀ ଉଦାରବାଦୀମାନଙ୍କର ବିଷୟଗୁଡ଼ିକ କାମରେ ଲଗାନ୍ତି। କୁହାଗଲା ଗୋଟିଏ ଅର୍ବାଚୀନ ନକ୍ସଲ ବୋଲି ଏକ ଶବ୍ଦ ଏବଂ ଏହାର କୌଶଳଗତ ବିଜ୍ଞାନ ଯାହା ଜାତିଗତ ଦୂରୀକରଣ କରାଗଲା କାଶ୍ମୀର ପଣ୍ଡିତମାନଙ୍କୁ। ଏହା ଅଲଗା ଅଟେ ଯେ ସ୍ୱାଧୀନତା ପରେ ଜାମ୍ମୁ-କାଶ୍ମୀରରେ ନିଜର ମତପ୍ରକାଶ କରିବାର ଅଭ୍ୟାସ ଅନେକମାନଙ୍କର କଥାକୁ ରଖିବ ଯାହା ସମ୍ବିଧାନର ନୈତିକତା ଉପରେ ସ୍ୱାଧୀନତା ଆଣିବ, ଯାହା ହେଉଛି ଘୋର ରହସ୍ୟମୟ ଯେ କାହିଁକି ଗୋଟିଏ ଚଳଚ୍ଚିତ୍ର କେନ୍ଦ୍ରୀଭୂତ ହେଲା ସ୍ୱାଧୀନତା ପୂର୍ବର ଦଙ୍ଗା ଉପରେ। ରାଜନୈତିକ ଦଳମାନେ ଯେଉଁମାନେ କି ପ୍ରତିଜ୍ଞା କଲେ ଯାହା ରଖିବା ପାଇଁ ଏବଂ ଉଠାଇବା ପାଇଁ ବଙ୍ଗାଳୀ ଅସ୍ମିତା ସମ୍ପର୍କରେ। ୫ ଦିନିଆ କଲିକତାରେ ହତ୍ୟାକାଣ୍ଡ ଯାହା ମୁସଲିମ ଲିଗ୍ ଦ୍ୱାରା ଘଟିତ ହୋଇଥିଲା ଯାହା ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଦିନ ଅଗଷ୍ଟ ୧୬, ୧୯୪୬ରେ ଘଟିଥିଲା ଏହା ଗୋଟିଏ ଘଟଣା ନଥିଲା କୌଣସି ରାଜନୈତିକ କାର୍ଯ୍ୟାନୁଷ୍ଠାନର। ଯାହା ଭୁଲ୍‌କ୍ରମେ ମଣିଷର ନିୟନ୍ତ୍ରଣରୁ ବାହାରି ଯାଇଥିଲା। ଏହା ମହମ୍ମଦ ଅଲ୍ଲୀ ଜିନାଙ୍କ ଦ୍ୱାରା ଘଟିତ ହୋଇଥିଲା ବ୍ରିଟିଶ ସାମ୍ରାଜ୍ୟକୁ ହଟେଇବା ପାଇଁ ଏବଂ କଂଗ୍ରେସ ଯାହା ଧୈର୍ଯ୍ୟର ସହିତ କାମ କରିଥିଲା ଗୋଟିଏ ଅତି ଦୁର୍ବଳ ସରକାର ଦେଇଥିଲା। ତାହା ଗୋଟିଏ ସ୍ୱୟଂଶାସିତ ପାକିସ୍ତାନ ପାଇଁ ସୃଷ୍ଟି କରିଥିଲା। ଥରେ ଗୋଟିଏ ଦୋହଲୁନଥିବା ସାମ୍ବିଧାନିକ କଥା ଯାହା ମହାତ୍ମାଗାନ୍ଧିଙ୍କୁ ଘୃଣା କରିଥିଲା ଏବଂ ବିଭିନ୍ନ ରାଜନୈତିକ ଦଳମାନଙ୍କ ସହିତ ରହିଥିଲା। ଜିନା ଏବେ ସମ୍ପୂର୍ଣ୍ଣ ଭାବରେ ଦୃଢ଼ ଥିଲେ ଯେ ଏହା ଦେଖାଇବାକୁ ଯେ, ଏହା ହୁଏତ ପାକିସ୍ତାନ ଗୋଟିଏ ଗୃହଯୁଦ୍ଧରେ ରହିବ। ଯେହେତୁ ନିଆଁ କୋଲକାତାରୁ ତା'ର ଭିତରି ମୁସଲମାନ ସଂଖ୍ୟାଗରିଷ୍ଠ ଅଞ୍ଚଳକୁ ବ୍ୟାପୀଥିଲା ଯାହା ପୂର୍ବବଙ୍ଗରେ ଘଟିଥିଲା, ସେଠାରେ ଗୋଟିଏ ଭୟଙ୍କର ଗଣହତ୍ୟା ହିନ୍ଦୁଙ୍କର ନୂଆଖାଲିରେ ହୋଇଥିଲା ଯାହା ଲକ୍ଷ୍ମୀପୂଜା ଦିନ ଆରମ୍ଭ ହୋଇଥିଲା। ତାହା ଥିଲା ଅକ୍ଟୋବର ୧୦, ୧୯୪୬ ଏବଂ ତାହା ଡିସେମ୍ବର ମାସ ପର୍ଯ୍ୟନ୍ତ ବ୍ୟାପୀଥିଲା। ଏହାକୁ କୁହାଯାଉଥିଲା ବିରାଟ କଲିକତା ହତ୍ୟାକାଣ୍ଡ ଏବଂ ନୂଆଖାଲିର ଗଣହତ୍ୟାଗୁଡ଼ିକ ଶେଷରେ ବଙ୍ଗାଳୀମାନଙ୍କର ଚିନ୍ତାଧାରାରେ ଖେଳିଯାଇଥିଲା ଯେଉଁମାନେ ହେଉଛନ୍ତି ହିନ୍ଦୁ। ଏହି ଦୁଇଟି ଯାକ କ୍ଷେତ୍ରରେ ମୁସଲିମ ଲିଗ୍‌ର ନେତାମାନେ ଚିହ୍ନିତ ହୋଇଛନ୍ତି ମୁଖ୍ୟ ଖଳନାୟକ ହିସାବରେ। ଏହି ଚେସ୍ ସୁରାଉର୍ଦ୍ଦିଙ୍କର କଲିକତାରେ ଏବଂ ଗୁଲାମ ସର୍ବର ନୂଆଖାଲିରେ କଲିକତାରେ ହତ୍ୟାକାଣ୍ଡ ହୋଇଥିଲା ଯେଉଁମାନେ ଉଭୟ ଏହି ହତ୍ୟାକାଣ୍ଡ କରୁଥିଲେ ଏବଂ ହତ୍ୟା କରାଯାଇଥିବା ଲୋକମାନେ ହେଉଛନ୍ତି ନାମହୀନ। ଯାହା ହେଉ ଏହି ବର୍ଣ୍ଣନା ଯାହା ଭୟଙ୍କର ହତ୍ୟାକାଣ୍ଡର କଥା ଅଟେ। ଯାହାହେଉ ସ୍ଥାନୀୟ ଲୋକଙ୍କର ଜମିଦାରୀରେ ବହୁତ ଗୁଡ଼ିଏ ହତ୍ୟା ହୋଇଥିଲା। ରାଜେନ୍ଦ୍ରଲାଲ ଚୌଧୁରୀ ଏବଂ ତାଙ୍କର ପରିବାର ନୂଆଖାଲିରେ କହନ୍ତି ଯେ, ଏହା ହେଉଛି ଗୋଟିଏ ମୁଖ୍ୟ ବିଷୟ ଯାହା ହେଉଛି ହିନ୍ଦୁଙ୍କର ହତ୍ୟାକାଣ୍ଡର ବର୍ଣ୍ଣନା ଏବଂ ଏଗୁଡ଼ିକ ଗୋଟିଏ ବଡ଼ ଧରଣର ହିନ୍ଦୁଙ୍କର ଗଣହତ୍ୟାର କାରଣ।

ପାକିସ୍ତାନ ଦଙ୍ଗାର ବେଙ୍ଗଲରେ କୁହାଯାଇଥିଲା ଏଗୁଡ଼ିକ ସ୍ୱାଧୀନତା ପରବର୍ତ୍ତୀ ଭାବନାରୁ ଦୂର ହେବ। ପ୍ରଥମେ ନୂଆଖାଲିର ସମସ୍ୟା ଏହା ଦେଖିଥିଲା ଯେ, ଗୋଟିଏ ଉଲ୍ଲେଖନୀୟ ସଂଖ୍ୟାର ହିନ୍ଦୁ ମହିଳାମାନଙ୍କୁ ଅପହରଣ କରିନିଆଯାଉଛି ଏବଂ ସେମାନେ ଜବରଦସ୍ତି ଧର୍ମାନ୍ତରଣର ପ୍ରସଙ୍ଗ ଉଠାଉଛନ୍ତି। ପଞ୍ଜାବ ପରି ସେମାନଙ୍କର ଅଭିଜ୍ଞତା ସେମାନଙ୍କର ନୀରବତାରୁ ଅଦ୍ଭୁତ ଭାବରେ ଜଣାପଡ଼ିଥାଏ। ଏଗୁଡ଼ିକ ମଧ୍ୟ ହେଉଛି ଏପରି ଘଟଣା ଯାହା ମାତ୍ର ଗୋଟିଏ ଲୋକ ଦ୍ୱାରା ଘଟିଥାଏ, ଯିଏକି ଚିହ୍ନଟ କରିବାକୁ ଆସିଲେ ହିନ୍ଦୁ ପ୍ରତିରୋଧକ ଶକ୍ତି ପାଇଁ କଲିକତାରେ। ଯାହାକୁ କୁହାଯାଏ ଗୋପାଳ ପାଠ। ଏହା ହେଉଛି ଏକ ଚଳଚ୍ଚିତ୍ର। ଏହି ଚଳଚ୍ଚିତ୍ରର ଟ୍ରେଲରରେ କୁହାଯାଇଛି ଯେ, ଏହାର ନାମ ବେଙ୍ଗଲ ଫାଇଲ୍ସ ବୋଲି ମଧ୍ୟ କୁହାଯାଇପାରେ। ଏହା ରାଜନୈତିକ ଲୋକଙ୍କର ହୃଦୟକୁ ସ୍ପର୍ଶ କରୁଛି। ଯାହା ଉଭୟ ପ୍ରକାରର ସାରବତ୍ତାକୁ ପାଳନ କରୁଛି ଯାହା ହେଉଛି ପରିଚ୍ଛନ୍ନ ଭାବରେ କାଶ୍ମୀର ଫାଇଲ୍‌ର ସାରବତ୍ତା। ଯେହେତୁ ହିନ୍ଦୁ କ୍ଷତିଗ୍ରସ୍ତ ଲୋକମାନେ ଓ ହିନ୍ଦୁମାନଙ୍କୁ ପ୍ରତିରୋଧ କରୁଥିବା ଲୋକମାନେ ହେଉଛନ୍ତି ସାରବତ୍ତା ଯାହା ବିଜେପିର ମମତା ବାନାର୍ଜୀଙ୍କୁ ବିରୋଧର ଲକ୍ଷଣ ପ୍ରକଟ କରୁଛି। ବାନାର୍ଜୀଙ୍କ ସମ୍ପର୍କରେ ବୁଝାଯାଉଛି ଯେ, ରାଜ୍ୟ ସରକାରଙ୍କର ମତ ହେଉଛି ଗୋଟିଏ ବ୍ୟାପକ ମିଥ୍ୟା ପ୍ରଚାର। ଯାହା ହେଉ ବଙ୍ଗାଳୀମାନଙ୍କର ବଡ଼ ବୌଦ୍ଧିକ ବ୍ୟକ୍ତିମାନେ କହନ୍ତି ଯେ, ଏହି ଆକ୍ରମଣ ହେଉଛି ସ୍ୱାଧୀନ ପ୍ରକାଶନର ଏକ ମୂଳକଥା ଏବଂ ଏହା ହେଉଛି ଏକ ସମ୍ଭାବ୍ୟ ପ୍ରଭାବ ଯାହା ଫଳରେ ଚଳଚ୍ଚିତ୍ରଟି ଦେଶ ବିଭାଜନର ଘଟଣା ଉପରେ ଚିତ୍ରିତ ହୋଇଛି । ଏଠାରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି ଶରଣାର୍ଥୀମାନଙ୍କର ପଶ୍ଚିମବଙ୍ଗ ଓ ପୂର୍ବ ପାକିସ୍ତାନରୁ ପଳାୟନ। ପ୍ରଥମେ ଏହାକୁ ମନା କରାଯାଇନପାରେ ଯାହା ସେମାନଙ୍କର ବନ୍ଧୁମାନେ ପଞ୍ଜାବରେ ମଧ୍ୟ ଭୋଗ କରିଥିଲେ। ବଙ୍ଗାଳୀ ହିନ୍ଦୁ ଶରଣାର୍ଥୀମାନେ ଅନୁଭବ କରିଥିଲେ ଯେ, ଏହି କଥାକୁ କମାଇ ହେବ। ଏହାର ଅର୍ଥ ହେଉଛି ଯେତେବେଳେ ଶରଣାର୍ଥୀମାନେ ଉତ୍ତରାଞ୍ଚଳରେ ତାଙ୍କ ନିଜ ପାଇଁ ବିଭିନ୍ନ ତମ୍ବୁମାନ ପକାଇଥିଲେ ଯାହା ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ କରିଥିଲା ସେ ବଙ୍ଗାଳୀଗୁଡ଼ିକ ବଞ୍ଚିବାର ଅବସ୍ଥିତି ଉପରେ ନିର୍ଭର କରୁଥିଲେ। ଯାହା ସମାଜର ମାର୍ଜିନ ଉପରେ ନିର୍ଭର କରୁଥିଲା। ସେମାନଙ୍କର ନିଜ ନିଜ ଭିତରେ ଅତ୍ୟନ୍ତ ତିକ୍ତତା ଓ ପରସ୍ପର ବିରୋଧୀ କାର୍ଯ୍ୟାନୁଷ୍ଠାନ ବାମପନ୍ଥୀମାନଙ୍କର ଏକ ବଡ଼ ଖାଦ୍ୟ ହୋଇଥିଲା। ଏ ସବୁ କଥା ରୀତ୍ତିକ ଘଟକଙ୍କ ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଛି। ଏ ସମ୍ପର୍କରେ କୌଣସି କଥା ଲିଭାଇ ଦିଆଯାଇପାରିବ ନାହିଁ। ସିପିଏମ୍ ନେତାମାନେ ଏହାକୁ ଦୂର କରିପାରିବେ ନାହିଁ। ବାମପନ୍ଥୀମାନଙ୍କ ଦ୍ୱାରା ବୌଦ୍ଧିକ ଘଟଣାଗୁଡ଼ିକ ଏହା ରୂପ ଦେଇଥିଲେ ଯେ, ସେମାନେ ପରସ୍ପରକୁ ସବୁବେଳେ ବିରୋଧ କରୁଛନ୍ତି ବୋଲି କହି ଆସିଲେ ଯାହା ପୂର୍ବବଙ୍ଗର ଆନନ୍ଦ ବୋଲି କୁହାଯାଉଥିଲା। ସେଗୁଡ଼ିକ ବିଭିନ୍ନ ଭିଡ଼ ଜନିତ ବେଆଇନ ରିଫ୍ୟୁଜିମାନଙ୍କର କଲିକତାରେ ପ୍ରବେଶ ଥିଲା। ସେଠାରେ ଅନେକ କମ୍ୟୁନିଷ୍ଟ ନେତାମାନେ ଅଛନ୍ତି ଯେଉଁମାନେ ବ୍ୟକ୍ତିଗତ ଭାବରେ ଅଭିଜ୍ଞତା କରିଥିଲେ ଯେ, ଏହି ଅତ୍ୟନ୍ତ ନାରକୀୟ ବିଭାଜନରେ ଏପରି କଥା ଘଟିବ। କିନ୍ତୁ ସେମାନେ ଅତୀତର ଏ ଧରଣର ଘଟଣାକୁ ନିଜେ ନିଜେ ଭୁଲିଯାଇଥିବାର ସଂକେତ ମିଳିଥିଲା। ଏଥିପାଇଁ ଜଣେ ବଙ୍ଗାଳୀ ହିନ୍ଦୁର ବଡ଼ ଧରଣର କଥା ରହିବ କି ନାହିଁ ତାହା ଅନିଶ୍ଚିତ। ତଥାପି ମଧ୍ୟ ଗୋଟିଏ କଥାକୁ ବୁଝାଯାଇପାରିବ ନାହିଁ ଯାହା ହେଉଛି ଉଦ୍‌ବେଗ ତୃଣମୂଳ କଂଗ୍ରେସରେ ଏବଂ ବାମପନ୍ଥୀ ଦଳମାନଙ୍କରେ ମୁସଲମାନମାନଙ୍କର ଉପାୟକୁ କୁହାଯାଇପାରିନଥିଲା। ଯାହା ଘଟିଥିଲା ଓ ଯାହା ସେମାନେ ପାର୍କ ସର୍କସରେ ଓ ରାଜାବଜାର କଲିକତା ଅଞ୍ଚଳରେ ଅଗଷ୍ଟ ୧୯୪୬ରେ ଘଟାଇଥିଲେ। ଚଳଚ୍ଚିତ୍ରଟି ହେଉଛି ବୁଝାଯିବା ପାଇଁ ଯାହା ଗୋଟିଏ ହିନ୍ଦୁ ଭାବନାକୁ ପ୍ରତିଫଳିତ କରିଛି। ଯାହା ହେଉଛି ୭୮ବର୍ଷ ପୂର୍ବର ସୁରାଉର୍ଦ୍ଦିଙ୍କର ଉପସ୍ଥାପନ। ଏଗୁଡ଼ିକ ଅତ୍ୟନ୍ତ ଦୁଷ୍ଟ ରାଜନୈତିକ ମାନଙ୍କର ଘଟଣାରେ ଘଟିଥିବା କଥା, ଯାହାକୁ ଜିନା ସମ୍ପୂର୍ଣ୍ଣ ଭାବରେ ଡିଜାଇନ କରିଥିଲେ। କେମିତି ବାସ୍ତବତାକୁ ବର୍ଣ୍ଣନା କରିହେବ ଯାହା ଗୋଟିଏ କୌଶଳଗତ ୭ ପଏଣ୍ଟର ସର୍କଲ ଦକ୍ଷିଣ କଲିକତାରେ ଅଛି। ଏଗୁଡ଼ିକ କିପରି ବାସ୍ତବତା ସହିତ ଯୋଡୁଛି ଓ ତାହା ହେଉଛି ବଡ଼ କଥା। ପଶ୍ଚିମବଙ୍ଗର ସରକାରଙ୍କର ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗୋଟିଏ ଚଳଚ୍ଚିତ୍ର ବିରୁଦ୍ଧରେ ନୁହେଁ ଯାହା ବଡ଼ ଲୋକମାନେ ଦେଖିବେନାହିଁ । ଏହା ଦେଖାଯାଇଛି ଯେ, ଏହି ପ୍ରଶ୍ନକୁ ଉଡ଼େଇ ଦେଇ ହେବନାହିଁ ଯାହା ଏବେ ମଧ୍ୟ ଭାବନାରୁ ଦୂରରେ ଅଟେ।

# ବହି ଓ ଖାତା ଦେଖି ପରୀକ୍ଷା



ହୃଷୀକେଶ ପ୍ରଧାନ
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଏନ୍‌ସିଇଆର୍‌ଟି)
ଭୁବନେଶ୍ୱର, ମୋ: ୮୦୧୮୧୭୨୩୦୧

ଏକ ପାଇଲଟ୍ ପ୍ରକଳ୍ପରେ ବହି ଓ ଖାତା ଦେଖି ପରୀକ୍ଷା (ଓପନ୍ ବୁକ୍ ପରୀକ୍ଷା) ପ୍ରତି ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦୃଢ଼ ସମର୍ଥନ ଦେଖାଯିବା ପରେ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସିବିଏସ୍‌ସିଇ) ୨୦୨୬-୨୭ ଶିକ୍ଷାବର୍ଷରୁ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଓପନ୍ ବୁକ୍ ପରୀକ୍ଷାର ପ୍ରଚଳନ କରିବାର ଘୋଷଣା କରିଛି। ସିବିଏସ୍‌ସିଇ ପରିଚାଳନା ମଣ୍ଡଳୀ ଜୁନ୍ ମାସରେ ଏହି ଯୋଜନାକୁ ମଞ୍ଜୁରୀ ଦେଇଛନ୍ତି। ଶ୍ରେଣୀ ୯ ଓ ୧୦ରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ପାଇଁ ଏବଂ ଶ୍ରେଣୀ ୧୧ ଓ ୧୨ରେ ଇଂରାଜୀ, ଗଣିତ ଓ ଜୀବବିଜ୍ଞାନ ବିଷୟ ପାଇଁ ୨୦୨୩ ନଭେମ୍ବର-ଡିସେମ୍ବରରେ ଏହି ପାଇଲଟ୍ ପ୍ରକଳ୍ପ ଅନୁଷ୍ଠିତ ହୋଇଥିଲା।

ସାଧାରଣତଃ ଓପନ୍ ବୁକ୍ ପରୀକ୍ଷା(ଓବିଇ)ରେ ଛାତ୍ରଛାତ୍ରୀମାନଙ୍କର ସ୍ମୃତିଶକ୍ତିର ମୂଲ୍ୟାୟନ କରାଯାଇନଥାଏ। ବରଂ, ଏହି ପରୀକ୍ଷାରେ ପରୀକ୍ଷାର୍ଥୀମାନେ ବିଭିନ୍ନ ଅନୁମୋଦିତ ସମ୍ବଳ ଯଥା- ପାଠ୍ୟପୁସ୍ତକ, ଶ୍ରେଣୀ ନୋଟ୍ସ ବା ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ସାମଗ୍ରୀ ବ୍ୟବହାର କରିଥାନ୍ତି। ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ ଲିଖନ ସାମଗ୍ରୀ ସମ୍ବନ୍ଧୀୟ ଧାରଣା ରଖି କିପରି ଏହାକୁ ଆବଶ୍ୟକ ସ୍ଥଳେ ପ୍ରୟୋଗ କରିବେ, ତାହା ଏକ ବଡ଼ ଆହ୍ୱାନ। ଉଦାହରଣ ସ୍ୱରୂପ, ବିଜ୍ଞାନ ପରୀକ୍ଷାରେ ତଥ୍ୟଗୁଡ଼ିକ ପରୀକ୍ଷାର୍ଥୀଙ୍କ ସମ୍ମୁଖରେ ଥିଲେ ସୁଦ୍ଧା ଏକ ନିଷ୍କର୍ଷରେ ପହଞ୍ଚିବା ପାଇଁ ସେଗୁଡ଼ିକର ସଂଯୋଗୀକରଣ ହେଉଛି ବାସ୍ତବରେ ପରୀକ୍ଷାର ଲକ୍ଷ୍ୟ। ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗୁଡ଼ିକର ପୁନରାବୃତ୍ତି କରିବା ପରିବର୍ତ୍ତେ ପ୍ରଭାବୀ ବ୍ୟାଖ୍ୟା କରିପାରିବେ କି ନାହିଁ, ଓବିଇ ଦ୍ୱାରା ମୂଲ୍ୟାୟନ କରାଯାଇପାରିବ।

୧୯୫୩ ମସିହାରେ ହଂକଂରେ ଓବିଇର ପ୍ରଚଳନ ହୋଇଥିଲା। ୨୦୦୪ ମସିହାରେ ମିଙ୍ଗ୍-ୟିନ୍ ଚାନ୍ ଓ କ୍ୱୋକ୍-ୱାଇ ମୁଇଙ୍କ କୃତ ଏକ ହଂକଂ ଅଧ୍ୟୟନରେ ଉଲ୍ଲେଖ ଅଛି, "ପ୍ରଥମ ଥର ବହି ଓ ଖାତା ଧରି ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଗଣ ପରୀକ୍ଷା ପାଇଁ ଭଲ ଭାବେ ପ୍ରସ୍ତୁତ ହୋଇନଥିଲେ ସୁଦ୍ଧା ପରୀକ୍ଷା ପଦ୍ଧତି ପ୍ରତି ସେମାନଙ୍କର ଏକ ସକାରାତ୍ମକ ଧାରଣା ଥିଲା।" ("ଛାତ୍ରଛାତ୍ରୀଙ୍କ ପ୍ରେରଣା ପାଇଁ ଓପନ୍ ବୁକ୍ ପରୀକ୍ଷାର ପ୍ରୟୋଗ: ହଂକଂରୁ ଏକ କେସ୍ ଷ୍ଟଡି।") ଦେଖାଗଲା ଯେ, ଅନେକ ଛାତ୍ରଛାତ୍ରୀ ପ୍ରଶ୍ନ ପଢ଼ି ଲିଖନ ସାମଗ୍ରୀ ଚିହ୍ନଟ କରିବାରେ କେବଳ ୧୦ରୁ ୧୫ ମିନିଟ୍ ସମୟ ବିତାଇଥିଲେ; ସାଧାରଣତଃ ଗୋଟିଏ କିମ୍ବା ଦୁଇଟି ପାଠ୍ୟପୁସ୍ତକ ଅନୁସରଣ କରିବା ପୂର୍ବରୁ ପ୍ରଶିକ୍ଷକଙ୍କ ହ୍ୟାଣ୍ଡଆଉଟ୍ ସହ ଆରମ୍ଭ କରୁଥିଲେ।

(୧୯୫୧-୧୯୭୮) ବର୍ଷ ମଧ୍ୟରେ, ଆମେରିକା ଓ ଯୁକ୍ତରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଅନୁଷ୍ଠିତ ଓପନ୍ ବୁକ୍ ପରୀକ୍ଷାରେ ସଂକ୍ଷିପ୍ତ ଉତ୍ତରଠାରୁ ଆରମ୍ଭ କରି ବହୁବିକଳ୍ପ ଓ ପ୍ରବନ୍ଧ ପର୍ଯ୍ୟନ୍ତ ପ୍ରଶ୍ନୋତ୍ତର ଶୈଳୀର ବ୍ୟବହାର କରାଯାଇଥିଲା। ଓବିଇର ସାମଗ୍ରିକ ଫଳାଫଳ ସ୍ମୃତିଚାରଣ ଅପେକ୍ଷା ସମାବେଶୀ ଶିକ୍ଷା ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇଥିବା ୨୦୨୨ ମସିହାରେ ମମତା ଓ ନୀତିନ ପିଲ୍ଲାଇ ନିଜ ସନ୍ଦର୍ଭରେ ଦର୍ଶାଇଛନ୍ତି। ପାଠପଢ଼ାରେ ଦୁର୍ବଳ ଛାତ୍ରଛାତ୍ରୀ ଓବିଇରେ ଭଲ ପ୍ରଦର୍ଶନ କରିବା ଏବଂ ପାରମ୍ପରିକ ପଦ୍ଧତିରେ ପରୀକ୍ଷିତ ଦକ୍ଷତା ଠାରୁ ଭିନ୍ନ ଦକ୍ଷତାର ପରୀକ୍ଷଣ ହୋଇଥିବାର ନଜିର ରହିଛି।

ଅଧିକାଂଶ ମାଧ୍ୟମିକ ବୋର୍ଡ ଓ ମାନକୀକରଣ ପରୀକ୍ଷା, ଯଥା- ଯୁକ୍ତରାଜ୍ୟର GCSE ଓ US SATରେ ଏବେ ବି ବିନା ପୁସ୍ତକୀୟ ଉତ୍ତର ଆବଶ୍ୟକ। କୋଭିଡ୍-୧୯ ମହାମାରୀ ଏହାକୁ ଅସ୍ଥାୟୀ ଭାବେ ପରିବର୍ତ୍ତନ କରିଥିଲା। ଅନେକ ବିଶ୍ୱବିଦ୍ୟାଳୟ ସଞ୍ଚାର ମାଧ୍ୟମକୁ ସ୍ଥାନାନ୍ତରିତ ହେବା ସହ ଓବିଇର ପ୍ରଚଳନ କରିଥିଲେ। ପ୍ରାରମ୍ଭରେ ପରୀକ୍ଷାର୍ଥୀମାନେ ବିଷୟବସ୍ତୁକୁ ନେଇ ନୁହେଁ, ବରଂ ଏକ ଅପରିଚିତ ପରୀକ୍ଷା ପଦ୍ଧତିରେ କିଛି ସଂଘର୍ଷର ସମ୍ମୁଖୀନ ହୋଇଥିଲେ।

୨୦୧୪ ମସିହାରେ, ସିବିଏସ୍‌ସିଇ ଛାତ୍ରଛାତ୍ରୀମାନଙ୍କୁ ପ୍ରଚଳିତ ଘୋଷା ପଦ୍ଧତିରୁ ଦୂରେଇ ରଖିବା ଲକ୍ଷ୍ୟରେ ମୁକ୍ତ ପାଠ୍ୟ ଆଧାରିତ ମୂଲ୍ୟାୟନ (OTBA) ଆରମ୍ଭ କରିଥିଲା। ଏହା ହିନ୍ଦୀ, ଇଂରାଜୀ, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ପାଇଁ ଶ୍ରେଣୀ ୯ ଏବଂ ଅର୍ଥନୀତି, ଜୀବବିଜ୍ଞାନ ଓ ଭୂଗୋଳ ଭଳି ବିଷୟ ପାଇଁ ଶ୍ରେଣୀ ୧୧ ପରୀକ୍ଷାରେ ପ୍ରୟୋଗ କରାଯାଇଥିଲା। କିନ୍ତୁ, 'ଗୁରୁତ୍ୱପୂର୍ଣ୍ଣ ଦକ୍ଷତା' ପ୍ରୋତ୍ସାହନରେ ଅସଫଳତା କାରଣ ଦର୍ଶାଇ ଶିକ୍ଷାବର୍ଷ ୨୦୧୭-୧୮ ସୁଦ୍ଧା ସିବିଏସଇସିଇ ଏହି ପଦକ୍ଷେପକୁ ପ୍ରତ୍ୟାଖ୍ୟାନ କରିବାର ନିଷ୍ପତ୍ତି ନେଇଥିଲା।

କଲେଜିଏଟ୍ ଶିକ୍ଷାରେ ଓବିଇର ଏକ ଦୃଢ଼ ଉପସ୍ଥିତି ରହିଛି। ଏକ ବିଶେଷଜ୍ଞ ପ୍ୟାନେଲର ସୁପାରିଶ ପରେ ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ୨୦୧୯ ମସିହାରେ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ଓବିଇକୁ ଅନୁମୋଦନ କରିଥିଲା। ମହାମାରୀ ସମୟରେ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଜାମିଆ ମିଲିଆ ଇସଲାମିଆ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଓ ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟ ଓବିଇର ପ୍ରଚଳନ କରିଥିଲେ; ସେତେବେଳେ ଆଇଆଇଟି ଦିଲ୍ଲୀ, ଆଇଆଇଟି ଇନ୍ଦୋର ଓ ଆଇଆଇଟି ବମ୍ବେ ଅନ୍‌ଲାଇନ୍‌ରେ ପରୀକ୍ଷା କରାଇଥିଲେ। ସମ୍ପ୍ରତି, କେରଳର ଉଚ୍ଚଶିକ୍ଷା ସଂସ୍କାର ଆୟୋଗ କେବଳ ଇଣ୍ଟରନାଲ୍ ଆସେସମେଣ୍ଟରେ ଓବିଇ ପ୍ରଚଳନର ପ୍ରସ୍ତାବ ଦେଇଛି।

୨୦୦୦ ମସିହାରେ ପ୍ରକାଶିତ ଏକ ନରୱେଜିଆନ୍ ଅଧ୍ୟୟନ ରିପୋର୍ଟ ଅନୁଯାୟୀ, ବହି ଓ ଖାତା ଧରି ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କ ପକ୍ଷରେ କେବଳ ତଥ୍ୟଗୁଡ଼ିକୁ ମନେରଖିବା ପରିବର୍ତ୍ତେ ଧାରଣା ମଧ୍ୟରେ ସଂଯୋଗ ଖୋଜିବାର ସମ୍ଭାବନା ଅଧିକ ଥିଲା ("ଓପନ୍-ବୁକ୍ ଆସେସମେଣ୍ଟ: ଟୋର୍ ଭିଡ଼ାର ଆଇଲର୍ଟସେନ୍ ଓ ଅଡ୍ ଭାଲଡର୍ମୋଙ୍କର ଉନ୍ନତ ଶିକ୍ଷାରେ ଅବଦାନ")।

ଭୁବନେଶ୍ୱର ଏମ୍ସରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ଡାକ୍ତରୀ ଛାତ୍ରଛାତ୍ରୀଙ୍କର ଓପନ୍ ବୁକ୍ ପରୀକ୍ଷା ପୃଷ୍ଠଭୂମିରେ ଭୟ ଓ ଚାପ ହ୍ରାସ ପାଇଛି। କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ୯୮ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଅନ୍ୟ ଏକ ଅନଲାଇନ୍ ପାଇଲଟ୍ କାର୍ଯ୍ୟକ୍ରମରେ ୭୮.୬% ପାସ୍ କରିଛନ୍ତି। ମତାମତ ଦେଇଥିବା ୫୫ ଜଣଙ୍କ ମଧ୍ୟରୁ ଅନେକେ ଅସ୍ଥିର ଇଣ୍ଟରନେଟ୍‌କୁ ଏକ ପ୍ରମୁଖ ସମସ୍ୟା ଭାବେ ଦର୍ଶାଇଥିବା ସତ୍ତ୍ୱେ ଅଧିକାଂଶ ଏହି ପରୀକ୍ଷା ପଦ୍ଧତିକୁ "ଚାପମୁକ୍ତ" ଭାବେ ପରିଗଣିତ କରିଛନ୍ତି।

ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ, ଧନଞ୍ଜୟ ଆଶ୍ରୀ ଓ ବିଭୁ ପ୍ରସାଦ ସାହୁଙ୍କ କୃତ ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଦକ୍ଷତାଭିତ୍ତିକ ନିର୍ଦ୍ଦିଷ୍ଟ ତାଲିମ ବିନା ମଧ୍ୟ ଛାତ୍ରଛାତ୍ରୀମାନେ ଓବିଇରେ ଅଧିକ ସ୍କୋର ହାସଲ କରିଛନ୍ତି। ଉନ୍ନତ ଫଳାଫଳ ପାଇଁ ଛାତ୍ରଛାତ୍ରୀମାନେ କେବଳ ଉତ୍ତର ଖୋଜିବା ପରିବର୍ତ୍ତେ ପ୍ରଶ୍ନକୁ ସରଳୀକୃତ କରି, ଧାରଣା ବିଶ୍ଳେଷଣ କରିବାର ମାଧ୍ୟମ ଓ ସେଗୁଡ଼ିକର ଉପଯୁକ୍ତ ପ୍ରୟୋଗ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ନିର୍ମା ବିଶ୍ୱବିଦ୍ୟାଳୟର ମମତା ଓ ନୀତିନ ପିଲ୍ଲାଇଙ୍କ ଗବେଷଣାତ୍ମକ ଯୁକ୍ତି ଦର୍ଶାଇଛି।

ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକର ମୂଲ୍ୟାୟନ ପଦ୍ଧତିରେ ଏକ ବଡ଼ ସଂସ୍କାରର ଅଂଶବିଶେଷ। ଯଦିଓ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି), ୨୦୨୦ରେ ଓପନ୍ ବୁକ୍ ପରୀକ୍ଷା ସମ୍ବନ୍ଧୀୟ ସୂଚନା ନାହିଁ, କିନ୍ତୁ ଏହା ପ୍ରଚଳିତ ଘୋଷାପାଠ ଠାରୁ ଦୂରେଇ ଯାଇ ଦକ୍ଷତାଭିତ୍ତିକ ଶିକ୍ଷା ଆଡ଼କୁ ଅଗ୍ରସର ହେବାକୁ ଆହ୍ୱାନ କରେ। ଆଶା ଯେ, ଛାତ୍ରଛାତ୍ରୀମାନେ ପରୀକ୍ଷା ପଦ୍ଧତି ସମ୍ବନ୍ଧରେ ସମ୍ୟକ୍ ଧାରଣା ରଖି ସେଗୁଡ଼ିକର ଉପଯୁକ୍ତ ପ୍ରୟୋଗ କରିପାରିବେ।

# ଯାତ୍ରାକାଳୀନ ସୁଖଦ ଅନୁଭୂତି



ଅନୀତା ପଟ୍ଟନାୟକ
ସିଡିଏ, ସେକ୍ଟର-୧୦, କଟକ
ମୋ: ୯୬୯୨୯୮୦୦୨୬

ମୋର ବାନ୍ଧବୀ ଭାଗ୍ୟଲକ୍ଷ୍ମୀ ତା'ର ସ୍ୱାମୀ ଅରୁଣଙ୍କ ସହିତ 'ବ୍ଲୁ ଫ୍ଲାଗବିଚ୍' ବୁଲିବାକୁ ଯାଇଥିଲେ। ରାସ୍ତାରେ ସେ ଅରୁଣଙ୍କୁ ପଚାରି ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କାହିଁକି କରାଯାଇଥିଲା ? ଏହାର ଅର୍ଥ କ'ଣ ? ସେ କହିଥିଲେ କରୁଣାର ଫାଶୀ କାଠରେ ଆମେ ଆମର ଅହଂକାରକୁ ଝୁଲାଇ ଦେବା ଉଚିତ୍। ଭାଗ୍ୟଲକ୍ଷ୍ମୀ ଗାଡ଼ି ଚାଲୁଥିବା ସମୟରେ ଅରୁଣ ବାବୁଙ୍କୁ କହିଲ ମୁଁ ଚିଡ଼ି ଯାଉଚି ବୋଲି ତୁମେ ବ୍ୟସ୍ତ ହେଉଛ। ଜାଣିଚ କାଲି ଓଜନ ଯନ୍ତ୍ରରେ ଠିଆ ହେଲା ବେଳେ ଜାଣିଲି ମୋର ଦଶ କେଜି ଓଜନ ବଢ଼ିଯାଇଛି। ଅରୁଣ ବାବୁ ଥଟ୍ଟାରେ କହିଲେ ତୁମର ମୃତ୍ୟୁପରେ ତୁମକୁ ବୋହି ନେଉଥିବା ଲୋକଙ୍କ ପାଇଁ ତୁମେ ଦଶ କେଜିର ଅଧିକ ଓଜନ ହେବ। ଆମେ ଶ୍ରୀକ୍ଷେତ୍ରକୁ ଯାଉଥିବାବେଳେ ସବୁ ଦୃଷ୍ଟିରୁ ହାଲୁକା ହେବା ଉଚିତ୍ ଓ ଧର୍ମ ପରାୟଣତାର ଓଜନ ବଢ଼ାଇବା ଉଚିତ୍। ଭାଗ୍ୟଲକ୍ଷ୍ମୀ ଏ ଉତ୍ତର ଶୁଣି ଲାଜେଇ ଗଲା।

ଏଥର ଭାଗ୍ୟଲକ୍ଷ୍ମୀ ଅରୁଣ ବାବୁଙ୍କୁ ପଚାରିଲା କହିଲ ଦେଖି ରାବଣ, ହିରଣ୍ୟକଶିପୁ, ହିରାଣାଖ୍ୟ, ଦୁର୍ଯ୍ୟୋଧନ ଏମାନଙ୍କର ଚରିତ୍ର ରାମାୟଣ ଓ ମହାଭାରତରେ କାହିଁକି ବର୍ଣ୍ଣିତ ହୋଇଛି ? ସେମାନେ ସୁରକ୍ଷିତ, ଶକ୍ତିଶାଳୀ, ଶାରିରୀକ ଦୃଷ୍ଟିକୋଣରୁ ବଳବାନ ଓ ବୀର ଥିଲେ। ଅରୁଣ ବାବୁ କହିଲେ ନାଁ। ସେମାନଙ୍କ ନିକଟରେ ସଦ୍‌ଗୁଣ, ସଦାଚାରୀ ହେବାର ଆକାଂକ୍ଷା ଓ ଧର୍ମ ଅନୁଶୀଳନ କରିବାର ଆଶା ଅନୁପସ୍ଥିତ ଥିଲା। ତେଣୁ ଏହି ଦୋଷଗୁଡ଼ିକ ଯୋଗୁ ସେମାନେ ବିଧ୍ୱଂସ ହୋଇଥିଲେ। ଅରୁଣ ବାବୁ ଗାଡ଼ି ଚଳାଉଥିବା ସମସ୍ତରେ ତାଙ୍କ ପାଖରେ କୌଣସି ବ୍ୟକ୍ତି ଶୋଇପଡ଼ିଲେ ବିରକ୍ତ ହୁଅନ୍ତି। ସେ ତାଙ୍କ ପତ୍ନୀଙ୍କୁ ପଚାରିଲେ, ଶୋଇପଡ଼ିଲ କି ? ଭାଗ୍ୟଲକ୍ଷ୍ମୀ ଉଠିପଡ଼ି କହିଲେ- ନା, ମୁଁ ଭାବୁଥିଲି ଭଗବାନଙ୍କୁ ନୀରବଦ୍ରଷ୍ଟା, ନୀରବସାକ୍ଷୀ ଭାବେ କାହିଁକି ବର୍ଣ୍ଣନା କରାଯାଇଛି ?

ଅରୁଣବାବୁ କହିଲେ, ଆଖି ଦେଖେ। କିନ୍ତୁ ଆଖିକୁ କିଏ ଦେଖେ ? ଆଖି ଦ୍ୱାରା ଉପଲବ୍ଧ ଅନୁଭୂତିକୁ କିଏ ଅନୁଭବ କରେ ? ତାହା ହେଉଛି ମନ। ବସ୍ତୁ ଜଗତ ହେଉଛି ଦୃଶ୍ୟ। ଆଖି ହେଉଛି ଦ୍ରଷ୍ଟା ଏବେ ବୁଦ୍ଧି ଦ୍ରଷ୍ଟା ହେବା ବେଳେ ମନ ହେଉଛି ଦୃଶ୍ୟ। ଶେଷରେ ବୁଦ୍ଧି ମଧ୍ୟ ଦୃଶ୍ୟ କାରଣ ଆତ୍ମା ହେଉଛି ପରମ ଦ୍ରଷ୍ଟା। ସେ ସାକ୍ଷୀ ଭାବରେ ମନତତ୍ତ୍ୱର ନାଟକକୁ ଲକ୍ଷ୍ୟ କରେ।

ପୁରୀ ପାଖାପାଖି ହୋଇଯିବାରୁ ଭାଗ୍ୟଲକ୍ଷ୍ମୀ ଚାରିଟି ଆଳୟ ଦେଖିଲା। ଯଥା- ଭୋଜନାଳୟ, ଆରୋଗ୍ୟାଳୟ, ବିଦ୍ୟାଳୟ ଓ ଦେବାଳୟ। ସେ ଅରୁଣ ବାବୁଙ୍କୁ ପଚାରିଲା। ଏ ଆଳୟ ସବୁ କିପରି ହେବା ଉଚିତ୍। ଅରୁଣ ବାବୁ ମଜାଳିଆ ସ୍ୱରରେ କହିଲେ, ଭୋଜନାଳୟ ମିତବ୍ୟୟୀରେ ଶୁଦ୍ଧ ଓ ପୁଷ୍ଟିକର ଖାଦ୍ୟ ଦେବା ଉଚିତ୍। ଅରୋଗ୍ୟାଳୟକୁ ଯାଇ ତୁମେ ଜାଣ ଯେ ତୁମର ସୁସ୍ଥ ଖାଦ୍ୟାଭ୍ୟାସ ନାହିଁ କି ତୁମେ ତାକୁ ଗ୍ରହଣ କରିବାକୁ ଆଗ୍ରହୀ ନୁହେଁ। ବିଦ୍ୟାଳୟ ଅଜ୍ଞାନତାର ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକକୁ ଭରି ଦେଉ। ମୂଳ ସଂସ୍କୃତି ଶିକ୍ଷା ଦେଉ ଓ ପିଲାଙ୍କ ଗଢ଼ିବାରେ ସାହାଯ୍ୟ କରୁ। ସେହିପରି ଦେବାଳୟ ଏକତ୍ୱ ବିଶ୍ୱାସ ଓ ପ୍ରେମରେ ସମସ୍ତଙ୍କୁ ଭରି ଦେବା ଉଚିତ୍। ବାଟ ମଙ୍ଗଳା ନିକଟରେ ଭାଗ୍ୟଲକ୍ଷ୍ମୀ ଦେଖିଲା ଯଜ୍ଞ ହେଉଛି ସେଠାରେ ଏକ ହୋଟେଲରେ ଭଲ ଚା' ମିଳୁଥିଲା ଉଭୟେ ଓହ୍ଲାଇ ଚା' ପିଇଲେ। ଭାଗ୍ୟଲକ୍ଷ୍ମୀ ପଚାରିଲା ଯଜ୍ଞ କ'ଣ ? ଅରୁଣ ବାବୁ ଚିରାଚରିତ ଢ଼ଙ୍ଗରେ କହିଲେ ଭଗବାନଙ୍କ ଯଶ ପାଇଁ ଉତ୍ସର୍ଗୀକୃତ ଯେକୌଣସି କାର୍ଯ୍ୟକୁ ଯଜ୍ଞ କୁହାଯାଏ ? ଭାଗ୍ୟଲକ୍ଷ୍ମୀ ପୁଣି ପଚାରିଲା, ଯଜ୍ଞ ପାଇଁ କ'ଣ ତପ ଆବଶ୍ୟକ ? ଅରୁଣ ବାବୁ କହିଲେ ମନରେ ଶାନ୍ତି ଓ ବିଶ୍ୱାସ ସୁନିଶ୍ଚିତ କରି ନାହିଁ ତପ। ଏଥର ଉଭୟେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଗଲେ।

ଭାଗ୍ୟଲକ୍ଷ୍ମୀ ପଚାରିଲା ପୁରୁଷ ଅର୍ଥ କ'ଣ ? ଅରୁଣ ବାବୁ କହିଲେ ଯେ ପୁରରେ ବାସରେ। ଭଗବାନ ପୁରର ନିବାସୀ ଏଥର ଭାଗ୍ୟଲକ୍ଷ୍ମୀ ପଚାରିଲା ତାଙ୍କର ନାମ ପୁରୁଷୋତ୍ତମ କାହିଁକି ହୋଇଛି। ଅରୁଣ ବାବୁ କହିଲେ ସେ ପୁରୁଷୋତ୍ତମଙ୍କ ମଧ୍ୟରେ ଉତ୍ତମ ଓ ସବୁ ପୁରର ପରମ ନିବାସୀ। ଭାଗ୍ୟଲକ୍ଷ୍ମୀ ପଚାରିଲା ମୁଁ ପୁରୁଷୋତ୍ତମଙ୍କୁ କିପରି ଜାଣିବି ? ଚିରାଚରିତ ଢ଼ଙ୍ଗରେ ହସି ଦେଇ ଅରୁଣ କହିଲେ ନିଜକୁ ଠିକ୍ ଭାବେ ଶିକ୍ଷିତ କଲେ। ଦୁହେଁ ପୁରୁଷୋତ୍ତମଙ୍କୁ ଦର୍ଶନ କରି ମହାପ୍ରସାଦ ଖାଇ ସମୁଦ୍ର କୂଳ ଆଡ଼େ ଆଗେଇ ଚାଲିଲେ।

# 'ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ, ଏକା କର୍ତ୍ତବ୍ୟ ସାଧନ...'



କିଶୋର କୁମାର ଜେନା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୭୩୭୭୪୩୯୦୭୭

ଈଶ୍ୱରଙ୍କ ସହିତ ସଂଯୁକ୍ତ ହୋଇଯିବାର ନାମ, ଈଶ୍ୱରଙ୍କ ପାଦରେ ନିବାସ କରିବାର ନାମ ଯୋଗ। ଈଶ୍ୱରନ୍ୟସ୍ତ ଜୀବନ ଶାଶ୍ୱତ ଆନନ୍ଦ ପ୍ରଦାନ କରେ। ଯୋଗୁ ମନୁଷ୍ୟକୁ ସନ୍ମାର୍ଗ ପ୍ରଦର୍ଶନ କରେ। ଯୋଗ ମନୁଷ୍ୟକୁ ଈଶ୍ୱରଙ୍କ ସହିତ ସଂଯୁକ୍ତ କରାଏ। ଯୋଗ ମନୁଷ୍ୟକୁ ଅମର କରିଦିଏ। ଯୋଗ ହିଁ ପୂର୍ଣ୍ଣାଙ୍ଗ ଜୀବନ। ଯୋଗ ହେଉଛି ଏପରି ଏକ ପ୍ରଣାଳୀ, ଯାହା କି ମନୁଷ୍ୟ ବ୍ୟକ୍ତିତ୍ୱର ପ୍ରତ୍ୟେକଟି ଦିଗର ସଂସ୍କାର ଘଟାଏ। 'ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ' - ହେ ଅର୍ଜୁନ ! ମୋର ହିଁ ଏକ ସନାତନ ଅଂଶ ଏହି ଜୀବଲୋକକୁ ଏହି ଜନ୍ମମୃତ୍ୟୁର ଲୋକକୁ ଆସି ଜୀବାତ୍ମା ହୋଇଯାଏ। ଏହି ଜୀବଲୋକରେ ନିଜର ପ୍ରାରବ୍ଧବଶତଃ ଜୀବାତ୍ମାମାନେ ଜନ୍ମ ହୁଅନ୍ତି ଏବଂ ମୋର ହିଁ ଏକ ଅଂଶ ଜୀବାତ୍ମା ହୋଇଯାଇଥାଏ, ବୋଲି ଦୃଢ଼କଣ୍ଠରେ ଘୋଷଣା କରିଦେଇ ଆମ୍ଭମାନଙ୍କୁ ଆମର ଦିବ୍ୟତ୍ୱ ସମ୍ବନ୍ଧରେ ସ୍ମରଣ କରାଇ ଦିଅନ୍ତି।

ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ - ମନ ହିଁ ମନୁଷ୍ୟର ବନ୍ଧନ ଓ ମୋକ୍ଷର କାରଣ। ଆପଣ ଯେପରି ଭାବିଚାଲିବେ, ସେପରି ହୋଇଯିବେ। ତେଣୁ ନିଜର ଦିବ୍ୟତାରେ କେନ୍ଦ୍ରିତ ହୋଇ ରହନ୍ତୁ। ତା'ଭିତରୁ ଅନ୍ୟସବୁ ଉତ୍ପନ୍ନ ହେବ। ସୂର୍ଯ୍ୟ ଉଦୟ ହୋଇଗଲେ, ଆଉ ଅନ୍ଧକାର ରହେ ନାହିଁ। ଆପଣଙ୍କ ହୃଦୟରେ ଏହି ଚେତନା ଜାଗ୍ରତ ହୋଇଗଲେ, ଆଉ ଏହାର କୌଣସି ବିପରୀତ ଭାବନା ରହିବ ନାହିଁ। ଜାଗ୍ରତ ଚେତନା ଆସିଗଲେ, ଆଉ ଅଜ୍ଞାନ ନିଦ୍ରା ରହିବ ନାହିଁ।

ମହାଭାରତ ଯୁଦ୍ଧ ସମୟରେ ନିଜର ପ୍ରିୟଜନଙ୍କ ବିୟୋଗ ଦେଖି ମଧ୍ୟମ ପାଣ୍ଡବ ଅର୍ଜୁନ ଆଉ ଯୁଦ୍ଧ କରିବା ପ୍ରତି ଆଗ୍ରହୀ ହେଲେ ନାହିଁ । ସଖା ଅର୍ଜୁନଙ୍କର ଏଭଳି ଅବସ୍ଥା ଦେଖି ପ୍ରଭୁ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର କର୍ତ୍ତବ୍ୟ ସଂପର୍କରେ ଉପଦେଶ ମାଧ୍ୟମରେ ବୁଝାଇଥିଲେ । ଶ୍ରୀକୃଷ୍ଣ ଭଗବାନଙ୍କର ଏହି ଉପଦେଶବାଣୀ ଶ୍ରୀମଦ୍ ଭଗବତ ଗୀତା ଭାବେ ବିଖ୍ୟାତ। ଏଥିରେ ଭଗବାନ ସଖା ଅର୍ଜୁନଙ୍କୁ ବୁଝାଇଛନ୍ତି ଯେ ଯୋଗ ବା ତପସ୍ୟା କଲାବେଳେ ସାଧୁ ସନ୍ନ୍ୟାସୀମାନେ ଯେପରି ଏକନିଷ୍ଠ ହୋଇ ଧ୍ୟାନରେ ମଗ୍ନ ରହନ୍ତି, ସଂସାରର କୋଳାହଳ ତାଙ୍କୁ ନିଜ ପଥରୁ ଭ୍ରାନ୍ତ କରିପାରେ ନାହିଁ। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ ମାନଙ୍କୁ ମାର୍ଗ ଦର୍ଶନ କରି କହିଛନ୍ତି - 'ମନୁଷ୍ୟ ନିଜର ପ୍ରତ୍ୟେକ କର୍ମ କରିବା ସମୟରେ ସେଭଳି ଏକନିଷ୍ଠ ହେବା ଉଚିତ୍। ଯେଉଁବ୍ୟକ୍ତି ଫଳପ୍ରାପ୍ତିର ଆଶା ନରଖି ଏକନିଷ୍ଠ ସାଧନା ଯୋଗୁ ତା'ର ମୋକ୍ଷଲାଭର ପଥ ମଧ୍ୟ ସୁଗମ ହୋଇଥାଏ। ଏହା ହିଁ କର୍ମଯୋଗର ବୈଶିଷ୍ଟ୍ୟ। ସମସ୍ତ ଯୋଗ ଠାରୁ ଏହା ଶ୍ରେଷ୍ଠ। କର୍ମଯୋଗର ଅଭ୍ୟାସ ବଳରେ ମନୁଷ୍ୟର ମନ ପବିତ୍ର ହୁଏ। ଅନ୍ତଃକରଣ ନିର୍ମଳ ହୁଏ। ଚିତ୍ତଶୁଦ୍ଧି ହୁଏ। ଯାହାକି ପରବର୍ତ୍ତୀ ସମୟରେ ଜ୍ଞାନଯୋଗକୁ ରୂପାନ୍ତରିତ ହୋଇଥାଏ ଏବଂ ଏହି ଜ୍ଞାନଯୋଗ ଦ୍ୱାରା ବ୍ୟକ୍ତି ମୋକ୍ଷଲାଭ କରେ।'

ସକଳ ପ୍ରାଣୀଙ୍କ ଠାରେ ଏକ ଆତ୍ମାକୁ ଦର୍ଶନ କରିବା ହିଁ ଜ୍ଞାନ, ଆତ୍ମାକୁ ପ୍ରେମ କରିବାର ନାମ ଭକ୍ତି, ଆତ୍ମାର ସେବା କରିବାର ନାମ କର୍ମ। ଜ୍ଞାନଯୋଗୀର ଜ୍ଞାନୋଦୟ ହୋଇଗଲେ, ତା'ର ଭକ୍ତି ଉଦୟ ହୋଇଯାଏ, ସେ ନିଃସ୍ୱାର୍ଥପର କର୍ମରେ ତତ୍ପର ହୋଇଯାଆନ୍ତି। କର୍ମଯୋଗ ତାଙ୍କର ଆଧାତ୍ମିକ ପ୍ରକୃତିର ଏକ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହୋଇଯାଏ, କାରଣ ସେ ସକଳଙ୍କ ଠାରେ ସେହି ଏକ ଆତ୍ମାଙ୍କୁ ଦର୍ଶନ କରନ୍ତି। ଯେତେବେଳେ ଭକ୍ତଙ୍କର ଭକ୍ତିରେ ପୂର୍ଣ୍ଣତା ଆସିଯାଏ, ସେତେବେଳେ ତାଙ୍କର ଜ୍ଞାନ ଉଦୟ ହୋଇଯାଏ, ତାଙ୍କର କର୍ମତତ୍ପରତା ମଧ୍ୟ ଆସିଯାଏ। କର୍ମଯୋଗ ତାଙ୍କର ଆଧାତ୍ମିକ ପ୍ରକୃତିର ଏକ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହୋଇଯାଏ। କାରଣ ସେ ସର୍ବତ୍ର ତାଙ୍କର ପ୍ରେମମୟ ପ୍ରଭୁଙ୍କୁ ହିଁ ଦର୍ଶନ କରନ୍ତି। ଠିକ୍ ସେହିପରି ଯେତେବେଳେ କର୍ମଯୋଗୀଙ୍କର ସମସ୍ତ କର୍ମ ସମ୍ପୂର୍ଣ୍ଣ ନିଷ୍କାମ ହୋଇଯାଏ ସେତେବେଳେ ତାଙ୍କ ଠାରେ ମଧ୍ୟ ଜ୍ଞାନ ଓ ଭକ୍ତିର ଉଦୟ ହୋଇଥାଏ। କର୍ମଯୋଗ ସମ୍ପର୍କରେ ଆଲୋଚନା କଲାବେଳେ ମନେପଡୁଛି ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସେହି କାଳଜୟୀ ଧାଡ଼ି ଗୁଡ଼ିକ- 'ଏ ଜଗତ ସର୍ବ କର୍ମର ଆୟତ୍ତ, କର୍ମ ସୁଖ ଦୁଃଖ ହେତୁ। କର୍ମ କରେ ସ୍ୱର୍ଗ ନରକ ରଚନା, ଭୋଗ ଜାତ କର୍ମ କ୍ଷେତୁ। ସୁଖ ଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ, ଏକା କର୍ତ୍ତବ୍ୟ ସାଧନ, ମାନବ ଜୀବନ ଅର୍ଣ୍ଣବ ତରଣେ ହୁଅଇ ସିନା କାରଣ।'



କେନ୍ଦୁଝର(ଭାସ୍କର ନ୍ୟୁଜ): ରାତି ପାହିଲେ ଗ୍ରାମବାସୀଙ୍କୁ ଘାରିଛି ପାଣିଚିନ୍ତା। ନଳକୂଅ ନ ଥିବାରୁ ଲୋକେ ଅଧ କିଲୋମିଟର ଅତିକ୍ରମ କରି ପାଣି ସଂଗ୍ରହ କରୁଛନ୍ତି। ବିଭିନ୍ନ ସ୍ତରରେ ଅଭିଯୋଗ ହୋଇ ଆସୁଥିଲେ ହେଁ କୌଣସି ସମାଧାନ ହେଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକୁସୁମିତା ଡୁମୁରିବାଳି ସାହିରେ। ଗାଁରେ ୧୨ ପରିବାର ବାଳିକା ଉଚ୍ଚ ବିଦ୍ୟାଳୟ ଆଶ୍ରମ ନିକଟରେ ବସବାସ କରୁଛନ୍ତି। ଲୋକସଂଖ୍ୟା ୫୦ରୁ ଉର୍ଦ୍ଧ୍ୱ। ତେବେ ନଳକୂଅ ଟିଏ ନଥିବାରୁ ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଷେଇ ବାସ, ଖାଇବା ପିଇବା ପାଇଁ ଗ୍ରାମବାସୀ ନିକଟରେ ଥିବା ଗ୍ରାମରୁ ଅଧ କିଲୋମିଟର ଅତିକ୍ରମ କରି ପାଣି ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। କାମ ସରି ନଥିବାରୁ ଜଳଯୋଗାଣ ଆରମ୍ଭ ହୋଇ ପାରୁନଥିବା ଜଣାପଡିଛି। ବିଦ୍ୟୁତ୍ ବିଭାଗ ଖୁଣ୍ଟ ପୋତି ନଥିବାରୁ ଧନୁ ମାଝୀ, ବିଦ୍ୟାଧର ଗିରି, ଦିନବନ୍ଧୁ ସୋରେନ, କାହ୍ନୁ ସୋରେନ, କିଶୋନ ମାଝୀ, ଦୁଃଖବନ୍ଧୁ ମାଝୀ, ପମା ମାଝୀ, ସୁଦାମ ମାଝୀ, ଭଗାନ ସୋରେନ ପରିବାର ଗୁଡିକ ବାଉଁଶ ଲାଠି ପୋତି ବିପଦସଙ୍କୁଳ ଅବସ୍ଥାରେ ତାରଟାଣି ଲାଇନ ନେଇଛନ୍ତି। ଅଭିଯୋଗ ଅନୁସାରେ, ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଖୁଣ୍ଟ ପୋତିବାକୁ କୁହାଯାଇଥିଲେହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ତଳକୁସୁମିତା ଡୁମୁରିବାଳିସାହି ଗ୍ରାମବାସୀ ଦାବି କରିଛନ୍ତି।



# ଗୁରୁ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ



ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଗୁରୁ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ ଦେଇଥିବା ବେଳେ କଲେଜ ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତ ରବିବାର ଅପରାହ୍ନ ସମୟରେ ବ୍ଲକ୍ ସ୍ତରୀୟ ଗୁରୁ ପୂଜ୍ୟପୂଜା ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଜ୍ଞା ଓ ଶ୍ରଦ୍ଧାର ଅପୂର୍ବ ମିଳନ ଘଟିଥିଲା। ଏହି ଅବସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ନିମାପଡ଼ାର ପାଖାପାଖି ୨ଶହ ପ୍ରମୁଖ ଅବସରପ୍ରାପ୍ତ ଗୁରୁ-ଗୁରୁମାତାଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କୁ ଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ପ୍ରଜ୍ଞାବନ୍ତ ମନୀଷୀନଙ୍କ ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଓ ଉନ୍ନତି ପାଇଁ ଯୋଗଦାନ ଉପରେ ଆଲୋକପାତ କରିଥିଲେ ଉପ-ମୁଖ୍ୟମନ୍ତ୍ରୀ। ଶିକ୍ଷାର ମାନରେ ଉନ୍ନତି, ଶୈକ୍ଷିକ ପରିବେଶର ନିର୍ମାଣ ଓ ବିକାଶ ସହ ଏକ ନିଶାମୁକ୍ତ, ଶିକ୍ଷିତ ଓ ଆଦର୍ଶ ଛାତ୍ର ସମାଜ ଗଠନ ପାଇଁ ଏହି ଅତି ଅଭିଜ୍ଞତା ସଂପୂର୍ଣ୍ଣ ବୁଦ୍ଧିଜୀବୀ ମଣ୍ଡଳୀଙ୍କ ଠାରୁ ସୁଚିନ୍ତିତ ପରାମର୍ଶ ମାଗିଥିଲେ ଉପ-ମୁଖ୍ୟମନ୍ତ୍ରୀ। ଉପସ୍ଥିତ ଅଭିଜ୍ଞ ଶିକ୍ଷକମାନେ ନିଜ ନିଜ ଅଞ୍ଚଳର ଗୌରବମୟ ଇତିହାସ, ସଂସ୍କୃତି ଓ ଅଧ୍ୟାତ୍ମିକ ବୈଶିଷ୍ଟ୍ୟ ଗୁଡ଼ିକୁ ଚିହ୍ନଟ କରିବା ସହିତ ନିମାପଡ଼ା-ଗୋପର ଶୈକ୍ଷିକ ଭିତ୍ତି ସଂରଚନା ନିର୍ମାଣରେ ନିଜର ବିଶାଳ ଅଭିଜ୍ଞତାକୁ ଉପଯୋଗ କରିବା ଉରେ ନିଜର ମତପୋଷଣ କରି ସେମାନଙ୍କ ଠାରୁ ସହଯୋଗ ଆଗ୍ରହ କରିଥିଲେ। ନିମାପଡ଼ା-ଗୋପ ରେ ବିଭିନ୍ନ ଚାକିରୀ ପ୍ରତ୍ୟାଶୀ, ଉଚ୍ଚଶଇକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀ, ଗବେଷକ, ଜିଜ୍ଞାସୁଙ୍କ ଉଦ୍ଦେଶ୍ୟରେ ଏକ ଅତ୍ୟାଧୁନିକ କମ୍ପ୍ୟୁଟରାଇଜଡ୍ ଡ଼ିଜିଟାଲ୍ ଲାଇବ୍ରେରୀ ନିର୍ମାଣ ବିଚାର ଭିତରେ ଥିବା ବେଳେ ଏହାକୁ ବହୁବିଧ ସୁବିଧାଯୁକ୍ତ ଓ ଲୋକାଭିମୁଖୀ କରିବା ପାଇଁ, ଏଥିରେ ଅଭିଜ୍ଞ ଶିକ୍ଷକମାନଙ୍କ ପରାମର୍ଶ ଓ ସିଧାସଳଖ ଯୋଗଦାନ ଉପରେ ଆଲୋକପାତ କରିଥିଲେ ଶ୍ରୀମତି ପରିଡ଼ା। ଛାତ୍ରଛାତ୍ରୀଙ୍କ ପାଇଁ ହେବାକୁ ଥିବା ସ୍କିଲ୍ ଡ଼େଭେଲପ୍‌ମେଣ୍ଟ ସେଣ୍ଟର, ଭୋକେସନାଲ ଟ୍ରେନିଂ ସେଣ୍ଟର, କ୍ୟାରିୟର କାଉନସେଲିଂ ଇତ୍ୟାଦି ଜନୋପକାରୀ କାର୍ଯ୍ୟ ପାଇଁ ଶିକ୍ଷକଙ୍କୁ ଆଗାମୀ ଦିନରେ ଲିଖିତ ଆକାରରେ ପରାମର୍ଶ ଦେବା ପାଇଁ ଆହ୍ୱାନ ଦେଇଥିଲେ। ସର୍ବଶେଷରେ ବିଇଓ ଅଫିସ ଅଧିନରେ ଏକ ଅବସରପ୍ରାପ୍ତ ଶିକ୍ଷକ ଡ଼େସ୍କ ପ୍ରତିଷ୍ଠା, ଯାହା ଅବସରପ୍ରାପ୍ତ ଶିକ୍ଷକ ଗୁରୁଙ୍କ ଦରମା, ଗ୍ରେଡ୍ ସହିତ ଅନ୍ୟାନ୍ୟ ବହୁବିଧ ଅବସରକାଳୀନ ସମସ୍ୟାର ନିରାକରଣ ଦିଗରେ କାର୍ଯ୍ୟ କରିବ। ଏପରି ସମସ୍ୟାଗୁଡ଼ିକ ସିଧାସଳକ ସେ ନିଜେ ଦେଖିବେ ବୋଲି ଆଗ୍ରହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଥିବା ବେଳେ ଅନେକ ଶିକ୍ଷାବିତ୍ ନିଜ ନିଜର ମତବ୍ୟକ୍ତ କରି କହିଛନ୍ତି, ଏପରି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହେବା ଆବଶ୍ୟକ ବୋଲି।

# ଲକ୍ଷାଧିକ ଟଙ୍କାର ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ



ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ଥାନା ଅଞ୍ଚଳରେ କିଛିଦିନ ହେବ ବ୍ୟାପକ ଚୋରି, ଚୋରା ମଦ କାରବାର ଓ ବ୍ରାଉନ ସୁଗାର ଭଳୀ ନିଶା କାରବାର ବଢ଼ି ଚାଲିଚି। ଥାନାର କର୍ମ ଚାରି ଅଭାବ ହେଉ କି ଅନ୍ୟ କିଛି କାରଣରୁ ପୋଲିସ ନିଷ୍କ୍ରିୟ ଥିଲା। ତେବେ ଧାମନଗର ଥାନାକୁ ଏବେ ନୂଆ ଥାନା ଅଧିକାରି ରଞ୍ଜନ ସେଠୀ କାର୍ଯ୍ୟରେ ଯୋଗ ଦେବାପରେ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଛି। ଧାମନଗର ରେ ଆନନ୍ଦପୁର, କଲ୍ୟାଣୀ, ଖଡ଼ିପଦା, ଧାମନଗର, ଗୋବିନ୍ଦପୁର ଅଞ୍ଚଳରେ ଚୋରା ମଦ ଓ ବ୍ରାଉନୁ ସୁଗାର କାରବାର ହେଉଥିବା ପୋଲିସ ପାଖରେ ସୂଚନା ଥିଲା। ସୂଚନା ଅନୁଯାଇ ଧାମନଗର ପୋଲିସ ଜଣଙ୍କୁ ଧରିବାରେ ସଫଳ ହୋଇଛନ୍ତି। ପ୍ରକାଶ ଥାଉକି ସୋମବାର ଦିନ ୧୨ ଟା ବେଳେ ଧାମନଗର ଥାନାର ହବିବନଗର ଗ୍ରାମ ର ସେକ ସୋଫିଅନଙ୍କ ପୁଅ ସେକ ମହମ୍ମଦ ହୁସେନ ଓଡ଼ି ୦୪ ସି ୩୯୩୨ ନମ୍ବର ଥିବା ଏକ ବାଇକି ରେ ଆସୁଥିବା ବେଳେ ଧାମନଗର ଥାନା ଅଧିକାରୀ ରଞ୍ଜନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏସଆଇ ରାଜେଶ ସେଠୀ, ରଶ୍ମିତା ମଲିକ ଓ ଅନ୍ୟ କର୍ମଚାରି ମାନେ ଭଗବାନପୁର ନିକଟସ୍ଥ ପେଟ୍ରୋଲପମ୍ପ ଛକ ନିକଟରୁ ଆସୁଥିବା ସେକ ମହମ୍ମଦ ହୋସେନଙ୍କୁ କାବୁ କରିଥିଲେ। ତା ନିକଟରୁ ୧୨ ଗ୍ରାମର ବ୍ରାଉନସୁଗାର ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ ହଜାର ହେବ ପୋଲିସ ଜବତ କରିବା ସହ ଏକ ମୋବାଇଲ, ଗୋଟିଏ ବାଇକ ଓ ୧୨୦୦ ଟଙ୍କା ଜବତ କରିବା ସହ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କେଶ ନମ୍ବର ୩୩୨/୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ଧାମନଗର ତହସିଲର ଅତିରିକ୍ତ ତହସିଲଦାର ସାଇ ସିଲୋନାଙ୍କ ଉପସ୍ଥିତିରେ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରାଯାଇଥିଲା। ଥାନା ଏସଆଇ ପ୍ରଦୀପ ନାୟକ ତଦନ୍ତ ଦାଇତ୍ୱ ନେଇଚନ୍ତି।

# ଜମିହରା ନାଗରିକଙ୍କ ଗିରଫଦାରୀକୁ ନିନ୍ଦା

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ବଉଳପୁର ସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିସରକୁ ଜମି ଦେଇ ନିଜର ପିଲାଙ୍କ ଭବିଷ୍ୟତ ସରସ କରିବାକୁ ରଖିଥିବା ଆଶା କମ୍ପାନୀ ୨୦୧୪ରୁ ବନ୍ଦ ହୋଇଯିବା ଫଳରେ ଧୂଳିସାତ ହୋଇ ସାରିଛି। ଜମିରୁ ପୁରୁଷ ପୁରୁଷ ଧରି ପରିବାର ପୋଷଣ କରି ଆସୁଥିବା ପରିବାରଙ୍କୁ ପ୍ରଲୋଭିତ କରି କମ୍ପାନୀମାନେ ଜମି ନେଲା ବେଳେ ନିଯୁକ୍ତିର ଆଶା ଦେଖାଇ କମ ଦାମରେ ଜମି ନେଇଥାନ୍ତି। ମାତ୍ର କିଛିବର୍ଷ କମ୍ପାନୀ ଚଳାଇ ବନ୍ଦ କରି ଦେବା ପରେ ଯେଉଁମାନେ ଜମି ଦେଇଥିଲେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ହେବାରେ ଲାଗିଛି। ଦୁଃଖ ଓ ପରୀତାପର ବିଷୟ ଯେ ଲୋକଙ୍କ ସରକାର ବୋଲି ଦାବି କରୁଥିବା ସରକାର କ୍ଷତିଗ୍ରସ୍ତ ଜମିହରାଙ୍କୁ ସମର୍ଥନ ନକରି ସରକାରଙ୍କ ଖାଉନ୍ଦ ରିଲାଇନ୍ସ ସପକ୍ଷରେ ଠିଆ ହୋଇ ଗତ ରାତିରୁ ୧୪୪ ଧାରା ଜାରି କରି ଗିରଫ କରିବା ଅତ୍ୟନ୍ତ ଲଜ୍ଜା ଜନକ ଅଟେ। ଦୀର୍ଘଦିନ ବନ୍ଦ କରି ସମାନ ଜାଗାରେ ସମାନ ମାଲିକ କମ୍ପାନୀ ଖୋଲୁଥିବା ବେଳେ ଜମି ଦେଇଥିବା ନାଗରିକଙ୍କ ଦାବିକୁ ଅଣଦେଖା କରି ତଥାକଥିତ ଏବଂ ସରକାରୀ ପ୍ରାୟୋଜିତ କମ୍ପାନୀ ମାଲିକଙ୍କ ସପକ୍ଷବାଦୀ ଆଇନର ଦ୍ୱାହି ଦେଇ ଜମି ଦେଇ ସବୁଦିନିଆ ରୋଜଗାର ହରାଇଥିବା ଗରିବ ନାଗରିକଙ୍କୁ ପୋଲିସ ଗିରଫ କରିବା ଘଟଣାକୁ ଓଡିଶା କୃଷକ ସଭାର ଢେଙ୍କାନାଳ ଜିଲ୍ଲା ଆବାହକ ସରୋଜ ଶତପଥି, ନିର୍ମାଣ ଶ୍ରମିକ ନେତା ସର୍ବଜ୍ଞ ସାହୁ, ସିପିଆଇ (ଏମ )ନେତା ବଦ୍ରି ନାରାୟଣ ଦାସ, ରିଲାଏନ୍ସ ଇଣ୍ଡଷ୍ଟ୍ରିସ ଛଟେଇ ଶ୍ରମିକ ସଂଘ ତରଫରୁ ନନ୍ଦ କିଶୋର ବରାଳ, ରୋହିତ ବାରିକ, ସୁଜାତା ତ୍ରିପାଠୀ, ନଳିନୀ ସ୍ୱାଇଁ, ଦଳିତ ଶୋଷଣ ମୁକ୍ତି ମଞ୍ଚର ଜିଲ୍ଲା ଆବାହକ ସରୋଜ ମଲ୍ଲିକ, ଶ୍ରୀଧର ମଲ୍ଲିକ ପ୍ରମୁଖ ନିନ୍ଦା କରିବା ସହ ଆଲୋଚନା କରି ସମାଧାନ କରି ମାନବିକ ଅଧିକାରର ସୁରକ୍ଷା କରିବାକୁ ଦାବି କରିଛନ୍ତି।

# ଶିକ୍ଷୟିତ୍ରୀଙ୍କଠାରୁ ଲୁଟିନେଲେ ସୁନାଚେନ୍



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ସ୍ୱଷ୍ଟ ଦିବାଲୋକରେ ନିଶ୍ଚିନ୍ତକୋଇଲି ବ୍ଲକରେ ଏକ ଘରୋଇ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ଛୁରା ଦେଖାଇ ଭୟଭୀତ କରିବା ସହ ଲୁଟେରାମାନେ ସୁନାଚେନ ଓ ଭ୍ୟାନିଟ ବ୍ୟାଗ ଛଡାଇ ନେବା ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମର ବିଶିଷ୍ଟ ବିଜେପି ନେତା ମିହୀର କୁମାର ମହାପାତ୍ରଙ୍କ ପୁତ୍ରବଧୂ ସୁପ୍ରଭା ସ୍ୱାଇଁ ସ୍ଥାନୀୟ ଖଣ୍ଡସାହିସ୍ଥିତ ଡ.ଦେବ୍‌ମହାନ୍ତି ପବ୍ଲିକ ସ୍କୁଲରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟ କରିଆସୁଛନ୍ତି। ପ୍ରତିଦିନ ଭଳି ଆଜି ସକାଳ ୭ଟା ବେଳେ ସୁପ୍ରଭା ତାଙ୍କର ସ୍କୁଟି ଯୋଗେ ବିଦ୍ୟାଳୟକୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଦୁଇଜଣ ଅଚିହ୍ନା ଯୁବକ ପିଛା କରୁଥିଲେ। ଖଣ୍ଡସାହି ଗ୍ରାମ୍ୟ ଉନ୍ନୟନ ରାସ୍ତାର ଏକ ନିକାଂଚନ ରାସ୍ତାରେ ଯୁବକଦ୍ୱୟ ତାଙ୍କ ଗାଡି ଆଗରେ ଗାଡି ରଖିଦେଇ ତାଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଗାଡିର ଚାବି ଓ ମୋବାଇଲ ଛଡାଇ ନେଇଥିଲେ। ତେବେ ଶିକ୍ଷୟିତ୍ରୀ ଜଣକ ତାଙ୍କ ସହ ଯୁକ୍ତି କରୁଥିବା ସୁଯୋଗ ନେଇ ଲୁଟେରାମାନେ ତାଙ୍କ ବେକରୁ ଏକ ସୁନାଚେନ ଓ ଭ୍ୟାନିଟ ବ୍ୟାଗ ଛଡାଇ ନେଇ ଦୃତ ଗତିରେ ନିଶ୍ଚିନ୍ତକୋଇଲି ଆଡକୁ ପଳାଇ ଯାଇଥିଲେ। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଥିଲା। ଏ ସମ୍ପର୍କରେ ଶିକ୍ଷୟିତ୍ରୀ ଜଣକ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛନ୍ତି।

# ବବିତାଙ୍କ ମାଷ୍ଟର ଷ୍ଟ୍ରୋକ୍, ବିରୋଧୀଙ୍କ ଚକ୍ରାନ୍ତ ଫେଲ୍

ବିଞ୍ଝାରପୁର(ଭାସ୍କର ନ୍ୟୁଜ): ଦଶରଥପୁର ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷ ବିଜେଡ଼ିର ଆଗ ଧାଡ଼ିର ନେତା ବିଷ୍ଣୁ ଚରଣ ମହାପାତ୍ର ବିଜେପିରେ ମିଶିବା ଏକ ପ୍ରକାର ଥୟ। ବିଷ୍ଣୁଙ୍କୁ ନମିଶାଇବା ପାଇଁ ଦଳ ଭିତରେ ଓ ବାହାରେ ଚାଲିଥିବା ରୀତିମତ କସରତ ଫୁସ୍‌କି ଯାଉଛି। ବିଜେଡ଼ିର ନେତା, ନେତ୍ରୀଙ୍କ ଭିତିରିଆ ଚକ୍ରାନ୍ତ କାମ ଦେବା ଭଳି ଲାଗୁନି। ଦୁଇ ଦିନ ପରେ ୧୧ ତାରିଖ ଦିନ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ବିଷ୍ଣୁଙ୍କୁ ପଦ୍ମ ଧରାଇବେ। ଗ୍ରାମ ନନ୍ଦିପୁର ଠାରେ ମିଶ୍ରଣ ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ଶ୍ରୀ ମହାପାତ୍ର ପଦ୍ମ ଦଳରେ ମିଶିଲେ ଦଳୀୟ ସଂଗଠନ ଯଥେଷ୍ଟ ମଜବୁତ୍ ହେବ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ କହିଛନ୍ତି। ବିଞ୍ଝାରପୁର ବିଧାନସଭା କ୍ଷେତ୍ର ନେତ୍ରୀ ବବିତା ମଲ୍ଲିକଙ୍କ ମାଷ୍ଟର ଷ୍ଟ୍ରୋକ ଆଗରେ ବିଷ୍ଣୁ ବିରୋଧୀଙ୍କ ସକଳ ଉଦ୍ୟମ ଫସର ଫାଟିଛି। ପ୍ରକାଶ ଯେ ଶ୍ରୀ ମହାପାତ୍ର ଏବେ ଗ୍ରାମ ନନ୍ଦିପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି। ସେ ଉତ୍ତମ ସ୍ୱଭାବର ଜଣେ ଦକ୍ଷ ସଂଗଠକ ଭାବରେ ଅଞ୍ଚଳରେ ପରିଚିତ।

# କେନ୍ଦ୍ରାପଡା ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ସେଲ୍‌ର ନୂତନ ପଦାଧିକାରୀ ଚୟନ



କେନ୍ଦ୍ରାପଡା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସର ସୋସିଆଲ ମିଡ଼ିଆ କର୍ମକର୍ତ୍ତା ଚୟନ କରାଯାଇଛି। ଯୁବ କଂଗ୍ରେସ୍‌ର ରାଜ୍ୟ ସୋସିଆଲ ମିଡ଼ିଆ ପ୍ରଭାରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସୋସିଆଲ ମିଡ଼ିଆ କର୍ମକର୍ତ୍ତା ଚୟନ କରଯାଇଛି। ବହୁଦିନ ହେବ ଯୁବ କଂଗ୍ରେସର କୌଣସି ପଦାଧିକାରୀ ବିଧିବଦ୍ଧ ଭାବେ ନିଯୁକ୍ତି ହୋଇନଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ସେଲ୍ ପକ୍ଷରୁ ହିମାଂଶୁ ନନ୍ଦଙ୍କୁ ସଂଯୋଜକ ଓ ବିପ୍ଲବ ମହାନ୍ତି, ନୀଲୋ ଖାଁ, ପଲକ୍ ପ୍ରିୟଦର୍ଶୀଙ୍କୁ ସୋସିଆଲ ମିଡ଼ିଆର ସକ୍ରିୟ ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। କର୍ମକର୍ତ୍ତା ଚୟନର ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଚୟନ ହୋଇଥିବା ସଦସ୍ୟମାନେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ନେତ୍ରୀ ଡ଼. ସିପ୍ରା ମଲ୍ଲିକଙ୍କ ସହିତ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡ଼ିଆ ପ୍ରଭାରୀ ଦୁଲାଲ ଶର୍ମା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଚୋର ସନ୍ଦେହରେ ମରଣାନ୍ତକ ଆକ୍ରମଣ, ୨ ଗିରଫ



କାକଟପୁର(ଭାସ୍କର ନ୍ୟୁଜ): ପୁରୀଜିଲ୍ଲା ଅସ୍ତରଙ୍ଗରୁ ଏକ ଗାଡି ଚୋରି କରିଥିବା ସନ୍ଦେହରେ କାକଟପୁର ଅଞ୍ଚଳର ରିକୁ ମଲ୍ଲିକଙ୍କୁ ଅସ୍ତରଙ୍ଗ ଅଞ୍ଚଳର ଶ୍ରୀଧର ପରିଡା ଓ ଚିତ୍ରସେନ ବସ୍ତିଆ ଅସ୍ତରଙ୍ଗରୁ ରିଙ୍କୁକୁ ପିଛା କରି କାକଟପୁର ମହାନ୍ତି ସାହି ଠାରେ ଧରି ନିସ୍ତୁକ ମାଡ ମାରିବା ସହିତ ବାଉଁଶ ବାଡ଼ିରେ ମରଣାନ୍ତକ ଆକ୍ରମଣ କରି ହାତ ଭାଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ରିଙ୍କୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଆଇଆଇସି ବସନ୍ତ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ପ୍ରମୋଦ ସେଠୀ, ପ୍ରମୋଦ ହାତୀ ସଦଳବଳେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆଣିବା ସହିତ କେଶ ନମ୍ବର ୨୬୨/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଫେରନ୍ତା ପ୍ରବାସୀଙ୍କ ସହ ପୂର୍ବତନ ମନ୍ତ୍ରୀଙ୍କ ବନ୍ଧୁମିଳନ



ନିମାପଡ଼ା(ଭାସ୍କର ନ୍ୟୁଜ): ଘରକୁ ଫେରିଲେ ପ୍ରବାସୀ। ବଖାଣିଲେ ପ୍ରବାସୀ ଶ୍ରମିକର ଦୁଃଖଦ କାହାଣୀ। ଯାହାକୁ ନେଇ ନିମାପଡ଼ା ବ୍ଲକ୍ କଳାପାଞ୍ଚଣ ବସ୍ତିର ସଂଖ୍ୟାଲଘୁ ସଂପ୍ରଦାୟର ଫେରନ୍ତା ପ୍ରବାସୀଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଂଜନ ଦାଶଙ୍କ ଏକ ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ସିଦ୍ଧମଠରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଖାଦି ଅମସରଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶ ଯୋଗ ଦେଇ ନିଜ ଗ୍ରାମକୁ ଫେରିଥିବା ପ୍ରବାସୀଙ୍କ ସହ ସେମାନେ କିପରି ବିଦେଶରେ ଚଳୁଥିଲେ ସେ ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ବିଦେଶ ଫେରନ୍ତା ପ୍ରବାସୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶଙ୍କ ସହିତ ପଂଚାୟତ ସଭାପତି ଦୀନବନ୍ଧୁ ସାହୁ, ପୂର୍ବତନ ସରପଂଚ ଅଭିମନ୍ୟୁ ପଣ୍ଡା, ସମିତି ସଭ୍ୟ ସସ୍ମିତା ପାତ୍ର, ସେକ୍ ପ୍ୟାରୀ, ସେକ୍ ମହସିନ୍ ମହମ୍ମଦ, ଏସ୍.କେ. ରେହେମତ, ଖାଦି ମୁନତାଜ, ସଫିଉଲ୍ଲା ଖାଁ, ଅମରେଶ୍ୱର ନାୟକ, ଉମାକାନ୍ତ ପାତ୍ର, ଅକ୍ଷୟ ସାହୁ, ରାଜକିଶୋର ପାତ୍ର, ପବିତ୍ର ପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ଆସନ୍ତା ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ୍ କରିବା ସହ ଏହି ପଂଚାୟତରେ ସମସ୍ତ ପ୍ରାର୍ଥୀ ଯେପରି ଜିତିବେ ଆଜିଠାରୁ ସମସ୍ତେ ଚେଷ୍ଟା ଜାରି ରଖିବାକୁ ଶ୍ରୀ ଦାଶ ଆହ୍ୱାନ କର୍ମୀଙ୍କୁ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶଙ୍କ ନେତୃତ୍ୱରେ ଆସନ୍ତା ପଞ୍ଚାୟତ ନିର୍ବାଚନରେ କାର୍ଯ୍ୟ କରିବାକୁ ସମସ୍ତ କର୍ମୀମାନେ ଶପଥ ନେଇଥିଲେ।

ଜାହାଜରେ ସୁରକ୍ଷା ଓ ସତର୍କତା ଉପରେ ପ୍ରଶ୍ନବାଚୀ

# ୪୮ ଘଣ୍ଟା ପରେ ଚାଇନା ନାଗରିକଙ୍କ ମୃତଦେହ ଉଦ୍ଧାର

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଇଣ୍ଟରନାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) ବର୍ଥରେ ଜାହାଜରୁ ଖସି ପଡି ନିଖୋଜ ହୋଇଥିବା ଚାଇନାର କ୍ରିୟୁ ସଦସ୍ୟଙ୍କ ମୃତ ଦେହ ୪୮ଘଣ୍ଟା ପରେ ରବିବାର ଦିନ ଉଦ୍ଧାର କରାଯାଇଛି। ତିନିଦିନର ଅକ୍ଲାନ୍ତ ପରିଶ୍ରମ ପରେ ମୃତକ ଝାଙ୍ଗ ତାଇଙ୍କ ମୃତଦେହ ସମୁଦ୍ରରୁ ଉଦ୍ଧାର କରାଯାଇଛି। ସୂଚନାଥାଉ କି, ଜାହାଜ ଲକି ଡ୍ରାଗନ୍ ବର୍ଥ ଛାଡ଼ିବା ବେଳେ ଏହି ଅଘଟଣ ଘଟିଥିଲା। ପିଗ୍ ଆଇରନ ନେଇ ଆସିଥିବା ଡ୍ରାଗନ୍ ନାମକ ଜାହାଜ ୧ ତାରିଖ ଦିନ ପିଆଇସିଟି ବର୍ଥରେ ଲାଗିବା ପରେ ସେଥିରେ ଥିବା ପିଗ୍ ଆଇରନ ଖଲାସ କରଯାଇଥିଲା। ପରେ ଜାହାଜ ବର୍ଥ ଛାଡିବା ସମୟରେ ଜାହାଜର ଉପର ଭାଗରେ କାର୍ଯ୍ୟ କରୁଥିବା ଦୁଇଜଣ ଜାହାଜ କର୍ମଚାରୀ (କ୍ରିଉ) ସଦସ୍ୟ ନିଜର ଅସାବଧାନତା ଯୋଗୁଁ ପାଣିକୁ ଖସି ପଡ଼ିଥିଲେ। ତେବେ ବାଂଲାଦେଶୀ ନାଗରିକକୁ ଜାହଜରେ ଥିବା ଅନ୍ୟ କର୍ମଚାରୀମାନେ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ବେଳେ ଚାଇନା ସଦସ୍ୟ ଝାଙ୍ଗ ତାଇ ନିଖୋଜ ହୋଇଯାଇଥିଲେ। ତେବେ ଘଟଣା ସ୍ଥଳରେ ସ୍କୁବା ଡ୍ରାଇଭର, ମେରାଇନ ପୋଲିସ, କୋଷ୍ଟ ଗାର୍ଡ, ଓଡ୍ରାଫ ଓ ସିଆଇଏସ୍‌ଏଫ୍ କର୍ମଚାରୀ ବହୁତ ଖୋଜାଖୋଜି କରିବା ପରେ ମଧ୍ୟ ନିଖୋଜ ଚାଇନା ନାଗରିକଙ୍କ କୌଣସି ସନ୍ଧାନ ମିଳିପାରିନଥିଲା। ତେବେ ୩ଦିନ ପରେ ରବିବାର ଅପରାହ୍ନରେ ନିଖୋଜ ମୃତଦେହ ପିଆଇସିଟି ବର୍ଥ ନିକଟରେ ଭାସୁଥିବା ଦେଖି ମୃତଦେହକୁ ଉଦ୍ଧାର କରାଯାଇଥିବା ବେଳେ ଏହି ଘଟଣାକୁ ନେଇ ଜାହାଜରେ କାର୍ଯ୍ୟ କରୁଥିବା ସମୟରେ ସୁରକ୍ଷା ଓ ସତର୍କତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଦ୍ଧାର କରାଯାଇଥିବା ଶବକୁ ଜାହାଜର ଏଜେଣ୍ଟଙ୍କ ସହାୟତାରେ ଫ୍ରିଜର ବ୍ୟବସ୍ଥା ମାଧ୍ୟମରେ କଲିକତା ପଠାଯିବ ଏବଂ ଚାଇନା ରାଷ୍ଟ୍ରଦୂତଙ୍କ ନିଷ୍ପତ୍ତି ପରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ସୂଚନା ଦେଇଛନ୍ତି।

# ଚାନ୍ଦା ମାଗି ସ୍ୱାମୀଙ୍କୁ ମାଡ ମାରିବା ଘଟଣାରେ ପତ୍ନୀ ଏସ୍‌ପିଙ୍କ ଦ୍ୱାରସ୍ଥ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ସଦର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ରଞ୍ଜନ ନାଏକ ଗାଡିକୁ ଅଟକାଇ ଚାନ୍ଦା ମାଗିବା ସହ ମାଡ ମାରିବାକୁ ନେଇ ତାଙ୍କ ପତ୍ନୀ ରଶ୍ମୀ ନାଏକ ଓ ସାହିର ଲୋକମାନେ ଆମ୍ବେଦକର ସେବା ସଂଗଠନର ସମ୍ପାଦକ ଚିତ୍ରସେନ ନାଏକଙ୍କ ସହିତ ସାକ୍ଷାତ କରି ତାଙ୍କର ଅଭିଯୋଗ ଜଣାଇବା ପରେ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ.ପି. ସୂର୍ଯ୍ୟମଣି ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ସୁରକ୍ଷା ଓ କ୍ଷତିପୂରଣ ପାଇଁ ଅନୁରୋଧ କରିଥିଲେ। ସୂଚନା ଅନୟାୟୀ ବଳରାମପୁରର ରବି ନାଏକଙ୍କ ପୁତ୍ର ରଞ୍ଜନ ନାଏକ ଗତ ୪ ତାରିଖ ରାତି ୧୧ଟା ବେଳେ ଟ୍ରକରେ ପାଣି ଟ୍ୟାପ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ବଳରାମପୁର ଗ୍ରାମକୁ ଫେରୁଥିବା ବେଳେ ପରିଡ଼ା ସାହିର ହାସନ ପରିଡ଼ା, ପିତା -ନଗେନ ପରିଡ଼ା ଓ ତା'ର ସହଯୋଗୀ କାଣ୍ଡବିନ୍ଧା ଗ୍ରାମର ଟିଟୁ ଓ ଆକାଶ ଟ୍ରକ୍ ଅଟକାଇ ଚାନ୍ଦା ମାଗିଲେ। ଚାନ୍ଦା ନ ଦେବାରୁ ମାଡ଼ ମାରିଥିଲେ। ଏହାପରେ ଟ୍ରକ୍ ନେଇ ମେଡିକାଲ ଆଡ଼କୁ ଗଲାବେଳେ ଅଭିଯୁକ୍ତମାନେ ପୁଣି ରଞ୍ଜନକୁ ଗାଡ଼ିରୁ ଘୋଷାଡି ନିସ୍ତୁକ ମାଡ ଦେବା ସହିତ ୩୦ ହଜାର ଟଙ୍କା, ମୋବାଇଲ, ଲାଇସେନ୍ସ, ଗାଡ଼ି କାଗଜପତ୍ର, ମନି ପର୍ସ ଆଦି ଛଡ଼େଇ ନେଲେ। ବିରୋଧ କରିବାରୁ ସେମାନେ ମେଡିକାଲ ପଛପଟକୁ ଘୋଷାଡି ନେଇ ଅଶ୍ଳିଳ ଭାଷାରେ ଗାଳିଗୁଲଜ ସହ ପାଣକୁ ଜାତିଆନା ଆକ୍ଷେପ କରି ଜୀବନରେ ମାରିଦେବାକୁ କହି ଛାତିରେ ପଥର କଚାଡି ଦେବା ସହ ବେକ, ଛାତି ଓ ପେଟରେ ଠିଆହୋଇ ନାଚିବାରୁ ସେ ଅଚେତ ହୋଇପଡ଼ିଲେ। ପାଟି ଓ ମୁଣ୍ଡରୁ ରକ୍ତ ବାହାରିବାରୁ ମରିଗଲା ବୋଲି ଛାଡିଦେଲେ। ଏ ଘଟଣାରେ ରଞ୍ଜନକୁ ଉଧାର କରିବା ପାଇଁ ସାଥୀ ଡ୍ରାଇଭର ଜଗନ୍ନାଥ ପ୍ରଧାନ ଓ ସୁପରଭାଇଜର ନିର୍ମଳ ୧୦୮ ଆମ୍ବୁଲାନ୍ସ ଡାକି ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନାକୁ ପଠାଇଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଇଲେ। ସଦର ପୋଲିସ ଏତଲାର ରୁଜୁ କରି ବସିପଡିଥିବା ଯୋଗୁଁ ଅଭିଯୁକ୍ତମାନେ ପୀଡ଼ିତ ପରିବାରକୁ କେଶ୍ ଉଠାଇବାକୁ ଧମକ ଦେଉଛନ୍ତି। ଅତିରିକ୍ତ ଏସ୍‌ପିଙ୍କୁ ଅଭିଯୋଗ ପରେ ପୀଡିତଙ୍କୁ ପୁଣି ଢେଙ୍କାନାଳ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୀଡ଼ିତ ରଞ୍ଜନ ଚାଲି ବୁଲି କରିପାରୁନାହାଁନ୍ତି କି କଥାବାର୍ତ୍ତା କରିପାରୁନାହିଁ। ଅସହାୟ ଅନୁସୂଚିତ ଜାତି ପରିବାରକୁ ନ୍ୟାୟ ଦେବା ପାଇଁ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।

# ଧଳାଜହର କବଳରେ ବିପଥଗାମୀ ଯୁବଗୋଷ୍ଠୀ

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ାରେ ଧଳା ଜହର ବ୍ୟବସାୟ ବେଳକୁ ବେଳ ବଢ଼ି ଚାଲିଥିବା ବେଳେ ଅବକାରୀ ଅଧିକାରୀ ନିଜ କାର୍ଯ୍ୟାଳୟରେ ବସି ଆରାମ କରୁଥିବା ବେଳେ ଜହର ବ୍ୟବସାୟ ଧରାକୁ ସରା ମନେ କରି ଦିନ ଦ୍ୱିପ୍ରହରରେ ବ୍ୟବସାୟ କରୁଛନ୍ତି। ବିଭିନ୍ନ ରାଜ୍ୟରୁ ଧଳା ଜହରକୁ ଆଣି କେତେକ ବ୍ୟକ୍ତି ନିମାପଡ଼ାରେ ଟୁଣୁକା ବ୍ୟବସାୟୀଙ୍କୁ ଯୋଗାଇ ଦେଉଥିବା ବେଳେ ବେଳକୁ ବେଳ ଏହି ଜହର ସେବନ କରି ଯୁବଗୋଷ୍ଠୀ ବିପଥଗାମୀ ହେଉଛନ୍ତି। ଅବକାରୀ ବିଭାଗ ନିମାପଡ଼ାର ଜହର ବ୍ୟବସାୟୀଙ୍କୁ ଧରିବାରେ ସଂପୂର୍ଣ୍ଣ ଫେଲ ମାରିଥିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ନିମାପଡ଼ାରେ ବେଳକୁ ବେଳ ଧଳା ଜହର ବ୍ୟବସାୟ ବଢ଼ି ଚାଲିଛି। ଡ଼େଣୁଆଁ ଠାରୁ କୁଶଭଦ୍ରା ନଦୀବନ୍ଧ ତ୍ରିନାଥ ମାର୍ଗ ଏପରିକି ମୁରାରୀପୁର ତାଳବଣିଆ ପର୍ଯ୍ୟନ୍ତ ଧଳା ଜହର ବ୍ୟବସାୟ ଚାଲିଛି। ବାଘସାହି ରାସ୍ତା ଆଦି କେତେକ ନିଛାଟିଆ ସ୍ଥାନରେ ଜହର ବ୍ୟବସାୟୀ ବିକ୍ରି କରୁଛନ୍ତି। ଯାହାକୁ ସେବନ କରି ଯୁବଗୋଷ୍ଠୀ ବିପଥଗାମୀ ହେଉଛନ୍ତି। ପାଟପୁରରୁ ଅରିଷଣ୍ଡକୁ ସଂଯୋଗ ହୋଇଥିବା ନାଳବନ୍ଧ ରାସ୍ତା, ନାଳବନ୍ଧ ଦାଢ଼ରେ ଥିବା ଐଶାନେଶ୍ୱରଙ୍କ ମନ୍ଦିର ପୀଠରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଅନେକ ନିଶା ବ୍ୟବସାୟୀଙ୍କ ଗହଳି ଲାଗି ରହିଛି। କେତେକ ଯୁବକ ନିଶା ସେବନ କରି ରାସ୍ତାରେ ଯାତାୟତ କରୁଥିବା ପଥିକଙ୍କ ଠାରୁ ଲୁଟ୍‌ପାଟ କରୁଛନ୍ତି। ଦିଘାଳୋ ଜଙ୍ଗଲରେ ମଧ୍ୟ ଏହି ଜହର ବ୍ୟବସାୟ ଚାଲିଥିବା ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି। କ'ଣ ପାଇଁ ନିମାପଡ଼ା ଅବକାରୀ ବିଭାଗ ଆଖି ବୁଜି ଦେଇଛି, ପୂର୍ବ ଅଧିକାରୀଙ୍କ ସମୟରେ ଅନେକ ଧଳା ଜହର ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଉଥିବା ବେଳେ ବର୍ତ୍ତମାନ କାହିଁକି ନୁହେଁ ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ଏହି ଘଟଣା ପ୍ରତି ପୁରୀ ଜିଲ୍ଲା ଅବକାରୀ ଅଧୀକ୍ଷକ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ପୋଷାକ ବଣ୍ଟନ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷାକ ବଣ୍ଟନ ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ତରଫରୁ ଚୋର ହାତରେ ଚାବିକାଠି ଦେବା ସଦୃଶ ଜଣେ ଅସାଧୁ କର୍ମଚାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିଶ୍ଚିନ୍ତକୋଇଲି ବ୍ଲକ ୪୧ ଗ୍ରାମପଂଚାୟତର ୧୯୭ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୧୩୪୮୩ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଚଳିତ ୨୦୨୫-୨୬ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଇ ଦେବା ନିମନ୍ତେ ସରକାର ମୁଣ୍ଡପିଛା ୫୦୦ ଟଙ୍କା ଲେଖାଏଁ ଅର୍ଥ ଯୋଗାଇ ଦେଇଛନ୍ତି। ତେବେ ପ୍ରତିବର୍ଷ ଅଗଷ୍ଟ ୧୫ ସୁଧା ପୋଷାକ ଯୋଗାଇ ଦିଆଯାଇଥାଏ। ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଅଗଷ୍ଟ ୩୦ ସୁଧା ପୋଷାକ ବଣ୍ଟନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଇତି ମଧ୍ୟରେ ସମୟସୀମା ଅତିକ୍ରାନ୍ତ ହୋଇଥିଲା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପୋଷାକ ବଣ୍ଟନ କରାଯାଇପାରିନାହିଁ। ଯାହାକି ପ୍ରଶାସନର ପ୍ରକୃତ ପାରିବା ପଣିଆକୁ ପଦାରେ ପକାଇ ଦେଇଛି। ପ୍ରଶାସନ ତରଫରୁ ନିଜର ଦୋଷ ଦୁର୍ବଳତାକୁ ଘଣ୍ଟ ଘୋଡାଇବା ନିମନ୍ତେ ତରବରିଆ ଭାବେ ମାତ୍ର ୩-୪ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିବା ଜଣାଯାଇଛି। ଏହି ପୋଷାକ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଛାତ୍ରାଭିଭାବକ ମହଲରେ ଅଭିଯୋଗ ହୋଇଛି। ଅପରପକ୍ଷରେ ଚଳିତ ବର୍ଷ ଜିଲ୍ଲାସ୍ତରୀୟ କମିଟି ପକ୍ଷରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ କେତେକ ବ୍ୟବସାୟୀଙ୍କୁ ପୋଷାକ ଯୋଗାଇ ଦେବା ନିମନ୍ତେ ନିଷ୍ପତ୍ତି ହୋଇଛି। ଇତି ମଧ୍ୟରେ ବ୍ଲକର ୩୫ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୪୦ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶନାମା ଦିଆଯାଇଥିଲା ବେଳେ ୮ ବ୍ୟବସାୟୀଙ୍କ ସଂସ୍ଥାକୁ ୧୫୭ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଇ ଦିଆଯିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ତେବେ ବ୍ଲକରେ ପୋଷାକ ବଂଟନର ସ୍ୱଚ୍ଛତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଣ୍ଟନରେ ବ୍ୟାପକ ଅର୍ଥ ଦରକାର ହେତୁ ଅତ୍ୟନ୍ତ ନିମ୍ନମାର ପୋଷାକ ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ତଦନ୍ତ କରାଯାଇ ପୋଷାକର ମାନ ଉପରେ ଗୁରୁତ୍ୱାରୋପ କରାଯିବା ନିମନ୍ତେ ଛାତ୍ରାଭିଭାବକ ମହଲରେ ଦାବି ହୋଇଛି।

# ଗ୍ରାମୀଣ ଶିକ୍ଷାକୁ ମଜବୁତ୍ କରିଛି ବେଦାନ୍ତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ବିଜାପାଲିର ମହିମା ଡିଗ୍ରୀ କଲେଜରେ ବ୍ଲକ ଶିକ୍ଷା କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ବ୍ଲକ ସ୍ତରୀୟ ଦିନିକିଆ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ତୃଣମୂଳ ଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଶିକ୍ଷାଦାନର ଦକ୍ଷତା ବୃଦ୍ଧି ଏବଂ ମୌଳିକ ସ୍ତରରେ ଶିକ୍ଷାଗତ ଉତ୍କର୍ଷତା ବୃଦ୍ଧି କରିବା, ଯାହା ଲକ୍ଷନପୁର ବ୍ଲକର ୬୫୦ରୁ ଅଧିକ ପ୍ରାଥମିକ ଶିକ୍ଷକଙ୍କୁ ଏକାଠି କରିଥିଲା। ଏହି କାର୍ଯ୍ୟକ୍ରମରେ ପାଠ୍ୟଖସଡା, ଶ୍ରେଣୀଗୃହ ପରିଚାଳନା, ଶିକ୍ଷାଦାନ-ତାଲିମ ସାମଗ୍ରୀ ପ୍ରସ୍ତୁତ, ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି, ପ୍ରାଥମିକ ଚିକିତ୍ସା ଏବଂ ଶ୍ରେଣୀଗୃହରେ ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର ଉପରେ ବିଶେଷଜ୍ଞଙ୍କ ନେତୃତ୍ୱାଧୀନ ଅଧିବେଶନ ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମରେ ଓସେପାର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁ, ଡିଏଚ୍‌ଏସ୍‌ଇ ସମ୍ବଲପୁରର ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନଙ୍କ ସମେତ ଶିକ୍ଷା ବିଭାଗର ଅନ୍ୟ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏହି ପଦକ୍ଷେପ ଉପରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଶିକ୍ଷକମାନେ ହେଉଛନ୍ତି ଶିକ୍ଷାର ମେରୁଦଣ୍ଡ, ଏବଂ ସେମାନଙ୍କୁ ସଶକ୍ତ କରିବା ହେଉଛି ଭବିଷ୍ୟତ ପାଇଁ ପ୍ରସ୍ତୁତ ଛାତ୍ରମାନଙ୍କୁ ପୋଷଣ କରିବାର ଚାବିକାଠି। ଯୁବ ମସ୍ତିଷ୍କକୁ ଆକର୍ଷଣୀୟ ଶିକ୍ଷଣ ଅନୁଭୂତି ପ୍ରଦାନ କରିବା ପାଇଁ ଶିକ୍ଷକମାନଙ୍କୁ ପ୍ରସ୍ତୁତ କରିବାରେ ଏହିପରି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆଞ୍ଚଳିକ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପଧାନ କହିଛନ୍ତି, ବେଦାନ୍ତ ଆଲୁମିନିୟମର ଏହି ପଦକ୍ଷେପ ଗ୍ରାମୀଣ ଓଡ଼ିଶାରେ ଶିକ୍ଷାର ଗୁଣବତ୍ତା ବୃଦ୍ଧି ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ। ଏହି ପ୍ରୟାସ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା, ସାମଗ୍ରିକ ଅଭିବୃଦ୍ଧି ଏବଂ ପ୍ରଗତି ଦିଗରେ ଗୋଷ୍ଠୀ ଯୋଗଦାନର ଭାବନାକୁ ପ୍ରୋତ୍ସାହିତ ପାଇଁ ପ୍ରତିବଦ୍ଧତାକୁ ରେଖାଙ୍କିତ କରେ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜେଲରୋଡ, କେନ୍ଦୁଝରଗଡ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ପ୍ରାଦେଶିକ ଗଣିତ ମେଳା ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଉତ୍ତର ସଂଭାଗ ସଭାପତି ରଣଜିତ କୁମାର ଧଳଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବରେ କେନ୍ଦୁଝରଗଡ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ଯୋଗଦେଇ ଗଣିତ ଶିଶୁଙ୍କ ଜୀବନରେ ଗଭୀର ପ୍ରଭାବ ପକାଏ ବୋଲି ନିଜ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ପ୍ରାକ୍ତନ ସଂପାଦକ ଇଂ ଅମରବର ଖଟୁଆ ଯୋଗ ଦେଇ ଆଜକୁ ୫୦୦୦ ବର୍ଷ ପୂର୍ବେ ଭାରତର ମୂନି ଋଷିମାନେ ସଂସ୍କୃତ ଗ୍ରନ୍ଥମାନଙ୍କରେ ଯେଉଁ ଗାଣିତିକ ତଥ୍ୟ ପ୍ରଦାନ କରିଛନ୍ତି ତାହା ଏବେ ମଧ୍ୟ ବିଶ୍ୱ ପାଇଁ ମାର୍ଗଦର୍ଶନ କରୁଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଯୁଗ୍ମ ସଂପାଦକ କୈଳାସ ଚନ୍ଦ୍ର ମହାନ୍ତ ଯୋଗ ଦେଇ ହିନ୍ଦୁ ଧର୍ମର ପ୍ରତ୍ୟେକ ସାମାଜିକ ଚଳଣୀରେ ଗଣିତ ହିଁ ବିଦ୍ୟମାନ ସେହି କଥା କହିଥିଲେ। ସଂଭାଗ ସଂଯୋଜକ କ୍ଷେତ୍ରମୋହନ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାନ୍ତ ଗଣିତ ସଂଯୋଜକ ବିରଞ୍ଚି ନାରାୟଣ ମହାପାତ୍ର ଗଣିତ ମେଳାର ବୃତ୍ତ କଥନ ରଖିଥିଲେ। ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଉକ୍ତ ମେଳାରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଶିଶୁଙ୍କ ଗଣିତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ପତ୍ରବାଚନ, ପ୍ରଶ୍ନମଞ୍ଚ, ପ୍ରୟୋଗ, ଆଚାର୍ଯ୍ୟ ପତ୍ରବାଚନ ଆଦି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଏବେବି ଦିସାରୀ ଓ ଗୁଣିଆଙ୍କ ଶରଣରେ ଆଦିବାସୀ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଜିଲ୍ଲା। ଏହି ଜିଲ୍ଲାରେ ପ୍ରାୟ ୭୦ ପ୍ରତିଶତ ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରୁଛନ୍ତି। ବିଶେଷକରି ଜିଲ୍ଲାରେ ଆଦିମ ଜନଜାତି ବଣ୍ଡା, ଡିଡାୟୀ ପରଜା, ଦୁରୁଆ, କୋୟା ଭଳି ଆଦିବାସୀଙ୍କ ବାସସ୍ଥାନ ଅଟେ। ଏହି ସଂପ୍ରଦାୟ ଗୁଡିକରେ ଆଜି ବି ଲୋକେ ଅନ୍ଧ ବିଶ୍ୱାସକୁ ଜାବୁଡି ଧରିଛନ୍ତି। କେବଳ ଶିକ୍ଷିତ ଆଦିବାସୀ ହିଁ ଅନ୍ଧବିଶ୍ୱାସ ଠାରୁ ବହୁ ଦୂରରେ ରହିଛନ୍ତି। ମାଲକାନଗିରି ଜିଲ୍ଲାର ସମସ୍ତ ଦୁର୍ଗମ ଅଞ୍ଚଳରେ ଲୋକେ ଆଜିବି ଦୀସାରୀ ଓ ଗୁଣିଆଙ୍କ ଉପରେ ନିର୍ଭର କରି ଚଳନ୍ତି। ଯେପରି ପର୍ବ ପର୍ବାଣୀ ହେଲେ କେଉଁ ଦିନ କେଉଁ ପର୍ବ ପାଳନ କରାଯାଏ ସେଥିପାଇଁ ଦିସାରି ଓ ଗୁଣିଆଙ୍କର ଖୋଜା ପଡେ। ଏହା ଛାଡ଼ିଦେଲେ ସବୁଠାରୁ ମାରାତ୍ମକ ହେଉଛି ରୋଗ ବୈରାଗ ହେଲେ ଲୋକେ ଡାକ୍ତରଖାନାକୁ ଯିବା ଅପେକ୍ଷା ପ୍ରଥମେ ଦିସାରୀ ଓ ଗୁଣିଆଙ୍କ ନିକଟକୁ ଯିବାକୁ ପସନ୍ଦ କରନ୍ତି। ଏମାନଙ୍କ ପାଖରେ ଦିନ ଦିନ ଧରି ଚିକିତ୍ସା କରାନ୍ତି। ଯେତେବେଳେ ରୋଗ ବଢିଯାଏ ସେତେବେଳେ ବାଧ୍ୟ ହୋଇ ଡାକ୍ତରଙ୍କ ଶରଣରେ ପଡନ୍ତି। ବିଶେଷକରି ଦୁର୍ଗମ ଅଞ୍ଚଳରେ ଏସବୁ ଜୋରସୋରରେ ଚାଲିଛି। ଆଜିବି ଆଦିବାସୀ ନିଜର ପରମ୍ପରାକୁ ଜାବୁଡି ଧରିଛନ୍ତି। ଜିଲ୍ଲାରେ ଯେତେବଡ ଡାକ୍ତରଖାନା ତିଆରି ହେଉ ନା କାହିଁକି, ଲୋକେ ପ୍ରଥମେ ଦୀସାରୀ ଓ ଗୁଣିଆଙ୍କ ନିର୍ଦ୍ଦେଶ ଅନୁସାରେ ଚିକିତ୍ସା କରାନ୍ତି, ତାପରେ ଡାକ୍ତରଖାନାକୁ ମୁହାନ୍ତି। ସେତେବେଳକୁ ବହୁ ଡେରି ହୋଇଯାଇଥାଏ। ଦୁର୍ଗମ ପାହାଡ଼ିଆ ଅଞ୍ଚଳରୁ ଡିଡାୟୀ ସଂପ୍ରଦାୟର ଯୁବତୀ ଚମ୍ପା ରାସପେଦା ଆଜି ଡାକ୍ତର ବନିବେ। କିନ୍ତୁ ସେବି ସ୍ୱୀକାର କରିଛନ୍ତି ଯେ ତାଙ୍କ ଅଞ୍ଚଳରେ ଲୋକେ ପ୍ରଥମେ ଦୀସାରୀ ଓ ଗୁଣିଆଙ୍କୁ ଦେଖାଇବା ପରେ ହିଁ ଡାକ୍ତରଖାନାକୁ ଯାଇଥାନ୍ତି। ଏହି ଅନ୍ଧବିଶ୍ୱାସକୁ ସେ ଦୁର କରିବା ପାଇଁ ପ୍ରୟାସ ଆରମ୍ଭ କରିବେ ବୋଲି କହିଛନ୍ତି। ଏତିକିରେ କଥା ସରି ନାହିଁ। ଯେତେବେଳେ ଗାଁରେ ଲଗାତାର ରୋଗରେ ମୃତ୍ୟୁ ହୁଏ, ସେତେବେଳେ ଗୁଣିଆ ଉପରେ ଗ୍ରାମବାସୀଙ୍କର ଆକ୍ରୋସ ବଢ଼ିଥାଏ। ଏପରିକି ଗୁଣିଆ କରାଯାଇଥିବା ସନ୍ଦେହ କରି ହତ୍ୟା ପର୍ଯ୍ୟନ୍ତ କଥାଯାଏ। ଜିଲ୍ଲାରେ କିନ୍ତୁ ଗତ ତିନି ବର୍ଷ ହେଲା ଏଭଳି ହତ୍ୟା କମିଥିବା ଜଣା ପଡିଛି। ୨୦୨୩ରେ ଏଭଳି ଘଟଣାରେ ଜଣେ ଆହତ ହୋଇଥିବା ବେଳେ ୨୦୨୪ ଓ ୨୦୨୫ ମସିହାରେ ଗୋଟିଏ ବି ଘଟଣା ଏଭଳି ଘଟି ନାହିଁ। ପ୍ରତିବର୍ଷ ଗୁଣିଆ ଓ ଦୀସାରୀଙ୍କ ଚିକିତ୍ସାରେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥାଏ। ସଚେତନତାର ଅଭାବ ଯୋଗୁଁ ଲୋକେ ଆଜିବି ଏହି ଅନ୍ଧବିଶ୍ୱାସକୁ ଜାବୁଡି ଧରିଛନ୍ତି। ଆଧୁନିକତାକୁ ଆପଣେଇବାକୁ ଏମାନେ ଆଜି ବି କୁଣ୍ଠାବୋଧ କରନ୍ତି। ତେଣୁ ପ୍ରଶାସନ ଓ ସରକାର ଏନେଇ ପଦକ୍ଷେପ ନେବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଖଲିଆପାଲି ଶୈବ ପୀଠରେ ଇନ୍ଦ୍ର ପୂଜା

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଳି ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଶୈବ ପୀଠରେ ମନ୍ଦିର କମିଟି ପକ୍ଷରୁ ଇନ୍ଦ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ବ୍ରାହ୍ମଣୀପାଲି ଗ୍ରାମ ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ବାଘ ଓ ତାଙ୍କ ଧର୍ମପତ୍ନୀ ପୂର୍ବତନ ସରପଞ୍ଚ ସୁଷମା ବାଘ ଦାୟିତ୍ୱ ତୁଲାଇଥିବା ବେଳେ ପୂଜା କାର୍ଯ୍ୟ ଶ୍ୟାମ ପଣ୍ଡା ସମ୍ପନ୍ନ କରିଥିଲେ। ପୂଜା ପରେ ଇନ୍ଦ୍ର ଦେବତାକୁ ସଂକୀର୍ତ୍ତନ ମଣ୍ଡଳୀ ଗହଣରେ ମନ୍ଦିର ପରିସରରେ ପରିକ୍ରମା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଭଲ ବର୍ଷା ପାଇଁ ଦୀର୍ଘ ବର୍ଷ ହେଲା ଏହି ପରମ୍ପରା ଚାଲି ଆସୁଛି। ମନ୍ଦିର କମିଟିର ସଭାପତି ଅରୁଣ ପ୍ରଧାନ ଓ ସମ୍ପାଦକ ଉମେଶ କର୍ଣ୍ଣ ଏବଂ ମନ୍ଦିର ପୂଜକ ଅଗସ୍ତି ବଡ଼ମାଳିଙ୍କ ତତ୍ୱାବଧାନରେ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ମହିଧରପଡ଼ା-ଶଙ୍ଖତ୍ରାସ ରାସ୍ତାରେ ପୋଲ ନିର୍ମାଣ ଦାବି

ଫୁଲନଖରା, (ଭାସ୍କର ନ୍ୟୁଜ୍) : କଟକ ନୂଆବଜାର ସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ମହିଧରପଡ଼ା-ଅରିଲୋ ଶଙ୍ଖତ୍ରାସକୁ ୭ କି. ମି ରାସ୍ତା ନିର୍ମାଣ ହୋଇ ପ୍ରତ୍ୟେକ ୫-୭ ବର୍ଷରେ ରାସ୍ତା ଖାଲ ଖମା ମରାମତି, ଢ଼ଳେଇ ରାସ୍ତା ପ୍ରଶସ୍ତ କରାଯାଉଛି। ଅଥଚ ଦୀର୍ଘ ବର୍ଷରୁ ନିର୍ମାଣ କରାଯାଇଥିବା ମାତ୍ର ୩ ମିଟରରେ ସ୍ଲାଭ କଲଭେଟ ନିର୍ମାଣ ହୋଇଥିଲେ ମଧ୍ୟ ରାସ୍ତା ପ୍ରଶସ୍ତ ସମୟରେ ଭାଙ୍ଗି ଚଉଡ଼ା କରାଯାଉ ନାହିଁ। ଫଳରେ ଏହି କଲଭେଟ ଗୁଡ଼ିକ ଦୀର୍ଘ ବର୍ଷରୁ ନିର୍ମାଣ ହୋଇଥିବାରୁ ରଡ, ବାଡ ସବୁ ଭାଙ୍ଗିଗଲାଣି। ଯଦି ଗୋଟିଏ ଚାରି ଚକିଆ ଯାନ ଏହା ଉପରେ ଯିବା ସମୟରେ କୌଣସି ସାଇକେଲ ଓ ପଥଚାରୀଟିଏ ସେହି ସମୟରେ ଯାତାୟାତ କରିପାରୁନାହିଁ କାରଣ ଏହା ଅଣଓସାରିଆ ପୋଲ। ସେହିପରି ଅରିଲୋ ମେଳଣ ପଡିଆ ନିକଟ ହରିଅନ୍ତା ମାଇନର କେନାଲ ଉପରେ ଏହି ଅଣଓସାରିଆ ପୋଲ ଦୀର୍ଘ ବର୍ଷରୁ ରହିଛି। ବର୍ତ୍ତମାନ ଏହି ସ୍ଲାଭ କଲଭେଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତୁରନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମାନେ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଡୁଥିବା ରାସ୍ତା ଚଉଡ଼ା ଅନୁସାରେ ୪ ମିଟର ନୂତନ ପୋଲ ଶୀଘ୍ର ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଶଶୀଭୂଷଣ ଦାଶ, ଅଜୟ କୁମାର ବେଉରା, ଶୈଳଜାନନ୍ଦ ସାହୁ, ପ୍ରଶାନ୍ତ କୁମାର ନାୟକ, ଅଜୟ କୁମାର ବେହେରା, ନିରଞ୍ଜନ ସାହୁ, ପ୍ରସନ୍ନଜିତ୍ ମହାନ୍ତି, ପ୍ରଦ୍ୟୁମ୍ନ ପତି, ଚନ୍ଦ୍ରମଣି ପ୍ରଧାନ, ସମରେନ୍ଦ୍ର ହାତୀ, ଧରଣୀଧର ପରିଡ଼ା ଓ ସମାଜସେବୀ ବରିଷ୍ଠ ଆଇନଜୀବୀ ଉମାକାନ୍ତ ନନ୍ଦ ପ୍ରମୁଖ ଦାବି କରିଛନ୍ତି।

## ଗୋରଖନାଥ ମନ୍ଦିର ପାଚେରୀକୁ ଲାଗି ଆଉ ଏକ ମନ୍ଦିର ନିର୍ମାଣ ନେଇ ବଢୁଛି ସମସ୍ୟା



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରକେରା ସ୍ଥିତ ପ୍ରସିଦ୍ଧ ବିଭୁତିକ୍ଷେତ୍ର ପ୍ରଭୁ ଗୋରଖନାଥଙ୍କ ପାଚେରୀକୁ ଲାଗି ଏକ ବିରାଟ ପଶୁପତି ନାଥ ଶିବମନ୍ଦିର ନିର୍ମାଣକୁ ନେଇ ବଢୁଛି ସମସ୍ୟା। ଏହି ମନ୍ଦିର ନିର୍ମାଣ ଫଳରେ ପ୍ରଭୁ ଗୋରଖନାଥଙ୍କ ଗାରିମା କ୍ଷୁର୍ଣ୍ଣ ହେବା ଆଶଙ୍କାରେ ଗ୍ରାମବାସୀ ଓ କିଛି ଶ୍ରଦ୍ଧାଳୁ ଭକ୍ତ ଦେବତ୍ତର କମିଶନର ଓଡିଶାଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ପ୍ରଭୁ ଗୋରଖନାଥଙ୍କ ଦକ୍ଷିଣ ପାର୍ଶ୍ୱ ପ୍ରବେଶ ପଥ ନିକଟରେ ଏକ ବିରାଟ ପଶୁପତିନାଥ ଶିବମନ୍ଦିର ନିର୍ମାଣଧିନ ରହିଛି। ଏହାକୁ ନିର୍ମାଣ କରୁଛନ୍ତି ଗୋରଖନାଥ ଉପଦେଷ୍ଟା କମିଟିର ଜୈନକ ସଦସ୍ୟ। ଏହି ବ୍ୟକ୍ତି ଏବଂ ତାଙ୍କ ସହିତ କେତେଜଣ ସଦସ୍ୟ ବାରମ୍ବାର କମିଟିରେ ରହି ପ୍ରଭୁଙ୍କର ଅପାର କ୍ଷତିକରି ଚାଲିଛନ୍ତି। ଯାହାକୁ ନେଇ ଅଞ୍ଚଳ ତଥା ଭକ୍ତ ମାନଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ତେବେ ପିଠର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ମନ୍ଦିର ନିର୍ମାଣ ସମ୍ପର୍କ ରେ ଜାଣି ଥିଲେବି ନିରବ ରହିଛନ୍ତି କାହିଁକି। କମିଶନରଙ୍କ ନିକଟକୁ ପଠା ଯାଇଥିବା ଅଭିଯୋଗକୁ ଭିତିକରି ଅତିରିକ୍ତ ଦେବତ୍ତର କମିଶନର ଗୋରଖନାଥ ପିଠରେ ପହଞ୍ଚି ସ୍ଥାନୀୟ ଅଞ୍ଚଳର ଆଇନଜୀବୀ ଜୀବନବଲ୍ଲବ ମହାନ୍ତି, ପ୍ରଦିପ୍ତ କୁମାର ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ଚୈତନ୍ୟ ବାରିକ, ଅଦୈତ ଚରଣ ମହାନ୍ତି ଓ ଗ୍ରାମବାସୀ ମାନଙ୍କ ଉପସ୍ଥିତରେ ତଦନ୍ତକରି ଜୈନିକ ୨ ଜଣ ଉପଦେଷ୍ଟା କମିଟି ର ସଦସ୍ୟଙ୍କ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ପାଇ ସେମାନଙ୍କୁ ବହିଷ୍କାର କରିବା ପାଇଁ ଦେବତ୍ତର କମିଶନର ଓଡିଶାଙ୍କୁ ଚିଠି ନଂ ୫୫୪୧ରେ ତା ୧୦/୭/୨୫ରେ ସୁପାରିଶ କରିଥିବା ଜଣାଯାଇଛି। ହେଲେ ସୁପାରିଶ କରିବାର ୨ମାସ ବିତିଯାଇଥିଲେ ବି କମିଶନର କାହା ଚାପରେ ନା ଅନ୍ୟ କୌଣସି ଉଦେଶ୍ୟ ରଖି ସେହି ୨ଜଣ ବିଶୃଙ୍ଖଳିତ ସଦସ୍ୟଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ଏଥିପ୍ରତି ରାଜ୍ୟସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପକ୍ଷରୁ ଦାବୀ କରାଯାଇଛି। ଖୁବଶୀଘ୍ର ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ସାକ୍ଷାତ କରି ଅବଗତ କରାଯିବ ବୋଲି ଆଇନଜୀବୀ ଶ୍ରୀ ମହାନ୍ତି ଗଣମାଧ୍ୟମରେ କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



କଣ୍ଟାମାଳ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବଉଳସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ କେଶବ ପ୍ରଧାନ, ରୋହିତାଶ୍ୱ ମଲିକ, ଲିଙ୍ଗରାଜ ତାଣ୍ଡିଆ, ରାଜିବ ସାହୁ ଓ ଶିକ୍ଷୟତ୍ରୀ ଗୀତାଞ୍ଜଳି ବେହେରା ନିଜ ନିଜ ବକ୍ତବ୍ୟ ରଖିଥିଲେ। ପରେ ଦିବା ୧୦ ଘଣ୍ଟାରେ ଏହି ବିଦ୍ୟାଳୟରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀଶିକ୍ଷା ଅଧିକାରୀ ଅଶୋଭା ରଂଜନ ମାଳୀ, ଅତିରିକ୍ତ ଗୋଷ୍ଠି ଶିକ୍ଷାଅଧିକାରୀ ଦୁର୍ଗା ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମଣି ପଣ୍ଡା, ସିଆର୍‌ସିସି ଶ୍ରିମନ୍ତ କହଁର ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକର ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇଥିଲା। ପରେ ଦପଲା କ୍ଲଷ୍ଟର ତରଫରୁ ମଧ୍ୟ ଦିଲୀପ କୁମାର ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଯୋଗୁଁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୩ରେ ହେବ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ଫୁଲବାଣୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଆସନ୍ତା ୧୩.୦୯.୨୦୨୫ ତାରିଖ ଶନିବାର ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ସୂଚନା ଦେଇଛନ୍ତି। କେବଳ ବିଚାରାଧିନ, ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ ବୋଲି ସୂଚନା ଦିଆଯାଇଛି।

## 'ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ'




ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ସହର ରାଜବାଟି ନିକଟସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ସନ୍ଧ୍ୟା ସମୟରେ ଅନୁଷ୍ଠାନର କେନ୍ଦ୍ରସଂଚାଳିକା ବି କେ ମାମିନା ଭଉଣୀଙ୍କ ଅଧକ୍ଷତାରେ ଗୁରୁଦିବସ ପାଳିତ ହୋଇଯାଇଛି। କେନ୍ଦ୍ରକୁ ଆମନ୍ତ୍ରିତ ଶିକ୍ଷକ ମାନଙ୍କୁ ପୁଷ୍ପ ଚନ୍ଦନ ଅର୍ପଣ ପୂର୍ବକ ସ୍ୱାଗତ କରାଯାଇଥିଲା। ଆୟୋଜିତ ଆଧାତ୍ମିକ ସଭାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ମୁଖ୍ୟଅତିଥି ଏବଂ ବୌଦ୍ଧ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିଶୁସାହିତ୍ୟିକ ତଥା ସ୍ତମ୍ଭକାର ଧ୍ରୁବ ଚରଣ ଘିବେଲା ସମ୍ମାନୀତ ଅତିଥି ଭାବରେ ଯୋଗଦାନ କରିଥିଲେ। ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ଶିକ୍ଷକଙ୍କ ଯୋଗଦାନ ଶୀର୍ଷକ ଆଲୋଚନାଚକ୍ରରେ ଜୀବନରେ ନୈତିକ ମୂଲ୍ୟବୋଧ ଓ ଆଧାତ୍ମିକ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ମିଶ୍ର ବକ୍ତବ୍ୟ ରଖିଥିବା ବେଳେ, ପୁରାଣ ଓ ଇତିହାସ ପୃଷ୍ଠାର କେତେକ ଗୁରୁ ଛାତ୍ର ଉଦାହରଣ ଦେଇ ସମାଜରେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଉତ୍କୃଷ୍ଟ, ରସଭରା ଓ ସମାଜ ମଙ୍ଗଳରେ ଉତ୍ସର୍ଗୀକୃତ କରିବାରେ ଶିକ୍ଷକଙ୍କ ଭୂମିକା ରହିଛି ବୋଲି ସମ୍ମାନୀତ ଅତିଥି ଶ୍ରୀ ଘିବେଲା ବକ୍ତବ୍ୟ ରଖିଥିଲେ। ସବୁଠାରୁ ଶ୍ରେଷ୍ଠ ଶିକ୍ଷକ ହେଉଛନ୍ତି ପରମପିତା ପରମାତ୍ମା। ତାଙ୍କର ବିଦ୍ୟାଳୟ ହେଉଛି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ। ଗୁରୁଦିବସ ସମ୍ପର୍କରେ କହିବାକୁ ଯାଇ ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ଶିକ୍ଷକଙ୍କ ଯୋଗଦାନର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର ସଂଚାଳିକା ବି କେ ମାମିନା ଭଉଣୀ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ସଦସ୍ୟ ବି କେ ସରୋଜ ଭାଇ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥିତ ୪୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ "ଶିକ୍ଷା ମେ ନଇ ଦିଶା"ଓ "ଶୋଳହ କଳାଓଁ କି ମାଲା" ନାମକ ପୁସ୍ତକ ଦେଇ ସମ୍ମାନୀତ କରାଯାଇଥିଲା। କେନ୍ଦ୍ରର ଅନୁଜା, ସୁଭଦ୍ରା, ରଶ୍ମି, ସାଗରିକ, ସଂଘମିତ୍ରା ଭଉଣୀଙ୍କ ସହିତ ପ୍ରୀତିରଞ୍ଜନ ମହାଲିକ, ଦିଲ୍ଲୀପ ମେହେର, ମହେଶ ଗର୍ଗ ଓ ବି କେ ରବି ଭାଇ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ଓ ଶୋଭାଯାତ୍ରା



ମାଥିଲି (ଭାସ୍କର ନ୍ୟୁଜ୍): ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ-୨୦୨୫ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଇଛି। 'ଡିଜିଟାଲ୍ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହନ ଦେବା' ବିଷୟବସ୍ତୁ ନେଇ ଏଥର ସାକ୍ଷରତା ଦିବସ ପାଳନ କରାଯାଉଛି। ଏକବିଂଶ ଶତାବ୍ଦୀରେ ପଠନ ଓ ଲିଖନ ବାହାରେ ଡିଜିଟାଲ ଉପକରଣର ନିରାପଦ ଓ ପ୍ରଭାବଶାଳୀ ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି । ଆମ ଜୀବନରେ ଏହା ଏକ ପ୍ରଧାନ ଅଂଶ ବିଶେଷ ହୋଇଥିବାରୁ ସମସ୍ତେ ଏହାର ସଦୁପଯୋଗ କରିବାକୁ ଆଗକୁ ଆସିବା ନିୟନ୍ତ ଆବଶ୍ୟକ। ଆଜି ଏହି ଅବସରରେ ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ସାକ୍ଷରତା ୨୦୨୫ ପାଳିତ ହୋଇଯାଇଛି। ମାଥିଲି ଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରୁ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ବାହାରି ସାକ୍ଷରତା ଉପରେ ବିଭିନ୍ନ ପ୍ରକାର ନାରାବାଜି ଦେଇ ବଜାର ପରିକ୍ରମା କରିଥିଲେ।ଏହି କାର୍ଯ୍ୟକ୍ରମ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ପରିଚାଳନା କରିଥିବାବେଳେ ମାଥିଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର ମଣ୍ଡଳଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

## ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ କଙ୍କଲା ଡମ୍ବରୁଗଡ଼ ସିଦ୍ଧତପୋ ସେବାବନ ସିଦ୍ଧଗୁରୁମଠ ଠାରେ ମଠର ମହନ୍ତ ସର୍ବେଶ୍ୱର ଦାସଙ୍କ ଅଧକ୍ଷତାରେ ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ଉଦ୍ୟକ୍ତା ମାନସ ସୁନ୍ଦର ଶତପଥି ଯଜ୍ଞ ଆୟୋଜନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ଯଜ୍ଞ ମାର୍ଗଦର୍ଶକ ଭାବେ ଢେଙ୍କାନାଳର ଧ୍ରୁବକ୍ଷନନ୍ଦ ବାରିକ ଯୋଗଦେଇ ଯଜ୍ଞ ଉପକାରିତା ଉପରେ ଆଲୋକପାତ କରିଥିଲେ। ଆସନ୍ତା ନଭେମ୍ବର ୨ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇ ଯଜ୍ଞ ପରିଚାଳନା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ମୁଖ୍ୟ ମାର୍ଗଦର୍ଶକ ଭାବେ ମହନ୍ତ ସର୍ବେଶ୍ୱର ଦାସ, ସଭାପତି ପୟୋଧର ମହାକୁଡ଼, ଉପ ସଭାପତି ପ୍ରଶାନ୍ତ କୁମାର ସେଠି ଓ ଧନମାଳୀ ଦେହୁରୀ, ସମ୍ପାଦକ ମୟସେନ ରଣା, ସହ ସମ୍ପାଦକ ଶ୍ରୀପତି ମହାକୁଡ଼, କୋଷାଧକ୍ଷ ମନୋଜ କୁମାର ମହାକୁଡ଼, ସହ କୋଷାଧକ୍ଷ ଶିବ କର୍ମୀ, ଉପଦେଷ୍ଟା ଅକ୍ଷୟ କୁମାର ମହାକୁଡ଼, ମିଡ଼ିଆ ସେଲ ଅଧକ୍ଷ କୃତ୍ତିବାସ ପଲିଆଙ୍କୁ ମନୋନୀତ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବିଭିନ୍ନ ଆଲୋଚନାରେ ରମେଶ ପ୍ରସାଦ ସାହୁ, ମହେଶ ପ୍ରସାଦ ଅଗ୍ରୱାଲ, ଶାନ୍ତନୁ କୁମାର ଚାନ୍ଦ, ଦାଶରଥି ମହାକୁଡ଼, ଦୁଷ୍ମନ୍ତ କୁମାର ପୃଷ୍ଟି, ଦିଲ୍ଲୀପ କୁମାର ସାହୁ, ପିଣ୍ଟୁ ମହାକୁଡ଼, ବିଦେଶୀ କୁମାର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସଇଁତଲା ବ୍ଲକରେ ମୁଖ୍ୟମନ୍ତ୍ରୀ ବସ୍ ଯୋଜନା ବାଟବଣା

ସଇଁତଲା, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକରେ ମୁଖ୍ୟମନ୍ତ୍ରୀ ବସ ସେବା ଯୋଜନା ଫେଲ ହୋଇଥିବା ଦେଖିବାକୁ ମିଳିଛି । ବିଜେଡ଼ି ସରକାରଙ୍କ ସମୟରେ ପଞ୍ଚାୟତର ଲୋକ କେମିତି ବ୍ଲକ ମୁଖ୍ୟାଳୟକୁ ସହଜରେ ଆସିପାରିବେ ସେଥିପାଇଁ ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବିଜେପି ସରକାର ଶାସନ ଓଡିଶାରେ ଶାସନ ଗାଦୀରେ ବସିଥିବା ବେଳେ ଲକ୍ଷ୍ମୀ ବସର ନା ବଦଳାଇ ମୁଖ୍ୟମନ୍ତ୍ରୀ ବସ ସେବାରେ ନାମିତ କରିଥିଲେ। ହେଲେ ସଇଁତଲା ବ୍ଲକରେ ତାର ସୁବିଧା ଜନସାଧାରଣ ପାଇ ପାରୁନଥିବା ଅଭିଯୋଗ ହୋଇଛି। ଆଜି ସକାଳେ ବସ୍ ଆମପାଲି ପଞ୍ଚାୟତକୁ ଯାଇଥିବା ବେଳେ ଗାଡ଼ିର ଟାୟାର ଖରାପ ହେବାରୁ ଆଗକୁ ଗାଡ଼ି ଗଡ଼ି ନ ଥିଲା, ଫଳରେ ଆଜି ସଇଁତଲା ମୁଖ୍ୟାଳୟକୁ ଆସିବା ପାଇଁ ଲୋକେ ବେଶ ହଇରାଣ ହୋଇଥିଲେ। ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଆସୁଥିବା ବେଳେ ତାହା ବାଟ ମାରଣା ହେଉଥିବା ଅଭିଯୋଗ ହେଉଛି। ଗତ କିଛି ଦିନ ଆଗରୁ ସଇଁତଲା ନିକଟସ୍ଥ ଏକ ଢ଼ାବାରେ ମୁଖ୍ୟମନ୍ତ୍ରୀ ବସ୍‌ରୁ ଡ୍ରାଇଭର ତେଲ ବିକୁଥିବା ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିଲା। ଉକ୍ତ ବସ୍ ସେବାରେ ରହୁଥିବା କର୍ମଚାରୀ ମାନେ ବସ୍ ଗୁଡାକୁ ଠିକ ଭାବରେ ମରାମତି ନ କରି ମରାମତି ନାମରେ ଆସୁଥିବା ପଇସାକୁ ମିଥ୍ୟା ବିଲ କରି ବାଟମାରଣା କରୁଥିବା ଅଭିଯୋଗ ହେଉଛି। ଏହା ଉପରେ ଉପରିସ୍ଥ ଅଧିକାରୀ ତୁରନ୍ତ ହସ୍ତକ୍ଷେପ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜନସାଧାରଣ ଦାବି କରିଛନ୍ତି।

## 'ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ 'ସେବା ପକ୍ଷ' ଭାବେ ପାଳନ କରାଯିବ'




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ସେବା ହିଁ ପରମ ଧର୍ମକୁ ଚରିତାର୍ଥ କରିବାକୁ ଯାଇ ସମାଜର ଗରିବ, ଶୋଷିତ ବର୍ଗର ଉତ୍‌ଥାନ ନିମନ୍ତେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ନିରନ୍ତର ସେବା ଓ ଅକ୍ଲାନ୍ତ ପରିଶ୍ରମ ବଳରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ବିଶ୍ୱରେ ଭାରତକୁ ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିଛନ୍ତି । ଦେଶ ପାଇଁ ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କ ଜନ୍ମଦିନକୁ ପ୍ରତିବର୍ଷ ସେବା ଦିବସ ଭାବେ ପାଳନ କରାଯିବା ସହ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ୧୫ ଦିନ 'ସେବା ପକ୍ଷ' ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ୧୭ ସେପଟ୍ମେର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ପକ୍ଷରୁ 'ସେବା ପକ୍ଷ' ପାଳନ ପାଇଁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧକ୍ଷତାରେ ବ୍ରହ୍ମପୁର ଗିରି ରୋଡ଼ ସ୍ଥିତ ପାଢ଼ୀ ସେଲିବ୍ରେସନ୍ ଠାରେ ପ୍ରସ୍ତୁତି ବୈଠକ ତଥା 'ଜିଲ୍ଲାସ୍ତରୀୟ କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ ଉପସଭାପତି ତଥା ପୂର୍ବତନ ଗଞ୍ଜାମ ଜିଲ୍ଲା ପ୍ରଭାରୀ ଗୋଳକ ମହାପାତ୍ର,ସମ୍ମାନୀୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା,ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି,ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବୈଠକ ନେବା ସହିତ ଉପସ୍ଥିତ ନେତା ଏବଂ କାର୍ଯ୍ୟକର୍ତ୍ତାଙ୍କ ସହିତ ସିଧାସଳଖ ଭାବରେ ଆଦାନପ୍ରଦାନ କରିଥିଲେ। 'ସେବା ପକ୍ଷକୁ' ଉତ୍ସାହର ସହ ପାଳନ କରିବା ପାଇଁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ୧୭ରୁ ୨ ଅକ୍ଟୋବର ଯାଏଁ ମଣ୍ଡଳରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଚାଲିବ। ସେବା କାର୍ଯ୍ୟ ଜିଲ୍ଲା ଏବଂ ମଣ୍ଡଳ ସ୍ତରରେ ସ୍ୱଚ୍ଛତା ଅଭିଯାନ, ମା' ପାଇଁ ଗଛଟିଏ, ସ୍ୱାସ୍ଥ୍ୟ ଏବଂ ରକ୍ତଦାନ ଶିବିର କରାଯିବ, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜୀବନୀ ଉପରେ ଆଧାରିତ ପ୍ରଦର୍ଶନୀ କରାଯିବା ସହ ଫିଲ୍ମ ପ୍ରଦର୍ଶିତ ହେବ। ବିକଶିତ ଭାରତ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହିତ ୨୧ ସେପ୍ଟେମ୍ବରରେ 'ମୋଦି ବିକାଶ ମାରାଥନ' କାର୍ଯ୍ୟକ୍ରମ ହେବ। ସେପ୍ଟେମ୍ବର ୨୫ରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଜୟନ୍ତୀ ପ୍ରତ୍ୟକ ମଣ୍ଡଳ ଏବଂ ବୁଥ୍ ସ୍ତରରେ କରାଯିବାକୁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ସ୍ଥାନୀୟ ଉତ୍ପାଦ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଶିଳ୍ପକୁ ନେଇ 'ଭୋକାଲ ଫର ଲୋକାଲ'ର ପ୍ରଚାର ଏବଂ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ସୁରେଶ ପାଢ଼ୀ, ଆସ୍କା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ପ୍ରଶାନ୍ତ ନାୟକ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଗଙ୍ଗାଧର ଶତପଥୀ, ପରେଶ ରଥ, ରଶ୍ମିରେଖା ମହାପାତ୍ର, ଜିଲ୍ଲା ସମ୍ପାଦକ ପଦ୍ମଚରଣ ସାହୁ, ରତ୍ନଗର୍ଭା ସରସ୍ୱତୀ ଦେବୀ, ନିବେଦିତା ପାଢ଼ୀ, ବାଳକୃଷ୍ଣ ସାମନ୍ତରା, ଏସ୍ ରାଣୀ, ପ୍ରଦୀପ ନାୟକ, ଶରତ ପଟ୍ଟନାୟକ, ବଦ୍ରି ନାୟକ, ରାଜେଶ କୁମାର ସାହୁ, ମହନ୍ତ ଚିନ୍ମୟାନନ୍ଦ ଦାସ, ଗୌରୀ ସାମନ୍ତରା, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର ପ୍ରମୁଖଙ୍କ ସମେତ ଦଳର ସମସ୍ତ ମଣ୍ଡଳ ସଭାପତି ତଥା ସଂଯୋଜକ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବ ଶେଷରେ ଧନ୍ୟବାଦ ଦେଇଥିଲେ।



ବାଙ୍କୀ/କଳାପଥର (ଭାସ୍କର ନ୍ୟୁଜ୍) : ପ୍ରତିବର୍ଷ ପରି ଗଣେଶ ପୂଜା ଉପଲକ୍ଷେ ଧଳାପଥର ନୂଆସାହିରେ ଗଣେଶ ପୂଜା କମିଟି ଓ ରତ୍ନପ୍ରଭା ପୂଜ୍ୟପୂଜା ସଂସଦ ତରଫରୁ ନୂତନ ତରିକାରେ ସାହିର ମା', ଝିଅ ଓ ଛୋଟ ଛୋଟ ପିଲାମାନଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରଥମେ ସମସ୍ତ ଅତିଥିମାନଙ୍କୁ ମା'ମାନେ ଉତ୍ତରୀୟ ସହ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ହୁଳହୁଳି, ଶଙ୍ଖ, କାନ୍ଦଣା, ପୁଚି, ଝୋଟି, ଶାଢି ତଉତା, ବେଙ୍ଗ ଡିଆଁ, ସଂଗୀତ ଇତ୍ୟାଦି ୨୦ ପ୍ରକାର ଖେଳ ଲଗାତର ପାଞ୍ଚ ଦିନ ଧରି ଚାଲିଥିଲା। ଏଥିରେ ଶିକ୍ଷୟିତ୍ରୀ ରାଜାରାଣୀ ସାହୁ, କଳ୍ପନା ମିଶ୍ର, ସଂଯୁକ୍ତା ମୁଦୁଲି ବିଚାରକ ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ, କଲ୍ୟାଣୀ ସାହୁ, ସମାଜସେବୀ କାଜଲ ଯୁଝାର୍ ସିଂହ, ଶିଳ୍ପ ଉଦ୍ୟୋଗୀ ସନ୍ଧ୍ୟାରାଣୀ ସେଠୀ, ମହିଳା ନେତ୍ରୀ ତୁଳସୀ ବାରିକ, ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା, ସମାଜସେବୀ ଭାଗୀରଥି ଦାଶ, ଶିଖାବିତ୍ତ ସୂର୍ଯ୍ୟକାନ୍ତ ପ୍ରଧାନ, କ୍ରିଷ୍ଣ ଚନ୍ଦ୍ର ରାଉତ, ଟୁକୁ ଗୁରୁଜୀ, ସୁଦର୍ଶନ ସାହୁ ପ୍ରମୁଖ ଅତିଥିମାନେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଛୋଟ ଛୋଟ କଳାକାରମାନଙ୍କୁ ଦ୍ୱାରା ଓଡ଼ିଶୀ, ତାଲ ଖାଇରେ, ଭଜନ ଆଦି ନାଚ ଓ ଗୀତ ପରିବେଷଣ ହୋଇଥିଲା। ଏହାର ପରିଚାଳନା କରିଥିଲେ ଶିକ୍ଷୟତ୍ରୀ ରତ୍ନପ୍ରଭା ସାହୁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସମାଜସେବୀ ତଥା ବରିଷ୍ଠ ଶିକ୍ଷାବିତ ଭାଗିରଥି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



### ସରକାରଙ୍କ ଉଦାସୀନତା ନେଇ ସଂଘର ବିରୋଧ

# କଳାବ୍ୟାଚ୍ ପିନ୍ଧି କାର୍ଯ୍ୟ କରୁଛନ୍ତି ପ୍ରାଣୀ ଚିକିତ୍ସକ



ଡେରାବିଶ (ଭାସ୍କର ନ୍ୟୁଜ୍) : ଓଡିଶା ପ୍ରାଣୀ ଚିକିତ୍ସା ସେବା ସଂଘ ୧୪ ଦଫା ନାର୍ଯ୍ୟଦାବି ପୂରଣ ନେଇ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ ସୁଦ୍ଧା ଏଯାଏ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ତେବେ ସରକାରଙ୍କ ଏପରି ଉଦାସୀନତା ବିରୁଦ୍ଧରେ ସଂଘର ଆହ୍ୱାନ କ୍ରମେ ପ୍ରାଣୀ ଚିକିତ୍ସା ସେବାସଂଘ, କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଗତ ୨୫ ତାରିଖ ଠାରୁ କଳା ବ୍ୟାଚ ପିନ୍ଧି କାର୍ଯ୍ୟ କରୁଥିବା ଦେଖାଯାଇଛି। ଜିଲ୍ଲାର ୨୭ଜଣ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀ ଚିକିତ୍ସକ (ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ) ଏହି ଆନ୍ଦୋଳନରେ ସାମିଲ ହୋଇ କଳା ବ୍ୟାଚ ପରିଧାନ କରି କାର୍ଯ୍ୟ କରୁଛନ୍ତି। ରାଜ୍ୟ ସଂଘ ପକ୍ଷରୁ ପ୍ରାଣୀ ଚିକିତ୍ସକଙ୍କ ବିଭିନ୍ନ ଦାବିପୂରଣ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିଲେ ସୁଦ୍ଧା ସରକାର ଏଥିପ୍ରତି କର୍ଣ୍ଣପାତ କରୁନଥିବାରୁ କଳାବ୍ୟାଚ ପରିଧାନ ଆନ୍ଦୋଳନ କରାଯାଉଛି ବୋଲି ଡେରାବିଶ ବ୍ଲକ ପ୍ରାଣୀଧନ କାର୍ଯ୍ୟାଳୟ ପରିସରରେ ହୋଇଥିବା ପ୍ରତିବାଦ ସଭାରେ ଆନ୍ଦୋଳନକାରୀ ପ୍ରାଣୀଧନ ଅଧିକାରୀମାନେ ସୂଚନା ଦେଇଥିଲେ। ପ୍ରାଣୀ ପାଳକମାନେ ନିଶୁଳ୍କ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା ଓ ଦ୍ୱାରଦେଶରେ ଚିକିତ୍ସା ସେବା ଇତ୍ୟାଦି କାର୍ଯ୍ୟ କରି ଆସୁଥିଲେ ମଧ୍ୟ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜ୍ୟରେ ୫ହଜାର ଡାକ୍ତରଙ୍କ ଆବଶ୍ୟକତା ଥିବାବେଳେ ମାତ୍ର ୧୩୦୦ ଡାକ୍ତର ଉକ୍ତ ଦାୟିତ୍ୱ ତୁଲାଇବା, ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନଥିବା, ପାଖାପାଖି ୪୦ ପ୍ରତିଶତ ଅଧସ୍ତନ କର୍ମଚାରୀ ପଦବୀ ଖାଲି ରହିଥିବା ଇତ୍ୟାଦି ସମସ୍ୟା ରହିଥିଲେ ସୁଦ୍ଧା ସରକାର ଏ ଦିଗରେ ପଦକ୍ଷେପ ନେଉନଥିବାରୁ ସେମାନେ ବିଭିନ୍ନ ସମୟରେ ବିନା ଦୋଷରେ ସାଧାରଣଙ୍କ ରୋଷର ଶିକାର ହେଉଥିବା ନେଇ ଏହି ସଭାରେ ପ୍ରାଣୀଧନ ଚିକିତ୍ସକମାନେ କ୍ଷୋଭ ବ୍ୟକ୍ତ କରିଥିଲେ। ଏପରିକି ପ୍ରତି ବ୍ଲକରେ ଏବେ ଶହ ଶହ ସଂଖ୍ୟାରେ ଉଦ୍ୟୋଗୀ ପ୍ରାଣୀ ପାଳନ ଯୋଜନାରେ ଲାଭାନ୍ୱିତ ହେବା ପାଇଁ ଆବେଦନ କରୁଛନ୍ତି। ଏହାର ସଠିକ ଯାଞ୍ଚ ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀମାନେ ପ୍ରତିଦିନ ନିଜସ୍ୱ ଖର୍ଚ୍ଚରେ ଦୂରଦୂରାନ୍ତରକୁ ଯାଇ ଆର୍ଥିକ କ୍ଷତି ସହୁଛନ୍ତି। ତେଣୁ ଏହି ଆର୍ଥିକ କ୍ଷତିରୁ ବଞ୍ଚିବା ପାଇଁ ସଂଘ ବହୁବାର ମନ୍ତ୍ରୀ ଓ ପ୍ରଶାସକଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପ୍ରତିଶ୍ରୁତି ମିଳିଥିଲେ ସୁଦ୍ଧା ଏଯାଏ ସରକାର କୌଣସି ପଦକ୍ଷେପ ନେଉନଥିବାରୁ ଆନ୍ଦୋଳନକାରୀ ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନଙ୍କ ସମସ୍ତ ନାର୍ଯ୍ୟ ଦାବି ପୂରଣ ପାଇଁ ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ ନକଲେ ଏହି ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ତୀବ୍ର କରାଯିବ ବୋଲି ଡେରାବିଶ ବ୍ଲକ ପ୍ରାଣୀ ଚିକିତ୍ସକ ଦିଲ୍ଲିପ କୁମାର ସେଠୀଙ୍କ ସମେତ ସମସ୍ତ ୨୭ଜଣ ଆନ୍ଦୋଳନକାରୀ ପ୍ରାଣୀ ଚିକିତ୍ସକମାନେ ଚେତାବନୀ ଦେଇଛନ୍ତି।

### ୟୁରିଆ ସାରର ଉତ୍କଟ ଅଭାବ

# ଖୋଲା ବଜାରରେ ଚଢ଼ା ଦରରେ ବିକ୍ରି, ଚିନ୍ତାରେ ଚାଷୀ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ୟୁରିଆ ସାରର ଉତ୍କଟ ଅଭାବକୁ ନେଇ ଚାଷୀ ହଟହଟା। ଚାଷୀମାନଙ୍କୁ ପ୍ରତିବର୍ଷ ସରକାର ମାର୍କଫେଡ ଜରିଆରେ ବିଭିନ୍ନ ପ୍ରକାର ସାର ପ୍ରାଥମିକ ସମବାୟ ସମିତି ଦ୍ୱାରା ଯୋଗାଇ ଦେଇଥାନ୍ତି। ସରକାର ଚଳିତ ବର୍ଷ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଚାଷୀ ମାନଙ୍କୁ ଯୋଗାଇ ଦିଆଯିବାରେ ଅହେତୁକ ବିଳମ୍ବ ଯୋଗୁଁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଯାହାଫଳରେ ପ୍ରାଥମିକ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଥିବାର ଦେଖିବାକୁ ମିଳୁଛି। ଅପରପକ୍ଷରେ ୟୁରିଆ ସାର ଖୋଲା ବଜାରରେ ଚଢ଼ା ଦରରେ ପର୍ଯ୍ୟାପ୍ତ ପରିମାଣର ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଯଦି ସରକାରଙ୍କ ପାଖରେ ସାର ନାହିଁ ତା'ହେଲେ ଖୋଲା ବଜାରରେ ଏତେ ପରିମାଣରେ ସାର ଆସୁଛି କେଉଁଠୁ ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ଏଥିପ୍ରତି କୃଷି ବିଭାଗ ଓ ଯୋଗାଣ ବିଭାଗ ନୀରବତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ ରଘୁନାଥପୁର ବ୍ଲକ ନିକଟରେ ଥିବା ମାର୍କଫେଡ୍ ଗୋଦାମ ଗୃହ ଆଗରେ ଗୋଟିଏ ବୋର୍ଡ ନାହିଁ କି ସେ ଗୃହ କେଉଁ କାର୍ଯ୍ୟରେ ଲାଗେ ଲୋକଙ୍କୁ ବି ଜଣାନାହିଁ। କେବଳ ଅନାବନା ଘାସ, ଗେଟ ମୁହଁରେ ମଦ ବୋତଲ ଭର୍ତ୍ତି ଥାଇ ତାଲା ଝୁଲୁଛି। ଏହାର ଚାବି ଜଣେ ବେସରକାରୀ ବ୍ୟକ୍ତିଙ୍କ ପାଖରେ ରହୁଥିବାର ଶୁଣିବାକୁ ମିଳିଛି। ଯଦି ଏହା ସତ୍ୟ ତେବେ ସାଙ୍ଘାତିକ। ରଘୁନାଥପୁର ବ୍ଲକ ଅଞ୍ଚଳରେ ୟୁରିଆ ସାରର କୃତ୍ରିମ ଅଭାବକୁ ନେଇ ବ୍ଲକ କୃଷି ଅଧିକାରୀଣୀ ଆକାଂକ୍ଷା ପାଣିଗ୍ରାହୀଙ୍କୁ ପଚାରିବାରେ ସେ କହିଥିଲେ ଯେ ମାର୍କଫେଡ୍ ଦ୍ୱାରା ସମସ୍ତ ପ୍ରାଥମିକ ସମବାୟ ସମିତି ମାନଙ୍କୁ ସାର ଯୋଗାଇ ଦିଆଯାଉଛି। ତେବେ ଚାଷୀ କାହିଁକି ବିଲରେ ସାର ପକାଇ ନପାରି ହନ୍ତସନ୍ତ ହେଉଛନ୍ତି ବୋଲି ପଚାରିବାରେ ସେ ଥମି ଯାଇ ବୁଝି କହିବେ ବୋଲି କହିଥିଲେ। ସରକାରୀ ଓ ବେସରକାରୀ ସାର ବିକ୍ରେତା ଏବଂ ମିଛ ଚଢ଼ାଉ କରୁଥିବା କୃଷି ବିଭାଗର ଅଧିକାରୀ ମାନଙ୍କ ମଧ୍ୟରେ ବଡ଼ ଧରଣର ଘୋଟାଲା ଥିବାରୁ ଚାଷୀ ମହରଗରୁ ଯାଇ କାନ୍ତାରରେ ପଡୁଛି ବୋଲି ଚର୍ଚ୍ଚା ଜୋର ଧରିଛି। ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦିଆନଗଲେ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।






# ପାବଲି ଘାଟିରେ ଅବକାରୀ ଚଢ଼ାଉ

ଜୟପାଟଣା (ଭାସ୍କର ନ୍ୟୁଜ୍) : ଜୟପାଟଣା ବ୍ଲକ ବଡ଼କର୍ଲାକୋଟ ପଞ୍ଚାୟତ ପାବଲି ଘାଟି ନାଳାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିରେ ୨୨୦୦ କେଜି ମହୁଲ ପୋଚକୁ ନଷ୍ଟ କରାଯାଇଥିବା ବେଳେ ୨୦୦ ଲିଟର ହାତରନ୍ଧା ଦେଶୀ ମହୁଲି ମଦ ଜବତ କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ସୁଧାଂଶୁ ମୁଣ୍ଡା (ଇନ୍ସପେକ୍ଟର, ଧର୍ମଗଡ), ନରେନ୍ଦ୍ର ମିଞ୍ଜ (ଓଆଇସି, ଜୟପାଟଣା), ବିନୋଦିନୀ ମହାଲିଙ୍ଗ, ଅରୁଣାକ୍ଷ ଧଙ୍ଗଡାମାଝୀ, ବଳଭଦ୍ର ପାତ୍ର, ନିରଞ୍ଜନ ବେହେରା, ସୁବଲ୍ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଚଢ଼ାଉ ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ୱେଲ୍‌ନେସ୍ କାର୍ଯ୍ୟକ୍ରମ

କୋଇଡା (ଭାସ୍କର ନ୍ୟୁଜ୍): କୋଇଡା ବ୍ଲକ କାଲଟା ପଞ୍ଚାୟତ କାଲଟା ହାଇସ୍କୁଲ ଠାରେ ମୋହନଜୀ ଫାଉଣ୍ଡେସନ ଭଲେଣ୍ଟର ପକ୍ଷରୁ ମୋହନଜୀ ୱେଲନେସ ୱର୍କ ପୋଗ୍ରାମ୍ ଓ କୋଇଡା ଖଣି ଉପନିର୍ଦ୍ଦେଶକଙ୍କ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ୱେଲନେସ କାର୍ଯ୍ୟକ୍ରମରେ ଡକ୍ଟର ଦେବାଶିଷ ନାୟକଙ୍କ ନେତୃତ୍ୱରେ କାଲଟା ହାଇସ୍କୁଲର ସମସ୍ତ ଶିକ୍ଷକ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସେହିଭଳି କୋଇଡା ଖଣି ଉପନିର୍ଦ୍ଦେଶକ ପକ୍ଷରୁ ଡାକ୍ତର ଦେବାଶିଷ ନାୟକଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କାର୍ଯ୍ୟକ୍ରମ ହୋଇଥିଲା। ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ୪୦ରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ରୋଗର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରରେ ଡକ୍ଟର ଦେବାଶିଷ ନାୟକଙ୍କ ସହଯୋଗୀ ସୌମ୍ୟ ରଞ୍ଜନ ବେଉରା, ସଞ୍ଜୀବ ପ୍ରଧାନ ସମେତ ଅନ୍ୟ ସାଥୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ କାଲଟା ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ଜଙ୍ଗଲରେ ହଜିଯାଇଥିବା ମା-ପୁଅ ଉଦ୍ଧାର



ରାଜନଗର (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ଦେବେନ୍ଦ୍ର ନାରାୟଣପୁରୁ ଗ୍ରାମର ଅଞ୍ଜନା ମିର୍ଦ୍ଧା ଓ ପୁଅ ଜିତେନ୍ଦ୍ର ମିର୍ଦ୍ଧା ୪ଦିନ ହେବ ହଜିଯାଇଥିଲେ। ଆଜି ବନ ବିଭାଗ ଖୋଜା ଖୋଜି କରି ମା-ପୁଅଙ୍କୁ ଉଦ୍ଧାର କରିଛି। ଘଟଣାଟି ଘଟିଛି ଶୁକ୍ରବାର ଦିନ ଏହି ଗ୍ରାମର ଅନ୍ୟ ଦୁଇଜଣଙ୍କ ସହ ସବୁଦିନ ପରି ଭିତରକନିକା ଅନ୍ତର୍ଗତ ଜଙ୍ଗଲକୁ କଙ୍କଡା ଧରିବାକୁ ମା' ଅଞ୍ଜନା ଓ ପୁଅ ଜିତେନ୍ଦ୍ର ଯାଇଥିଲେ। ହେଲେ ଜଙ୍ଗଲ ଭିତରେ ମା' ଓ ପୁଅ କେଉଁଆଡ଼େ ହଜି ଯାଇଥିଲେ। ତାଙ୍କୁ ଅପେକ୍ଷା କରି ସାଙ୍ଗରେ ଯାଇଥିବା ଅନ୍ୟ ଦୁଇଜଣ ଘରକୁ ଫେରି ମା' ଓ ପୁଅ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଗ୍ରାମରେ କହିଥିଲେ। ଖବର ପ୍ରଚାରିତ ହେବା ପରେ ବନ ବିଭାଗର ଆଖିରୁ ନିଦ ହଜିଯାଇଥିଲା। ଗ୍ରାମ ଲୋକଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ରାତିଦିନ ଅକ୍ଲାନ୍ତ ପରିଶ୍ରମ କରି ଜଙ୍ଗଲ ଓ କୁମ୍ଭୀରିଆ ନଦୀରେ ଖୋଜାଖୋଜି କରିଥିଲେ। ଶେଷରେ ଆଜି ବାଉଁଶଗଡ଼ ନଦୀ ନିକଟସ୍ଥ ଜଙ୍ଗଲରୁ ବନ ବିଭାଗ କର୍ମଚାରୀ ମା' ଓ ପୁଅକୁ ଠାବ କରି ଦେବେନ୍ଦ୍ର ନାରାୟଣପୁରସ୍ଥିତ ନିଜ ଘରେ ଛାଡ଼ିଥିଲେ। ନିଖୋଜ ମା-ପୁଅଙ୍କ କହିବାନୁଯାୟୀ କଙ୍କଡା ଧରୁ ଧରୁ ହାବେଳି ଘାଟିକୁ ଯିବା ବାଟରେ ବାଉଁଶଗଡ଼ ନଦୀ ଓ ଜଙ୍ଗଲ ମଧ୍ୟରେ ବାଟବଣା ହୋଇ ଯାଇଥିଲୁ। ଭଗବାନଙ୍କୁ ଡାକି ମା-ପୁଅ ଦୁଇଜଣ ଜଙ୍ଗଲରେ ରହିଯାଇଥିଲୁ। ଆଜି ବନ ବିଭାଗର ବାବୁମାନେ ଆମକୁ ଦେବଦୂତ ସାଜି ଘରେ ପହଞ୍ଚାଇ ପାରିଛନ୍ତି। ବନବିଭାଗ କର୍ମଚାରୀଙ୍କ ଏପରି ସେବାକୁ ଅଞ୍ଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି। ଅପରପକ୍ଷରେ ବନ ବିଭାଗ ପକ୍ଷରୁ କଙ୍କଡା ଏବଂ ମାଛ ଧରାକୁ କଡ଼ାକଡ଼ି ଭାବେ ରୋକ୍ ଲଗାଯାଇନଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଚର୍ଚ୍ଚା ହେଉଛି।

# ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ମଣ୍ଡଳ ଆନୁକୂଲ୍ୟରେ ସଦର ଥାନା ଅଧିକାରୀ ଭାବେ ନୂତନ ଭାବେ ଯୋଗ ଦେଇଥିବା ତୁଷାରକାନ୍ତ ସେଠୀଙ୍କୁ ଥାନା ପରିସରରେ ବି.ଜେ.ପି କର୍ମକର୍ତ୍ତାମାନଙ୍କ ଦ୍ୱାରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପାଳପୁର ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ଉପସଭାପତି ପ୍ରଭାତ କୁମାର ସେନାପତି, ୫୬ ନଂ ୱାର୍ଡର ସଭାପତି ସତ୍ୟରଞ୍ଜନ ଦାସ, ୫୭ ନଂ ୱାର୍ଡର ସଭାପତି ମନୋରଞ୍ଜନ ଦାସ, ୫୮ ନଂ ୱାର୍ଡ ସଭାପତି ରାଜେନ୍ଦ୍ର ପାତ୍ର, ରାଜ୍ୟ ସଂଯୋଜକ ପ୍ରମୋଦ କୁମାର ବେହେରାଙ୍କ ସମେତ କର୍ମକର୍ତ୍ତା ବିକାଶ ପ୍ରଧାନ, ଜିତେନ୍ଦ୍ର ନାୟକ, ଅଜିତ ରାଉତ, ବବୁଲ ରାଉତ, ଉଦୟନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନୂତନ ଥାନା ଅଧିକାରୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ବିଂଝାରପୁର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ବିଞ୍ଝାରପୁର (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବିଂଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୮୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯଶପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଂଝାରପୁର, ହିତାଂଶୁ ଶେଖର ସାମଲ, ଭାରପ୍ରାପ୍ତ ତହସିଲଦାର, ବିଂଝାରପୁର ପ୍ରଦୀପ୍ତ କୁମାର ସେଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ।




# ଓଷ୍ଟା ତରଫରୁ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ମୁରିବାହାଲ (ଭାସ୍କର ନ୍ୟୁଜ) ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ପଲ୍ଲୀ ବିକାଶ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କୁଇବାହାଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ସ୍ୱର୍ଗତ ଲୋଚନ ମାଝୀଙ୍କ ଧର୍ମପତ୍ନୀ ପୂର୍ଣ୍ଣିମା ମାଝୀ, ଚତୁର୍ଥ ଶ୍ରେଣୀ କର୍ମଚାରୀ ବେଣୁଧର ବନଛୋରଙ୍କ ଧର୍ମପତ୍ନୀ ବେଦମତୀ ବନଛୋର ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ପର୍ଶୁରାମ ଦାସଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣମୟୀ ଦାସଙ୍କୁ ରାଜ୍ୟ ଓଷ୍ଟା ତରଫରୁ ମିଳିଥିବା ସହାୟତା ରାଶି ୫୦୦୦ ଟଙ୍କାକୁ ରବିବାର ଦିନ ବଲାଙ୍ଗିର ଜିଲ୍ଲା ଓଷ୍ଟା ସଭାପତି ପ୍ରଦୀପ କୁମାର ପୁଟେଲ ହିତାଧିକାରୀଙ୍କ ଘରକୁ ଯାଇ ପରିବାରଙ୍କ ଉପସ୍ଥିତରେ ସହାୟତା ରାଶି ପ୍ରଦାନ କରିଥିଲେ। ସହାୟତା ରାଶି ପ୍ରଦାନ ବେଳେ ଓଷ୍ଟା ଜିଲ୍ଲା ସହ ସଂପାଦକ ଶୁଭେନ୍ଦୁ କୁମାର ମହାନ୍ତି, ବ୍ଲକ ସଂପାଦକ କୃଷ୍ଣଚନ୍ଦ୍ର ବାରିକ, ଶିକ୍ଷକ କିଶୋର କୁମାର ଧରୁଆଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ସହାୟତା ରାଶି ପାଇ ହିତାଧିକାରୀ ମାନେ ରାଜ୍ୟ ଓଷ୍ଟା ସଂଘର କାର୍ଯ୍ୟକଳାପକୁ ପ୍ରଶଂସା କରିଥିଲେ ତଥା ଜିଲ୍ଲା ସଭାପତି ଶ୍ରୀ ପୁଟେଲଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜିଲ୍ଲା ସଭାପତି ଚୟନ ଅଭିଯାନ ନେଇ ଯାଜପୁର ଗସ୍ତରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ




ଯାଜପୁର (ଭାସ୍କର ନ୍ୟୁଜ୍) : କଂଗ୍ରେସ ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଯେ କାହାର ସୁପାରିଶରେର ଜିଲ୍ଲା ସଭାପତି ଚୟନ ହୋଇପାରିବ ନାହିଁ। ଏହି କ୍ରମରେ ଦଳ ପକ୍ଷରୁ "ସଂଗଠନ ସୃଜନ ଅଭିଯାନ" ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଗ୍ରାମ ଓ ପୌରାଞ୍ଚଳ ମାନଙ୍କରେ କାର୍ଯ୍ୟ କରୁଥିବା କର୍ମୀଙ୍କ ମତାମତ ସଂଗ୍ରହ କରି ସଭାପତି ଚୟନ କରାଯିବ। କଂଗ୍ରେସ ଜିଲ୍ଲା ସ୍ତରରୁ ଏହି ଅଭିଯାନ ଆରମ୍ଭ କରିଛି। ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜ୍ଜୁନ୍ ଖଡ୍‌ଗେ ଓ କଂଗ୍ରେସ ସଂସଦୀୟ ଦଳର ନେତା ରାହୁଲ ଗାନ୍ଧୀ ଓଡ଼ିଶା କଂଗ୍ରେସର ମୂଳଦୁଆକୁ ତୃଣମୂଳ ସ୍ତରରେ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ଅଭିଯାନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ କଂଗ୍ରେସ ଜିଲ୍ଲା ସଭାପତି ଚୟନ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲା ସଂଯୋଜକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଭାବେ ଚାରୁଲତା ଟୋକାସ୍, ହିତେଶ ମେଗ୍ୱାନି ଏବଂ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ଶାନ୍ତନୁ ସାହୁ ଓ ଯାକୁବ୍ ଉଜ୍‌ମାନ ଖାଁ ସୋମବାର ସମୟରେ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ଯୋଗ ଦେଇ ସଂଗଠନ ସୃଜନ ଅଭିଯାନର ଲକ୍ଷ୍ୟ ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ। ପରେ ପରେ ଜିଲ୍ଲା ସଂଯୋଜକ ଶ୍ରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସ୍କୃତି ଭବନ ଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳନୀରେ ଆୟୋଜିତ ହୋଇଥିଲା। ଏଥିରେ ଉପରୋକ୍ତ ନେତୃବୃନ୍ଦ ଯୋଗଦେଇ ଦଳର ଆଭିମୁଖ୍ୟ ସମ୍ପର୍କରେ କର୍ମୀମାନଙ୍କ ନିକଟରେ ସୂଚନା ରଖିଥିଲେ। ପୂର୍ବରୁ ଜିଲ୍ଲାର କିଏ ନେତୃତ୍ୱ ନେବେ ତାହା ଦଳର ଶୀର୍ଷ ନେତୃତ୍ୱ ନିର୍ଣ୍ଣୟ କରୁଥିବା ବେଳେ ଏବେ ଗ୍ରାମ ଓ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମୀମାନେ ଜିଲ୍ଲା ସଭାପତି ଚୟନ କରିବେ ବୋଲି କହିଥିଲେ। ଏହାଦ୍ୱାରା ଦଳର ସଂଗଠନ ତୃଣମୂଳସ୍ତରରୁ ସଶକ୍ତ ଓ କ୍ରିୟାଶୀଳ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଗସ୍ତକରି ଜିଲ୍ଲା ପାଇଁ ଏକ ବଳିଷ୍ଠ ନେତୃତ୍ୱ ସମ୍ପନ୍ନ ଜିଲ୍ଲା ସଭାପତି ଚୟନ କରାଯିବ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମିନଳୀରେ ଅଧ୍ୟକ୍ଷତା କରୁଥିବା ଶ୍ରୀ ରାଉତ ସମସ୍ତ ବ୍ଲକରେ ଓ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକରୁଥିବା ନେତୃମଣ୍ଡଳୀ ଓ କର୍ମୀମାନେ ସଂଗଠନ ସୃଜନ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ଦେବାଶିଷ ନାୟକ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ବରିଷ୍ଠ ନେତା ଶିଶିର ନାୟକ, ଅଜୟ ସାମଲ, ସନ୍ତୋଷ ନନ୍ଦ, ସୁଦିପ୍ କର, କିଶାନ ପଣ୍ଡା, ମଧୁସ୍ମିତା ଆଚାର୍ଯ୍ୟ, ଶ୍ରୀନାଥ ମିଶ୍ର, ମଧୁସୂଦନ ସାହୁ, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

# ଏରସମାରେ ସୃଜନ ଅଭିଯାନ




ଏରସମା (ଭାସ୍କର ନ୍ୟୁଜ୍) : ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ଏରସମା ବ୍ଲକ୍ କଂଗ୍ରେସ ପକ୍ଷରୁ ଏରସମା ସଦର ମହକୁମା ସ୍ଥିତ ଏକ ଘରୋଇ ମଣ୍ଡପରେ ସଙ୍ଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଏମ୍ ଲିଜୁ ଯୋଗଦେଇ ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପରେ ଜିଲ୍ଲା ସଭାପତି ଚୟନ ନିମନ୍ତେ ପ୍ରତ୍ୟେକ କର୍ମୀମାନଙ୍କ ସହିତ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପର୍ଯ୍ୟବକ୍ଷକ ଭାବେ ରାଜକିଶୋର ବାରିକ, ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ନଟବର ବାରିକ, ବାଲିକୁଦାର ପୂର୍ବତନ ବିଧାୟକ ତଥା ପିସିସି ଉପସଭାପତି ଡ଼ା, ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା ଏରସମା କଂଗ୍ରେସ ନେତା ନଳୀନି କୁମାର ସ୍ୱାଇଁ, ୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ତଥା କଂଗ୍ରେସ ଯୁବ ନେତା ପିନାକୀ ନାରାୟଣ ଦାସ, ପୂର୍ବତନ ସରପଞ୍ଚ ବଲ୍ଲଭାନନ୍ଦ ସ୍ୱାଇଁ, ପଲ୍ଲୀକଣ୍ଠା ପଞ୍ଚାୟତର ପୂର୍ବତନ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ଦେବ ପ୍ରଶାଦ ନାୟକ, ସରପଞ୍ଚ ଅଜୟ କୁମାର ସାହୁ, ସ୍ମୃତି ରଞ୍ଜନ ମନ୍ତ୍ରୀ, ଅଭିଜିତ ସାହୁ, ସମିତି ସଭ୍ୟ ରଘୁନାଥ ସ୍ୱାଇଁ, କାଳିନ୍ଦୀ ମାଝି, ନଳୀନୀ ରଞ୍ଜନ ବେହେରା, ତୁଷାର ଗୋଛାୟତ, ନିତ୍ୟାନନ୍ଦ ଦାସ, ଦ୍ୱିଜରାଜ ଦାସ, ବୈଷ୍ଣବ ଚରଣ ନାୟକ, ଅଜୟ ମହାପାତ୍ର, ପୂର୍ବତନ ସରପଞ୍ଚ ଅଖିଳ ବଲ୍ଲଭ ସ୍ୱାଇଁ ଓ ଅନୁଜ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ୍‌ସ୍ତରୀୟ ନେତୃମଣ୍ଡଳୀମାନେ ଜିଲ୍ଲା ସଭାପତି ଚୟନ ନିମନ୍ତେ ନେତାଙ୍କ ନାମ ଅଖିଳ ଭାରତୀୟ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଏମ୍ ଲିଜୁଙ୍କୁ ପ୍ରସ୍ତାବ ଦେଇଥିଲେ।

# ରାଶିଫଳ


**ମଙ୍ଗଳବାର, ୦୯ ସେପ୍ଟେମ୍ବର ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ମାନସିକ ଶାନ୍ତି ଅନ୍ୱେଷଣରେ ଆଧାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି। ଏକ ଦୀର୍ଘ ରୋଗରୁ ମୁକ୍ତି ପାଇବାର ସମ୍ଭାବନା ରହିଛି। ଗ୍ରୀଷ୍ମ ଋତୁରେ ଯଥାସମ୍ଭବ ତରଳ ପଦାର୍ଥ ଖାଆନ୍ତୁ।




**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଆପଣ ଆପଣଙ୍କର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।



**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।




**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ।



ଗ୍ରହଚକ୍ର

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ୍); ପ୍ରାଣୀପାଳନ ବିଭାଗ ପକ୍ଷରୁ ସମଗ୍ର ରାଜ୍ୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପ୍ରଣୟନ କରାଯାଇଛି।ଏହି ଅବସରରେ ହରଭଙ୍ଗା ପ୍ରାଣୀପାଳନ ବିଭାଗ ପକ୍ଷରୁ ମଧ ହରଭଙ୍ଗା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ହିତାଧିକାରୀମାନଙ୍କୁ ଅନ୍ୟ ରାଜ୍ୟରୁ ଗାଇ କ୍ରୟ କରିବା ପାଇଁ ଷାଠିଏରୁ ସତୁରୀ ପ୍ରତିଶତ ରିହାତି ପ୍ରଦାନ କରାଯାଉଛି।ଏହି ପରିପ୍ରେକ୍ଷୀରେ ହରଭଙ୍ଗା ବ୍ଲକ୍‌ରେ ଚୟନ କରାଯାଇଥିବା ୪୮ ଜଣ ହିତାଧିକାରୀମାନଙ୍କୁ ଉତ୍ତମ ଗୋଚୟନ ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନର ବିଧି ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଚାଷୀମାନେ କିପରି ସହଜରେ ଗାଇଟିଏ କିଣିପାରିବେ ଏବଂ ଉତ୍ତମ ଗାଇ କିପରି ଚୟନ କରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ନ୍ୟାସନାଲ ଡାଇରୀ ଡେଭଲପମେଣ୍ଟ ବୋର୍ଡ ପକ୍ଷରୁ ଅନ୍ୟ ରାଜ୍ୟରୁ ଗାଇ ଆଣି ଚାଷୀ ମାନଙ୍କୁ ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥା କରାଯାଇଥିବା ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଉପସ୍ଥିତ ଚାଷୀମାନେ ଚାହିଁଲେ NDDB ମାଧ୍ୟମରେ ନଚେତ୍ ନିଜେ ଅନ୍ୟ ରାଜ୍ୟକୁ ଯାଇ ଉତ୍ତମ ଗାଇ ଚୟନ କରି ଆଣିବାର ବ୍ୟବସ୍ଥା ଥିବା ଅବଗତ କରାଯାଇଥିଲା। ହରଭଙ୍ଗାର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୪୫ ଜଣ ଚାଷୀ ଯୋଗଦାନ କରିଥିଲେ। ହରଭଙ୍ଗା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ବିଭୂତି ପଣ୍ଡା ଉତ୍ତମ ଗାଇର ଲକ୍ଷଣ ଏବଂ ଗାଇ କିଣିବା ସମ୍ପର୍କରେ କଣ କଣ ସଚେତନତା ଅବଲମ୍ବନ କରିବା ଉଚିତ ତାହା ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ବୁଝାଇଥିଲେ। ଡା. ବୀରେନ୍ଦ୍ର କୁମାର ପୃଷ୍ଟି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ, ହରଭଙ୍ଗା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଦୁର୍ନୀତି ଅଭିଯୋଗ ପରେ ବାଜିଲା ଛାଟ

ମାଥିଲି(ଭାସ୍କର ନ୍ୟୁଜ୍) ମାଥିଲି ବୃହଦାକାର ବହୁମୁଖୀ ସମବାୟ ସମିତିର ନିର୍ବାଚିତ ପରିଚାଳିତ ପରିଷଦକୁ ମାଲକାନଗିରି ସମବାୟ ସମିତି ସମୂହ ଉପନିବନ୍ଧକ ଥିଓଫିଲା ଶବର ବରଖାସ୍ତ କରିଛନ୍ତି। ଲ୍ୟାମ୍ପସରେ ଦୁର୍ନୀତି ସହିତ ବ୍ୟାପକ ଅନିୟମିତତା ଅଭିଯୋଗ ପରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରି ତଦନ୍ତ ପାଇଁ ଉପନିବନ୍ଧକ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଟିମ୍ ତଦନ୍ତ କଲା ପରେ ପରିଚାଳନା ପରିଷଦ ଦାୟିତ୍ୱରେ ଅବହେଳା କରୁଥିବା ପ୍ରମାଣିତ ହୋଇଥିଲା। ଫଳରେ ସମିତିର ସଦସ୍ୟମାନେ ପକ୍ଷପାତର ଶିକାର ହେଉଥିଲେ। ଯେତେବେଳେ ତଦନ୍ତ ପାଇଁ ଜିଲ୍ଲା ଉପନିବନ୍ଧକ ଆଦେଶ ଦେଲେ ସେତେବେଳେ ଦୁର୍ନୀତିର ଗୋଟେ ଗୋଟେ ତଥ୍ୟ ଲୋକଲୋଚନକୁ ଆସିବାରେ ଲାଗିଲା। ସଦସ୍ୟ ମାନଙ୍କୁ ନେଇ କୌଣସି ବୋର୍ଡ ବୈଠକ ହେଉନଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ରିଜୋଲ୍ୟୁସନ ରେ ସବୁ କିଛି କାର୍ଯ୍ୟଗୁଡିକୁ ପାରିତ କରାଯାଉଥିଲା।ବର୍ତ୍ତମାନ ର ପରିଚାଳନା କମିଟି ଦ୍ୱାରା କରାଯାଇଥିବା ଅନେକ ଅନିୟମିତତା ଏବଂ ବେଆଇନ କାର୍ଯ୍ୟ ଏବଂ ପରିଚାଳନାର କାର୍ଯ୍ୟକାରିତା ବିରୁଦ୍ଧରେ କମିଟିର ନଅ ଜଣ ସଦସ୍ୟ ବାରମ୍ବାର ଅଭିଯୋଗ କରି ଆସୁଥିଲେ। କୃଷି ଆର୍ଥିକ ବ୍ୟବସ୍ଥା ଏବଂ ନିର୍ଦ୍ଦେଶାବଳୀର ବିରୁଦ୍ଧାଚରଣ କରି ପରିଚାଳନା କମିଟି ପରିଚାଳନା କମିଟିର କିଛି ସଦସ୍ୟଙ୍କୁ ବେଆଇନ ଋଣ ପ୍ରଦାନ କରିଥିବା ଜଣାପଡ଼ିଛି।ପରିଚାଳନା କମିଟି ଏହାର କାର୍ଯ୍ୟପନ୍ଥା ଗ୍ରହଣ କରିବା ଦିନ ଠାରୁ ସମାଜର ମାନବଶକ୍ତି ଆବଶ୍ୟକତାକୁ ବିଚାର ନ କରି ଏବଂ କର୍ମଚାରୀ ସେବା ନିୟମ,୨୦୧୧ ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ ନ କରି ଆଠଜଣଙ୍କୁ ଅବୈଧ ନିଯୁକ୍ତି ପ୍ରଦାନ କରିଥିଲେ। ଏହା ବ୍ୟତୀତ ପରିଚାଳନା କମିଟିର ଅନ୍ୟ ଦୁଇଜଣ ସଦସ୍ୟ ସୋସାଇଟିକୁ ସେମାନଙ୍କର ଋଣ ପରିଶୋଧ କରିବାରେ ଖିଲାପ କରିଥିବା ଜଣାପଡିଛି। ତେଣୁ ଓସିଏସ୍ ଆଇନ ୧୯୬୨ର ଧାରା ୧୮(୩)(ଇ) ଅନୁଯାୟୀ ଆଯୋଗ୍ୟତା ହୋଇଥିବା ସତ୍ତ୍ୱେ ପରିଚାଳନା କମିଟିରୁ ସେମାନଙ୍କୁ ଅଯୋଗ୍ୟତା ପାଇଁ କୌଣସି ପଦକ୍ଷେପ ନେଇ ନଥିବା ଜଣାପଡିଥିଲା। ପରିଚାଳନା କମିଟି ଅନାବଶ୍ୟକ ମାମଲା ସୃଷ୍ଟି କରି ଏବଂ ବଜେଟ ସୀମା ବାହାରକୁ ଏବଂ ସକ୍ଷମ ଅଧିକାରୀଙ୍କ ଅନୁମୋଦନ ବିନା ଖର୍ଚ୍ଚ କରୁଥିବା ଜଣାପଡ଼ିଛି। ସମସ୍ତ ତଥ୍ୟ ଉପନିବନ୍ଧକଙ୍କ ନିକଟରେ ପହଞ୍ଚିବା ମାତ୍ରେ ପତ୍ର ସଂଖ୍ୟା ୫୯୭ ଅନୁସାରେ କମିଟିକୁ ବରଖାସ୍ତ କରଯାଇଥିବା ପତ୍ରରେ ଉଲ୍ଲେଖ ହୋଇଅଛି।ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉକ୍ତ ସମାଜର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ପାଇଁ ମାଲକାନଗିରି ଡିଭିଜନର ସଞ୍ଜୟ କୁମାର ଦାସ ଡିଆରସିଏସ, ଏସଏଆରସିଏସ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଅଛି।

# ୮ ଲକ୍ଷ ଇନାମୀ ମହିଳା ମାଓବାଦୀ ନିହତ

## ବହୁ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ଦାନ୍ତେୱାଡା ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଅବୁଝମାଡ ଅଞ୍ଚଳରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। ଯବାନଙ୍କ ଗୁଳିରେ ଜଣେ ୮ ଲକ୍ଷ ଇନାମି ମହିଳା ମାଓବାଦୀ ନିହତ ହୋଇଥିବାବେଳେ ବହୁ ଅସ୍ତ୍ରଶସ୍ତ୍ର ଓ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ ମାଓ ଦମନ ନିମନ୍ତେ ଛତିଶଗଡରେ ଅପରେସନ ମନସୁନ ଆରମ୍ଭ ହୋଇଥିବାବେଳେ ଏହି ଅଭିଯାନରେ ଜିଲ୍ଲାର ଡିଆରଜି ଏବଂ ଏସ୍‌ଟିଏଫ ଯବାନଙ୍କ ମିଳିତ ଦଳ ଅବୁଝମାଡ ଅଞ୍ଚଳର ବୋଣ୍ଡୋସ, ନେନ୍ଦୁର, ଗା ଗା ୱାଡି ଏବଂ ଆଖପାଖ ଜଙ୍ଗଲରେ ତଲାସି ଅଭିଯାନ ଆରମ୍ଭ କରିଥିଲା। ତେବେ ଏହି ଏହି ସମୟରେ ନେନ୍ଦୁର ଓ ଗାୱାଡିର ଜଙ୍ଗଲରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ଗୁଳିଚାଳନା ଆରମ୍ଭ ହୋଇଥିଲା । ଯବାନଙ୍କ ସାମ୍ନା କରି ନପାରି ମାଓବାଦୀ ମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିବାବେଳେ ଅଞ୍ଚଳରୁ ଯବାନମାନେ ଜଣେ ମହିଳା ନକ୍ସଲଙ୍କ ମୃତଦେହ ଉଦ୍ଧାର କରିଥିଲେ । ଯାହାଙ୍କ ନାମ ସୋଡି ବିମଳା ହୋଇଥିବା ବେଳେ ସେ ମାଓ ସଙ୍ଗଠନର ପ୍ଲାଟୁନ ନଂ ୧୬ ର କମାଣ୍ଡର ଥିବା ଜଣାପଡିଥିଲା। ତାଙ୍କ ନାମରେ ୮ ଲକ୍ଷ ଇନାମ ରହିଥିବା ବେଳେ ସେ ଅନେକ ହିଂସାକାଣ୍ଡରେ ଜଡିତ ସହ ନେତୃତ୍ୱ ନେଇଥିବା ଜଣା ପଡିଥିଲା । ଘଟଣା ସ୍ଥଳରୁ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇଥିଲା। ଯେଉଁଥିରେ ୩୦୩ ରାଇଫଲ୍, ୩୧୫ ବୋର୍ ରାଇଫଲ୍, ବିଜିଏଲ ଲଞ୍ଚ, ୧୯ କିଲୋଗ୍ରାମର ତରଳ ବିସ୍ଫୋରକ, ଜିଲାଟିନ୍ ଷ୍ଟିକ୍ ସହ ଅନ୍ୟାନ୍ୟ ମାଓ ଏବଂ ଦୈନନ୍ଦିନ ବ୍ୟବହାର କରାଯାଉଥିବା ସାମଗ୍ରୀ ଉଦ୍ଧାର କରାଯାଇଥିବା ନେଇ ନାରାୟଣପୁର ଏସପି ରବିନସନ ଗୁଡିଆ ସୂଚନା ଦେଇଛନ୍ତି।

# ନୂଆଁଖାଇ ଜୁହାର



ବରଗଡ଼(ଭାସ୍କର ନ୍ୟୁଜ୍): ରବିବାର ସକାଳ ୯ଘଣ୍ଟା ସମୟରେ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ଶିଶୁ /କିଶୋର ପତ୍ରିକାର ନୂଆଁଖାଇ ଜୁହାର ଉତ୍ସବ ବରଗଡ଼ ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ କୁମାର ପଣ୍ଡାଙ୍କସଭାପତିତ୍ୱରେ ପରିଚାଳିତ ଉକ୍ତ ଉତ୍ସବରେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରର ବିଶିଷ୍ଟ କବି, ସୁଲେଖକ ଅନନ୍ତ କୁମାର ସେନାପତି ମୁଖ୍ୟ ଅତିଥି ରୂପେ, ସୁବର୍ଣ୍ଣପୁର ଜିଲ୍ଲା ବିନିକାର ଦକ୍ଷ ସାମ୍ବାଦିକ, ସମାଜସେବୀ ଅକ୍ଷୟ ପୁଜାହାରୀ ସମ୍ମାନିତ ଅତିଥି ରୂପେ, ବରଗଡ଼ ଜିଲ୍ଲା ବରପାଲିର ସୁସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟବକ୍ତା ରୂପେ, ସୁବର୍ଣ୍ଣଦୀପ ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଓ କଳାକାର ବିଜୟ କୁମାର ବେହେରା ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରୁ ମା’ ସମଲେଶ୍ୱରୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ପରେ ନୂଆଁଖାଇ ସଂଖ୍ୟାର ଉନ୍ମୋଚନ କରାଯାଇଥିଲା । ପରେ ସମସ୍ତ ଅତିଥି ନୂଆଁଖାଇର ବିଶେଷତ୍ୱ ଓ ଶିଶୁ ପତ୍ରିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଲେଖକ/ଲେଖିକା ସମ୍ମାନ, ପାଠକ ସମ୍ମାନ, ସମ୍ବନ୍ଧିତ ପର୍ବ ଆଦି ସ୍ଥାନିତ ହୋଇଥିଲା। ସୁବର୍ଣ୍ଣଦୀପ ତରଫରୁ ପ୍ରଥମକରି ବରଗଡ଼ର ନାରୀଶକ୍ତି ଦ୍ୱାରା ପରିଚାଳିତ ମିଶନଶକ୍ତି କାଫେକୁ ମାନପତ୍ର, ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ସହ ସମ୍ପାଦକ ଅଧାପକ ନବକୃଷ୍ଣ ମିଶ୍ର ନୂଆଁଖାଇ ସଂଖ୍ୟାର ସମୀକ୍ଷା ସହ ମାନପତ୍ର ପଠନ କରିଥିଲେ। କ୍ରମାଗତ ଭାବେ ୩୧ବର୍ଷ ଧରି ସୁବର୍ଣ୍ଣଦୀପକୁ ବଞ୍ଚାଇ ରଖିଥିବା ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି ଆଗାମୀ ଦିନରେ ଆହୁରି ସୁଦୃଢ ହେବାପାଇଁ ସମସ୍ତଙ୍କୁ ନିଜ ଅଭିଭାଷଣରେ କହିଥିଲେ। ବଳଦେବ ସାହୁ ସମସ୍ତ କାର୍ଯ୍ୟର ଚିତ୍ରୋତ୍ତଳନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁଇକେଜି ଗଞ୍ଜେଇ ଜବତ

## ଜଣେ କୋର୍ଟଚାଲାଣ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ତୁକଲାଗାଁ ର ମାଲପଡା ଠାରେ ୨.୭୧୧ ଗ୍ରାମ ଗଞ୍ଜେଇ ଜବତ ହୋଇଥିବାବେଳେ ଶଙ୍କର ମେହେର (ବୁଡୁ)ଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଶଙ୍କର ମେହେର ନିଜ ଘରେ ଗଞ୍ଜେଇ ରଖି ଖୁଚୁରା ଭାବରେ ବିକ୍ରି କରୁଥିଲେ। ଏନେଇ ଖଡ଼ିଆଳ ପୁଲିସ ଖବର ପାଇ ଆଇଆଇସି ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ଏସଆଇ ରାଜେଶ ଅଗଷ୍ଟିଙ୍କ ଏକ ଟିମ୍ ଶନିବାର ଦିବା ୨ ଘଣ୍ଟା ସମୟରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲେ। ରବିବାର ସନ୍ଧ୍ୟାରେ ବେଆଇନ ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ତାଙ୍କୁ କୋର୍ଟଚାଲାଣ କରିଛି ଖଡ଼ିଆଳ ପୋଲିସ। ଗଞ୍ଜେଇ କେଶ୍‌ର ତଦନ୍ତ ଅଧିକାରୀ ଏସ୍‌ଆଇ



■ ଇନ୍‌ଷ୍ଟାଗ୍ରାମ୍‌ରୁ ଭଲପାଇ ଧୋକାଦେଲା ପ୍ରେମିକ

# ବିବାହ ନ କରିବାରୁ ଥାନାର ଦ୍ୱାରସ୍ଥ ହେଲେ ପ୍ରେମିକା

ବାଲିମେଳା( ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ଥାନା ଅନ୍ତର୍ଗତ ବାଲିମେଳା ଧନପୁରିଆ ସାହିରେ ଘଟିଛି ଏକ ଅଭାବନୀୟ ଘଟଣା।



**ବନ୍ଧାହେଲା ଅଭିଯୁକ୍ତ**

ମିଳିଥିବା ସୂଚନା ଅନୁଯାୟୀ ଗତ ୫ ମାସ ତଳେ ବାଲିମେଳା ଧନପୁରିଆ ସାହିର ଜଣେ ଯୁବତୀ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ବିଜାପୁର ଗ୍ରାମର ମୋହନ ହରିଜନ (୨୩) ସହିତ ଇଷ୍ଟାଗ୍ରାମରେ ଗଢିଉଠିଥିଲା ବନ୍ଧୁତ୍ୱର ସମ୍ପର୍କ। ଏହି ୫ ମାସ ମଧ୍ୟରେ ଦୁଇଜଣଙ୍କ ଭିତରେ ଥିବା ବନ୍ଧୁତ୍ୱର ସମ୍ପର୍କ ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା । ଏହି ସମ୍ପର୍କ ଏତେ ନିବିଡ ହୋଇଯାଇଥିଲା କି ଦୁହିଁଙ୍କ ମଧ୍ୟରେ ଶାରୀରିକ ସମ୍ପର୍କରେ ବାନ୍ଧି ହୋଇଯାଇଥିଲେ । ମୋହନ ଏହି ୫ ମାସ ଭିତରେ ବହୁତବାର ବାଲିମେଳା ଆସିଥିବା ବେଳେ ପୀଡିତା ମଧ ବହୁବାର ବୋରିଗୁମ୍ମା ଯାଇଥିଲା । ଏଭଳି କିଛିଦିନ ବିତିଯିବା ପରେ ପୀଡିତା ମୋହନକୁ ବିବାହ ପାଇଁ କହିଥିଲା। କିନ୍ତୁ ମୋହନ ବିବାହ ପାଇଁ ସିଧା ସଳଖ ମନା କରିଦେଇଥିଲା। ଏଭଳି କିଛିଦିନ ବିତିଯିବା ପରେ ମୋହନ ତାର ମୋବାଇଲ ନମ୍ବରକୁ ବନ୍ଦ କରି ପୀଡିତା ସହିତ ସମ୍ପୂର୍ଣ୍ଣ ଯୋଗାଯୋଗ ବନ୍ଦ କରିଦେଇଥିଲା । ଶେଷରେ ପୀଡିତା ଜଣକ କିଛି ଉପାୟ ନପାଇ ଥାନାର ଦ୍ୱାରସ୍ଥ ହୋଇଥିଲା । ଗତ ମେ ମାସ ୧ ତାରିଖ ଦିନ ପିଡିତା ଓରକେଲ ଥାନାରେ ମୋହନ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏତଲାକୁ ଭିତ୍ତିକରି ଓରକେଲ ପୋଲିସ ମୋହନକୁ ଖୋଜିବା ଆରମ୍ଭ କରିଥିଲା। ଗତକାଲି ମୋହନର ମୋବାଇଲ ଅନ୍ ହେବାରୁ ବୋରିଗୁମ୍ମାରୁ ତାକୁ ଠାବ କରିବା ପରେ ଗିରଫ କରି ବାଲିମେଳା ଥାନାକୁ ଅଣାଯାଇଥିଲା। ଆଜି ଅଭିଯୁକ୍ତକୁ କେଶ ନ -୧୩୨/୨୫ ଅନୁଯାୟୀ ଅଣ୍ଡର ସେକ୍ସନ ୬୯ ରେ କୋର୍ଟଚାଲାଣ କରିଛି ବୋଲି ତଦନ୍ତକାରୀ ଅଫିସର ଏସ୍‌ଆଇ ହରପ୍ରିୟା ଶବର କହିଛନ୍ତି ।

## ଟାଙ୍ଗୀରେ ଗୋଶାଳା ପାଇଁ ଦାବିପତ୍ର

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ସହରାଞ୍ଚଳରେ ଏବେ ଗାଈଗୋରୁଙ୍କ ଯୋଗୁଁ ସମସ୍ତେ ଟେନସନ୍‌ରେ ଅଛନ୍ତି। ଚାଷୀ ହେଉ ଅବା ସାଧାରଣ ଜନତାଙ୍କୁ ନାକେଦମ୍ କରୁଛନ୍ତି ଗୋରୁଗାଈ। ଗୋପାଳକ ମାନେ ନିଜ ନିଜର ଗୋରୁଗାଈଙ୍କୁ ଘରେ ରଖୁନାହାନ୍ତି ତେଣୁ ଗୋରୁଗାଈ ସବୁ ରାସ୍ତାଘାଟରେ ବୁଲୁଛନ୍ତି। କେତେବେଳେ ଏହି ଗୋରୁଗାଈ ଚାଷ କ୍ଷେତରେ କୃଷକମାନଙ୍କୁ ନାକେଦମ୍ କରୁଛନ୍ତି ତ’ ପୁଣି କେତେବେଳେ ରାସ୍ତା ଘାଟରେ ଭିଡ଼ ଜମାଇ ରାସ୍ତା ଜାମ୍ କରୁଛନ୍ତି। ରାସ୍ତାରେ ବାଇକ ହେଉ ଅବା ୪ ଚକିଆ ଯାନ ଚାଳକ ମାନେ ଏହି ବୁଲା ଗୋରୁଗାଈଙ୍କ ପାଇଁ ହଇରାଣ ହରକତ ହେଉଛନ୍ତି। ଏହି ବୁଲା ଗୋରୁଗାଈଙ୍କ ଉପଦ୍ରବରୁ ବର୍ତ୍ତିବାକୁ ହେଲେ ଟାଙ୍ଗୀ ସହରାଞ୍ଚଳରେ ଏକ ଗୋଶାଳା ର ଆବଶ୍ୟକତା ରହିଛି ତେଣୁ ଟାଙ୍ଗୀ ସହରାଞ୍ଚଳର ଶତାଧିକ ବ୍ୟକ୍ତି ସଂଘବଦ୍ଧ ହୋଇ ଟାଙ୍ଗୀ ବିଡ଼ିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଟାଙ୍ଗୀ ସହରାଞ୍ଚଳର ଚାଷୀ, ସମାଜସେବୀ, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

# ପଡିଆ ବ୍ଲକ ସଦର ମାର୍କେଟ କମ୍ପ୍ଲେକ୍ସ ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ

କାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକରେ ବେଆଇନ ମଦ ବିକ୍ରି ବଢିବାରେରେ ଲାଗିଥିବାବେଳେ ମଦ୍ୟପଙ୍କ ପ୍ରାର୍ଦୁର୍ଭାବ ମଧ୍ୟ ବଢିବାରେ ଲାଗିଛି । ସରକାରୀ ନିୟମ ଅନୁଯାୟୀ କେବଳ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ ହିଁ ମଦ ବିକ୍ରୟ କରିବା କଥା। କିନ୍ତୁ ପଡିଆ ବ୍ଲକ ସଦରରେ ଅନେକ ଦୋକାନୀ ଓ ଲୋକେ ନିଜ ଘରେ ଏବଂ ଦୋକାନରେ ମଦ ରଖି ଚୋରାରେ ମଦ ବିକ୍ରୟ କରୁଥିବା ଅଭିଯୋଗ ହୋଇଛି । ଯାହାଫଳରେ ଯୁବପିଢି ପଥଭ୍ରଷ୍ଟ ହେଉଥିବା ବେଳେ ମଦ୍ୟପମାନେ ବିଭିନ୍ନ ସ୍ଥାନରେ ମଦର ଆସର ଜମାଉଥିବା ଅଭିଯୋଗ ହୋଇଛି । ଏପରିକି ବ୍ଲକ ସଦରରେ ଥିବା ମାର୍କେଟ କମ୍ପ୍ଲେକ୍ସର ଉପର ମହଲାକୁ ମଧ ମଦ୍ୟପମାନେ ନିଜର ଆଡ୍ଡାସ୍ଥଳୀ କରି ଦେଇଥିବାବେଳେ ସେଠାରେ ଅନେକ ମଦ ବୋତଲ ପଡିଥିବା ସହ ସ୍ଥାନଟି ଅପରିଷ୍କାର ହୋଇଥିବା ଅଭିଯୋଗ ହୋଇଛି। ଏହି ମାର୍କେଟ କମ୍ପ୍ଲେକ୍ସର ଉପର ମହଲାଟି ଗତ ୨୦୨୦-୨୧ ଆର୍ଥକ ବର୍ଷରେ ପ୍ରାୟ ୪ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବେଳେ ଲୋକଙ୍କ ହିତ ପାଇଁ ଏହା ନିର୍ମାଣ କରଯାଇଥିଲା। ଏପରିକି ମହଲରେ ମଧ କିଛି ଦୋକାନ ରହିଥିବା ବେଳେ ସେଠାରେ ନିତି ପ୍ରତିଦିନ ଅନେକ ଛୋଟ ଛୁଆଙ୍କ ଠାରୁ ଆରମ୍ଭ କରି ମହିଳା ଓ ବୟସ୍କ ବ୍ୟକ୍ତି ବିଭିନ୍ନ ସାମଗ୍ରୀ କ୍ରୟ କରିବାକୁ ଯାଆନ୍ତି। କିନ୍ତୁ ମାର୍କେଟ କମ୍ପ୍ଲେକ୍ସର ଉପର ମହଲାରେ ଦୋକାନ ଗୃହ ରହିଥିଲେ ହେଁ କୌଣସି ଦୋକାନ ଖୋଲା ଯାଇନଥିବାରୁ ଏହାକୁ ମଦ୍ୟପମାନେ ନିଜର ଆଡ୍ଡା ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଫଳରେ ଉକ୍ତ ସ୍ଥାନରେ ଅନେକ ମଦ ବୋତଲ ପଡି ରହିବା ସହ ବିଭିନ୍ନ ଆବର୍ଜନା ଜମାହୋଇ ସ୍ଥାନଟି ଅପରିଷ୍କାର ହେବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଅନେକ ଚୋରାମଦ ବେପାରୀଙ୍କ ଯୋଗୁଁ ଅଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ବଢିବାରେ ଲାଗିଥିବାବେଳେ ଏସବୁ ଉପରେ ରୋକ ଲାଗିବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି । ଏନେଇ ପୋଲିସ ପ୍ରଶାସନ ଓ ସ୍ଥାନୀୟ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଜଣେ ଶିକ୍ଷୟିତ୍ରୀଙ୍କ ଭରସାରେ ଚାଲିଛି ୫ଟି ଶ୍ରେଣୀରେ ଶିକ୍ଷାଦାନ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ରତନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଗୁଣାତ୍ମକ ଶିକ୍ଷାଦାନରୁ ଛାତ୍ରଛାତ୍ରୀ ବଞ୍ଚିତ । ଜଣେ ଶିକ୍ଷୟିତ୍ରୀ ଭରସାରେ ଚାଲିଛି କୋମଳମତି ଶିଶୁଙ୍କ ଭବିଷ୍ୟତ। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଜଣେ ମାତ୍ର ଶିକ୍ଷୟିତ୍ରୀ ଦେଉଛନ୍ତି ଶିକ୍ଷାଦାନ । ଫଳରେ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ଏବଂ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ ସହିତ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଆଣିଛନ୍ତି ଅଭିଯୋଗ । ଅଭିଯୋଗ ଅନୁଯାୟୀ ରତନପୁର ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ୮୫ଜଣ। ଜଣେ ଶିକ୍ଷୟିତ୍ରୀ ଦେଉଛନ୍ତି ୮୫ପିଲାଙ୍କୁ ଶିକ୍ଷାଦାନ। ସେପଟେ ଶିକ୍ଷାନୀତିର ନିୟମ ଅନୁଯାୟୀ କାଗଜପତ୍ର, ମଧ୍ୟାହ୍ନ ଭୋଜନ, ପରିବେଶ ପରିଷ୍କାର, ଗୁଣାତ୍ମକ ଶିକ୍ଷା ଉପରେ ପ୍ରଭାବ ପଡୁଛି। ବାଧ ହୋଇ ଶିକ୍ଷୟିତ୍ରୀ ଜଣକ ପ୍ରଥମ, ଦ୍ୱିତୀୟ ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ଗୋଟିଏ କୋଠରୀରେ ଓ ଚତୁର୍ଥ, ପଞ୍ଚମ ଛାତ୍ରଛାତ୍ରୀଙ୍କୁ ଗୋଟିଏ କୋଠରୀରେ ବସାଇ ପର୍ଯ୍ୟାୟ କ୍ରମେ ଶିକ୍ଷାଦାନ ଦେଉଛନ୍ତି। ଯାହାକି ସେପ୍ଟେମ୍ବର ମାସ ସୁଦ୍ଧା ଯେତିକି ପିଲା ପାଠ ପଢିବା କଥା ବହୁ ପଛରେ ପଡିଛନ୍ତି । ଉକ୍ତ ସମସ୍ତ ସମସ୍ୟା ନେଇ ପରିଚାଳନା କମିଟି, ଗ୍ରାମବାସୀ ଓ ଶିକ୍ଷୟିତ୍ରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହିତ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କୁ ଅଭିଯୋଗ ଆସିଥିବା ଜଣା ପଡିଛି । କମିଟି ଓ ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଏହା ଉପରେ ମୁଁ ଅବଗତ ଅଛି ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ଜଣାଇଛି ଏବଂ ସପ୍ତାହ ଭିତରେ ରତନ ପୁର ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ହେବେ। ନୂତନ ସରକାର ଙ୍କ ଶିକ୍ଷା ନୀତି କଡାକଡି ପାଳନ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ।

# ତୃତୀୟଥର ବ୍ଲକ କଂଗ୍ରେସ ସଭାପତି ହେଲେ ପ୍ରହଲ୍ଲାଦ



ତେନ୍ତୁଳିଖୁଣ୍ଟି(ଭାସ୍କର ନ୍ୟୁଜ୍): ତେନ୍ତୁଳିଖୁଣ୍ଟି ବ୍ଲକରେ ତୃତୀୟ ଥର କଂଗ୍ରେସ କମିଟି ସଭାପତି ଭାବରେ ପ୍ରହଲ୍ଲାଦ ହିଆଲଙ୍କୁ ଚୟନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଚୟନ ପାଇଁ ପୂର୍ବରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ତେନ୍ତୁଳିଖୁଣ୍ଟି ବ୍ଲକର ୧୫ ଗୋଟି ପଂଚାୟତର ବରିଷ୍ଠ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ନିଜ ମତାମତ ରଖିଥିଲେ। ଉକ୍ତ ବୈଠକରେ ନିରପେକ୍ଷ ଭାବରେ ପ୍ରହଲ୍ଲାଦ ହିଆଲଙ୍କୁ ପୁନର୍ବାର ତୃତୀୟଥର ପାଇଁ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ କମିଟି ସଭାପତି ରୂପେ ଘୋଷଣା କରିଥିବା ଶ୍ରୀ ହିଆଲ ସୂଚନା ଦେଇଛନ୍ତି। ନୂତନ ସଭାପତି ଶ୍ରୀ ହିଆଲ ଜଣେ ଦକ୍ଷ ସଂଗଠକ ଭାବରେ ପରିଚିତ। ସେ କଂଗ୍ରେସ ଦଳ ପାଇଁ ନିରନ୍ତର କାର୍ଯ୍ୟ କରି ଯୁବଗୋଷ୍ଠୀଙ୍କ ଠାରୁ ଆରମ୍ଭ କରି ସବୁ ବର୍ଗ ବିଶେଷଙ୍କ ମଧ୍ୟରେ ତାଙ୍କର ବେଶ୍ ଲୋକପ୍ରିୟତା ରହିଛି। ଶ୍ରୀ ହିଆଲ ପୁନର୍ବାର ବ୍ଲକ କଂଗ୍ରେସ ସଭାପତି ଭାବରେ ଚୟନ ହୋଇଥିବା ଯୋଗୁଁ କଂଗ୍ରେସ କର୍ମୀ ମହଲରେ ବେଶ ଉତ୍ସାହିତ ହୋଇଥିବା ପରିଲକ୍ଷିତ ହୋଇଛି। ବରିଷ୍ଠ କଂଗ୍ରେସ ନେତା ବସନ୍ତ ପାଣିଗ୍ରାହୀ, କିଶୋର ଚନ୍ଦ୍ର ସିଂହ, ଭୀମସେନ ପାଣିଗ୍ରାହୀ,ସୁନୀଲ କୁମାର ସିଂହ, ପୂର୍ବତନ ଜିଲ୍ଲା କଂଗ୍ରେସ ମହିଳା ଶୋଭାନେତ୍ରୀ ପି.ନାଗା ରତ୍ନମ,ଅଜୟ ହିଆଲ,କୁମର ପୂଜାରୀ,ପୂଜାରୀଗୁଡା ସରପଞ୍ଚ ଅନାଦି ମାଝି,ପୂର୍ବତନ ସରପଞ୍ଚ ସୁଷମା ପ୍ରଧାନୀ, ବିଶ୍ୱନାଥ ସିଂହଙ୍କ ସମେତ ବହୁ କଂଗ୍ରେସକର୍ମୀ ନୂତନ ସଭାପତି ଶ୍ରୀ ହିଆଲଙ୍କୁ ଶୁଭେଚ୍ଛା ଜଣେଇଛନ୍ତି। ତେବେ ଆଗାମୀ ତ୍ରିସ୍ତରୀୟ ଓ ସାଧାରଣ ନିର୍ବାଚନରେ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ଉତ୍ତମ ପ୍ରଦର୍ଶନ କରିବ ବୋଲି ନୂତନ ସଭାପତି ଶ୍ରୀ ହିଆଲ କହିଛନ୍ତି।

# ‘ଏକ ପେଡ୍ ମା’କେ ନାମ୍’ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

ମୁରିବାହାଲ/ବଙ୍ଗୋମୁଣ୍ଡା (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଠେମରା ପଞ୍ଚାୟତରେ ‘ଏକ୍ ପେଡ୍ ମାଆ କେ ନାମ୍’ କାର୍ଯ୍ୟକ୍ରମ ପାଇଁ ବ୍ଲକ ଓ ପଞ୍ଚାୟତ ପ୍ରଶାସନର ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଆସନ୍ତା ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଉପଲକ୍ଷେ ବୃକ୍ଷରୋପଣ ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏଥିରେ ବଲାଙ୍ଗୀର ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ଏମ୍‌ସି ଅଶୋକ କୁମାର ସାହୁ, ବଙ୍ଗୋମୁଣ୍ଡା ବ୍ଲକ ସହକାରୀ ଯନ୍ତ୍ରୀ ଦେବକୁମାର ପ୍ରଧାନ, ବଙ୍ଗୋମୁଣ୍ଡା ବ୍ଲକ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମଣ ବୁଡେକ, କନିଷ୍ଠ ଯନ୍ତ୍ରୀ ଜୟନାରାୟଣ ବାଗ, ଠେମରା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ, ଠେମରା କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ଗହିର, ଗାଁ ସାଥି ଦୁର୍ଗାପ୍ରସାଦ ବଛା, କ୍ଷୀରସିନ୍ଧୁ ନାଗ, ହାଡ଼ିପା ଛତ୍ରୀଆ ଓ ଠେମରା ପଂଚାୟତର ବହୁ ଅଣକୁଶଳୀ ଶ୍ରମିକ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । ଲକ୍ଷାଧିକ ବୃକ୍ଷରୋପଣ କରିବା ଉଦ୍ଦେଶ୍ୟ ରେ ବଲାଙ୍ଗୀର ଜିଲ୍ଲା ପ୍ରଶାସନର ଅଧିକାରୀମାନେ ବିଭିନ୍ନ ସ୍ଥାନକୁ ଗସ୍ତ କରି ତଦାରଖ କରୁଥିବା ଦେଖିବାକୁ ମିଳିଛି।

# ୧୨ରେ କୋଡିଙ୍ଗା ମାଳି ସୁରକ୍ଷା ମଞ୍ଚର ସମାବେଶ ଲାଗି ପ୍ରସ୍ତୁତି



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): କୋଡିଙ୍ଗା ମାଳିର ଖଣି ୩ ମିଲିୟନ ଟନ୍‌ରୁ ୬ ମିଲିୟନ ଟନ୍‌କୁ ବୃଦ୍ଧି ହେବା ସକାଶେ ଖବର ପ୍ରକାଶ ପରେ ଲକ୍ଷ୍ମୀପୁର ଠାରେ ଏକତ୍ରିତ ହୋଇଛନ୍ତି ସର୍ବଦଳୀୟ ନେତା। ଏନେଇ ଦଶ ତାରିଖ ଦିନ ଲକ୍ଷ୍ମୀପୁର ଠାରେ ବିଶାଳ ସମାବେଶ କରିବାକୁ ସର୍ବଦଳୀୟ ନେତା ଅଞ୍ଚଳ ବାସୀଙ୍କ ସହ ମିଶି ଦୁଇଦିନ ତଳେ ରାୟଗଡା ଓ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ ସେହି ଦିନ କୋରାପୁଟ ଜିଲ୍ଲାକୁ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ସେଥିରେ ପରିବର୍ତ୍ତନ କରି ବାର ତାରିଖ ଦିନ କରିବାକୁ ନେତାଏ ନିଷ୍ପତ୍ତି ନେଇଛନ୍ତି। ଦଶ ତାରିଖ ପରିବର୍ତ୍ତେ ବାର ତାରିଖ ଦିନ ସମାବେଶ କରାଯିବ ବୋଲି ଲକ୍ଷ୍ମୀପୁର ଥାନାରେ ମଧ୍ୟ ଜଣାଇଛନ୍ତି। ଏନେଇ ଆଜି ବିଧାୟକ ପବିତ୍ର ସାଉଁତା, ପୂର୍ବତନ କୋରାପୁଟ ସାଂସଦ ଝିନ ହିକକା, ପୂର୍ବତନ ଲକ୍ଷ୍ମୀପୁର ବିଧାୟକ କୈଳାଶ ଚନ୍ଦ୍ର କୁଲେସିକା,କୋଡିଙ୍ଗା ମାଳି ସୁରକ୍ଷା ମଞ୍ଚ ଆବାହକ ପ୍ରଦୀପ ବାଘ, ଶଙ୍କର ସାଉନ୍ତାଙ୍କ ସହ ଅନେକ ନେତା ଉପସ୍ଥିତ ଥିଲେ। କାରଖାନା ନାହିଁତ ଖଣି ନାହିଁ ବୋଲି ନେତାମାନେ ପ୍ରକାଶ କରିଥିଲେ। ସର୍ବଦଳୀୟ ନେତା ବର୍ତ୍ତମାନ ଏକଜୁଟ ହୋଇଥିବା ବେଳେ ଆଗକୁ ସଭିଙ୍କ ମତାମତ ସମାନ ରହୁଛି ନା ସଭିଙ୍କ ସ୍ୱର ବଦଳି ଯାଉଛି ତାହା ଦେଖିବାକୁ ବାକି ରହିଲା।

# ୩୨ କେଜି ବାର୍‌ହା ମାଂସ ଜବତ



କନ୍ଧମାଳ(ଭାସ୍କର ନ୍ୟୁଜ୍): କାର୍‌ରେ ବାର୍‌ହା ମାଂସ ଚାଲାଣ ହେଉଥିବାବେଳେ ବରଗୋଛା ଗ୍ରାମ ନିକଟରୁ ଧରିଲା ମନମୁଣ୍ଡା ବନବିଭାଗ। କାରରୁ ୩୨ କେଜି ମାଂସ ଜବତ କରିଥିବାବେଳେ ମାଂସ ଚାଲାଣକାରୀ ଅଭିଯୁକ୍ତକୁ ଗିରଫ କରିଛି ବନ ବିଭାଗ । ଗିରଫ ଅଭିଯୁକ୍ତ ବରଗୋଛା ଗ୍ରାମର ପଞ୍ଚାନନ ଡାଙ୍ଗ। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲା

**ଜଣେ ଗିରଫ**

ମନମୁଣ୍ଡା ବନବିଭାଗ ଅନ୍ତର୍ଗତ ଶଗଡା ସେକ୍ସନ ବରଗୋଛା ଗ୍ରାମ ନିକଟରୁ ଗୋଟିଏ କ୍ୱିଟ କାର ଗାଡ଼ି ଓ ୩୨ କେଜି ବାର୍‌ହା ମାଂସ ଜବତ କରିବା ସହିତ ଜଣକୁ ଗିରଫ କରିଛି ବନ ବିଭାଗ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମନମୁଣ୍ଡା ବନ ବିଭାଗ ବରଗୋଛା ନିକଟରେ ଚଢ଼ଉ କରିଥିଲା। ଉକ୍ତ ଗାଡିକୁ ଯାଞ୍ଚ କରିବାରୁ ୧ କେଜି ହିସାବରେ ୩୨ ଗୋଟି ପଲିଥିନରେ ଭର୍ତ୍ତି ହୋଇଥିଲା । ଗିରଫ ଅଭିଯୁକ୍ତ ବିକ୍ରି ପାଇଁ ଆଣିଥିବା ବନବିଭାଗ କର୍ମଚାରୀଙ୍କୁ କହିଥିଲା। କେଉଁଠାରୁ ଆଣିଥିଲା, କାହା ପାଖରୁ ଆଣିଥିଲା ତାହାର ତଦନ୍ତ ଚଳାଇଛି ବନ ବିଭାଗ। ଆଗକୁ ପେଟ୍ରୋଲିଂ କଡ଼ାକଡି କରିବା ସହିତ ଆସନ୍ତା କାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ଜଣାଯାଇଛି। ଏଥିରେ ଯେଉଁ ମାନଙ୍କର ସଂପୃକ୍ତି ରହିଛି ସମସ୍ତଙ୍କୁ ଗିରଫ କରାଯିବ ବୋଲି ବନ ବିଭାଗ ଅଧିକାରୀ ଶ୍ରୀବତ୍ସ କୁମୁରା ସୂଚନା ଦେଇଛନ୍ତି।

## ଗ୍ରାମୀଣ ପାର୍କ ନାଁରେ ଦୁର୍ନୀତି ଅଭିଯୋଗ

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକର ଗ୍ରାମ ପଂଚାୟତରେ ଗ୍ରାମୀଣ ପାର୍କ ତିଆରି କରିବାକୁ ସରକାର ଲକ୍ଷ ଲକ୍ଷ ଟଙ୍କା ମଂଜୁର କରିଛନ୍ତି। ହେଲେ ଅଧିକାଂଶ ଗ୍ରାମ ପଂଚାୟତରେ ପାର୍କ ନାଁରେ ଦୁର୍ନୀତି ହେଇଥିବା ଚିତ୍ର ଅର୍ଦ୍ଧ ନିର୍ମିତ ପାର୍କକୁ ଦେଖିଲେ ସହଜରେ ଜଣାପଡୁଛି। ଯାହାର ଉଦାହରଣ ହେଲା ସରକାରଙ୍କ ଠାରୁ ମାନପତ୍ର ପାଇଥିବା ଗ୍ରାମ ପଂଚାୟତର ପାର୍କ ଭୋଜପୁର, ଚେନାବେଡା ଗ୍ରାମ ପଂଚାୟତ ପାର୍କ, ରିସିଗାଁ ଗ୍ରାମ ପଂଚାୟତ ପାର୍କ, ବଡ ଦୋହେଲା ଗ୍ରାମ ପଂଚାୟତ ପାର୍କ, ଖାସବାହାଲ ଗ୍ରାମ ପଂଚାୟତ, ଭୁଲିଆସିକୁଆଁ ଗ୍ରାମ ପଂଚାୟତ, ଲାଞ୍ଜି ଗ୍ରାମ ପଂଚାୟତ, ଶରଧାପୁର ଗ୍ରାମ ପଂଚାୟତ, କିରକୀଟ ଗ୍ରାମ ପଂଚାୟତ, ଆଦର୍ଶ ଗ୍ରାମ ପଂଚାୟତ ବୋଲାଉଥିବା ବାଦୀର ପାର୍କ ଏମିତି ବିଭିନ୍ନ ଗ୍ରାମ ପଂଚାୟତର ପାର୍କ ନାଁରେ ଦୁର୍ନୀତି ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସରକାରଙ୍କ ଉଦ୍ଦେଶ୍ୟ ଠିକ୍ ହେଲେ ବି ସେ ଲିପ୍ତ ଥିବା ଅଫିସରଙ୍କ ପିସିଖୋର ନୀତି ଯୋଗୁ ସରକାରଙ୍କ ଯୋଜନା ଫେଲ ମାରୁଥିବା ଅଭିଯୋଗ ହୋଇଛି। ତେଣୁ ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ୍‌ରେ ପାର୍କ ନାଁରେ ମହାଦୁର୍ନୀତି ହୋଇଥିବାରୁ ଭିଜିଲାନ୍ସ ତଦନ୍ତ ପାଇଁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ଦାବି କରୁଛନ୍ତି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଆ ଚଳଚ୍ଚିତ୍ର ସୁନାମଧନ୍ୟ ଗୀତିକାର ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂ ଜୟନ୍ତୀ ଅବସରରେ ହେରେଲ୍ଡ ଗ୍ରୁପ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ମୃତିରେ ସ୍ମୃତିରେ ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂଙ୍କ ଜୀବନ ଉପରେ ରଚିତ ଚିରସବୁଜ ସଙ୍ଗୀତ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସଂଗୀତ ସନ୍ଧ୍ୟାରେ ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ମହାପ୍ରସାଦ କର, ହରପ୍ରିୟା ସ୍ୱାଇଁ, ଏନ ଶ୍ରୀନିବାସ, ଡ଼କ୍ଟର ଆଦ୍ୟାଶା ଦାସ, ଅଶ୍ୱିନୀ ମହାନ୍ତି, ଆରୁତି ମିଶ୍ର, ରଶ୍ମିତା ଦାସ, ଆୟୁଷମାନ ପଣ୍ଡା, ସୁରଞ୍ଜନା ନାୟକ, ରୁଦ୍ରାଂଶ୍ୟ, ସୁଶାନ୍ତ ପଣ୍ଡା. ଅର୍ଣ୍ଣବ ପଣ୍ଡା ଏହି ଗୀତ ଗୁଡ଼ିକ ପରିବେଷଣ କରିଥିଲେ । ଏହି ଗୀତ ଗୁଡ଼ିକ ମଧ୍ୟରେ ରହିଥିଲା ଏଇ ଜୀବନ ଟା ଏକ ନାଟକ..., ମେଘ ବରଷିଲା ଟୁପୁରୁ ଟୁପୁରୁ..., ପାରିଚି ଚୋରି ଚୋରି ଖେଳ..., ଯା ଯାରେ ଭାସି ଯା ଆଦି ସଙ୍ଗୀତକୁ ଦୀର୍ଘ ତିନି ଘଣ୍ଟା ଧରି କଣ୍ଠ ଶିଳ୍ପୀମାନେ ଶ୍ରୋତାଙ୍କୁ ବିମୋହିତ କରିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ଼ ଚନ୍ଦ୍ର ଶେଖର ହୋତା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୈକୁଣ୍ଠ ବଳିଆ କନସଲଟାନ୍ସି ଆଣ୍ଡ ଡେଭଲପମେଣ୍ଟର ଅର୍ଚ୍ଚନା ମହାପାତ୍ର, ଜିଏମ୍ ଇଫକୋ ଶୈଳଜା ପ୍ରସାଦ ରଥ, ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ ପଟ୍ଟନାୟକ, ହେରେଲ୍ଡ ଗ୍ରୁପ ଟ୍ରଷ୍ଟର ପୂର୍ବତନ ସଭାପତି ବିଜୟ କୁମାର ପଟ୍ଟନାୟକ, ଟ୍ରଷ୍ଟି ଅଧକ୍ଷ ଚିରଞ୍ଜନ ବେହେରା, ଡ଼ ଆଦ୍ୟାଶା ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଇଂ ଶ୍ରୀନିବାସ ଘଟୁଆରୀ ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ): ବାରଙ୍ଗ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୦୩ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୯୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୦ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୮ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ଜିଲ୍ଲା ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୧୫ ତାରିଖରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଜ୍ୟୋତିସାଇଙ୍କ ଲିଖିତ ପୁସ୍ତକ 'ମୋମେଣ୍ଟମ୍' ଉନ୍ମୋଚିତ

କଟକ(ଭାସ୍କର ନ୍ୟୁଜ): ଜ୍ୟୋତିସାଇ କରଙ୍କ ଲିଖିତ ପୁସ୍ତକ 'ମୋମେଣ୍ଟମ୍' କଟକ ମହାନଗର ନିଗମ ମେୟର ସୁବାସ ସିଂହ, ସିଏମସି କମିଶନର କିରଣଦୀପ କୌର ସହୋତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଉକ୍ତ ପୁସ୍ତକରେ ଏକବିଂଶ ଶତାବ୍ଦୀର ବ୍ୟସ୍ତବହୁଳ ଦୁନିଆରେ ମଣିଷ କିପରି ଯନ୍ତ୍ରକୁ ପରିଚାଳନା କରୁନାହିଁ ବରଂ ନିଜେ ଯନ୍ତ୍ର ପାଲଟି ଯାଉଛି ଏବଂ ଯନ୍ତ୍ର ତା'ର ନିୟନ୍ତ୍ରଣାଧୀନ ହେବା ପରିବର୍ତ୍ତେ, ସେ ଯନ୍ତ୍ରର ଅଧୀନ ହୋଇପଡୁଛି ବୋଲି ଉଲ୍ଲେଖ କରାଯାଇଛି । ବିଶେଷ କରି ମଣିଷକୁ ଯାହା ଦିନେ ଉପଭୋଗ୍ୟ ଲାଗୁଥିଲା ତାହା ଏବେ ବୋଝ ପାଲଟିଯାଉଛି । ଏପରିସ୍ଥଳେ ବ୍ୟସ୍ତତା ଓ ଜାଳ ଭିତରେ ସେ କିପରି ଟେନାଏ ମାନସିକ ଶାନ୍ତି ଖୋଜୁଛି ଏବଂ ଯାହା ହାତ ପାଆନ୍ତାରେ ଥିଲା ତାହା କିପରି ଦୂରେଇ ଯିବାପରି ଅନୁଭବ କରୁଛି ତାହାହିଁ ପୁସ୍ତକରେ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି । ଏଭଳି ଦୋଛକିରେ ଠିଆହୋଇଥିବା ଆଜିର ମଣିଷ ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଲୋଡା ବୋଲି ଉଲ୍ଲେଖ କରାଯାଇଛି । ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଦିଲ୍ଲୀପ କୁମାର ମହାପାତ୍ର, ପୁସ୍ତକ ପ୍ରକାଶକ ଅଶୋକ କୁମାର ସାହୁ, ପ୍ରଫେସର ବିଜୟାନନ୍ଦ ସିଂହ, ବସୁନ୍ଧରାର ସଂପାଦକ ଶୈଳ ବେହେରା, ଶିକ୍ଷାବିତ ମିନାକ୍ଷୀ ପଣ୍ଡା, ଡ଼. ନିବେଦିତା ଦାସ ପ୍ରମୁଖ ଯୋଗ ଦେଇ ଉକ୍ତ ପୁସ୍ତକଟି ସବୁ ବର୍ଗର ପାଠକମାନଙ୍କ ନିକଟରେ ଆଦୃତି ଲାଭ କରିବ ବୋଲି ଆଶା ପୋଷଣ କରିଛନ୍ତି ।

# କେନ୍ଦ୍ର ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ(ଭାସ୍କର ନ୍ୟୁଜ): ଭଦ୍ରକ ଆର୍‌ଏମ୍‌ଏସ୍‌କୁ ବାଲେଶ୍ୱର ସହ ମିଶ୍ରଣକୁ ବିରୋଧ କରି ଏ ସମ୍ପର୍କିତ ଆଗତ ମାମଲାରେ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଛନ୍ତି । ଭଦ୍ରକଠାରେ କାର୍ଯ୍ୟ କରୁଥିବା ରେଲୱେ ମେଲ ସର୍ଭିସ୍ (ଆର୍‌ଏମ୍‌ଏସ୍)କୁ ବାଲେଶ୍ୱର ଆର୍‌ଏମ୍‌ଏସ୍ ସହ ମିଶାଇ ଦେବା ନିଷ୍ପତି ବିରୋଧରେ ଭଦ୍ରକ ଆରଏମ୍‌ଏସ୍‌ର ପୂର୍ବତନ କର୍ମଚାରୀ ତଥା ଭଦ୍ରକ ଚରମ୍ପା ଅରେଇଁ ବାସିନ୍ଦା ମାଧବାନନ୍ଦ ଓଝାଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି । ସେପ୍ଟେମ୍ବର ୨୨ ତାରିଖରେ ମାମଲାର ପରବର୍ତ୍ତି ଶୁଣାଣି ହେବ ବୋଲି ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ରୁଜୁ ମାମଲାକୁ ଆଇନଜୀବୀ ଶିବଶଙ୍କର ମହାନ୍ତି ପରିଚାଳନା କରୁଛନ୍ତି ।

# ଶୃଙ୍ଖଳା ପାଇଁ ପଦକ୍ଷେପ 'ସଦା ସୁସ୍ଥ, ସଦା ପ୍ରସ୍ତୁତ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ଦ୍ୱାରା, କର୍ମଚାରୀଙ୍କ ଶାରୀରିକ ସୁସ୍ଥତା, ଶୃଙ୍ଖଳା ଏବଂ କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ପାଇଁ 'ସଦା ସୁସ୍ଥ ସଦା ପ୍ରସ୍ତୁତ' ଶୀର୍ଷକ ଏକ ବ୍ୟାପକ ପ୍ରୟାସ ଆରମ୍ଭ ହୋଇଛି । ଅଗଷ୍ଟ ୧ ତାରିଖରୁ, ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଅଗ୍ନିଶମ କେନ୍ଦ୍ରରେ ପ୍ରତିଦିନ ସକାଳେ ବ୍ୟାୟାମ ଅଭ୍ୟାସ, ଷ୍ଟେସନ୍ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଆଦି ପଦକ୍ଷେପ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଅଗ୍ନିଶମ କର୍ମଚାରୀମାନେ ଶାରୀରିକ ଭାବରେ ସୁସ୍ଥ, ଚପଳ ରହି ଜରୁରୀକାଳୀନ ଏବଂ ଜୀବନ ରକ୍ଷାକାରୀ ଆହ୍ୱାନକୁ ତୁରନ୍ତ ଦକ୍ଷତାର ସହିତ ପୂରଣ କରିବାରେ ସକ୍ଷମ ରହିବ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିଦିନ ସକାଳେ ଶକ୍ତି, ସହଜତା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟରେ ସ୍ଥିରତା ପାଇଁ ପୁସ୍-ଅପ୍ସ, ସ୍କ୍ୱାଟ୍ସ ଏବଂ ସିଟ୍-ଅପ୍ସ ଭଳି ବ୍ୟାୟାମ ଅନ୍ତର୍ଭୁକ୍ତ କରାଯାଇଛି । ବିଶେଷ ଭାବରେ, ୧୦ ବର୍ଷ କାର୍ଯ୍ୟକାଳ ପୂରଣ କରିସାରିଥିବା କର୍ମଚାରୀମାନଙ୍କୁ ସବୁଠାରୁ ଅଧିକ ଫିଟନେସ୍ ବଜାୟ ରଖିବା ପାଇଁ ଉତ୍ସାହିତ କରାଯାଉଛି , ଏବଂ ଯେଉଁମାନେ ପ୍ରତିଦିନ ୩୦ ସେଟ୍ ପୁସ୍-ଅପ୍ସ, ୫୦ ସେଟ୍ ସ୍କ୍ୱାଟ୍ସ, ୧୦ ସେଟ ଚିନ-ଅପ୍ସ ଏବଂ ୩୦ ସେଟ୍ ସିଟ୍-ଅପ୍ସ ଚାଲେଞ୍ଜକୁ ସଫଳତାର ସହିତ ପୂରଣ କରୁଛନ୍ତି ସେମାନଙ୍କୁ ସମ୍ମାନିତ ଏବଂ ପୁରସ୍କୃତ କରାଯିବାର ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବାର ପ୍ରେସ ବାର୍ତ୍ତାରେ ସଂସ୍ଥାର ମହାନିର୍ଦ୍ଦେଶକ ଡଃ. ସୁଧାଂସୁ ଶଡଙ୍ଗୀ କହିଛନ୍ତି ଯେ, ଅଗ୍ନି ନିର୍ବାପନ ପାଇଁ ସାହସ, ସ୍ଥିରତା ଏବଂ ଅସାଧାରଣ ଶାରୀରିକ ସୁସ୍ଥତା ଆବଶ୍ୟକ । ଏହି ସଂରଚିତ ଫିଟନେସ୍ ଏବଂ ଶୃଙ୍ଖଳା ଆଦି ପଦକ୍ଷେପ ମାଧ୍ୟମରେ, ଆମ କର୍ମଚାରୀମାନେ ଜରୁରୀକାଳୀନ ପରିସ୍ଥିତିରେ ଜୀବନ ଏବଂ ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଠିକ ଭାବରେ ପ୍ରସ୍ତୁତ ହେବେ । ଉତ୍କୃଷ୍ଟ କର୍ମଚାରୀଙ୍କୁ ମାନ୍ୟତା ଦେବାର ଲକ୍ଷ୍ୟ ହେଉଛି ସମସ୍ତ ଅଗ୍ନିଶମ କର୍ମଚାରୀଙ୍କୁ ଓଡ଼ିଶାର ଜନସାଧାରଣଙ୍କ ସେବାରେ ସ୍ୱାସ୍ଥ୍ୟ, ଶୃଙ୍ଖଳା ଏବଂ ଉତ୍କର୍ଷତାକୁ ପ୍ରାଥମିକତା ଦେବା ପାଇଁ ପ୍ରେରଣା ଦେବା । ଓଡ଼ିଶା ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା କଠୋର ତାଲିମ, ଶାରୀରିକ ସୁସ୍ଥତା, ଶୃଙ୍ଖଳିତ ଦିନଚର୍ଯ୍ୟା ଏବଂ କର୍ମଚାରୀମାନଙ୍କର ଉତ୍ସର୍ଗତା ଓ ଉତ୍କର୍ଷତା ମାଧ୍ୟମରେ ବିପର୍ଯ୍ୟୟ ପ୍ରତିକ୍ରିୟା ପ୍ରସ୍ତୁତିକୁ ସଦା ସୁଦୃଢ଼ କରି ସମାଜ ପ୍ରତି ନିରନ୍ତର ସେବା ଯୋଗାଇଦେବା ପାଇଁ ସଦା ସଂକଳ୍ପବଦ୍ଧ ।

# ଅନଧିକୃତ ନିର୍ମାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅନଧିକୃତ ଓ ଅବୈଧ ନିର୍ମାଣକୁ ରୋକିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଜାରି କରିଛି । ସୁପ୍ରିମକୋର୍ଟଙ୍କ ପ୍ରକାଶିତ ଏକ ରାୟକୁ ଆଧାର କରି ଏହି ନିର୍ଦ୍ଦେଶନାମା ଜାରି ହୋଇଛି, ଅନୁମୋଦିତ ବିଲ୍ଡିଂ ପ୍ଲାନ ବିନା ନିର୍ମାଣ କାର୍ଯ୍ୟକୁ ରୋକିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଣିକି କୋଠାବାଡ଼ି ପ୍ଲାନ୍ ଅନୁମୋଦନ ପୂର୍ବରୁ ବିଲ୍ଡର୍ସ କିମ୍ବା ବ୍ୟକ୍ତିଗତଙ୍କଠାରୁ ଅକୁପେସନ ସାର୍ଟିଫିକେଟ୍(ଓସି) ଦେବା ସଂକ୍ରାନ୍ତରେ ଅଣ୍ଡରଟେକିଂ ରଖାଯିବା ବାଧ୍ୟତାମୂଳକ । ଏହାସହିତ ନିର୍ମାଣାଧୀନ ସ୍ଥାନରେ ଅନୁମୋଦିତ ଯୋଜନା ତଥା ନିର୍ମାଣ ନକ୍ସା ବିଲଡର୍ସ ପ୍ରଦର୍ଶନ କରିବେ । ନିର୍ମାଣ ସମାପ୍ତି/ଅଧିଗ୍ରହଣ ପ୍ରମାଣପତ୍ର କେବଳ ପରିଦର୍ଶନ ପରେ ପ୍ରାଧିକରଣ ଦ୍ୱାରା ଜାରି କରିବେ । ଯଦି ଏକ୍ଷେତ୍ରରେ କେ ?ଣସି ତ୍ରୁଟି ବିଚ୍ୟୁତି ଦେଖାଯାଏ, ତେବେ ତାହା ସଂଶୋଧନ ନ ହେବା ପର୍ଯ୍ୟନ୍ତ ସମାପ୍ତି/ଅଧିଗ୍ରହଣ ପ୍ରମାଣପତ୍ର ସ୍ଥଗିତ ରହିବ । ଏହି ବିଜ୍ଞପ୍ତି ଅନୁଯାୟୀ, ନିର୍ମାଣ କାର୍ଯ୍ୟ ଓଡ଼ିଶା ଡେଭଲପମେଣ୍ଟ ଅଥରିଟି ଆଇନ, ୧୯୮୨ ଏବଂ ଓଡ଼ିଶା ଟାଉନ ପ୍ଲାନିଂ ଓ ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ ଆଇନ, ୧୯୫୬ ଅନୁଯାୟୀ କଡ଼ାକଡ଼ି ପାଳନ କରାଯିବ । ଏହା ସହିତ, ନିର୍ମାଣ ସ୍ଥଳରେ ଅନୁମୋଦିତ ବିଲ୍ଡିଂ ପ୍ଲାନର ଏକ ନକଲ ପ୍ରଦର୍ଶନ କରିବା, ଅନଧିକୃତ ନିର୍ମାଣ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦର୍ଶାଇଛନ୍ତି ଯେ, ଏସଂକ୍ରାନ୍ତରେ ସୁପ୍ରିମକୋର୍ଟ ଦୃଢ଼ ନିର୍ଦ୍ଦେଶ ଜାରି କରିଛନ୍ତି । ଯାହାଦ୍ୱାରା କି ଆଗାମୀ ଦିନରେ ବେଆଇନ ଭାବେ ନିର୍ମାଣ ତଥା ବିନା ଅନୁମୋଦନରେ ହେଉଥିବା କୋଠାବାଡ଼ିକୁ ପ୍ରତିହତ କରିପାରିବ । ସେ ଉଲ୍ଲେଖ କରିଛନ୍ତି ଯେ, ବେଆଇନ କୋଠାବାଡ଼ି ନିର୍ମାଣ ଯୋଗୁଁ ଅନେକ ସମୟରେ ସାଧାରଣ ଲୋକେ ସମସ୍ୟାରେ ପଡୁଛନ୍ତି । ସେହିପରି ବିଦ୍ୟୁତ୍, ପାଣି ନିଷ୍କାସନ(ଡ୍ରେନେଜ୍) ସଂଯୋଗ କେବଳ 'ଓସି ' ପରେ ହିଁ ପ୍ରଦାନ କରାଯିବା ବାଧ୍ୟତାମୂଳକ । ଯଦି ଓସି ପରେ ଏହି ସବୁ କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ଦେଖାଯାଏ ତେବେ ନିର୍ମାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ପ୍ରମୁଖ ସଚିବ ବିଜ୍ଞପ୍ତିରେ ଦର୍ଶାଇଛନ୍ତି ।

# ଶ୍ରୀକ୍ଷେତ୍ରରେ ପିତୃପକ୍ଷ ଶ୍ରାଦ୍ଧ



ପୁରୀ (ଭାସ୍କର ନ୍ୟୁଜ) : ଆଶ୍ୱିନମାସ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଆରମ୍ଭ ହୋଇ ଆଶ୍ୱିନ ମାସ ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ପିତୃପକ୍ଷ ବା ଅପରପକ୍ଷ କୁହାଯାଏ । ଶ୍ରୀକ୍ଷେତ୍ରରେ ଆଜି ଠୁ ଅର୍ଥାତ ୮/୯/୨୦୨୫ ସୋମବାର ରୁ ଅପରପକ୍ଷ ଆରମ୍ଭ ହୋଇଛି । ଯାହା ୨୧/୯/୨୦୨୫ ରବିବାର ପର୍ଯ୍ୟନ୍ତ ଭୋଗହେବ । ମାସର ପ୍ରଥମ ପ୍ରତିପଦ ତିଥିରୁ ହିଁ ଶ୍ରାଦ୍ଧଦାନ ଆରମ୍ଭ ହୁଏ । ତେବେ ଭାଦ୍ରବ ପୂର୍ଣ୍ଣିମାରେ ବି ଶ୍ରାଦ୍ଧଦାନ କରାଯାଇପାରିବ । ପରିବାରର ସେହି ସଦସ୍ୟ ଯିଏ ପୂର୍ଣ୍ଣିମାରେ ପରଲୋକ ଗମନ କରିଥାନ୍ତି ତାଙ୍କ ଲାଗି ଏହି ଦିନ ଶ୍ରାଦ୍ଧ ଦିଆଯାଇପାରିବ । ଯଦି କୌଣସି କାରଣରୁ ପୂର୍ଣ୍ଣିମାରେ ଶ୍ରାଦ୍ଧଦାନ କରି ନ ହେଲା ତେବେ ପିତୃମୋକ୍ଷ ଅମାବାସ୍ୟା ଦିନ ବି ଶ୍ରାଦ୍ଧଦାନ କରାଯାଇପାରେ । ଆଜି ପ୍ରତିପଦା ସମ୍ପୂର୍ଣ୍ଣରୂପେ ଭୋଗ ହେଉଥିବାରୁ ପରିବାରର ସେହି ସଦସ୍ୟ ଯିଏ ପ୍ରତିପଦାରେ ପରଲୋକ ଗମନ କରିଥିବେ ତାଙ୍କ ନିମନ୍ତେ ଆଜି ଶ୍ରାଦ୍ଧ ଅର୍ପଣ କରାଯାଇଛି । ପିତୃପକ୍ଷ ଅବସରରେ ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ, ଇନ୍ଦ୍ରଦ୍ୟୁମ୍ନ ଓ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ସ୍ନାନକରି ତିଳତର୍ପଣ ଆରମ୍ଭ କରିଛନ୍ତି ।

# ବିଜେଡି ଇଣ୍ଡିଆ ମେଣ୍ଟକୁ ସହଯୋଗ କରୁ: ଭକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡ଼ି ପାଇଁ ଏବେ ଐତିହାସିକ ନିଷ୍ପତି ନେବାର ସମୟ ଆସିଛି ବୋଲି ଉପରାଷ୍ଟ୍ରପତି ନିର୍ବାଚନ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରତିକ୍ରିୟା ଦେଇ କହିଛନ୍ତି । ସେ କହିଛନ୍ତି ରାଜ୍ୟରେ ବହୁ ଦିନରୁ ଚର୍ଚ୍ଚା ହେଉଥିଲା ବିଜେଡି ଏବଂ ବିଜେପି ଗୋଟିଏ ଦଳ । ଯଦି ଏଥିରେ ସତ୍ୟତା ନାହିଁ, ତେବେ ବିଜେଡ଼ି ପାଇଁ ଏବେ ତାହା ପ୍ରମାଣିତ କରିବାର ସମୟ ଆସିଛି । ୨୦୨୪ ନିର୍ବାଚନର ୫୧ ବିଧାୟକ ଜିତିଲେ ହେଲେ ଗୋଟିଏ ସାଂସଦ କେଉଁ ଭଳି ଜିତିପାରିଲେ ନାହିଁ । ଦଳର ତ୍ରୁଟି ପୂର୍ଣ୍ଣ ନିଷ୍ପତ୍ତି ପାଇଁ ବହୁ ବିଧାୟକ ହାରିଛନ୍ତି । ରାଜ୍ୟସଭାରେ ଯେଉଁ ନେତା ଅଛନ୍ତି ସେମାନେ ଇଣ୍ଡି ମେଂଟକୁ ସମର୍ଥନ କରିବାକୁ କହୁଛନ୍ତି । ତେଣୁ ବିଜେଡି ଏବେ ଇଣ୍ଡିଆ ମେଂଟକୁ ସହଯୋଗ କରିବାର ସମୟ ଆସିଛି । ଭୟରୁ ବିଜେଡି ମୁକ୍ତ ହେବା ଦରକାର । ଏତେ ବଡ ଦଳକୁ ଏଭଳି ନଷ୍ଟ କରିବା କଥା ନୁହେଁ । ନବୀନ ବାବୁଙ୍କ ନିଷ୍ପତିରେ ବିଜେଡି ଭବିଷ୍ୟତ ନିର୍ଦ୍ଧାରଣ ହେବ । ନବୀନ ବାବୁଙ୍କୁ ଛୁଇଁବାକୁ କେନ୍ଦ୍ର ସରକାରଙ୍କର ସାହସ ନାହିଁ । କାହିଁକି ନବୀନ ବାବୁ ଚାପରେ ରହୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି ।

**PARADIP PORT AUTHORITY**
**E-TENDER CALL NOTICE**
No.: EM/MCHP/Tender-01/25/356, Date: 03.09.2025
Name of the Work : "Design, Fabrication, Supply, Erection and Commissioning of one no. of Stacker of 4000 TPH Capacity".
Estimated Cost : Rs.55,10,00,000/-.
Last Date & time of submission of bid : Dt.07.10.2025 up to 17:15 Hrs.
Refer our website for details : https://eprocure.gov.in/eprocure/app
Executive Engineer(M), MCHP, PPA
PPA/PR/39/2025-2026, dt.04/09/2025

**AFFIDAVIT**
By virtue of an affidavit sworn before the Notary Public, Digapahandi, dated: 08.09.2025, I Panchanan Sahu, Address: Village- Moulabhanja, Po- Moulabhanja, Ps- Pattapur, Dist- Ganjam, Odisha, PIN-761012, declare that I have changed my name from Bira Behera to Panchanan Sahu. Henceforth, I shall be known as Panchanan Sahu for all purposes.
Sd/-Panchanan Sahu

**ଦ.ପୂ. ରେଳପଥ-ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁରର ଉପମୁଖ୍ୟ ଯନ୍ତ୍ରୀ (ସିଓଏନ୍-II) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର www.ireps.gov.in ୱେବସାଇଟ୍‌ରେ ଅପଲୋଡ୍ କରାଯାଇଛି । ଟେଣ୍ଡର ଧାର୍ଯ୍ୟ ତାରିଖରେ ଦିନ ୧୨.୦୦ ଘଣ୍ଟାରେ ବନ୍ଦ ହେବ । ଇ-ଟେଣ୍ଡର ନୋଟିସ୍ ନମ୍ବର: ଡିସିଇ-ସିଓଏନ୍-II-କେଜିପି-୪-୨୦୨୫, ତାରିଖ: ୦୩.୦୯.୨୦୨୫ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଉପମୁଖ୍ୟ ମୁଖ୍ୟ ସଚିବ/ସିଓଏନ୍-II/ଖଡ଼ଗପୁର ଏବଂ ଅନ୍ୟାନ୍ୟ ସ୍ଥାନ ଅଧୀନରେ ସିଇ/ସିଓଏନ୍/ଦକ୍ଷିଣଙ୍କ ନିର୍ଦ୍ଦେଶରେ ଜଙ୍ଗଲ ଜମି ପାଇଁ ଦାଖଲ ହୋଇଥିବା ଜମି ଅଧିଗ୍ରହଣ ପ୍ରସ୍ତାବର ପୁରସ୍କାରକୁ ଚୂଡ଼ାନ୍ତ କରିବା ପାଇଁ କ୍ଷେତ୍ର ସର୍ଭେ ଅନୁଯାୟୀ ଯାଞ୍ଚ, ପରିବର୍ତ୍ତନ, ପରିବର୍ତ୍ତନ ଏବଂ ସହାୟତା ପ୍ରଦାନ । ମୂଲ୍ୟ: ଟ.୩,୩୮,୦୧,୪୬୦ । ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୩,୧୯,୦୦୦ । ଶେଷ ତାରିଖ: ୦୮.୧୦.୨୦୨୫ । ସମାପ୍ତି ଅବଧି: ୧୮ (ଅଠର) ମାସ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି ଜିନିଷ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟିପ୍ପଣୀ: ସମ୍ଭାବ୍ୟ ବିଡ୍‌ଦାତାମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।
(PR-601)

**AFFIDAVIT**
By virtue of an affidavit sworn before the Executive Magistrate, Mahakalpara, dated: 06.09.2025, I Pravat Tarai, Address: village- Bijayanagar, Po- Bijayanagar, Ps/via- Mahakalpara, Dist- Kendrapara, Odisha, PIN- 754224, declare that I have changed my son's name from Rupam Tarai to Subhajit Tarai. Henceforth, He shall be known as Subhajit Tarai for all purposes.
Sd/- Pravat Tarai

**AFFIDAVIT**
By virtue of an affidavit sworn before the Executive Magistrate, Nimapara, dated: 19.06.2025, I Aishwarya Swen, Address: Village- Kuansa, Po- Taradapada, Ps- Nimapara, Dist- Puri, Odisha, PIN-752106, declare that I have changed my name from S. Aishwarya to Aishwarya Swen. Henceforth, I shall be known as Aishwarya Swen for all purposes.
Sd/- Aishwarya Swen

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅକ୍ଟୋବରରୁ...

ବିଶ୍ରାମ ନେବେ ନାହିଁ । ୨୦୨୩ ପରଠାରୁ ବର୍ତ୍ତମାନ ସୁଦ୍ଧା ୪୫୩ଜଣ ମାଓବାଦୀଙ୍କୁ ନିପାତ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଅଧିକାଂଶ ହାର୍ଡକୋର୍ ଥିବା ସୂଚନା ଦିଆଯାଇଛି । ଛତିଶଗଡ଼ରେ କେବଳ ୧ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେହିପରି ଆନ୍ଧ୍ରରେ ୪୦୦, ତେଲଙ୍ଗାନାରେ ୫୦୦ ଓ ଓଡ଼ିଶାରେ ୩୧ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ସୂଚନା ଦିଆଯାଇଛି ।

### ନୂଆପଡ଼ା ବିଧାୟକ...

ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ବିଷୟରେ ଜାଣି ଗଭୀର ଦୁଃଖ ପ୍ରକାଶ କରୁଛି । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ଶାନ୍ତିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି । ସେହିପରି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜମନ୍ତ୍ରୀ ରବିନାରାୟଣ ନାୟକ, ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ମଙ୍ଗଳବାର ଚେନ୍ନାଇରୁ ତାଙ୍କ ମୃତଦେହ ଓଡ଼ିଶାରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି ।

### ତେଜିଲା ଅଣଛାତ୍ର...

ସୁଦ୍ଧା ଅଣଛାତ୍ର ହଷ୍ଟେଲ ଛାଡ଼ିବାକୁ ପିଜି ହଷ୍ଟେଲ ୱାର୍ଡେନ ନୋଟିସ ଜାରି କରିଥିଲେ । ତେବେ ଅଣଛାତ୍ରମାନେ ନ ଯିବାରୁ ସେମାନଙ୍କୁ ବିଦା କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା । କୁଳପତି, ରେଜିଷ୍ଟ୍ରାରଙ୍କ ସହ ପୋଲିସ ଅଫିସର ଓ ୧୦ ପ୍ଲାଟୁନ ଫୋର୍ସ ୧,୨,୩ ଓ ୫ ନମ୍ବର ହଷ୍ଟେଲରେ ଚଢାଉ କରିଥିଲେ । ତେବେ ସେଥିମଧ୍ୟରୁ ୨୧୦ ନମ୍ବର ବିଶିଷ୍ଟ ୩ ନମ୍ବର ହଷ୍ଟେଲ ଅଣଛାତ୍ରଙ୍କ କବ୍‌ଜାରେ ରହିଥିଲା । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାଣି ଓ ବିଜୁଳି ସଂଯୋଗ କାଟି ଦେଇଛନ୍ତି । ଅନ୍ୟପକ୍ଷରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ବାଣୀବିହାରରେ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଯାହା ପଦକ୍ଷେପ ନିଆଯିବା କଥା ନିଆଯାଇଛି । ବାଣୀବିହାର ମୁଖ୍ୟ ଗେଟ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିନା ଆଇ-କାର୍ଡରେ କୌଣସି ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ ଭିତରକୁ ଛଡ଼ାଯାଉ ନାହିଁ ।

### ଆଜି ଭୋଟ୍...

ଥିବା ୭ ସ୍ୱାଧୀନ ସାଂସଦଙ୍କ ଭୂମିକା ଉପରେ ମଧ୍ୟ ନଜର ରହିଛି । ସେହିପରି ଅକାଳୀଦଳ ଓ ଜେଡପିଏମ୍ (ମିଜୋରାମ)ର ମଧ୍ୟ ଜଣେ ଲେଖାଏଁ ସାଂସଦ ରହିଛନ୍ତି । ଯଦି ଏହିସବୁ ଭୋଟ ରାଧାକ୍ରିଷ୍ଣନଙ୍କ ସପକ୍ଷରେ ଯାଏ ତେବେ ଏନଡିଏ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟା ୪୫୮ରେ ପହଞ୍ଚିବ । ସିପି ରାଧାକ୍ରିଷ୍ଣନଙ୍କୁ କାଉଣ୍ଟର କରିବା ପାଇଁ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରିଛି । ତେବେ ଉଭୟ ଗୃହରେ ବିରୋଧୀ ମେଣ୍ଟର ମୋଟ ସାଂସଦଙ୍କ ସଂଖ୍ୟା ୩୨୪ ରହିଛି । ତେଣୁ ଚଳିତ ନିର୍ବାଚନରେ କଡା ଟକ୍କର ଦେଖିବାକୁ ମିଳିଛି । କାରଣ ୨୦୨୨ ଅପେକ୍ଷା ଏଥର ବିରୋଧୀଙ୍କ ପାଖରେ ଅଧିକ ସାଂସଦ ରହିଛନ୍ତି । ହେଲେ ବିଜୟ ପାଇଁ ଏହା ଯଥେଷ୍ଟ ନୁହେଁ । ଯଦି ସମସ୍ତ ବିରୋଧୀ ସାଂସଦ ଜଷ୍ଟିସ ରେଡ୍ଡୀଙ୍କ ସପକ୍ଷରେ ଭୋଟ ଦେବେ ତଥାପି ସେ ୧୦୦ ଓ ୧୩୫ ଭୋଟରେ ପଛୁଆ ରହିବେ । ବିଆରଏସ୍, ବିଜେଡି, ସମସ୍ତ ସ୍ୱାଧୀନ ସାଂସଦ, ଅକାଳୀଦଳ, ଜେଡପିଏମ୍ ଯଦି ଜଷ୍ଟିସ ରେଡ୍ଡୀଙ୍କୁ ସମର୍ଥନ ବି ଦିଅନ୍ତି ତଥାପି ଜିତିବା ପାଇଁ ଶ୍ରୀ ରେଡ୍ଡୀ ଆବଶ୍ୟକ ସଂଖ୍ୟା ହାସଲ କରିପାରିବେ ନାହିଁ ।

### ତାତିଲେ, ଜାଳିଲେ...

ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଏବେ ବି ସେଠାରେ ତୀବ୍ର ଉତ୍ତେଜନା ଲାଗି ରହିଛି । ସୂଚନାଯୋଗ୍ୟ ଯେ ଗତ ୪ ତାରିଖରେ ନେପାଳ ପ୍ରଧାନମନ୍ତ୍ରୀ କେ.ପି.ଓଲିଙ୍କ ସରକାର ଫେସ୍‌ବୁକ୍, ଇନଷ୍ଟାଗାମ, ୟୁଟ୍ୟୁବ, ହ୍ୱାଟ୍‌ସଆପ ଓ ଏକ୍ସ ଭଳି ୨୬ଟି ସୋସିଆଲ ମିଡିଆ ଆପ୍ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ନେପାଳ ସରକାର କହିଛନ୍ତି ଯେ ଫେସବୁକ୍ ଓ ୟୁଟ୍ୟୁବ ଭଳି କମ୍ପାନୀମାନେ ନେପାଳରେ ସେମାନଙ୍କ କାର୍ଯ୍ୟାଳୟ ଖୋଲିଲେ ସୋସିଆଲ ମିଡିଆ ଉପରୁ ପ୍ରତିବନ୍ଧକ ହଟାଇ ଦିଆଯିବ । ଓଲି ସରକାର କହିଛନ୍ତି, ସୋସିଆଲ ମିଡିଆ ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକ ନେପାଳ ଆସି ପଞ୍ଜିକୃତ ହେବା ଉଚିତ ଓ ଠକେଇ ଏବଂ ବିଶୃଙ୍ଖଳା ରୋକିବା ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରିବା ଜରୁରି । ଜେନଜେଡ ସେହି ଲୋକମାନଙ୍କ ବ୍ୟବହୃତ ହୁଏ, ଯେଉଁମାନେ ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ ପରିସ୍ଥିତି ଜଟିଳ ରୂପ ଧାରଣ କରିଥିବାରୁ ସେନାକୁ ମୁତୟନ କରାଯାଇଛି । ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ହଟାଇବା ଆରମ୍ଭ ହୋଇଛି । ସଂଘର୍ଷ ବୃଦ୍ଧି ପାଇବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଗୁଳି ଚଳାଇଥିଲା । ବିକ୍ଷୋଭକାରୀମାନେ ନେପାଳ ରାଜଧାନୀ କାଠମାଣ୍ଡୁ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରିଛନ୍ତି । ସ୍ଥିତି ନିୟନ୍ତ୍ରଣ ପାଇଁ ସେନାକୁ ମୁତୟନ କରାଯାଇଛି । ତେବେ ପୋଲିସ ଗୁଳିରେ ୨୦ଜଣ ଛାତ୍ର ପ୍ରାଣ ହରାଇଥିବାରୁ ନୈତିକତା ଦୃଷ୍ଟିରୁ ନେପାଳ ଗୃହମନ୍ତ୍ରୀ ରମେଶ ଲେଖାକ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫାପତ୍ର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଇ ଦେଇଛନ୍ତି ।

GOVERNMENT OF ODISHA
OFFICE OF THE DISTRICT PROJECT COORDINATOR
SARVASIKHYA AVIYAN
SAMBALPUR
E-procurement Notice
BID IDENTIFICATION No: SSA/SBP/CIVIL/02/ 2025-26
n-150
E-mail -dpcsamblpur.opepa@nic.in Phone/Fax-0663-2410834
No.216/CW/Dated 08.09.2025

1. The District Project Coordinator, SSA, Sambalpur on behalf of Governor of Odisha, invites Percentage Rate bids in Single & Double cover System in ONLINE MODE for construction of Buildings, as detailed in the DTCN from the eligible Class of Contractors.
2. No. of works : 11(ELEVEN)
3. Tender Cost : Rs.6000.00/
4. Class of Contractor : " D" Class & "C" Class
5. Date and time Available in Web site & receipt of Bids: 12:00Hrs of 12.09.2025 to 17:00 Hrs of 24.09.2025.
6. Date of Opening of Tender: 26.09.2025 at 11:30 Hrs.
7. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only.
8. Any Corrigendum / Addendum will be displayed in the website www.tendersodisha.gov.in only.

Sd/- District Project Coordinator
SSA,Sambalpur
OIPR 27119/11/0004/2526

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
IDFC FIRST Bank
**ସିଆଇଏନ:** ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ଋଣଗ୍ରହୀତା ଓ ସହ -ଋଣ ଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ । ନିମ୍ନ ଲିଖିତ ଋଣଗ୍ରହୀତା ଓ ସହ- ଋଣ ଗ୍ରହୀତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି । ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି । ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୧୧୫୨୯୪୫୮୪ | ଗୃହ ଋଣ | ୦୪.୦୮.୨୦୨୫ | ୪,୨୨,୬୮୮.୪୨/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଚନ୍ଦ୍ରକାନ୍ତ ପୂଜାରୀ, ୨. ମାଣ୍ଡି ପୂଜାରୀ

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ । ମୌଜା ଅବସ୍ଥିତି ଜିଲ୍ଲା- ପୁରୀ, ଏସଆର-ବ୍ରହ୍ମଗିରି, ତହସିଲ-ବ୍ରହ୍ମଗିରି, ନମ୍ବର ୩୨୨, ପିଏସ୍-ବ୍ରହ୍ମଗିରି ନଂ ୨୦୧, ମୌଜା- ଚମ୍ପାମାଣିକ, ଖାତା ଅଧୀନ ନଂ ୪୯୧/୨୧୨, ପ୍ଲଟ ନଂ ୩୪୯/୨୫୯୭, ଏରିଆ- ଏ.୦.୧୦୦ ଡିସିମିଲ, ଯୋଗାଯୋଗ ଖାତା ନଂ ୪୫୮, ପ୍ଲଟ ନଂ ୩୪୯/୨୫୮୦, ଏରିଆ-ଏ.୦.୧୦୦ ଡିସିମିଲ, ଏ.୦.୫୦୦ ଡିସିମିଲ ମଧ୍ୟରୁ ଏବଂ ବାଉଣ୍ଡରୀ ଯଥା: ଉତ୍ତର- ଡ୍ରେନ୍ ଓ ରାସ୍ତା, ଦକ୍ଷିଣ- ବିରଞ୍ଚି ପଲେଇ, ପୂର୍ବ- ମୋହନ ପୂଜାରୀ, ପଶ୍ଚିମ-ବିକ୍ରେତା

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୨ | ୧୨୪୭୭୩୭୨୦ | ଗୃହ ଋଣ | ୦୮.୦୮.୨୦୨୫ | ୭,୩୧,୧୮୦.୬୮/- |

ଋଣଗ୍ରହୀତା ଏବଂ ସହ ଋଣଗ୍ରହୀତାଙ୍କ ନାମ: ୧. ଶ୍ରୀମନ୍ତ ବରାଳ, ୨. ଗାୟତ୍ରୀ ବରାଳ

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ । ମୌଜା ଅବସ୍ଥିତି ଜିଲ୍ଲା- ପୁରୀ, ଏସଆର-ବ୍ରହ୍ମଗିରି, ତହସିଲ-ବ୍ରହ୍ମଗିରି, ନମ୍ବର ୩୦୩, ପିଏସ୍-ବ୍ରହ୍ମଗିରି ନଂ ୧୯୧, ମୌଜା-ହାଟିଆ, ଖାତା ଅଧୀନ ନଂ-୩୬୬/୨୬୭, ପ୍ଲଟ ନଂ ୭୭୬/୧୫୭୩, ଏରିଆ-ଏ.୦.୦୬୫ ଡିସିମିଲ, ଯୋଗାଯୋଗ ଖାତା ନଂ ୩୪୩, ପ୍ଲଟ ନଂ ୭୭୬, ଏରିଆ-ଏ.୦.୦୬୫ ଡିସିମିଲ, ୦.୧୩୦ ଡିସିମିଲ ମଧ୍ୟରୁ ଏବଂ ବାଉଣ୍ଡରୀ ଯଥା- ପୂର୍ବ- ସୁବାଷ ବରାଳ, ପଶ୍ଚିମ- ପଞ୍ଚୁ ବରାଳ, ଉତ୍ତର- ସର୍ବସାଧାରଣ ରାସ୍ତା, ଦକ୍ଷିଣ- ରାମଚନ୍ଦ୍ର ବରାଳ ଏବଂ ଅନ୍ୟମାନେ ।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି । ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି ।

ସ୍ୱା/-
ଅଧିକୃତ ଅଧିକାରୀ
ତାରିଖ: ୦୯.୦୯.୨୦୨୫
ସ୍ଥାନ: ଓଡିଶା
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)

**झारखण्ड सरकार स्कूली शिक्षा एवं साक्षरता विभाग**
**(माध्यमिक शिक्षा निदेशालय)**
**प्रेस विज्ञप्ति**

एतद् द्वारा सूचित किया जाता है कि WP(S) No. 7512/2016 बसन्त कुमार गोप बनाम झारखण्ड राज्य एवं अन्य वाद में दिनांक–05.09.2018 को पारित न्यायादेश के अनुपालन में निदेशालयीय आदेश ज्ञापांक–830 दिनांक–12.03.2024 द्वारा प्रोजेक्ट बालिका उच्च विद्यालय, पोटका, पूर्वी सिंहभूम में सहायक शिक्षक के रूप में वादी, श्री बसंत कुमार गोप की सेवा की मान्यता सशर्त्त प्रदान की गई थी। अंकित शर्तों के अनुरूप जिला शिक्षा पदाधिकारी, पूर्वी सिंहभूम के द्वारा वादी के शैक्षणिक/प्रशैक्षणिक प्रमाण पत्र की जाँच करने हेतु राँची विश्वविद्यालय, राँची को पत्र प्रेषित किया गया था। प्रशिक्षण प्रमाण पत्र (बी.एड.) के सत्यापन में राँची विश्वविद्यालय, राँची के पत्रांक–EX/1458 दिनांक–03.06.2025 द्वारा प्रतिवेदित किया गया है कि बी0एड0 का अंक पत्र संख्या–2455 एवं उपाधि प्रमाण पत्र Roll Jam No. 041 राँची विश्वविद्यालय से निर्गत नहीं किया गया है।

वादी श्री बसंत कुमार गोप को सहायक शिक्षक के रूप में सेवा मान्यता प्राप्त करने हेतु फर्जी प्रमाण पत्र का सहारा लेते हुए विभाग को गुमराह करने के आपराधिक कृत्य के लिए नैसर्गिक न्याय के तहत अवसर प्रदान करते हुए निदेशालयीय पत्रांक–2368 दिनांक 15.07.2025 एवं स्मार पत्रांक–3279 दिनांक 22.08.2025 द्वारा उनसे स्पष्टीकरण की मांग की गई थी, परन्तु डेढ़ माह से अधिक बीतने के उपरांत भी स्पष्टीकरण/पक्ष प्रस्तुत नहीं किया गया है। जिला शिक्षा पदाधिकारी, पूर्वी सिंहभूम के पत्रांक–1319 दिनांक 19.08.2025 द्वारा सूचित किया गया कि श्री बसंत कुमार गोप के विरूद्ध पोटका थाना, पूर्वी सिंहभूम में प्राथमिकी दर्ज करायी गयी है, जिसका SDE No. 16/2025 दिनांक 13.08.2025 है।

अतः प्रेस विज्ञप्ति के माध्यम से, श्री बसन्त कुमार गोप को सूचित किया जाता है कि क्यों नहीं, सहायक शिक्षक के रूप में सेवा मान्यता प्राप्त करने हेतु फर्जी दस्तावेज प्रस्तुत करने के फलस्वरूप निर्गत सेवा मान्यता संबंधी आदेश को निरस्त किया जाय ? संबंधित शिक्षक श्री गोप एक पक्ष के अन्दर माध्यमिक शिक्षा निदेशालय, झारखण्ड, राँची को स्पष्टीकरण/पक्ष प्रेषित करेंगे। निर्धारित अवधि में पक्ष अप्राप्त रहने की स्थिति में उक्त पर श्री बसंत कुमार गोप की स्वीकारोक्ति मानते हुए सेवा मान्यता संबंधी निर्गत आदेश को निर्गम द न की तिथि से निरस्त करते हुए उसके विरूद्ध अन्य विधिसम्मत् कानूनी कार्रवाई की जायेगी। ह0/–

निदेशक, माध्यमिक शिक्षा,
स्कूली शिक्षा एवं साक्षरता विभाग,
झारखण्ड, रांची
PR 361252 School Education and Literacy(25-26)D

**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002
(E-mail:cetjusnl@gmail.com)

**e-TENDER NOTICE**
NIT No. – 379/PR/ JUSNL/ 2025-26

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, supply, erection, testing & commissioning of Line Differential Protection for underground 132/33 KV Grid Sub-Station, Irba (Sikidiri) to Sikidiri Switchyard (SRHP) transmission line on turnkey basis |
| Estimated cost (Rs.) | Rs. 1,36,83,967.00 (including GST) |
| Earnest Money Deposit | Rs. 2,73,700.00 On line mode |
| Completion Period | 90 Days |
| e-Tender fee | Rs. 10,000.00 + 18% GST On line mode. |
| Start Date & Time of Download the Tender Documents | 08.09.2025 at 11:00 AM |
| Start Date and time of upload of BID | 08.09.2025 at 11:00 AM |
| Pre-bid meeting | 15.09.2025 at 12:00 PM |
| End date and time of upload of BID | 03.10.2025 upto 04:00 PM |
| BID Opening date for technical part | 06.10.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570 (कॉल सेन्टर) पर दर्ज करायें।

Sd/-
General Manager
C&M (NWBP)
PR 361276 Jharkhand Urja Sancharan Nigam Ltd (25-26)_D




ନୂଆଦିଲ୍ଲୀ: ରାଜସ୍ଥାନରେ ୨୦୨୧ ସବ ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ରଦ୍ଦ କରିବା ସିଙ୍ଗଲ ବେଞ୍ଚର ଆଦେଶ ଉପରେ ରାଜସ୍ଥାନ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛି। ସୋମବାର ଡିଭିଜନ ବେଞ୍ଚରେ ଏହି ମାମଲାର ଶୁଣାଣି ହୋଇଥିଲା। ଚୟନ ପ୍ରାର୍ଥୀଙ୍କ ଆବେଦନ ଉପରେ ଜଷ୍ଟିସ ଏସପି ଶର୍ମା ଓ ଜଷ୍ଟିସ ସଞ୍ଜୀତ ପୁରୋହିତଙ୍କ ବେଞ୍ଚ ଏହି ରାୟ ଦେଇଛି, ଯାହା ଚୟନ ହୋଇଥିବା ପ୍ରାର୍ଥୀଙ୍କ ନିଯୁକ୍ତି ଉପରେ ଘୁରିବୁଲୁଥିବା ବିପଦକୁ ଅସ୍ଥାୟୀ ଭାବେ ଦୂର କରିଛି। ସିଙ୍ଗଲ ବେଞ୍ଚ ୨୮ ଅଗଷ୍ଟ ୨୦୨୫ରେ ୮୫୯ଟି ପଦ ପାଇଁ ହୋଇଥିବା ନିଯୁକ୍ତିକୁ ପେପର ଲିକ୍ ଓ ଅନିୟମିତତା ଆଧାରରେ ରଦ୍ଦ କରିବାକୁ ଆଦେଶ ଦେଇଥିଲେ। ଚୟନ ପ୍ରାର୍ଥୀଙ୍କ ପକ୍ଷରୁ ଅଧିବକ୍ତା ତନଭୀର ଅହମଦଙ୍କ ନେତୃତ୍ୱରେ ଦଲିଲ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କୁ ମଧ୍ୟ ପକ୍ଷକାର କରାଯାଇ ନୋଟିସ ଜାରି କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୮ ଅକ୍ଟୋବରରେ ହେବ।



ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ରାଜସ୍ଥାନ ରାଜ୍ୟପାଳ ହରିଭାଉ ବାଗଡ଼େ।

## ହମାସକୁ ଟ୍ରମ୍ପଙ୍କ ଶେଷ ଚେତାବନୀ



ନୂଆଦିଲ୍ଲୀ: ଇସ୍ରାଏଲ ଗାଜା ଦଖଲ ଅଭିଯାନକୁ ଜୋରଦାର କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହମାସକୁ ଶେଷ ଚେତାବନୀ ଦେଇଛନ୍ତି। ଯୁଦ୍ଧ ବନ୍ଦ ନ କଲେ ପରିଣାମ ଭୟଙ୍କର ହେବ ବୋଲି ସେ ହମାସକୁ ଚେତାଇ ଦେଇଛନ୍ତି। ଅନ୍ୟପଟେ ଟ୍ରମ୍ପଙ୍କ ଏହି ମନ୍ତବ୍ୟର ଜବାବ ଦେଇଛି ହମାସ। ଆମେ ଯୁଦ୍ଧ ବନ୍ଦ ପାଇଁ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି ହମାସ କହିଛି। ତେବେ ଇସ୍ରାଏଲ-ହମାସ ଯୁଦ୍ଧକୁ ନେଇ ଇରାନର ସୁପ୍ରିମ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ଏକ ମନ୍ତବ୍ୟ ପରିସ୍ଥିତକୁ ଅଧିକ ଜଟିଳ କରିଛି। ଇସ୍ରାଏଲ ଆକ୍ରମଣକୁ ବିରୋଧ କରି ଖାମେନେଇ ସମସ୍ତ ମୁସଲମାନ ଏବଂ ଅଣମୁସଲମାନ ଦେଶକୁ ଇସ୍ରାଏଲ ସହିତ ବାଣିଜ୍ୟିକ ଏବଂ ରାଜନୈତିକ ସମ୍ପର୍କ ଛିନ୍ନ କରିବାକୁ ଅନୁରୋଧ କରିଛନ୍ତି।

## ପାଞ୍ଚ ରାଜ୍ୟର ୨୨ ସ୍ଥାନରେ ଏନ୍ଆଇଏର ଚଢ଼ାଉ




ଶ୍ରୀନଗର: ସୋମବାର ସକାଳୁ ଜମ୍ମୁ-କାଶ୍ମୀରର ଅନେକ ସ୍ଥାନରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଚଢାଉ କରିଛି। ଏହା ସହିତ ଦେଶର ବିଭିନ୍ନ ରାଜ୍ୟରେ ମଧ୍ୟ ଚଢାଉ କରାଯାଉଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଦେଶର ପ୍ରାୟ ୨୨ଟି ସ୍ଥାନରେ ଚଢାଉ କରାଯାଇଛି। ଏହି ସମସ୍ତ ମାମଲା ଆଭ୍ୟନ୍ତରୀଣ ସୁରକ୍ଷା ସହିତ ଜଡିତ ବୋଲି କୁହାଯାଉଛି। ଦଳ ଏହି ମାମଲାର ତଦନ୍ତ କରୁଛି। ସୋମବାର ସକାଳେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ଏକ ଦଳ ବାରମୁଲ୍ଲା ଜିଲ୍ଲାର ପଟ୍ଟନ ସହରର ଜଙ୍ଗମ ଗାଁରେ ମଧ୍ୟ ଚଢାଉ କରିଥିଲା। ଏଠାରେ ଟିମ୍ ସମ୍ବନ୍ଧିତ ତଦନ୍ତର ଅଂଶ ସ୍ୱରୂପ ଉମର ରସିଦ ଲୋନଙ୍କ ଘରେ ଚଢାଉ କରିଥିଲା। ବର୍ତ୍ତମାନ ଏହି ସମସ୍ତ ମାମଲାରେ ଏନଆଇଏ ପକ୍ଷରୁ କୌଣସି ସୂଚନା ଆସିନାହିଁ। ଏନଆଇଏର ଏହି କାର୍ଯ୍ୟାନୁଷ୍ଠାନ ଏପରି ସମୟରେ ଆସିଛି ଯେତେବେଳେ କୁହାଯାଉଛି ଯେ, ପ୍ରଧାନମନ୍ତ୍ରୀ ମୋଦି ୯ ସେପ୍ଟେମ୍ବରରେ ଜମ୍ମୁ ଏବଂ କାଶ୍ମୀର ଗସ୍ତ କରିପାରନ୍ତି। ସେ ଏଠାରେ ବନ୍ୟା ପରେ ପରିସ୍ଥିତିର ସମୀକ୍ଷା କରିପାରନ୍ତି। ତଥାପି, ତାଙ୍କର ଜମ୍ମୁ ଗସ୍ତ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ। ସୂଚନାଯୋଗ୍ୟ, ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ, ଏନଆଇଏ ଦଳ ଜମ୍ମୁ-କାଶ୍ମୀର ସମେତ ୫ଟି ରାଜ୍ୟରେ ଏକକାଳୀନ ୨୨ଟି ସ୍ଥାନରେ ଚଢାଉ କରିଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଅଧିକାରୀମାନେ କହିଛନ୍ତି ଯେ ଏହି ତଦନ୍ତ ଏକ ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ କରାଯାଉଛି। ଅଧିକାରୀଙ୍କ ଅନୁଯାୟୀ, ଜମ୍ମୁ-କଶ୍ମୀରର ବାରାମୁଲ୍ଲା, କୁଲଗାମ, ଅନନ୍ତନାଗ ଏବଂ ପୁଲୱାମା ଜିଲ୍ଲାରେ ତଦନ୍ତ ଚାଲିଛି। ଚଢାଉ ସମୟରେ ଏଠାରୁ ଅନେକ ଇଲେକ୍ଟ୍ରୋନିକ୍ ଉପକରଣ, ସନ୍ଦିଗ୍ଧ ଆର୍ଥିକ ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ କାଗଜପତ୍ର ମଧ୍ୟ ଉଦ୍ଧାର କରାଯାଇଛି। ବିହାରର ଆଠଟି ସ୍ଥାନରେ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ତାମିଲନାଡୁରେ ଗୋଟିଏ ଲେଖାଏଁ ସ୍ଥାନରେ, ଉତ୍ତର ପ୍ରଦେଶର ଦୁଇଟି ସ୍ଥାନରେ ଏବଂ ଜମ୍ମୁ-କାଶ୍ମୀରର ମୋଟ ୯ଟି ସ୍ଥାନରେ ତଲାସ କରାଯାଉଛି।

## ଆପ୍ ବିଧାୟକ ଗିରଫ



ନୂଆଦିଲ୍ଲୀ: ଜାମ୍ମୁ ଓ କାଶ୍ମୀରର ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ମେହରାଜ ମଲିକଙ୍କୁ ସୋମବାର ଡୋଡା ଜିଲାରେ ଜନସାଧାରଣରେ ଶାନ୍ତି ନଷ୍ଟ କରିବା ଅଭିଯୋଗରେ ପବ୍ଲିକ ସେଫଟି ଆକ୍ଟ (ପିଏସଏ) ଅଧୀନରେ ଗିରଫ କରାଯାଇଛି। ଏହା ପ୍ରଥମ ଥର ପାଇଁ ଜଣେ ବିଧାୟକଙ୍କୁ ଏହି ଆଇନ ଅଧୀନରେ ଅଟକ କରାଯାଇଛି, ଯାହା ଅଧୀନରେ ବିନା ଅଭିଯୋଗ ବା ବିଚାର ପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ ଅଟକ ରଖାଯାଇପାରିବ। ମଲିକଙ୍କ ଗିରଫକୁ ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ତୀବ୍ର ସମାଲୋଚନା କରିଛନ୍ତି, ଏହାକୁ ଅନିର୍ଦ୍ଦିଷ୍ଟ ସରକାରର ଅଧିକାର ଦୁରୁପଯୋଗ ବୋଲି କହିଛନ୍ତି। ସେ ଏକ୍ସରେ ଲେଖିଛନ୍ତି, ମେହରାଜ ମଲିକଙ୍କୁ ପିଏସଏ ଅଧୀନରେ ଅଟକ କରିବାର କୌଣସି କାରଣ ନାହିଁ। ସେ ଜନସାଧାରଣ ପାଇଁ ବିପଦ ନୁହଁନ୍ତି। ଏହା ଗଣତନ୍ତ୍ରରେ ବିଶ୍ୱାସ ହରାଇବାର କାରଣ ହେବ। ଡୋଡାର ଜିଲା ମାଜିଷ୍ଟ୍ରେଟଙ୍କ ଅନୁଯାୟୀ, ମଲିକଙ୍କ କାର୍ଯ୍ୟକଳାପ ଜନଶାନ୍ତି ଓ ଆଇନଶୃଙ୍ଖଳା ପାଇଁ ବିପଦଜନକ ଥିଲା, ଯେଉଁଥିପାଇଁ ତାଙ୍କୁ ଅଟକ କରାଯାଇଛି।

## ଭାରତ ଓ ଇସ୍ରାଏଲ ମଧ୍ୟରେ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମା ସ୍ୱାକ୍ଷରିତ



ନୂଆଦିଲ୍ଲୀ: ଭାରତ ସରକାର ଏବଂ ଇସ୍ରାଏଲ ସରକାର ସୋମବାର ନୂଆଦିଲ୍ଲୀରେ ଏକ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମାରେ କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଇସ୍ରାଏଲର ଅର୍ଥମନ୍ତ୍ରୀ ବେଜାଲେଲ୍ ସ୍ମୋଟ୍ରିଚ୍ ସ୍ୱାକ୍ଷର କରିଥିଲେ। ଇସ୍ରାଏଲ ଏବଂ ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଇସ୍ରାଏଲୀ ପ୍ରତିନିଧିମଣ୍ଡଳଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଏକ ଐତିହାସିକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ଚୁକ୍ତିନାମା ନିବେଶକୁ ବୃଦ୍ଧି କରିବ, ନିବେଶକମାନଙ୍କୁ ଅଧିକ ନିଶ୍ଚିତତା ଏବଂ ସୁରକ୍ଷା ପ୍ରଦାନ କରିବ, ଆଚରଣର ସର୍ବନିମ୍ନ ମାନଦଣ୍ଡ ସୁନିଶ୍ଚିତ କରି ବାଣିଜ୍ୟ ଏବଂ ପାରସ୍ପରିକ ନିବେଶକୁ ପ୍ରୋତ୍ସାହିତ କରିବ ଏବଂ ମଧ୍ୟସ୍ଥତା ମାଧ୍ୟମରେ ଏକ ନିରପେକ୍ଷ ବିବାଦ ସମାଧାନ ବ୍ୟବସ୍ଥା ପ୍ରତିଷ୍ଠା କରିବା ଆଶା କରାଯାଉଛି। ଏହି ଚୁକ୍ତିନାମା ସ୍ୱାକ୍ଷର ଅର୍ଥନୈତିକ ସହଯୋଗ ବୃଦ୍ଧି କରିବା ଏବଂ ଅଧିକ ଦୃଢ଼ ଏବଂ ସ୍ଥିର ନିବେଶ ପରିବେଶ ନିର୍ମାଣ କରିବା ପାଇଁ ଦୁଇ ଦେଶର ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଚୁକ୍ତିନାମା ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ନିବେଶ ବୃଦ୍ଧି ପାଇଁ ପଥ ପ୍ରଶସ୍ତ କରିବ ବୋଲି ଆଶା କରାଯାଉଛି, ଯାହା ବର୍ତ୍ତମାନ ମୋଟ ୮୦୦ ନିୟୁତ ଆମେରିକୀୟ ଡଲାର ରହିଛି। ଏହି ପରିପ୍ରେକ୍ଷୀରେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଥିଲେ ଯେ ଉଭୟ ପକ୍ଷ ନିବେଶ ସୁଯୋଗ ଅନୁସନ୍ଧାନ କରିବା ଏବଂ ଚୁକ୍ତିନାମାରୁ ଲାଭ ପାଇବା ପାଇଁ ଅଧିକ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିବା ଉଚିତ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଇସ୍ରାଏଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଜୀବନ ହରାଇଥିବା ନିର୍ଦ୍ଦୋଷ ଲୋକମାନଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ। ଉଭୟ ବିଶ୍ୱ ଶାନ୍ତି ପାଇଁ ଦୁଇ ଦେଶର ସହଭାଗୀ ସଭ୍ୟତା ମୂଲ୍ୟବୋଧକୁ ମଧ୍ୟ ଉଲ୍ଲେଖ କରିଥିଲେ। ଦୁଇ ମନ୍ତ୍ରୀ ଉଭୟ ଦେଶ ପ୍ରତି ଆତଙ୍କବାଦ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ସ୍ୱୀକାର କରିଥିଲେ ଏବଂ ପରସ୍ପର ସହିତ ଏକାତ୍ମକତା ପ୍ରକାଶ କରିଥିଲେ। ସୁରକ୍ଷା ଚ୍ୟାଲେଞ୍ଜ ସତ୍ତ୍ୱେ ଉଚ୍ଚ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବାରେ ଇସ୍ରାଏଲର ଅର୍ଥମନ୍ତ୍ରୀ ଦୁଇ ଦେଶର ଦୃଢ଼ ସହଭାଗୀ ପୃଷ୍ଠଭୂମି ଉଲ୍ଲେଖ କରିଥିଲେ। ଇସ୍ରାଏଲର ଅର୍ଥମନ୍ତ୍ରୀ ସାଇବର ସୁରକ୍ଷା, ପ୍ରତିରକ୍ଷା, ନବସୃଜନ ଏବଂ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ବର୍ଦ୍ଧିତ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଥିକ ପ୍ରଯୁକ୍ତିବିଦ୍ୟା ନବସୃଜନ, ଭିତ୍ତିଭୂମି ବିକାଶ, ଆର୍ଥିକ ନିୟନ୍ତ୍ରଣ ଏବଂ ଡିଜିଟାଲ୍ ପେମେଣ୍ଟ ସଂଯୋଗ କ୍ଷେତ୍ରରେ ଆର୍ଥିକ ସହଯୋଗକୁ ଆହୁରି ବୃଦ୍ଧି କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେମାନେ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ଏବଂ ଆର୍ଥିକ ସହଯୋଗ ବୃଦ୍ଧି କରିବାକୁ ଏବଂ ପାରସ୍ପରିକ ଆଧାରରେ ନିବେଶକୁ ପ୍ରୋତ୍ସାହିତ ଏବଂ ସୁରକ୍ଷା କରିବାକୁ ସହମତ ହୋଇଥିଲେ। ଇସ୍ରାଏଲ ଅର୍ଥମନ୍ତ୍ରୀ ମଧ୍ୟ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଇସ୍ରାଏଲ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ।

## ବିକଶିତ ଛତିଶଗଡ ଗଠନରେ ବୈଷୟିକ ସହାୟତା ଦେବ ୟୁନିସେଫ୍



ରାୟପୁର: ସୋମବାର ଛତିଶଗଡର ମହାନଦୀ ଭବନରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ୟୁନିସେଫ୍ ଇଣ୍ଡିଆର ଏକ ପ୍ରତିନିଧିଦଳ। ଏହି ପ୍ରତିନିଧି ଦଳ ବିକଶିତ ଛତିଶଗଡ ଗଠନରେ ବୈଷୟିକ ସହାୟତା ଯୋଗାଇବ। ଏନେଇ ବୈଠକରେ ବିଷଦଭାବେ ଆଲୋଚନା କରାଯାଇଥିଲା। ପ୍ରତିନିଧିଦଳକୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ୟୁନିସେଫ୍ ବିଶ୍ୱରେ ଜନମଙ୍ଗଳ ପାଇଁ ବହୁ ଅବଦାନ ଦେଇସାରିଛି। ଏବେ ବି ୟୁନିସେଫ୍ ପକ୍ଷରୁ କାର୍ଯ୍ୟକ୍ରମ ଜାରି ରହିଛି। ୨୦୪୭ ବିକଶିତ ଭାରତ ପାଇଁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ସଂପର୍କରେ ମଧ୍ୟ ବିଷ୍ଣୁଦେବ ପ୍ରତିନିଧିମଣ୍ଡଳୀକୁ ସୂଚନା ଦେଇଥିଲେ। ଏହି ଅବସରରେ ଶ୍ରୀ ସାଏ କହିଥିଲେ ଯେ, ଛତିଶଗଡରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ୟୁନିସେଫ୍‌ର କ୍ଷତ୍ରୀୟ ସେବାର ମୁଖ୍ୟ ସୋଲେଦାଦ୍ ହେରୋର କହିଥିଲେ ଯେ, ଛତିଶଗଡ ସରକାର ଏ କ୍ଷେତ୍ରରେ ଆମକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ସେ କହିଥିଲେ ଛତିଶଗଡ ସରକାର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମହତାରୀ ବନ୍ଦନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେହିପରି ୟୁନିସେଫ୍ ପକ୍ଷରୁ ଛତିଶଗଡରେ ଆମର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଛି। କେବଳ ଛତିଶଗଡ ନୁହେଁ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଓଡ଼ିଶାରେ ମଧ୍ୟ ଚାଲୁରହିଥିବା ୟୁନିସେଫ୍ କ୍ଷତ୍ରୀୟ ସେବାର ମୁଖ୍ୟ କହିଥିଲେ। ତେବେ ବିକଶିତ ଛତିଶଗଡ ପାଇଁ ବୈଷୟିକ ସହାୟତା ପାଇଁ ଉଭୟପକ୍ଷ ମଧ୍ୟରେ ଆଲୋଚନା କରାଯାଇ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଛତିଶଗଡରେ ମହିଳା ସଶକ୍ତିକରଣ କାର୍ଯ୍ୟ ଦ୍ରୁତ ଗତିରେଆଗେଇ ଚାଲିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ସୁବୋଧ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ସଚିବ ରାହୁଲ ଭଗତ, ମହିଳା ଓ ଶିଶୁବିକାଶର ସଚିବ ସାମି ଆଦିତ, ସ୍ୱାସ୍ଥ୍ୟ ସଚିବ ଅମିତ କଟାରିଆ, ୟୁନିସେଫ୍ ଛତିଶଗଡ ମୁଖ୍ୟ ୱିଲିୟମ ହାନ୍‌ଲନ ଏବଂ ଡକ୍ଟର ବାଲ୍ ପରିତୋଷ ଦାସ ଉପସ୍ଥିତ ଥିଲେ।

# ବାଣିଜ୍ୟ



ନୂଆଦିଲ୍ଲୀ: ଆସନ୍ତା ପାର୍ବଣ ଋତୁରେ ସହରାଞ୍ଚଳ ଭାରତରେ ପ୍ରାୟ ୨.୧୯ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଲୋକାଲସର୍କଲ୍ସର ଏକ ରିପୋର୍ଟ ପ୍ରକାଶ କରିଛି। ନିକଟରେ ଘୋଷଣା ହୋଇଥିବା ଜିଏସଟି ହାର ହ୍ରାସ ଯୋଗୁ ଆବଶ୍ୟକ ସାମଗ୍ରୀ, ଇଲେକ୍ଟ୍ରୋନିକ୍ସ ଓ ଅଟୋମୋବାଇଲ ଉପରେ ଟିକସ କମିଛି, ଯାହା ଗ୍ରାହକଙ୍କ ଖର୍ଚ୍ଚ ବୃଦ୍ଧି ପାଇଁ ଉତ୍ସାହ ଯୋଗାଇଛି। ୩୧୯ଟି ଜିଲାରୁ ୪୪,୦୦୦ରୁ ଅଧିକ ସହରୀ ପରିବାରର ୨ ଲକ୍ଷରୁ ଅଧିକ ପ୍ରତିକ୍ରିୟା ଉପରେ ଆଧାରିତ ଏହି ସର୍ଭେ ଅନୁଯାୟୀ, ୩୭% ପରିବାର ଘର ଉନ୍ନତି ପାଇଁ ଫର୍ନିଚର, ଆପ୍ଲାୟାନ୍ସ ଓ ଡେକୋର ଉପରେ ଖର୍ଚ୍ଚ କରିବେ। ୨୪% ଲୋକ ପୋଷାକ ଓ ଚପଲ ଏବଂ ଅନ୍ୟମାନେ ସ୍ମାର୍ଟଫୋନ ଓ ହୋମ ଏଣ୍ଟରଟେନମେଣ୍ଟ ସିଷ୍ଟମ ଭଳି ଇଲେକ୍ଟ୍ରୋନିକ୍ସ କିଣିବାକୁ ପସନ୍ଦ କରିଛନ୍ତି। ଟିୟର-୧ ଓ ମେଟ୍ରୋ ସହରଗୁଡ଼ିକ ସର୍ବାଧିକ ଖର୍ଚ୍ଚ କରିବେ, ଯେତେବେଳେ ଟିୟର-୨ ଓ ୩ ସହରରେ ମଧ୍ୟ ଖର୍ଚ୍ଚ ବୃଦ୍ଧି ଦେଖାଯାଉଛି। ୫୯% ଗ୍ରାହକ ଡିଜିଟାଲ ପେମେଣ୍ଟ ଯେପରି ୟୁପିଆଇ ଓ କ୍ରେଡିଟ କାର୍ଡ ବ୍ୟବହାର କରିବେ, ଆଉ ୩୫% ନଗଦ ଦେବେ।

## ଆକ୍ସିଓର ଅଧିଗ୍ରହଣ ସମ୍ପୂର୍ଣ୍ଣ କରିଛି ଆମାଜନ୍

amazon.in

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଠାରୁ ନିୟାମକୀୟ ଅନୁମୋଦନ ପାଇବା ପରେ ଆମାଜନ ପକ୍ଷରୁ ଭାରତରେ ଏକ ଅଗ୍ରଣୀ ଡିଜିଟାଲ ଋଣ ଓ ଚେକଆଉଟ ଫାଇନାନ୍ସ ପ୍ରଦାନକାରୀ ସଂସ୍ଥା ଆକ୍ସିଓ (ପୂର୍ବତନ ନାମ କ୍ୟାପିଟାଲ ଫ୍ଲୋଟ)ର ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଭାରତରେ ଆମାଜନର ଅନ୍ୟତମ ସର୍ବବୃହତ ଅଧିଗ୍ରହଣ ଭାବେ ଏହା ଭାରତରେ ନିଜର ଆର୍ଥିକ ସେବାକୁ ବିସ୍ତାର କରିବା ପାଇଁ ଆମାଜନର ପ୍ରତିବଦ୍ଧତା କ୍ଷେତ୍ରରେ ଏକ ସଫଳତାକୁ ଚିହ୍ନିତ କରୁଛି। ଏହି ଅଧିଗ୍ରହଣ ଆକ୍ସିଓ ସହ ଆମାଜନର ବର୍ତ୍ତମାନର ସହଭାଗିତା ଉପରେ ଆଧାରିତ, ଯାହା ୬ ବର୍ଷରୁ ଅଧିକ ସମୟ ହେବ ଭାରତରେ ଆମାଜନ ପେ' ପାଇଁ ବାୟ ନାଓ ପେ ଲ୍ୟାଟର ସେବାକୁ କାର୍ଯ୍ୟକାରୀ କରିଆସୁଛି। ଆକ୍ସିଓ , ଆମାଜନର ଏକ ସହାୟକ ସଂସ୍ଥା ଭାବେ ସମନ୍ୱିତ ହେବା ସହିତ ନିଜର ବର୍ତ୍ତମାନର ଲିଡରସିପ ଟିମ ଅଧିନରେ ପରିଚାଳନା ଜାରି ରଖିବ। ଏହି ଅଧିଗ୍ରହଣ ସମ୍ପର୍କରେ ପେମେଂଟ୍ସ ଆମାଜନର ଭିପି ମହେନ୍ଦ୍ର ନେରୁରକର କହିଛନ୍ତି, 'ଗତ ୬ ବର୍ଷ ମଧ୍ୟରେ ଆକ୍ସିଓ ସହ ଆମର ସହଭାଗିତା ଆମକୁ ୧୦ ମିଲିୟନରୁ ଅଧିକ ଗ୍ରାହକଙ୍କ ପାଇଁ ଋଣ ସୁବିଧା ପ୍ରଦାନ କରିବା ଲାଗି ଆମକୁ ସକ୍ଷମ କରିଛି। ଆମାଜନର ପହଂଚ, ବୈଷୟିକ ଜ୍ଞାନ ଓ ବ୍ୟାଙ୍କ ସମ୍ପର୍କ ସହ ଏକତ୍ରିତ ହୋଇ ଆକ୍ସିଓର ଡିଜିଟାଲ ଋଣ ବିଶେଷଜ୍ଞତା ଆମକୁ ଆଗାମୀ ବର୍ଷଗୁଡିକରେ ଲକ୍ଷ ଲକ୍ଷ ନୂଆ ଗ୍ରାହକ ଓ କ୍ଷୁଦ୍ର ବ୍ୟବସାୟଗୁଡିକୁ ଋଣ ପ୍ରଦାନ କରିବା ପାଇଁ ବିସ୍ତାର ହେବାରେ ସାହାଯ୍ୟ କରିବ। ସେହିପରି ଆକ୍ସିଓର ସହ ପ୍ରତିଷ୍ଠାତା ଶଶାଙ୍କ ରିଷ୍ୟାଶ୍ରିଙ୍ଗା ଓ ଗୌରବ ହିନ୍ଦୁଜା କହିଛନ୍ତି, 'ଆମାଜନ ସହ ହାତ ମିଳାଇବା ଆକ୍ସିଓ ପାଇଁ ଏକ ଉତ୍ସାହଜନକ ନୂତନ ଅଧ୍ୟାୟକୁ ଚିହ୍ନିତ କରିଛି। ଆମାଜନର ପହଂଚ, ଗ୍ରାହକ କେନ୍ଦ୍ରିକତା ଓ ବାଲାନ୍ସ ସିଟ ବ୍ୟାପକତା ସହ ଆମେ ଡିଜିଟାଲ ଋଣକୁ ପରବର୍ତ୍ତୀ ୧୦୦ ମିଲିୟନ ଭାରତୀୟଙ୍କ ନିକଟରେ ପହଂଚାଇବା ପାଇଁ ସୁବ୍ୟବସ୍ଥିତ ରହିଛୁ।

## ଏକଦିବସୀୟ ଉତ୍ପାଦନ ରେକର୍ଡ କଲା ଆର୍ଏସ୍ପି



ରାଉରକେଲଣ (ଭାସ୍କର ନ୍ୟୁଜ୍) : ସେଲ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ସେପ୍ଟେମ୍ବର ୭ ତାରିଖରେ କଏଲ୍ ଓଜନ ଦୃଷ୍ଟିରୁ ଏହାର ସର୍ବକାଳୀନ ଶ୍ରେଷ୍ଠ ଏକଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି। ଉକ୍ତ ୟୁନିଟ୍ ଆଲୋଚ୍ୟ ଦିନରେ ମୋଟ ୯,୪୪୪ ଟନ ରେକର୍ଡ ଓଜନର ସମୁଦାୟ ୪୧୬ଟି କଏଲ୍ ରୋଲିଂ ସହିତ ୨୦୨୫ ମାର୍ଚ୍ଚ ୨୪ ତାରିଖରେ ହାସଲ କରିଥିବା ପୂର୍ବ ଶ୍ରେଷ୍ଠ ୯,୪୩୦ଟନ୍ ରୋଲିଙ୍ଗ ରେକର୍ଡକୁ ଅତିକ୍ରମ କରିଛି। ପିପିସି, ଇଏମଡ଼ି, ସି ଆଣ୍ଡ ଆଇଟି, ରିଫ୍ରାକ୍ଟୋରିଜ, ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍, ସେଣ୍ଟ୍ରାଲାଇଜ୍ଡ ମେକାନିକାଲ୍, ଡିଜାଇନ୍, ଟ୍ରାଫିକ୍ ଏବଂ କଞ୍ଚାମାଲ, ବିଦ୍ୟୁତ୍ ବିତରଣ, ଆରସିଏଲ, ରୋଲ୍ ସପ, ସାମଗ୍ରୀ ପରିଚାଳନା ଏବଂ ଇନଷ୍ଟ୍ରମେଣ୍ଟେସନ ଆଣ୍ଡ ଅଟୋମେସନ ଭଳି ବିଭାଗଗୁଡ଼ିକର ସହଯୋଗ ସହିତ ଏଚଏସଏମ-୨ ବିଭାଗର ନିରବିଚ୍ଛିନ୍ନ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି। ଏହି ଉତ୍କୃଷ୍ଟ ସଫଳତା ପାଇଁ ହଟ୍ ଷ୍ଟ୍ରିପ୍ ମିଲ୍-୨ ସାମୂହିକ ଏବଂ ନେତୃତ୍ୱ ସହିତ ସମସ୍ତ ସମ୍ପୃକ୍ତ ବିଭାଗକୁ ଅଭିନନ୍ଦନ ଜଣାଇ, ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ସେମାନଙ୍କୁ ଏହି ଉତ୍କର୍ଷ ଧାରା ବଜାୟ ରଖିବା ସହ ଏପରି ଅଧିକ ସଫଳତା ପାଇଁ ପ୍ରୟାସ କରିବାକୁ ଉତ୍ସାହିତ କରିଛନ୍ତି।

## କ୍ୟାମ୍ପସ ଆକ୍ଟିଭଓ୍ୱାର ବ୍ରାଣ୍ଡ ଆମ୍ବାସଡ଼ର ହେଲେ କ୍ରୀତି ସେନନ




ନୂଆଦିଲ୍ଲୀ: ଦେଶର ଅଗ୍ରଣୀ ସ୍ପୋର୍ଟସ ଓ ଆଥିଲିଜର ଫୁଟଓ୍ୱାର ବ୍ରାଣ୍ଡ କ୍ୟାମ୍ପସ ଆକ୍ଟିଭଓ୍ୱାର ପକ୍ଷରୁ ଜାତୀୟ ପୁରସ୍କାର ବିଜୟିନୀ ବଲିଉଡ ଅଭିନେତ୍ରୀ କ୍ରୀତି ସେନନଙ୍କୁ କମ୍ପାନିର ମହିଳା ବର୍ଗର ଉତ୍ପାଦ ପାଇଁ ବ୍ରାଣ୍ଡ ଆମ୍ବାସଡ଼ର ଭାବେ ଘୋଷଣା କରାଯାଇଛି। ଏହି ସହଯୋଗିତା କେବଳ ଏକ ବ୍ରାଣ୍ଡ ଓ ସେଲିବ୍ରିଟି ଭିତରେ ସହଯୋଗିତା ନୁହେଁ, ଏହା ହେଉଛି ଭାରତରେ ମହିଳା ଫୁଟଓ୍ୱାର ବର୍ଗର ଭବିଷ୍ୟତ ଗଠନ କରିବା ପାଇଁ କ୍ୟାମ୍ପସର ରହିଥିବା ଲକ୍ଷ୍ୟର ପ୍ରତିଫଳନ। କ୍ରୀତି ସେନନ ନିଜର ସାହସିକ କ୍ୟାରିୟର ଚୟନ, ବିବିଧ ଭୂମିକାରେ ଅଭିନୟ କରିବା ଏବଂ ଆଜିର ମହିଳାର ମହିଳାମାନଙ୍କ ଭାବର ପ୍ରତିଫଳନ ଭାବେ ପରିଚିତ। ଜଣେ ଇନିୟରିଂ ସ୍ନାତକରୁ ସେ ଭାରତର ଅନ୍ୟତମ ପସନ୍ଦର ଅଭିନେତ୍ରୀରେ ପରିଣତ ହୋଇପାରିଛନ୍ତି। ସେ ହେଉଛନ୍ତି ନିଷ୍ଠା, ବ୍ୟକ୍ତିତ୍ୱ ଓ ଷ୍ଟାଇଲ ପାଇଁ ପ୍ରେରଣା। ଏହି ସହଯୋଗିତା ସମ୍ପର୍କରେ କ୍ୟାମ୍ପସ ଆକ୍ଟିଭଓ୍ୱାର ଲିମିଟେଡର ସିଇଓ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ନିଖିଲ ଅଗ୍ରୱାଲ କହିଛନ୍ତି ଯେ, 'କ୍ୟାମ୍ପସର ମହିଳା ବର୍ଗ ପାଇଁ କ୍ରୀତି ସେନନଙ୍କୁ ଚେହେରା ଭାବେ ଘୋଷଣା କରି ଆମେ ରୋମାଂଚିତ। ଏହି ସହଯୋଗିତା ସମ୍ପର୍କରେ କ୍ରୀତି କହିଛନ୍ତି ଯେ, 'ଆପଣ ଯାହା, ଆପଣଙ୍କୁ ଯାହା କୁହାଯାଉଛି ତାହା ନୁହେଁ, ତାହା ଆପଣଙ୍କ ଷ୍ଟାଇଲ ପରିପ୍ରକାଶ କରିବା ଦରକାର ଉପରେ ମୋର ସର୍ବଦା ବିଶ୍ୱାସ ରହିଛି। ମୋ ପାଇଁ ବିଶିଷ୍ଟ ଭାରତୀୟ ସ୍ନିକର ବ୍ରାଣ୍ଡ କ୍ୟାମ୍ପସ ସେହି ବିଶ୍ୱାସର ପ୍ରତୀକ ଯାହା ଫୁଟଓ୍ୱାରକୁ ମହିଳାମାନଙ୍କ ଭଳି ବିବିଧ ଭୂମିକା ନିର୍ବାହ କରିବା ଓ ଆରାମ ଓ ଷ୍ଟାଇଲ ପ୍ରଦାନ କରିବା ଭଳି ପ୍ରସ୍ତୁତ କରାଯାଇଛି। କ୍ୟାମ୍ପସ ପରିବାର ସହ ଏବଂ ଏକ ଲକ୍ଷ୍ୟ ଯାହା ନିଜର ଭଳି ଲାଗୁଛି ତାହା ସହ ଯୋଡ଼ି ହୋଇ ମୁଁ ବେଶ ଉତ୍ସାହିତ ଯାହା ବ୍ୟକ୍ତିତ୍ୱର ଭାବକୁ ପାଳନ କରୁଥିବା ବେଳେ ନିଜ ବିନା ଦ୍ୱିଧାରେ ନିଜ ପାଇଁ ଚୟନ କରିବା ଲାଗି ମହିଳାମାନଙ୍କୁ ଅନୁପ୍ରାଣିତ କରିବ।'

## ପ୍ରଥମ ବର୍ଷ ପୂର୍ତ୍ତି ପାଳନ କଲା ବିଏସଏ ଗୋଲ୍ଡ ଷ୍ଟାର୍



ନୂଆଦିଲ୍ଲୀ: ବ୍ରିଟିଶ ମୋଟରସାଇକ୍ଲିଙ୍ଗର ତ୍ରୁଟିହୀନ ଆକର୍ଷଣକୁ ବହନ କରି ବିଏସଏ ଗୋଲ୍ଡ ଷ୍ଟାର ପ୍ରଥମ ଏକ୍ସଚେଞ୍ଜ ପ୍ରୋଗ୍ରାମ ସହିତ ବିଏସଏ ଗୋଲ୍ଡ ଷ୍ଟାର ଭାରତରେ ଏହାର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରିଛି। ୬୫୦ ସିସି ଗୋଲ୍ଡ ଷ୍ଟାର ଏହାର ଡିଜାଇନ ଶୁଦ୍ଧତା ଓ କାରିଗରୀ ପାଇଁ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହାର ପ୍ରଥମ ବାର୍ଷିକୀ ଅବସରରେ ଚାଳକମାନେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସହିତ କମ୍ପାନୀର ଯେକୌଣସି ଦୁଇଚକିଆ ଯାନ କ୍ରୟ କରିପାରିବେ। ପ୍ରତ୍ୟେକ କ୍ରୟ ସ୍ୱତନ୍ତ୍ର ଆକ୍ସେସରି ଗୁଡିକର ଏକ ଲିମିଟେଡ-ଏଡିସନ ଗୋଲ୍ଡ-କିଟ୍ ସେଟ ସହିତ ଆସୁଛି, ଯେଉଁଥିରେ ଏକ ଉଚ୍ଚ ୱିଣ୍ଡସିଲ୍ଡ, ଏକ ପଲିସ୍ଡ ଏଗଜଷ୍ଟ ଗାର୍ଡ ଓ ଏକ ରିୟର ଟେଲ ସାମିଲ ରହିଛି। ପ୍ରଥମ ବାର୍ଷିକୀ ଅବସରରେ ଆରମ୍ଭ କରାଯାଇଥିବା କମ୍ପାନୀର ଏକ୍ସଚେଞ୍ଜ ପ୍ରୋଗ୍ରାମ ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୨୩ ତାରିଖ ୨୦୨୫ ପର୍ଯ୍ୟନ୍ତ ଚାଲିବ। ଏ ସମ୍ପର୍କରେ କ୍ଲାସିକ ଲିଜେଣ୍ଡ୍ସର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଶରଦ ଅଗ୍ରୱାଲ କହିଛନ୍ତି, 'ଭାରତରେ ଏହାର ଲଂଚ ପରଠାରୁ ବିଏସଏ ଗୋଲ୍ଡ ଷ୍ଟାର ଏହାର ବିଶ୍ୱସ୍ତ ଅନୁଗାମୀଙ୍କୁ ପାଇଛି। ଏହା ବିଏସଏର ଉତ୍ସାହକୁ ଏଭଳି ଏକ ରୂପରେ ଆଗକୁ ବଢାଇଛି ଯାହା କ୍ଲାସିକ ତଥାପି କଂଟେମ୍ପରାରୀ ଅନୁଭବ ହେଉଛି।

## ସେବି ନିକଟରେ ଡିଆର୍ଏଚ୍ପି ଦାଖଲ କଲା ୟୁକେବି ଇଲେକ୍ଟ୍ରୋନିକ୍ସ

ନୂଆଦିଲ୍ଲୀ: ୟୁକେବି ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍ଏଚ୍ପି) ଦାଖଲ କରାଯାଇଛି। କମ୍ପାନି ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ୮୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅଫରରେ ୪୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ନିବେଶକମାନେ ୪୦୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। କମ୍ପାନି ପକ୍ଷରୁ ଯୋଗ୍ୟ କର୍ମଚାରୀମାନଙ୍କୁ ଇକ୍ୱିଟି ସେୟାର ପିଛା ରିହାତି ପ୍ରଦାନ କରାଯିବ। ୟୁକେବି ଇଲେକ୍ଟ୍ରୋନିକ୍ସ ହେଉଛି ଭାରତର ଅନ୍ୟତମ ପ୍ରମୁଖ ଇଲେକ୍ଟ୍ରୋନିକ୍ସ ସେବା କମ୍ପାନି। କମ୍ପାନି ପକ୍ଷରୁ କଂଜ୍ୟୁମର ଇଲେକ୍ଟ୍ରୋନିକ୍ସ, ଏରୋସ୍ପେସ୍, ପ୍ରତିରକ୍ଷା, ଗଣ ପରିବହନ, ଅଟୋମୋବାଇଲ, ଇ-ଗମନାଗମନ, ଶିଳ୍ପ ଓ ଅକ୍ଷୟଶକ୍ତି କ୍ଷେତ୍ରରେ କାର୍ଯ୍ୟ କରାଯାଉଛି। କମ୍ପାନି ହେଉଛି ଭାରତର ଅନ୍ୟତମ ଅଗ୍ରଣୀ ନିର୍ମାତା ଯାହା ଇଲେକ୍ଟ୍ରୋନିକ୍ସ ଡିଷ୍ଟ୍ରିବ୍ୟୁସନ ସିଷ୍ଟମ୍, ଆସେମ୍ବଲିକର୍ଡ, ପିସିବିଏ, ଇ-ମୋବିଲିଟି ଚାର୍ଜିଂ ସମାଧାନ ଏବଂ ବି୨ବି୨ସି ଓ ବି୨ବି୨ବି ବଜାରର ଆବଶ୍ୟକତା ପୂରଣ କରୁଥିବା ଉତ୍ପାଦ ବିକାଶ କରୁଛି। କମ୍ପାନିର ମହାରାଷ୍ଟ୍ରର ପୁଣେ, ଅହମଦନଗର, ଉତ୍ତରପ୍ରଦେଶର ନୋଏଡା, ରାଜସ୍ଥାନର ଗିଲୋଥ, ଗୋଆ, ଆନ୍ଧ୍ରପ୍ରଦେଶର ଶ୍ରୀସିଟି ଓ ତାମିଲନାଡୁର ଚେନ୍ନାଇରେ ୧୧ଟି କାରଖାନା ରହିଛି। କମ୍ପାନି ପକ୍ଷରୁ ଫର୍ଚୁନ୍ ୫୦୦ କମ୍ପାନିର ଅଗ୍ରଣୀସଂସ୍ଥାଗୁଡ଼ିକ ପାଇଁସେବା ପ୍ରଦାନ କରାଯାଉଛି, ଯେଉଁଥିରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଲିମିଟେଡ୍, ପାନାସୋନିକ ଆପ୍ଲାଏନ୍‌ସେସ୍ ଇଣ୍ଡିଆ କମ୍ପାନି ଲିମିଟେଡ୍, କ୍ୟାରିୟର ମିଡିଆ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଓ ହାୟର ଆପ୍ଲାଏନ୍‌ସେସ୍ ଇଣ୍ଡିଆଲିମିଟେଡ ରହିଛନ୍ତି।

## ଏସୟୁଭି ଭିକ୍ଟୋରିସର ଶୁଭାରମ୍ଭ କଲା ମାରୁତି ସୁଜୁକି




ନୂଆଦିଲ୍ଲୀ: ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମଏସଆଇଏଲ) ପକ୍ଷରୁ ସୋମବାର ଏହାର ନୂଆ ଏସୟୁଭି ଭିକ୍ଟୋରିସର ଶୁଭାରମ୍ଭ କରାଯାଇଛି। ଭିକ୍ଟୋରିସ 'ଗଟ୍ ଇଟ ଅଲ' ଥିବା ଏକ ଏସୟୁଭି ପ୍ରଦାନ କରିବା ପାଇଁ ହାଇପର-କନେକ୍ଟେଡ ଟେକ୍ନୋଲୋଜି, ଅଲରାଉଣ୍ଡ ସେଫ୍ଟି, ଫ୍ୟୁଚରିଷ୍ଟିକ ଓ ସ୍ଲିକ ଡିଜାଇନ ଓ ରୋମାଂଚକର କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରିଛି। ପରିବେଶ ଅନୁକୂଳ ଏସ-ସିଏନଜି ଟେକ୍ନୋଲୋଜି ସହ ସେଗମେଂଟ ପ୍ରଥମ ଅଣ୍ଡରବଡି ଟ୍ୟାଙ୍କ ଡିଜାଇନ ଆଦିରେ ଉପଲବ୍ଧ ଏହି ଏସୟୁଭିକୁ ଆଜିଠାରୁ ଗ୍ରାହକମାନେ ନୂଆ ଭିକ୍ଟୋରିସକୁ ୧୧,୦୦୦ ଟଙ୍କାରେ ବୁକ୍ କରିପାରିବେ। ୧୦ଟି (୩ଟି ଡୁଆଲ ଟୋନ ଓ ୭ଟି ମୋନୋଟୋନ) ରଙ୍ଗ ବିକଳ୍ପରେ ଉପଲବ୍ଧ ଭିକ୍ଟୋରିସକୁ ଦୁଇଟି ନୂଆ କଲର ମିଷ୍ଟିକ ଗ୍ରୀନ ଓ ଇଟରନାଲ ବ୍ଲୁର ଶୁଭାରମ୍ଭ କରିଛି। ଭିକ୍ଟୋରିସର ଶୁଭାରମ୍ଭ କରି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ହିସାଶି ତାକେଉଚି କହିଛନ୍ତି, 'ନୂତନ ଯୁଗର ଭାରତୀୟ ଗ୍ରାହକମାନେ ହାଇପର କନେକ୍ଟେଡ, ସାମାଜିକ ଭାବେ ସଚେତନ, ବୈଷୟିକ ଦୃଷ୍ଟିରୁ ପ୍ରଗତିଶୀଳ ଓ ପରିବେଶ ଦୃଷ୍ଟିରୁ ଦାୟିତ୍ୱସମ୍ପନ୍ନ ଅଟନ୍ତି। ସେମାନଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମର ନୂଆ ଏସୟୁଭି ଭିକ୍ଟୋରିସରେ 'ଗଟ୍ ଇଟ ଅଲ୍' ରହିଛି। ଭିକ୍ଟୋରିସ ଏକ ଲାଟିନ ଶବ୍ଦ ଯାହାର ଅର୍ଥ ହେଉଛି 'ଭିକ୍ଟ୍ରି'। ସେହିପରି କମ୍ପାନୀର ମାର୍କେଟିଂ ଓ ସେଲ୍ସ ବିଭାଗର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥୋ ବାନର୍ଜୀ କହିଛନ୍ତି, 'ଏସୟୁଭି ଆଜିର ସବୁଠାରୁ ଲୋକପ୍ରିୟ ସେଗମେଂଟ ହୋଇପାରେ କିନ୍ତୁ ଏସୟୁଭି ଗ୍ରାହକମାନେ ବିକଶିତ ହୋଇଛନ୍ତି। ଏହାକୁ ପ୍ରକୃତ ଏସୟୁଭି ଡିଏନଏ ସହ ନିର୍ମାଣ କରାଯାଇଛି ଏବଂ ଏହା ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। ଭିକ୍ଟୋରିସ ସହ ଆମେ କେବଳ ଆଉ ଏକ ଏସୟୁଭି ଲଂଚ କରିନାହୁଁ ବରଂ ଚାଳନାର ଏକ ନୂତନ ଦିଗକୁ ପାଳନ କରିଛୁ ଯେଉଁଥିରେ 'ଗଟ ଇଟ୍ ଅଲ୍' ରହିଛି।' ନୂଆ ଭିକ୍ଟୋରିସରେ ଡଲ୍‌ବି ଅଟମୋସ ୫.୧ ସରାଉଣ୍ଡ ସାଉଣ୍ଡ ସହ ଇଂଟିଗ୍ରେଟ ହୋଇଥିବା ସେଗମେଂଟ ପ୍ରଥମ ୮-ସ୍ପିକର ପ୍ରିମିୟମ ସାଉଣ୍ଡ ଏକ୍ସପେରିଏନ୍ସ- ଇନ୍‌ଫିନିଟି ବାଏ ହରମାନ ରହିଛି। ଏହାର ୪ଟି ସ୍ପିକର, ୨ଟି ଟ୍ୱିଟର, ଗୋଟିଏ ସେଂଟର ସ୍ପିକର, ସବ୍ ଉଫର, ୮ଟି ଚ୍ୟାନେଲ ଇନବିଲ୍ଟ ଆମ୍ପ୍ଲିଫାୟର ସହ ପ୍ରିମିୟମ ସାଉଣ୍ଡ ସିଷ୍ଟମ ଏକ 'ଥିଏଟର ଅନ୍ ହ୍ୱିଲ୍' ପ୍ରଭାବ ସୃଷ୍ଟି କରୁଛି। ଏହି ଏସୟୁଭିରେ ୨୬.୦୩ସେମି ଫୁଲି ଡିଜିଟାଲ ଇନଷ୍ଟ୍ରୁମେଂଟ କ୍ଲଷ୍ଟର ସହ ଏକାଧିକ ଡିସପ୍ଲେ ମୋଡ, ୧୦.୧ ଇଂଚ ଟଚସ୍କ୍ରିନ ସ୍ମାର୍ଟପ୍ଲେ ପ୍ରୋ ଏକ୍ସ ଇନ୍‌ଫୋଟେନମେଂଟ ସିଷ୍ଟମ, ସେଗମେଂଟ ପ୍ରଥମ ୬୪ କଲର କଷ୍ଟମାଇଜେବୁଲ ବ୍ୟାକଲିଟ ଆମ୍ବିଏଂଟ ମୋଡ ଲାଇଟିଂ ସିଷ୍ଟମ, ଏକାଧିକ ଆକ୍ଟିଭେଶନ ମୋଡ ସହ ଗେସ୍‌ଚର କଂଟ୍ରୋଲ, ଭେଂଟିଲେଟେଡ ଫ୍ରଂଟ ସିଟ, ୱାୟାରଲେସ ସ୍ମାର୍ଟଫୋନ ଚାର୍ଜର, ୧୦ଟି ଇଂଟେଲିଜେଂଟ ଡ୍ରାଇଭର ଆସିଷ୍ଟମ ଫିଚର ପ୍ରଦାନ କରୁଥିବା ଆଡଭାନ୍ସଡ ଲେଭେଲ ୨ ଏଡିଏଏସ ସିଷ୍ଟମ, ୬ଟି ଏୟାରବ୍ୟାଗ, ଅଲ୍-ହ୍ୱିଲ ଡିସ୍କ ବ୍ରେକ, ଟାୟାର ପ୍ରେସର ମନିଟରିଂ ସିଷ୍ଟମ, ଅଟୋ ୩୬୦ ଭ୍ୟୁ କ୍ୟାମେରା, ଫ୍ରଂଟ ଓ ରିୟର ପାର୍କିଂ ସେନ୍ସର, ବ୍ରେକ ହୋଲ୍ଡ ସହ ଇଲେକ୍‌ଟ୍ରୋନିକ ପାର୍କିଂ ବ୍ରେକ, ଇକଲ ଓ ୬୦+ ଫିଚର ସହ ନେକ୍ସଟ-ଜେନ ସୁଜୁକି କନେକ୍ଟ ଟେଲିମାଟିକ୍ସ ଭଳି ଫିଚର ରହିଛି।



ନୂଆଦିଲ୍ଲୀ: ରେଡ ବୁଲର ମ୍ୟାକ୍ସ ଭେରଷ୍ଟାପେନ ଇଟାଲୀ ଗ୍ରାଣ୍ଡ ପ୍ରିକ୍ସରେ ବିଜୟୀ ହୋଇ ମାଇକେଲ ଶୁମାଖରଙ୍କ ୨୦୦୩ରେ ସ୍ଥାପିତ ଫର୍ମୁଲା ୱାନର ସର୍ବାଧିକ ଦ୍ରୁତ ରେସ ରେକର୍ଡ ଭାଙ୍ଗିଛନ୍ତି। ମୋଞ୍ଜାରେ ୫୩ ଲାପ ସେ ୧ ଘଣ୍ଟା ୧୩ ମିନିଟ ୨୪.୩୨ ସେକେଣ୍ଡରେ ସମ୍ପୂର୍ଣ୍ଣ କରି ଶୁମାଖରଙ୍କ ୧ ଘଣ୍ଟା ୧୪ ମିନିଟ ୧୯.୮୩୮ ସେକେଣ୍ଡର ରେକର୍ଡକୁ ଅତିକ୍ରମ କରିଛନ୍ତି। ଭେରଷ୍ଟାପେନ କହିଛନ୍ତି, ପ୍ରଥମ ଲାପରେ କିଛି ଅସୁବିଧା ହେଲେ ମଧ୍ୟ ପରେ ଆମେ ଉଡ଼ିଥିଲୁ। କାର ଅତ୍ୟନ୍ତ ଆନନ୍ଦଦାୟକ ଥିଲା, ପିଟ ଷ୍ଟପ ସଠିକ ସମୟରେ ହେଲା ଓ ଟିମର ଚମତ୍କାର ପ୍ରଦର୍ଶନ ଥିଲା। ଏହା ତାଙ୍କର ମେ' ମାସ ପରେ ପ୍ରଥମ ବିଜୟ ଓ ଚଳିତ ସିଜନରେ ତୃତୀୟ ବିଜୟ। ଶନିବାର କ୍ୱାଲିଫାଏରେ ସେ ଫର୍ମୁଲା ୱାନର ସର୍ବାଧିକ ଦ୍ରୁତ ଲାପ ରେକର୍ଡ ମଧ୍ୟ କରିଥିଲେ। ମ୍ୟାକଲାରେନର ଲାଣ୍ଡୋ ନରିସ ଦ୍ୱିତୀୟ ସ୍ଥାନରେ ଥାଇ ମଧ୍ୟ ୫.୯ ସେକେଣ୍ଡର ବିଳମ୍ବିତ ପିଟ ଷ୍ଟପ ଯୋଗୁଁ ତାଙ୍କ ସତୀର୍ଥ ଓସ୍କାର ପିଆଷ୍ଟ୍ରିଙ୍କ ପଛରେ ପଡ଼ିଥିଲେ। ପରେ ଟିମର ନିର୍ଦ୍ଦେଶରେ ନରିସ ଦ୍ୱିତୀୟ ସ୍ଥାନ ଫେରି ପାଇଥିଲେ। ଫେରାରୀର ଚାର୍ଲ୍ସ ଲେକ୍ଲର୍କ ଚତୁର୍ଥ ଓ ମର୍ସିଡିଜର ଲୁଇସ ହାମିଲଟନ ଷଷ୍ଠ ସ୍ଥାନରେ ରହିଥିଲେ।



## ଏସିଆ କପ୍ ବିଜୟୀ ହକି ଦଳକୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାର ରାଜଗିରରେ ଆୟୋଜିତ, ପୁରୁଷ ହକି 'ଏସିଆ କପ୍ ୨୦୨୫'ରେ ଚାମ୍ପିଅନ ହୋଇଥିବାରୁ ଭାରତୀୟ ଟିମକୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଏହି ବିଜୟ ଅଧିକ ସ୍ୱତନ୍ତ୍ର କାରଣ ଗତ ଥର ବିଜେତା ଦକ୍ଷିଣ କୋରିଆକୁ ଏଥର ଭାରତ ହରାଇଛି। ଏକ୍ସର ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି 'ବିହାର ରାଜଗିରରେ ଆୟୋଜିତ 'ଏସିଆ କପ୍ ୨୦୨୫'ରେ ଅଭୂତପୂର୍ବ ବିଜୟ ପାଇଁ ଆମର ପୁରୁଷ ହକି ଟିମକୁ ଅଭିନନ୍ଦନ। ଏହି ବିଜୟ ଅଧିକ ସ୍ୱତନ୍ତ୍ର କାରଣ ଗତ ଥରର ବିଜେତା ଦକ୍ଷିଣ କୋରିଆକୁ ଏଥର ଭାରତ ହରାଇଛି। ଏହା ଭାରତୀୟ ହକି ଏବଂ ଭାରତୀୟ କ୍ରୀଡ଼ା ପାଇଁ ଗୌରବର ସମୟ। ଆମର ଖେଳାଳିମାନେ ଆହୁରି ନୂତନ ଶୀର୍ଷକୁ ଛୁଇଁ ଦେଶକୁ ଅଧିକ ଗୌରବ ଆଣୁଥାନ୍ତୁ।'

ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ

## ସ୍ୱର୍ଣ୍ଣ ଜିତିଲେ ଅବିନାଶ



ନୂଆଦିଲ୍ଲୀ: ଜାମସେଦପୁରରେ ଆୟୋଜିତ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ କିଟ୍ ଛାତ୍ର ଅବିନାଶ ମହାନ୍ତି ପୁରୁଷ ଯୁଗଳରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅବିନାଶ-ଆୟୁଷ ପଟ୍ଟନାୟକ ଚମ୍ପିଆନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅବିନାଶ କିଟ୍ ବିଶ୍ୱବିଦ୍ୟାଳୟ ଏମ୍‌ବିଏ ରୁରାଲ ମ୍ୟାନେଜମେଣ୍ଟ ଛାତ୍ର। ସ୍ୱର୍ଣ୍ଣ ଜିତିଥିବା ଅବିନାଶଙ୍କୁ କିଟ୍ ଓ କିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ, ତାଙ୍କ ସଫଳତା ବିଶ୍ୱବିଦ୍ୟାଳୟର ଅନ୍ୟ କ୍ରୀଡ଼ାବିତ୍‌ଙ୍କୁ ଅନୁପ୍ରାଣିତ କରିବ। ଶିକ୍ଷା ସହ କ୍ରୀଡ଼ା ଲାଗି ଆବଶ୍ୟକ ପ୍ରୋତ୍ସାହନ ପାଇଁ ଡ. ସାମନ୍ତଙ୍କୁ ଅବିନାଶ କୃତଜ୍ଞତା ଜଣାଇଛନ୍ତି।

ଏସିଆ କପ୍ ମହିଳା ହକି

## ସିଙ୍ଗାପୁରକୁ ୧୨-୦ ଗୋଲରେ ହରାଇଲା ଭାରତ

### ସୁପର-୪ରେ ଭାରତ



ହାଙ୍ଗଝୋ: ନବନୀତ କୌର ଓ ମମ୍‌ତାଜ ଖାନଙ୍କ ହ୍ୟାଟ୍ରିକ ବଳରେ ଭାରତ ଏସିଆ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟର ପୁଲ 'ବି'ରେ ୩୪ ର‍୍ୟାଙ୍କିଂପ୍ରାପ୍ତ ସିଙ୍ଗାପୁରକୁ ୧୨-୦ ଗୋଲରେ ପରାସ୍ତ କରିଛି। ଏଥି ସହିତ ଦଳ ପ୍ରତିଯୋଗିତାର ସୁପର-୪ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛି। ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିବା ନବନୀତ ୧୪ତମ, ୨୦ତମ ଓ ୨୮ତମ ମିନିଟରେ ଗୋଲ ସ୍କୋର କରିଥିବା ବେଳେ ମମ୍‌ତାଜ ୨ୟ, ୩୨ତମ ଓ ୩୯ତମ ମିନିଟ୍‌ରେ ତାଙ୍କ ଗୋଲଗୁଡ଼ିକ ସ୍କୋର କରିଥିଲେ। ନେହା ୧୧ଶ ଓ ୩୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିବା ବେଳେ ଲାଲ୍‌ରେମ୍‌ସିଆମି (୧୩ତମ), ଇଦିତା (୨୯ତମ) ଓ ଋତୁଜା ପିସାଲ (୫୩ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ବିଶ୍ୱର ୧୦ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟ ଓପନରରେ ଥାଇଲାଣ୍ଡକୁ ୧୧-୦ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ସୁପର-୨ରେ ପୁଲ୍ 'ଏ'ରେ ଦ୍ୱିତୀୟ ସ୍ଥାନରେ ଥିବା ଦଳକୁ ଭେଟିବ।

## ପାକିସ୍ତାନ ଟିମ୍ ପାଇଁ ବୁମ୍‌ରାହ ଚ୍ୟାଲେଞ୍ଜ



ଦୁବାଇ: ଏସିଆ କପ ୨୦୨୫ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତ ଓ ପାକିସ୍ତାନ ଟିମ ସେପ୍ଟେମ୍ବର ୧୪ରେ ସାମ୍ନାସାମ୍ନି ହେବେ । ଏହି ରୋମାଞ୍ଚକର ମୁକାବିଲାରେ ପାକିସ୍ତାନ ଟିମ ପାଇଁ ଯଶପ୍ରୀତ ବୁମରାହ ପୁନର୍ବାର ଏକ ବଡ ଚ୍ୟାଲେଞ୍ଜ ଭାବେ ଉଭା ହେବେ। ଆନ୍ତର୍ଜାତୀୟ ଟି୨୦ରେ ପାକିସ୍ତାନ ଟିମର କୌଣସି ବ୍ୟାଟ୍ସମ୍ୟାନ ବୁମରାହଙ୍କ ବୋଲିଂରେ ଛକା ମାରିପାରି ନାହାନ୍ତି । ବୁମରାହ ପାକିସ୍ତାନ ବିପକ୍ଷରେ ଏ ପର୍ଯ୍ୟନ୍ତ ୩୯ ୧ ବଲ ପକାଇଛନ୍ତି । ଏଥିରେ ଗୋଟିଏ ବି ଛକା ମରାଯାଇ ପାରି ନାହିଁ ।ଏଥର ଏସିଆ କପରେ ଏହା ପାକିସ୍ତାନ ବ୍ୟାଟ୍ସମ୍ୟାନଙ୍କ ପାଇଁ ପୁନର୍ବାର ବଡ ଚ୍ୟାଲେଞ୍ଜ ଭାବେ ଦେଖାଦେବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୁମରାହ ଏସିଆ କପରେ ଯେଉଁ ମ୍ୟାଚରେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇଛନ୍ତି ସେଥିରେ ଭାରତ ହାରିନି । ଓଭରାଲ ୧୨ଟି ମ୍ୟାଚରୁ ଭାରତ ସମସ୍ତ ମୁକାବିଲାରେ ବିଜୟୀ ହୋଇଛି। ଆଉ ସମସ୍ତ ମ୍ୟାଚରେ ବୁମରାହ ଅତି କମରେ ଗୋଟିଏ ୱିକେଟ ହାସଲ କରିଛନ୍ତ। ଏଥର ମଧ୍ୟ ବୁମରାହଙ୍କ ନିକଟରୁ ପୂର୍ବ ଭଳି ଚମତ୍କାର ପ୍ରଦର୍ଶନ ଆଶାରେ ପ୍ରଶଂସକମାନେ ରହିଛନ୍ତି ।

## ୟୁଏସ୍ ଓପନ୍ ଟ୍ରଫି ଜିତିଲେ ସାବାଲେଙ୍କା



ନ୍ୟୁୟର୍କ: ବିଶ୍ୱ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଟପ୍ ସିଡ୍ ଆରିନା ସାବାଲେଙ୍କା ଚଳିତ ୟୁଏସ୍ ଓପନ୍ ମହିଳା ଏକକ ଟ୍ରଫି ଜିତି ନେଇଛନ୍ତି। ତା' ସହିତ ଆମେରିକୀୟ କିମ୍ବଦନ୍ତି ସେରେନା ୱିଲିୟମ୍ସ (୨୦୧୨-୨୦୧୪)ଙ୍କ ପରେ ଦ୍ୱିତୀୟ ଖେଳାଳିଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାର ଟ୍ରଫି ବଜାୟ ରଖିବାକୁ ସକ୍ଷମ ହୋଇଛନ୍ତି। ଗତବର୍ଷ ମଧ୍ୟ ସେ ଏଠାରେ ବିଜୟୀ ହୋଇଥିଲେ। ଏହି ୨୭ବର୍ଷୀୟା ବେଲାରୁଷ ତାରକା ଏହା ପୂର୍ବରୁ ୨୦୨୩ ଓ ୨୦୨୪ରେ ଲଗାତାର ଦୁଇବର୍ଷ ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ। ଗତବର୍ଷ ଫ୍ଲସିଂ ମିଡୋସ୍ ?ରେ ନିଜ କ୍ୟାରିୟରର ପ୍ରଥମ ୟୁଏସ୍ ଓପନ୍ ଟ୍ରଫି ଜିତିଥିଲେ। ଏହି ଐତିହାସିକ ବିଜୟ ପରେ ଭାବବିହ୍ୱଳ ସାବାଲେଙ୍କା ନିଜ କୋଚିଂ ଷ୍ଟାଫ୍, ପରିବାର ଓ ସମର୍ଥକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଫାଇନାଲ୍‌ରେ ସାବାଲେଙ୍କା ନିଜର ଦବ୍‌ଦବା ଦେଖାଇଥିଲେ। ସ୍ଥାନୀୟ ଖେଳାଳି ତଥା ଅଷ୍ଟମ ସିଡ୍ ଆମଣ୍ଡା ଆନିସିମୋଭାଙ୍କୁ ବିପକ୍ଷରେ ପ୍ରଥମ ସେଟ୍‌କୁ ସହଜରେ ୬-୩ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ ଆନିସିମୋଭା କଡ଼ା ଟକ୍କର ଦେଇଥିଲେ। ତେବେ ଏହାକୁ ଟାଇବ୍ରେକରରେ ୭-୬ (୩)ରେ ଜିତି ସାବାଲେଙ୍କା ପୁଣି ଥରେ ବିଜୟିନୀ ହୋଇଥିଲେ।

## ନିଯୁକ୍ତି ପାଇଲେ ୩୩୨ ଆଥ୍‌ଲେଟ୍

ନୂଆଦିଲ୍ଲୀ: ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ମୋଟ ୩୩୨ ଆଥ୍‌ଲେଟଙ୍କୁ ନିଯୁକ୍ତି ଦେଇଛି। ସେମାନଙ୍କ ମଧ୍ୟରେ ୧୭୯ ମହିଳା ରହିଥିବା ପାରାମିଲିଟାରୀ ସଂସ୍ଥା ତରଫରୁ କୁହାଯାଇଛି। ଏହି କ୍ରୀଡ଼ାବିତ୍‌ମାନଙ୍କୁ ନେଇ ବିଭିନ୍ନ କ୍ରୀଡ଼ାରେ ୩୪ଟି ନୂଆ ପୁରୁଷ ଓ ମହିଳା ଦଳ ଗଠନ କରାଯିବ। ଏହି ଖେଳଗୁଡ଼ିକ ମଧ୍ୟରେ ତୀରନ୍ଦାଜୀ, ଲନ ଟେନିସ, ବ୍ୟାଡ୍‌ମିଣ୍ଟନ ଓ ସାଇକ୍ଲିଂ ଅନ୍ୟତମ ରହିଛି। ଦେଶରେ ସିଆଇଏସ୍‌ଏଫ୍ କର୍ମଚାରୀଙ୍କ ସଂଖ୍ୟା ୧.୭୦ ଲକ୍ଷ ରହିଛି। ସେମାନେ ଦେଶର ୬୯ ବେସାମରିକ ବିମାନବନ୍ଦର, ଦିଲ୍ଲୀ ମେଟ୍ରୋ ଏବଂ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନରେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏହା ଏକ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ।

## ପ୍ଲେୟର ଅଫ୍ ଦି ମନ୍ଥ ଦୌଡ଼ରେ ସିରାଜ

ଦୁବାଇ: ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜଙ୍କ ନାମ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ସକାଶେ ସୁପାରିସ କରାଯାଇଛି। ପୁରସ୍କାର ଦୌଡ଼ରେ ରହିଥିବା ଅନ୍ୟ ଦୁଇ ଖେଳାଳି ହେଲେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନ୍‌ରୀ



ଓ ୱେଷ୍ଟଇଣ୍ଡିଜର ଜେଡେନ୍ ସିଲେସ। ସିରିଜରେ ଉଭୟ ଦଳର ବହୁ ଖେଳାଳି ଆଘାତପ୍ରାପ୍ତ ହୋଇ ଥିଲେ। ସିରାଜ କିନ୍ତୁ ଫିଟ୍‌ନେସ୍ ବଜାୟ ରଖି ସମସ୍ତ ୫ଟି ଯାକ ମ୍ୟାଚ ଖେଳି ୨୩ ଉଇକେଟ ଅକ୍ତିଆର କରିଥିଲେ। ଏହି ସିରିଜ ଜୁନ୍ ଶେଷ ଭାଗରେ ଆରମ୍ଭ ହୋଇ ଅଗଷ୍ଟ ପ୍ରଥମ ଭାଗରେ ଶେଷ ହୋଇଥିଲା। ୫ଟି ଟେଷ୍ଟ ମ୍ୟାଚରେ ସିରାଜ ୧୮୫.୩ ଓଭର ବୋଲିଂ କରିଥିଲେ। ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ସରିଜକୁ ୨-୨ରେ ଡ୍ର ରଖିଥିଲା। ମହମ୍ମଦ ସିରାଜ ଅଗଷ୍ଟରେ ମାତ୍ର ଗୋଟିଏ ମ୍ୟାଚ ଖେଳିଥିଲେ। ସେହି ମ୍ୟାଚରେ ଚମତ୍କାରିତା ଯୋଗୁ ତାଙ୍କ ନାମ ପୁରସ୍କାର ପାଇଁ ସୁପାରିସ କରାଯାଇଛି।

## ପଞ୍ଜାବ କିଙ୍ଗସ୍ ନାଁରେ ସଙ୍ଗୀନ ଅଭିଯୋଗ ଆଣିଲେ କ୍ରିସ୍ ଗେଲ୍



ନୂଆଦିଲ୍ଲୀ: ୱେଷ୍ଟଇଣ୍ଡିଜ୍‌ର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ କ୍ରିସ ଗେଲ ଇଣ୍ଡିଆନ ପ୍ରିମିୟର ଲିଗକୁ ନେଇ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ଆଇପିଏଲ୍‌ରେ ବିତାଇଥିବା ତାଙ୍କ ଶେଷ ବର୍ଷ ବିଷୟରେ ସେ ଏକ ବଡ଼ ଦାବି କରିଛନ୍ତି। ସେ କହିଛନ୍ତି, ପଞ୍ଜାବ କିଙ୍ଗସ ଦଳର ଅଂଶ ଥିବାବେଳେ ସେ ଅପମାନିତ ଅନୁଭବ କରିଥିଲେ। ସେତେବେଳେ, ପଞ୍ଜାବ ଦଳର ଅଧିନାୟକତ୍ୱ କେଏଲ ରାହୁଲଙ୍କ ହାତରେ ଥିଲା। ମୁଖ୍ୟ କୋଚ ଅନିଲ କୁମ୍ବଲେ ଥିଲେ। କ୍ରିସ ଗେଲ ପଞ୍ଜାବ ଫ୍ରାଞ୍ଚାଇଜ ଉପରେ ତାଙ୍କୁ ଅପମାନିତ କରିବାର ଅଭିଯୋଗ ଲଗାଇ ଅନିଲ କୁମ୍ବଲେ ତାଙ୍କୁ ବହୁତ ନିରାଶ କରିଥିବା କହିଛନ୍ତି। ଏକ ପୋଡକାଷ୍ଟରେ, କ୍ରିସ ଗେଲ ସ୍ୱୀକାର କରିଛନ୍ତି, ତାଙ୍କ ଆଇପିଏଲ କ୍ୟାରିଅର ଠିକ ଭାବରେ ଶେଷ ହୋଇ ନ ଥିଲା। ପଞ୍ଜାବ କିଙ୍ଗସ୍‌ରେ ମୋତେ ଅପମାନିତ କରାଯାଇଥିଲା। ମୋତେ ସେହି ଦଳରେ ଗୁରୁତ୍ୱ ଦିଆ ଯାଇ ନଥିଲା। କାରଣ ମୁଁ ଜଣେ ବରିଷ୍ଠ ଖେଳାଳି ଏବଂ ଲିଗ ପାଇଁ ବହୁତ କିଛି କରିଛି। ମୁଁ ଏପରି ଅନୁଭବ କରିବାକୁ ଲାଗିଲି ଯେପରି ମୋ କାନ୍ଧ ଉପରେ ଏକ ବଡ଼ ବୋଝ ଥିଲା। ପ୍ରଥମ ଥର ମୋତେ ଡିପ୍ରେସନକୁ ଯିବାପରି ଲାଗିଥିଲା। ଏପରି ମାନସିକ ଅବସ୍ଥାରେ ଟଙ୍କା ଗୁରୁତ୍ୱପୂର୍ଣ୍ଣ ନୁହେଁ। ମୁଁ ଅନିଲ କୁମ୍ବଲେଙ୍କୁ ଫୋନ କଲି ଏବଂ ସ୍ପଷ୍ଟ ଭାବରେ କହିଲି ଯେ, ମୁଁ ଦଳ ଛାଡି ଦେଉଛି। ମୁଁ କାନ୍ଦିଥିଲି ଏବଂ ଦଳ ପରିଚାଳନା ଦେଖି ଅନିଲ କୁମ୍ବଲେଙ୍କ ଉପରେ ବହୁତ ନିରାଶ ହୋଇଥିଲି। କେଏଲ ରାହୁଲ ଅଧିନାୟକ ଥିଲେ, ସେ ମୋତେ କହିଥିଲେ, କ୍ରିସ, ତୁମେ ପରବର୍ତ୍ତୀ ମ୍ୟାଚ ଖେଳିବ। ମୁଁ ସ୍ପଷ୍ଟ ଭାବରେ କହିଥିଲି, ମୁଁ ଦଳର ମଙ୍ଗଳ କାମନା କରୁଛି।

## କପିଲଦେବଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଯୁବରାଜଙ୍କ ବାପା



ଚଣ୍ଡିଗଡ: ପୂର୍ବତନ ଭାରତୀୟ କ୍ରିକେଟର ଯୁବରାଜ ସିଂହଙ୍କ ପିତା ଯୋଗରାଜ ସିଂହ କପିଲ ଦେବଙ୍କ ବିରୁଦ୍ଧରେ ୧୯୯୭ରେ ଉଠିଥିବା ମ୍ୟାଚ ଫିକ୍ସିଂ ଅଭିଯୋଗ ମାମଲା କାହିଁକି ବନ୍ଦ ହେଲା ବୋଲି ପ୍ରଶ୍ନ ଉଠାଇଛନ୍ତି। ଏକ ସାକ୍ଷାତକାରରେ ଯୋଗରାଜ ଦାବି କରିଛନ୍ତି ଯେ ଏହି ମାମଲା ପୁଣି ହେବ ନାହିଁ କାରଣ ଏହା ଅନେକ କିମ୍ବଦନ୍ତୀ ଖେଳାଳିଙ୍କୁ ସମସ୍ୟାରେ ପକାଇବ। ୧୯୯୭ରେ ମନୋଜ ପ୍ରଭାକର ଅଭିଯୋଗ କରିଥିଲେ ଯେ କପିଲ ତାଙ୍କୁ ଖରାପ ପ୍ରଦର୍ଶନ ପାଇଁ ଟଙ୍କା ଅଫର କରିଥିଲେ, କିନ୍ତୁ ସିବିଆଇ ୨୦୦୦ରେ କପିଲଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିଥିଲା। ଯୋଗରାଜ ଆହୁରି କହିଛନ୍ତି, 'ସୁପ୍ରିମକୋର୍ଟରେ ମ୍ୟାଚ ଫିକ୍ସିଂ ଫାଇଲ କାହିଁକି ବନ୍ଦ ହେଲା କପିଲ ଦେବ, ମହମ୍ମଦ ଅଜହରୁଦ୍ଦିନ ଓ ଅନ୍ୟ ଖେଳାଳିଙ୍କ ନାମ ଏଥିରେ ଜଡ଼ିତ ଥିଲା।' ସେ ଏମଏସ ଧୋନୀ, କପିଲ ଦେବ ଓ ବିଷନ ସିଂହ ବେଦୀଙ୍କ ଉପରେ ମଧ୍ୟ ଖେଳାଳିଙ୍କ ସହ ଖରାପ ବ୍ୟବହାର ଅଭିଯୋଗ ଆଣିଛନ୍ତି। ଧୋନୀଙ୍କୁ 'ଅପରାଧୀ ମନୋଭାବ' ଥିବା ବ୍ୟକ୍ତି ବୋଲି କହି ଯୋଗରାଜ ଗୌତମ ଗମ୍ଭୀର, ବୀରେନ୍ଦ୍ର ସେହବାଗ ଓ ହରଭଜନ ସିଂହଙ୍କ ଅଭିଯୋଗକୁ ସମର୍ଥନ କରିଛନ୍ତି।

ଅହମଦ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## କେରଙ୍ଗ ଅହମଦିଆ କ୍ଲବ୍ ଚାମ୍ପିଅନ୍



ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଉପକଣ୍ଠ କେରଙ୍ଗଠାରେ ଦୁଇ ଦିବସୀୟ ପ୍ରଥମ ମୋବେଶର ଅହମଦ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ପାଇକତିଗିରିଆ ଏବଂ କେରଙ୍ଗ ଅହମଦିଆ(ଏ) ମଧ୍ୟରେ ହୋଇଥିଲା। ଖେଳ ଉଭୟ ପକ୍ଷରୁ ବହୁତ ସଂଘର୍ଷ ହୋଇଥିଲା। ଖେଳର ଅନ୍ତିମ ସମୟ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରିନଥିଲେ। ଫଳରେ ଟ୍ରାଇବେକର ସହାୟତା ନିଆଯାଇଥିଲା। ଟ୍ରାଇବେକର ମାଧ୍ୟମରେ କେରଙ୍ଗ ଅହମଦିଆ କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟାନ ହୋଇଥିଲା। ଏହି ଫାଇନାଲ ଖେଳକୁ ମୁଖ୍ୟ ରେଫେରି ଭାବେ ସଖାଓତ ଅଲ୍ଲୀ ଖାଁ ପରିଚାଳନା କରିଥିବା ବେଳେ ଲାଇନରେ ତାଙ୍କୁ ପ୍ରଫୁଲ୍ଲ କୁମାର ବେହେରା ଓ ସଗିର ଅହମଦ ସାହାଯ୍ୟ କରିଥିଲେ। ମ୍ୟାଚ କମିଶନର ଭାବେ ପ୍ରଶାନ୍ତ କୁମାର ବରାଳ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦିଆ ମୁସଲିମ ସଂଗଠନର ସଭାପତି ଓସିମ ଅହମଦ ଓ କେରଙ୍ଗ ସରପଞ୍ଚ ମବରୁର ହୁସେନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମଣ୍ଟୁ ନାୟକ, ରହିମ ଖାଁ, ପ୍ରଶାନ୍ତ କୁମାର ବାରିକ, ବାବୁଲା ବେହେରା, ହୃଷିକେଶ ବେହେରା ଏବଂ ଇଦ୍ରିସ ଖାଁ ଯୋଗଦେଇଥିଲେ। ବିଜୟୀ ଦଳକୁ ନଗଦ ରାଶି ୮ ହଜାର ଏବଂ ପରାଜୟ ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଟୁନାବାବୁ ଆଣ୍ଡ ପାର୍ଟି ପରିଚାଳନା କରିଥିବା ବେଳେ ଅମଜାଦ ଖାଁ, ନାସର ଖାଁ, ଦାଉଦ ଖାଁ, ହଜରତ ଅଲ୍ଲି ଖାଁ, ବେଶାରତ ଖାଁ, ଇମ୍ରାନ ଖାଁ, ମୋତାଲିବ ଖାଁ, ୟୁସୁଫ ଖାଁ, ମହମ୍ମଦ ନଇମ, ସେକ ହୁସେନ, ମୋଜିବୁର ଅଲ୍ଲି ଖାଁ ଏବଂ ଅମିର ଅହମଦ ସାହାଯ୍ୟ ଓ ସହଯୋଗ କରିଥିଲେ।

## ସଚିନଙ୍କ ରେକର୍ଡ ଭାଙ୍ଗିଲେ ଜୋ ରୁଟ୍



ଲଣ୍ଡନ: ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ଦିନିକିଆ ମ୍ୟାଚରେ ଜୋ ରୁଟ ଇତିହାସ ସୃଷ୍ଟି କରିଛନ୍ତି। ରୁଟ ଏହି ମ୍ୟାଚ୍‌ରେ ୯୬ ବଲ୍‌ରେ ୧୦୦ ରନ୍‌ର ଇନିଂସ ଖେଳିଥିଲେ। ରୁଟ ତାଙ୍କ ଶତକୀୟ ଇନିଂସ୍‌ରେ ୬ଟି ଚୌକା ମାରିଥିଲେ। ଏହା ରୁଟଙ୍କ ଦିନିକିଆ କ୍ରିକେଟ୍‌ରେ ୧୯ତମ ଶତକ ଥିଲା। ଏହା ସହିତ ସେ ପୂର୍ବତନ ଭାରତୀୟ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ଏକ ବଡ଼ ରେକର୍ଡ ଭାଙ୍ଗିଥିଲେ। ଜୋ ରୁଟ ଏବେ ଦିନିକିଆ କ୍ରିକେଟ୍‌ରେ ଦ୍ରୁତତମ ୧୯ ଶତକ ମାରିବା ମାମଲାରେ ସଚିନଙ୍କୁ ପଛରେ ପକାଇ ଦେଇଛନ୍ତି। ସଚିନ ଦିନିକିଆରେ ୧୯୪ ଇନିଂସ୍‌ରେ ୧୯ ଶତକ ମାରିଥିଲେ। ରୁଟ କେବଳ ୧୭୨ତମ ଇନିଂସ୍‌ରେ ଏହି ସଫଳତା ପାଇଥିଲେ। ରୁଟ ଏବେ ଦିନିକିଆରେ ଦ୍ରୁତତମ ୧୯ ଶତକ ମାରିବା ଷଷ୍ଠ ବ୍ୟାଟ୍ସମ୍ୟାନ ହୋଇଛନ୍ତି। ଏହି ରେକର୍ଡ ତାଲିକାର ଶୀର୍ଷରେ ପାକିସ୍ତାନର ବାବର ଆଜମଙ୍କ ନାମ ରହିଛି। ବାବର ମାତ୍ର ୧୦୨ ଇନିଂସରେ ୧୯ ଶତକ ହାସଲ କରିଛନ୍ତି। ଦିନିକିଆରେ ଦ୍ରୁତତମ ୧୯ ଶତକ ହାସଲ ଖେଳାଳି ହେଲେ- ବାବର ଆଜମ- ୧୦୨ ଇନିଂସ, ହାସିମ ଆମଲା- ୧୦୪ ଇନିଂସ, ବିରାଟ କୋହଲି- ୧୨୪ ଇନିଂସ, ଡେଭିଡ ୱାର୍ନର- ୧୩୯ ଇନିଂସ, ଏବି ଡିଭିଲିୟର୍ସ- ୧୭୧ ଇନିଂସ, ଜୋ ରୁଟ- ୧୭୨ ଇନିଂସ, ରୋହିତ ଶର୍ମା- ୧୮୧ ଇନିଂସ, କ୍ରିସ ଗେଲ- ୧୮୯ ଇନିଂସ, ରସ ଟେଲର- ୧୯୦ ଇନିଂସ, ସଚିନ ତେନ୍ଦୁଲକର- ୧୯୪ ଇନିଂସ।

କ୍ଲବ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

## ଉତ୍କଳ କରାଟେ ସ୍କୁଲ୍‌କୁ ୧୯ଟି ସ୍ୱର୍ଣ୍ଣ ପଦକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଠାରେ ୩ୟ କ୍ଲବ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଅଛି। ବରିଷ୍ଠ ବିଭାଗ ମହିଳାରେ ଅନୁପମା ସ୍ୱାଇଁ ଓ ପୁରୁଷରେ ଆଶିଷ ସାହୁ ଶକ୍ତିଶାଳୀ ମହିଳା ଓ ପୁରୁଷ ବିବେଚିତ ହୋଇଛନ୍ତି। ଓଡିଶା ଅଲମ୍ପିକ ସଂଘର ସଭାପତି ଶ୍ରୀ ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ଅତିଥି ଭାବେ ୱାର୍ଲ୍ଡ ଅଫ୍ ନ୍ୟୁଟ୍ରିସନର ମ୍ୟାନେଜିଙ୍ଗ ଡାଇରେକ୍ଟର ବିଜୟ କୁମାର ମିଶ୍ର, ଆଡଭୋକେଟ କାଳି ପ୍ରସାଦ ନନ୍ଦ ଓ ସନତ ନାୟକ ଯୋଗ ଦେଇଥିଲେ। ୮୦ ହଜାର ଟଙ୍କାର ନଗଦ ପୁରସ୍କାର ସହ ଦେଢଲକ୍ଷ ଟଙ୍କାର କ୍ରୀଡା ଉପକରଣ ଓ ସ୍ପୋର୍ଟସ ନ୍ୟୁଟ୍ରିସନ୍ ଶ୍ରେଷ୍ଠ କ୍ରୀଡାବିତ ମାନଙ୍କୁ ପ୍ରଦାନ କରଯାଇଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ କ୍ଲବ ମାନଙ୍କରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଓଡିଶା ଶକ୍ତିଉତ୍ତୋଳନ ସଂଘ ଏବଂ ଉତ୍କଳ କରାଟେ ସ୍କୁଲର ମିଳିତ ଉଦ୍ୟମରେ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲ ୧୯ ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ, ଫିଟନେସ ମନ୍ତ୍ର ୫ ଟି ସ୍ୱର୍ଣ୍ଣ ସହ ଦ୍ୱିତୀୟ ଏବଂ ଡି. ଜିମ ୩ ଟି ସ୍ୱର୍ଣ୍ଣ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉପକନିଷ୍ଠ ବାଳିକା ବିଭାଗରେ ବେଷ୍ଟ ଲିଫ୍ଟର ୧ମ, କ୍ଷୀରୋଦ ସିଂ ଖୁଣ୍ଟିଆ , ୨ୟ ଜ୍ଞାନଦକ୍ଷା ସାହୁ । ଜୁନିଅର ବାଳିକା ୧ମ ଆକାଂକ୍ଷା ପରିଡା, ୨ୟ, ଅନନ୍ୟା ଅନନ୍ଦିତା ଗିରି, ୩ୟ ବିଶ୍ୱରୂପା ନାୟକ । ସିନିୟର ମହିଳା ୧ମ, ଅନୁପମା ସ୍ୱାଇଁ, ୨ୟ, ତନୟା ପଣ୍ଡା , ୩ ୟ ଦିବ୍ୟଲେଖା ମିଶ୍ର। ମାଷ୍ଟର ୪୦ ବର୍ଷରୁ ଉର୍ଦ୍ଧ ମହିଳା ବିଭାଗରେ ୧ମ, ରିତା ଘୋଷ , ୨ୟ ପ୍ରତିମା ରଥ , ୩ୟ, ସୋମ୍ୟା ଦାଶ । ମାଷ୍ଟର ୫୦ ବର୍ଷ ରୁ ଅଧିକ ମହିଳା ବିଭାଗରେ ୧ମ, ସମିଷ୍ଟ। ସେନାପତି , ୨ୟ, ଜମ୍ମୁ ବାଇ ନାୟକ , ୩ ୟ , ଗୀତାଞ୍ଜଳି ନାୟକ । Highest Squat ମହିଳା ବିଭାଗରେ ଆକାଂକ୍ଷା ପରିଡା ୨୦୦ କେଜି , highest ବେଞ୍ଚପ୍ରେସ ବିଭାଗରେ ରେ ଆକାଂକ୍ଷା ପରିଡା ୯୦ କେଜି ଓ Highest ଡେଡଲିଫ୍ଟ ରେ ଦିବ୍ୟଲେଖ ମିଶ୍ର ୧୮୦ କେଜି ପ୍ରଥମ ସ୍ଥାନ, ତନୟା ପଣ୍ଡା squat ଓ ବେଞ୍ଚପ୍ରେସ ରେ ଦ୍ୱିତୀୟ ସ୍ଥାନ ଏବଂ ଆକାଂକ୍ଷା ପରିଡା ଡେଡଲିଫ୍ଟରେ ଦ୍ବିତୀୟ ସ୍ଥାନ ଲାଭ କରିଛନ୍ତି। ସେହିପରି ପୁରୁଷ ଉପକନିଷ୍ଠ ବେଷ୍ଟ ଲିଫ୍ଟର ଧୀରେନ୍ଦ୍ର ସ୍ୱାଇଁ ୧ମ, କ୍ରୀଷ୍ଣା ସାହୁ, ୨ୟ ଏବଂ ରାଜ ରଞ୍ଜନ ପାତ୍ର , ୩ ୟ । କନିଷ୍ଠ ପୁରୁଷ ବେଷ୍ଟ ଲିଫ୍ଟରରେ ସୋମେନ ସେନାପତି, ପ୍ରଥମ, ଅକିଲ ନାଗ, ଦ୍ୱିତୀୟ ଏବଂ ସନ୍ତୋଷ ସ୍ୱାଇଁ ତୃତୀୟ ସ୍ଥାନ। ମାଷ୍ଟର ୪୦ ବର୍ଷ ରୁ ଉର୍ଦ୍ଧରେ ଉମାକାନ୍ତ ବେହେରା , ପ୍ରଥମ , ମୋହନ ନାଗ ୨ୟ ଏବଂ ହୃଦାନନ୍ଦ ନାୟକ ତୃତୀୟ । ପୁରୁଷ ମାଷ୍ଟର ୫୦ ବର୍ଷରୁ ଉର୍ଦ୍ଧ କୃଷ୍ଣ ଚନ୍ଦ୍ର ସାହୁ, ପ୍ରଥମ, ନିରଞ୍ଜନ ପଟନାୟକ, ଦ୍ୱିତୀୟ ଏବଂ ଗୋପାଳ ଚନ୍ଦ୍ର ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ । Highest Squat ପୁରୁଷ ବିଭାଗରେ ରାକେଶ ଭୁକ୍ତା ୨୮୫ କେଜି, highest ବେଞ୍ଚପ୍ରେସ ରେ ଯଜ୍ଞଦତ୍ତ ଭୁକ୍ତା ୧୭ କେଜି ଓ Highest ଡେଡଲିଫ୍ଟରେ ରାକେଶ ଭୁକ୍ତା ୨୮୦ କେଜି। ପ୍ରତିଯୋଗୀତାକୁ ସଭାପତି ଇ ଚିତ୍ତ ରଞ୍ଜନ ସ୍ୱାଇଁ , ସମ୍ପାଦକ ଡ. ହରି ପ୍ରସାଦ ପଟନାୟକ , ବି. ପି ବେହେରା , ଜାଭେଦ ଅର୍ଶଦ, ରାକେଶ ଶତପଥୀ, ଲକି ରାଣୀ ପାତ୍ର, ସ୍ୱାଗତିକା ସାହୁ , ରାଜସ୍ମିତା, ପ୍ରଦୀପ ପାତ୍ର, ବ. ଟି. ଭି ରମଣ ମୂର୍ତୀ ,ଶକ୍ତି ବାରିକ, ସୁସମିନୀ ପାଲଟାସିଂ, ଅବିନାଶ ପୁନ୍ଦିର , ସନ୍ଦିପ ଦାଶ , ସୁଜିତ ଗିରି , ଲଳିତ ସାହୁ, ଶ୍ରୀଜିତା ବରାଳ , ନ୍ୟାସା କୁମାରୀ, ରଜନୀ , ସଂଜୀବ ପଟେଲ, ବିଜୟ କୁମାର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ରାଜ୍ୟ ପୋଲିସ ହ୍ୟାଣ୍ଡବଲ୍ ଏବଂ କବାଡି ପ୍ରତିଯୋଗିତାର ଦ୍ୱିତୀୟ ଦିନ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ସୋମବାର କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ ଠାରେ ଫ୍ଲଡ଼ ଲାଇଟ ଏବଂ ସିନ୍ଥେଟିକ ଗ୍ରାଉଣ୍ଡରେ କେନ୍ଦୁଝର ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୭୮ତମ ରାଜ୍ୟ ପୋଲିସ କବାଡି ଓ ଦଶମ ହ୍ୟାଣ୍ଡବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୧ ନମ୍ବର ଗ୍ରାଉଣ୍ଡରେ ସିନ୍ଥେଟିକ ମ୍ୟାଟରେ ଅନୁଷ୍ଠିତ ଆଜିର ପ୍ରଥମ କବାଡି ଖେଳରେ ଗ୍ରୁପ ଏ ରେ ଓଏସଏପି ପ୍ରଥମ ବାଟାଲିୟନ ଢେଙ୍କାନାଳ ୪୧ ପଏଣ୍ଟ ହାସଲ କରିଥିବା ବେଳେ ପଞ୍ଚମ ଆଇଆର ବାଟାଲିୟନ ବୌଦ୍ଧ ୪୦ ପଏଣ୍ଟ ହାସଲ କରିଛି ଏବଂ ଢେଙ୍କାନାଳ ୧ ପଏଣ୍ଟରେ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି। ଦ୍ୱିତୀୟ ମ୍ୟାଚରେ ଗ୍ରୁପ ବି ରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ୩୪ ପଏଣ୍ଟ ହାସଲ କରିଥିବା ବେଳେ ୪୩ ପଏଣ୍ଟ ହାସଲ କରିଛି ଏବଂ ଗଜପତି ୯ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ତୃତୀୟ ମ୍ୟାଚରେ ଗ୍ରୁପ ସି ରେ ଓଏସଏପି ତୃତୀୟ ବାଟାଲିୟନ କୋରାପୁଟ ୩୩ ପଏଣ୍ଟ ହାସଲ କରିଥିବା ବେଳେ ପୁରୀ ୨୮ ପଏଣ୍ଟ ହାସଲ କରିଛି ଏବଂ କୋରାପୁଟ ୫ ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ସେହିପରି ଗ୍ରୁପ ଡିରେ ରାଉରକେଲା ୩୦ ପଏଣ୍ଟ ହାସଲ କରିଥିବା ବେଳେ ଢେଙ୍କାନାଳ ୨୬ ପଏଣ୍ଟ ହାସଲ କରିଛି ଏବଂ ରାଉରକେଲା ୪ପଏଣ୍ଟରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ହ୍ୟାଣ୍ଡବଲ ଷ୍ଟାଡିୟମର ୨ ନମ୍ବର ଗ୍ରାଉଣ୍ଡରେ ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହ୍ୟାଣ୍ଡବଲ ଖେଳର ଗ୍ରୁପ ବି ର ଏକ ମ୍ୟାଚରେ ଷଷ୍ଠ ବାଟାଲିୟନ କଟକ ପଞ୍ଚମ ବାଟାଲିୟନ ବାରିପଦା ବିପକ୍ଷରେ ୨୧-୯ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ସେହିପରି ଗ୍ରୁପ ଏ ର ଅନ୍ୟ ଏକ ଖେଳରେ ପ୍ରଥମ ବାଟାଲିୟନ ଢେଙ୍କାନାଳ ଭଦ୍ରକ ବିପକ୍ଷରେ ୨୨-୧୦ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ଆଜିର ଏହି ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ହ୍ୟାଣ୍ଡବଲ ଖେଳାଳି ମାନଙ୍କ ସହ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର ଡେପୁଟି କାମାଣ୍ଡାଣ୍ଟ ଭବାନୀ ଶଙ୍କର ସେଠ ଏବଂ କେନ୍ଦୁଝର ପୋଲିସର ଅତିରିକ୍ତ ଏସପି ପ୍ରତ୍ୟୁଷ ମହାପାତ୍ର ଓ ଜ୍ୟୋତିର୍ମୟ ଭୁକ୍ତାଙ୍କ ସହ ପରିଚିତ କରାଇ ଦିଆଯାଇଥିଲା। ସେହିପରି କବାଡି ଖେଳରେ ଆଜିର ମୁଖ୍ୟ ଆକର୍ଷଣ ଅନ୍ତର୍ଜାତୀୟ କବାଡି ଖେଳାଳି ସମ୍ବଲପୁର ଭୀମ ବରଦା ଯିଏକି ୨୦୦୪ ମସିହାରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତକୁ ପ୍ରତିନିଧିତ୍ୱ କରିଥିଲେ ତାଙ୍କ ସହ କବାଡି ଖେଳାଳିଙ୍କ ପରିଚିତ କରାଇ ଦିଆଯାଇଥିଲା। ଆଜିର ଏହି ଚାମ୍ପିୟନସିପରେ କବାଡିରେ ଶୁଭେନ୍ଦୁ ପ୍ରସାଦ ଧୀର ଓ ହ୍ୟାଣ୍ଡବଲରରେ ଶ୍ରୀକାନ୍ତ ନାୟକ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଅନିଦ୍ରା ଜନିତ ସମସ୍ୟା କାରଣରୁ ଚିନ୍ତିତ । ଉତ୍ତମ ନିଦ ପାଇଁ କେଉଁ ଖାଦ୍ୟ ସେବନ କରିବା ଉଚିତ୍ ତାହା ମଧ୍ୟ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିଦ ଶରୀର ପାଇଁ ଖୁବ୍ ଜରୁରୀ । ନଚେତ୍ ଶରୀରରେ ଅନେକ ମାରାତ୍ମକ ରୋଗର କାରଣ ପାଲଟିଥାଏ ଅନିଦ୍ରା । ସଠିକ୍ ଭାବେ କାର୍ଯ୍ୟ କରିବା ପାଇଁ ସଠିକ୍ ମାତ୍ରାରେ ଶୋଇବା ନିତାନ୍ତ ଜରୁରୀ । ଜାଣନ୍ତୁ ଏଭଳି କିଛି ଖାଦ୍ୟ ବିଷୟରେ ଯାହାର ସେବନ କରିବା ଦ୍ୱାରା ଉତ୍ତମ ନିଦ ହୋଇଥାଏ । କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଉତ୍ତମ ନିଦରେ ସହାୟକ ହୋଇଥାଏ । ଶୋଇବା ପୂର୍ବରୁ ଉଷୁମ କ୍ଷୀର ପିଇବା ଦ୍ୱାରା ଶାନ୍ତି ଓ ଆରାମଦାୟକ ନିଦ ପାଇଁ ଖୁବ ଜରୁରୀ । ଖଜୁରୀରେ ମେଲଟୋନିନ ରହିଥାଏ । ଏହା ଭଲ ନିଦ ହେବା ପାଇଁ ଆବଶ୍ୟକୀୟ ହରମୋନ ସୃଷ୍ଟି କରିଥାଏ । ଫଳରେ ଉତ୍ତମ ନିଦ ହୋଇଥାଏ । ବାଦମ - ବାଦାମରେ ମେଗ୍ନେସିୟମ ରହିଛି । ଯାହା ଶାନ୍ତି ନିଦ ପ୍ରଦାନ କରିବାରେ ସହାୟକ ହୋଇଥାଏ । ନିୟମିତ ବାଦାମ ବତୁରାଇ ଏହାର ସେବନ କରି ପାରିବେ । ଉତ୍ତମ ନିଦ ପାଇଁ ମଖାନାର ସେବନ କରି ପାରିବେ । କଦଳୀ - କଦଳୀରେ ମେଗ୍ନେସିୟମ ଓ ପୋଟାସିୟମ ରହିଛି । ଯାହା ଉତ୍ତମ ନିଦ ହେବାରେ ସହାୟକ ହୋଇଥାଏ । କଦଳୀ ଭୋକକୁ ମଧ୍ୟ ନିୟନ୍ତ୍ରଣ କରିଥାଏ । କଦଳୀ ଖାଇବା ଦ୍ୱାରା ଅଧିକ ସମୟ ଯାଏଁ ପେଟ ଭର୍ତ୍ତି ହେବା ଭଳି ରହିଥାଏ ।କଦଳୀରେ ପ୍ରଚୁର ମାତ୍ରାରେ ମେଗ୍ନେସିୟମ ମିଳିଥାଏ । ଏହା ମସ୍ତିଷ୍କ ଓ ମନକୁ ଶାନ୍ତ ଓ ଖୁସି ରଖିବାରେ ସହାୟକ ହୋଇଥାଏ ।

## ଘର କି ଅଫିସ ସାମ୍ନାରେ ଲେମ୍ବୁ ଓ ଲଙ୍କା ଟାଙ୍ଗିବାର କାରଣ......





*ଘରେ କି ଦୋକାନ ସାମ୍ନାରେ ଲେମ୍ବୁ, ଲଙ୍କା ଟାଙ୍ଗିବାର ଦୃଶ୍ୟ ଆମେ ସମସ୍ତେ ଅନେକ ସମୟରେ ଦେଖିଥାଉ । ତେବେ ଅନେକଙ୍କ ମନରେ ପ୍ରଶ୍ନ ଆସିଥାଏ ? ଯେ ଲେମ୍ବୁ ଓ ଲଙ୍କା ଟଙ୍ଗାଯିବାର ଅର୍ଥ କଣ ହୋଇଥାଏ ? ଏହା ଟାଙ୍ଗିବା ପଛରେ କଣ ରହିଛି ଚମତ୍କାରୀ ଫାଇଦା ।*

- ଘର ସାମ୍ନା କି ବ୍ୟବସାୟ ସ୍ଥଳରେ ଲେମ୍ବୁ, ଲଙ୍କା ଟାଙ୍ଗିବା ଦ୍ୱାରା ସେହି ସ୍ଥାନ ଉପରେ ନଜର ପଡିନଥାଏ ।
- ଲେମ୍ବୁ ଓ ଲଙ୍କାକୁ ଟାଙ୍ଗିବା ଦ୍ୱାରା ଦୁଷ୍ଟଶକ୍ତିଙ୍କ ନାଶ ହୋଇଥାଏ ।
- ସେମାନେ ସେହି ସ୍ଥାନକୁ ପ୍ରବେଶ କରିପାରିନଥାନ୍ତି ।
- ଘର ଉପରେ କାହାର କୁଦୃଷ୍ଟି ପଡିନଥାଏ ।
- ଏହାଦ୍ୱାରା ସ୍ଥାନର ସୁଖ ଓ ସମୃଦ୍ଧି ଧୀରେ ଧୀରେ କରି ବଢ଼େ
- ଏହାଦ୍ୱାରା ଘରର ସମସ୍ତ କ୍ଷେତରେ ତଥା ଉନ୍ନତି ଦିଗରେ ସାହାଯ୍ୟ କରିଥାଏ ।

## ରକ୍ତଚାପକୁ ନିୟନ୍ତ୍ରଣ କରିବ ମନ୍ଦାର ଫୁଲ

*ଖୁବ୍ ଅଳ୍ପ ଲୋକ ଜାଣିଥାଆନ୍ତି ଯେ ଫୁଲରେ ବି ଏଭଳି ଚମତ୍କାର ଗୁଣ ରହିଛି । ଉଚ୍ଚ ରକ୍ତଚାପକୁ ଠିକ୍ କରିବା ପାଇଁ ମନ୍ଦାର ଫୁଲ ଏକ ଅବ୍ୟର୍ଥ ଔଷଧ ପରି କାମ ଦିଏ । ରକ୍ତଚାପ ରୋଗୀମାନେ ମନ୍ଦାର ଫୁଲର ରସ ପିଇବା ଦ୍ୱାରା ସେମାନଙ୍କ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ...*



ଫୁଲ କେବଳ ଠାକୁରଙ୍କ ପୂଜା ପାଇଁ ନୁହେଁ ବରଂ ତା'ର ଅନେକ ଉପକାର ଗୁଣ ମଧ୍ୟ ରହିଛି । ଅନେକ ଫୁଲ ମଧ୍ୟରେ ଅନେକ ପ୍ରକାରର ଉପକାରୀ ଗୁଣ ରହିଛି । ସେଥିମଧ୍ୟରୁ ଅନ୍ୟତମ ହେଉଛି ମନ୍ଦାର ଫୁଲ । ଫୁଲକୁ ଆମେ ସାଜସଜା ପାଇଁ ବ୍ୟବହାର କରୁ । ମାତ୍ର ବେଳେ ବେଳେ ଏହା ଆମ ସ୍ୱାସ୍ଥ୍ୟକୁ ବି ସୁଧାରି ଦେଇପାରେ । ସେଥିମଧ୍ୟରୁ ଅନ୍ୟତମ ଫୁଲ ହେଉଛି ମନ୍ଦାର ଫୁଲ। । ଔଷଧୀୟ ଗୁଣରେ ଭରପୂର ଅନେକ ଫୁଲ ମଧ୍ୟରୁ ମନ୍ଦାର ଅନ୍ୟତମ ।

ଏକଥା ଖୁବ୍ ଅଳ୍ପ ଲୋକ ଜାଣିଥାଆନ୍ତି ଯେ ଫୁଲରେ ବି ଏଭଳି ଚମତ୍କାର ଗୁଣ ରହିଛି । ଉଚ୍ଚ ରକ୍ତଚାପକୁ ଠିକ୍ କରିବା ପାଇଁ ମନ୍ଦାର ଫୁଲ ଏକ ଅବ୍ୟର୍ଥ ଔଷଧ ପରି କାମ ଦିଏ । ରକ୍ତଚାପ ରୋଗୀମାନେ ମନ୍ଦାର ଫୁଲର ରସ ପିଇବା ଦ୍ୱାରା ସେମାନଙ୍କ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ । ମନ୍ଦାର ଫୁଲରେ ଭିଟାମିନ ସି ପ୍ରଚୁର ପରିମାଣରେ ରହିଥାଏ । ସେଥିପାଇଁ ଏହା କେଶ ଉପୁଡୁଥିବା ଭଳି ଅନେକ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହା କେଶକୁ ରାସାୟନିକ ପ୍ରଭାବରୁ ବଞ୍ଚାଇଥାଏ । ସେଥିପାଇଁ ଉତ୍ତମ କେଶ ଚାହୁଁଥିଲେ ମନ୍ଦାର ରସ କେଶରେ ଲଗାନ୍ତୁ ।

ଏହି ଫୁଲର ଚା' ଏବଂ ସର୍ବତ ମଧ୍ୟ ପ୍ରସ୍ତୁତ କରି ଆପଣ ପିଇ ପାରିବେ । ଏହାର ସର୍ବତ ପ୍ରତିଦିନ ପାନ କରିବା ଦ୍ୱାରା ଶରୀର ଥଣ୍ଡା ରହିଥାଏ ଏବଂ ଜ୍ୱର, ନାକରୁ ରକ୍ତ ବୋହିବା, ମୁଣ୍ଡବ୍ୟଥା ଓ ଯାଦୁ ଆଦି ରୋଗକୁ ଦୂର କରିଥାଏ । ଏଥିସହିତ ହୃଦୟ ଏବଂ ମସ୍ତିଷ୍କକୁ ଶକ୍ତି ପ୍ରଦାନ କରିଥାଏ । ମନ୍ଦାର ଫୁଲ ଆମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ । ଏହାର ରସ ଶରୀରରେ ଥିବା ଅତ୍ୟଧିକ କୋଲେଷ୍ଟ୍ରୋଲକୁ କମାଇବାରେ ମଧ୍ୟ ରାମବାଣ ଭଳି କାମ କରିଥାଏ । ତେବେ ଜାଣିରଖନ୍ତୁ ଯେ ଏହି ମନ୍ଦାର ଗଛ ପାଇଁ ପ୍ରଚୁର ସୂର୍ଯ୍ୟ କିରଣ, ସ୍ଥିର ଆର୍ଦ୍ରତା ଏବଂ ଉପଯୁକ୍ତ ତାପମାତ୍ରା ଆବଶ୍ୟକ ହୋଇଥାଏ ।





## ସଲମାନଙ୍କୁ ଗୁଣ୍ଡା କହିଲେ 'ଦବଙ୍ଗ' ନିର୍ଦ୍ଦେଶକ




ବଲିଉଡ ଅଭିନେତା ସଲମାନ ଖାନଙ୍କୁ ନେଇ ବିବାଦୀୟ ବୟାନ ଦେଲେ ଫିଲ୍ମ ନିର୍ମାତା ଅଭିନବ କଶ୍ୟପ । ଫିଲ୍ମ 'ଦବଙ୍ଗ'ର ନିର୍ଦ୍ଦେଶନା ଦେଇଥିବା ଅଭିନବ କଶ୍ୟପ ଏବେ ସଲମାନ ଖାନଙ୍କୁ ଗୁଣ୍ଡା ଓ ଖରାପ ମଣିଷ ବୋଲି କହିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ, ସଲମାନ ଖାନ ଅଭିନୟରେ ଆଗ୍ରହୀ ନୁହଁନ୍ତି । ସଲମାନ ଖାନଙ୍କ ସୁପରହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେବା ପରେ ତାଙ୍କୁ ନେଇ ଏଭଳି ମନ୍ତବ୍ୟ ଦେବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏକ ସାକ୍ଷାତକାରରେ ଅଭିନବ କହିଛନ୍ତି ଯେ, 'ସଲମାନ କେବେ ବି କାହାଣୀକୁ ବୁଝିବାକୁ ଇଚ୍ଛା କରନ୍ତି ନାହିଁ । ତାଙ୍କର ଅଭିନୟ ପ୍ରତି ରୁଚି କମ୍ । ଗତ ୨୫ବର୍ଷ ଧରି ସେ କେବଳ ସମୟ ଅତିବାହିତ କରିବାକୁ ଫିଲ୍ମ କରୁଛନ୍ତି । ସେ କାମ କରିବାକୁ ଆସି ଆମ ଉପରେ ଉପକାର କରନ୍ତି ବୋଲି ଭାବନ୍ତି । ସେ ଜଣେ ସେଲିବ୍ରିଟି ହେବାର ଶକ୍ତିକୁ ନେଇ ଅଧିକ ଆଗ୍ରହୀ । କିନ୍ତୁ ତାଙ୍କର ଅଭିନୟରେ କୌଣସି ଆଗ୍ରହ ନାହିଁ । ସେ ଜଣେ ଗୁଣ୍ଡା । ଦବଙ୍ଗ ପୂର୍ବରୁ ମୁଁ ଏହା ବିଷୟରେ ଜାଣି ନଥିଲି । ହେଲେ ପରେ ଜାଣିଲି ସଲମାନ ଅଭଦ୍ର । ସେ ଜଣେ ଖରାପ ବ୍ୟକ୍ତି ।' ଏହା ବ୍ୟତୀତ ଅଭିନବ, ସଲମାନ ଖାନଙ୍କ ପରିବାରକୁ ମଧ୍ୟ ସମାଲୋଚନା କରିଥିଲେ । ସେ କହିଥିଲେ, 'ସଲମାନ ଖାନ ବଲିଉଡରେ ଷ୍ଟାର ସିଷ୍ଟମ୍ର ବାପା । ସେ ଏକ ଫିଲ୍ମ ପରିବାରରୁ ଆସିଛନ୍ତି ଯେଉଁମାନେ ୫୦ ବର୍ଷ ଧରି ଇଣ୍ଡଷ୍ଟ୍ରିରେ ଅଛନ୍ତି । ସଲମାନ ଏହାକୁ ଆଗକୁ ନେଉଛନ୍ତି । ସେମାନେ ଦଣ୍ଡଦାତା । ସେମାନେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ନିୟନ୍ତ୍ରଣ କରନ୍ତି । ଯଦି ଆପଣ ସେମାନଙ୍କ ସହିତ ସହମତ ନୁହଁନ୍ତି, ତେବେ ସେମାନେ ଆପଣଙ୍କ ପଛରେ ପଡ଼ିଯାଆନ୍ତି ।'

## ଗଜରା ପାଇଁ ୧ ଲକ୍ଷ ଟଙ୍କା ଫାଇନ ଦେଲେ ନଭ୍ୟା ନାୟାର

ନିକଟରେ ମାଲାୟଲମ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ନଭ୍ୟା ନାୟାର ଏକ ଅଜବ ଏବଂ ଆଶ୍ଚର୍ଯ୍ୟଜନକ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ । ସେ ମାଲାୟାଲୀ ସମ୍ପ୍ରଦାୟ ଦ୍ୱାରା ଆୟୋଜିତ ଓନମ ଉତ୍ସବରେ ଅଂଶଗ୍ରହଣ କରିବାକୁ ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ ଯାଇଥିଲେ, କିନ୍ତୁ ସେଠାରେ ପହଞ୍ଚିବା ମାତ୍ରେ ତାଙ୍କ ସହିତ ଏପରି ଏକ ଘଟଣା ଘଟିଗଲା, ଯାହା ସେ କେବେ କଳ୍ପନା କରିନଥିଲେ । ମେଲବୋର୍ଣ୍ଣ ଅନ୍ତର୍ଜାତୀୟ ବିମାନବନ୍ଦରରେ ନଭ୍ୟାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା ଯେତେବେଳେ ତାଙ୍କ ହ୍ୟାଣ୍ଡବ୍ୟାଗରେ ଗଜରା ଥିବାରୁ ଅଷ୍ଟ୍ରେଲିଆ ସୀମା ସୁରକ୍ଷା ବଳ ତାଙ୍କୁ ଅଟକାଇଲା । ୧୫ ସେମି ଲମ୍ବର ଏକ ଛୋଟ ଗଜରା ପାଇଁ ତାଙ୍କୁ ପ୍ରାୟ ୧.୨୫ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିଲା । ସେ ନିଜେ ଓନମ୍ ଉତ୍ସବର ମଞ୍ଚରୁ ଏହି ଘଟଣା ସେୟାର କରିଥିଲେ । ନଭ୍ୟା କହିଥିଲେ ଯେ ତାଙ୍କ ବାପା କୋଚି ବିମାନବନ୍ଦରରୁ ତାଙ୍କ ପାଇଁ ଏହି ଗଜରା କିଣିଥିଲେ । ନଭ୍ୟା ଜାଣି ନଥିଲେ ଯେ ଅଷ୍ଟ୍ରେଲିଆକୁ ଏହିପରି ଫୁଲ ନେବା ଆଇନ ବିରୁଦ୍ଧ । ବିମାନବନ୍ଦରର ଅଧିକାରୀମାନେ ତାଙ୍କ ବ୍ୟାଗ ଯାଞ୍ଚ କରିବା ସମୟରେ, ଗଜରା ଦେଖିବା ପରେ ସେମାନେ ତାଙ୍କୁ ଅଟକାଇଲେ ଏବଂ ତୁରନ୍ତ ଜରିମାନା ଲଗାଇଲେ । ମଞ୍ଚ ଉପରେ ଭାଷଣ ଦେଇ ନଭ୍ୟା କହିଲେ, 'ମୁଁ ଜାଣିଛି ମୁଁ ଏକ ଭୁଲ କରିଛି, କିନ୍ତୁ ଏହା ଜାଣିଶୁଣି କରାଯାଇ ନଥିଲା । ଅଷ୍ଟ୍ରେଲିଆର ଜୈବ-ସୁରକ୍ଷା ଆଇନ ଏହି କ୍ଷେତ୍ରରେ ବହୁତ କଠୋର । ଅଷ୍ଟ୍ରେଲିଆନ ସୀମା ବଳ ୱେବସାଇଟ୍ ଅନୁଯାୟୀ, ସରକାରୀ ଅନୁମତି ବିନା 'ଉଦ୍ଭିଦ, ଫୁଲ ଏବଂ ବିହନ' ଭଳି ଜୈବିକ ସାମଗ୍ରୀ ଦେଶକୁ ଆଣିବା ନିଷେଧ । କାରଣ ଏହି ସାମଗ୍ରୀଗୁଡ଼ିକ କୀଟପତଙ୍ଗ, ରୋଗ ଏବଂ ଜୈବିକ ଅସନ୍ତୁଳନ ସୃଷ୍ଟି କରିପାରେ । ଅଷ୍ଟ୍ରେଲିଆର ଆଇନ ବାବଦରେ ଜାଣିନଥିବାରୁ ଏପରି ଏକ ସରଳ ଭୁଲ ମହଙ୍ଗା ସାବ୍ୟସ୍ତ ହୋଇପାରେ, ଯାହା ନଭ୍ୟା ନାୟାରଙ୍କ ସହିତ ଘଟିଥିଲା ।




## ବିବାହ ପର ଠୁ ଅଭିନୟରୁ ଦୂରେଇ ରହିଛନ୍ତି ପାର୍ବତୀ

ଟିଭିର 'ପାର୍ବତୀ' ନାଁରେ ପରିଚୟ ପାଇଥିବା ଅଭିନେତ୍ରୀ ସୋନାରିକା ଭଦୋରିଆ ବିବାହ ପରେ ଅଭିନୟ ଜୀବନରୁ ବ୍ରେକ୍ ନେଇଛନ୍ତି । ଦେବୋଁ କେ ଦେବ ମହାଦେବ ଧାରାବାହିକରେ ଦେବୀ ପାର୍ବତୀଙ୍କ ଭୂମିକାରେ ନଜର ଆସି ସେ ଦର୍ଶକଙ୍କ ପ୍ରିୟର ପାତ୍ର ହୋଇପାରିଥିଲେ । ତାଙ୍କର ସୌନ୍ଦର୍ଯ୍ୟ, ଜୀବନ୍ତ ଅଭିନୟ ଏବଂ ମୁଖର ଭାବଭଙ୍ଗୀକୁ ଲୋକ ଖୁବ୍ ପସନ୍ଦ କରୁଥିଲେ । ଏମିତିକି କିଛି ଦିନ ପାଇଁ ଧାରାବାହିକରେ ନଜର ନ ଆସିବାରୁ ଅନେକ ପ୍ରଶଂସକ ଅଭିନେତ୍ରୀଙ୍କୁ ଭେଟିବାକୁ ସେଟ୍ ପର୍ଯ୍ୟନ୍ତ ଚାଲିଯାଇଥିବାର ମଧ୍ୟ ଖବର ଆସିଥିଲା । ତେବେ ବର୍ତ୍ତମାନ ସୋନାରିକାଙ୍କ ବିବାହ ସରିଛି ଏବଂ ବିବାହ ପରେ ସେ ମାୟାନଗରୀ ମୁମ୍ବାଇ ଛାଡ଼ି ଦିଲ୍ ୱାଲୋଁ କି ସେହେର୍ ଦିଲ୍ଲୀରେ ଶାଶୁଘରେ ରହୁଛନ୍ତି । ପୁଣିଥରେ ଅଭିନୟ ଆରମ୍ଭ କରିବାକୁ ନେଇ ଅଭିନେତ୍ରୀ କହିଛନ୍ତି ଯେ ସେମିତି କିଛି ଭଲ ପ୍ରୋଜେକ୍ଟ ମିଳିଲେ ସେ ନିଶ୍ଚୟ ଅଭିନୟ କରିବେ ।

ବର୍ତ୍ତମାନ ସୋନାରିକା ନିଜ ରେଷ୍ଟୁରାଣ୍ଟରେ ଫୋକସ୍ କରୁଛନ୍ତି ଏବଂ ସିନେ କ୍ୟାରିୟରରୁ କିଛି ସମୟ ପାଇଁ ବ୍ରେକ୍ ନେଇଛନ୍ତି । କିନ୍ତୁ ସୋସିଆଲ୍ ମିଡିଆରେ ଅଭିନେତ୍ରୀ ଖୁବ୍ ଆକ୍ଟିଭ ରହିଛନ୍ତି । ସ୍ୱାମୀଙ୍କ ସହ ଛୁଟି କାଟିବା ହେଉ କି କୌଣସି ପର୍ବରେ ଭଲ ଗେଟଅପ୍ ନେଲେ ସେ ଏହାର ଫଟୋ ସୋସିଆଲ୍ ମିଡିଆରେ ସେୟାର୍ କରନ୍ତି । ନିକଟରେ ସୋନାରିକା ନିଜ ସ୍ୱାମୀଙ୍କ ସହ ମିଶି ଗୋଆରେ ଏକ ରେଷ୍ଟୁରାଣ୍ଟ୍ ଖୋଲିଛନ୍ତି । ତେବେ ଗତବର୍ଷ ଅଭିନେତ୍ରୀ ନିଜ ଲଙ୍ଗ୍ ଟାଇମ୍ ବୟଫ୍ରେଣ୍ଡ୍ ବିକାଶ ପରାଶରଙ୍କ ସହ ବିବାହ କରିଥିଲେ । ଦମ୍ପତିଙ୍କ ଡେଷ୍ଟିନେସନ୍ ୱେଡିଂ ହୋଇଥିଲା , ଯାହାର ଫଟୋ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା ।





Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଣାସ, (ଭାସ୍କର ନ୍ୟୁଜ): ଆର୍ନ୍ତଜାତୀୟ ସ୍ୱାକ୍ଷରତା ସପ୍ତାହ ଅବସରରେ ବ୍ଲକ ସ୍ତରୀୟ ନବ ଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଆଜି କଣାସ ବ୍ଲକ ଅର୍ନ୍ତଗତ ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କଣାସ ବ୍ଲକ ସହ ଶିକ୍ଷାଧିକାରୀ ଗୋବର୍ଦ୍ଧନା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଲ୍ଲାସ ସଚେତନତା ସଭାରେ ସହ ଶିକ୍ଷାଧିକାରୀ ପ୍ରଫୁଲ କୁମାର ବେହେରା, ଅଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ, ସନ୍ତୋଷ ବେହେରା, ସସ୍ମିତା ଜାଲି, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର ପେଣ୍ଡୋଇ ପ୍ରମୁଖ ଯୋଗଦେଇ ଅନ୍ତର୍ଜାତୀୟ ସ୍ୱାସକ୍ଷରତା ସପ୍ତାହ ସମ୍ପର୍କରେ ଆଲୋଚନା କରିବାସହ ଛାତ୍ରଛାତ୍ରୀମାନେ ସେମାନାଙ୍କ ପରିବାରରେ ଯଦି କେହି ନିରକ୍ଷର ଅଭିଭାବକ ରହିଥାନ୍ତି ତେବେ ତାଙ୍କୁ ସ୍ୱାକ୍ଷର କରାଇ ସ୍ରୋତକୁ ଫେରାଇ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ନବ ଭାରତ ସ୍ୱକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ସଂପର୍କରେ ଅତିଥିମାନେ ଉଲ୍ଲେଖ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ନିକଟ ଗ୍ରାମ ପରିଭ୍ରମଣ କରି ସ୍ୱାକ୍ଷରତା ସଚେତନତାର ବାର୍ତ୍ତା ପ୍ରଚାର କରିଥିଲେ। ସିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ପୂରର୍ଣ୍ଣସହ ଯୋଗ କରିଥିଲେ।



# ଶିଳ୍ପ ବିରୋଧୀ ଆନ୍ଦୋଳନ ପାଇଁ ଅର୍ଥ ଆସୁଛି କୁଆଡୁ !



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲାରେ ପୁଣି ଶିଳ୍ପ ବିରୋଧି ଆନ୍ଦୋଳନ ଆରମ୍ଭ ହୋଇଛି। ଶସ୍ୟଶ୍ୟାମଳା ଉର୍ବର ଜମିରେ ବୃହତ ଇସ୍ପାତ ପ୍ରକଳ୍ପ ନ କରିବା ପାଇଁ ଜନଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଏହାର ଭିତିରି ରହସ୍ୟକୁ ନେଇ ରୋଚକ ଆଲୋଚନା ଜାରିରହିଛି। ଗତ ଗୁରୁବାର କେନ୍ଦୁଝର ସଦର ମହକୁମାରେ ଯେଉଁ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ସେଥିରେ ରାଜ୍ୟର କିଛି ପ୍ରମୁଖ ଶ୍ରମିକ ନେତା ଯୋଗ ଦେଇ ଏହାର ନେତୃତ୍ୱ ନେବା ପରେ କେନ୍ଦୁଝରବାସୀ ଏହି ବୃହତ ଶିଳ୍ପକୁ ନେଇ ଦେଖୁଥିବା ସ୍ୱପ୍ନ ମିଳାଇଯିବା କଥା ଚିନ୍ତା କରୁଛନ୍ତି। କେବଳ ରାଜ୍ୟରେ ନୁହେଁ ସମଗ୍ର ଦେଶରେ ଲୌହଭିତ୍ତିକ ଶିଳ୍ପ ପାଇଁ କେନ୍ଦୁଝର ଜିଲ୍ଲାରେ ବିପୁଳ ପରିମାଣର କଞ୍ଚାମାଲ, ଜଳ, ପରିବହନ ସୁବିଧା ଥିଲେ ମଧ କେନ୍ଦୁଝର ଜିଲ୍ଲାରୁ ଅବିଚାରିତ ଭାବରେ ଖଣିଜ ପରିବହନ କେବଳ ହୋଇଚାଲିଛି। ପୂର୍ବରୁ ଟ୍ରକ ଓ ଟ୍ରେନ ଯୋଗେ ଏବେ ସ୍ଲରି ପାଇପ ଲାଇନ ଯୋଗେ ଖଣିଜ ପଦାର୍ଥ ପରିବହନ ହେବା ପରେ କେନ୍ଦୁଝର ଜିଲ୍ଲାବାସୀ ସେଥିରୁ କିଛି ଲାଭବାନ ହୋଇନାହାନ୍ତି ବରଂ କ୍ଷତିଗ୍ରସ୍ତ ହୋଇଥିବା କଥା ଆଲୋଚନା ହୋଇଥାଏ। ବହୁ ଅନୁଷ୍ଠାନର ଶିଳ୍ପ ପ୍ରତିଷ୍ଠା ପାଇଁ ଡାକରା ଦେବାପରେ ଶେଷଥର ପାଇଁ କେନ୍ଦୁଝର ଜିଲ୍ଲାର ପ୍ରେସ ଫୋରମ ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇବା ସହିତ ଏହାକୁ ଦଳମତ ନିର୍ବିଶେଷରେ ସମର୍ଥନ ମିଳିଥିଲା ଏବଂ ସେହି ଆନ୍ଦୋଳନ ସମୟରେ କେନ୍ଦୁଝରର ବିଧାୟକ ଥିବା ମୋହନ ଚରଣ ମାଝୀ ମଧ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ ହେବା ପରେ ମୋହନଚରଣ ମାଝୀ କେନ୍ଦୁଝରରେ ଏକ ବୃହତ ଇସ୍ପାତ ପ୍ରକଳ୍ପ ପାଇଁ ପ୍ରଚେଷ୍ଟା କରି ଜେଏସଡବ୍ଲୁ-ପସ୍କୋ ପରି କମ୍ପାନୀକୁ କେନ୍ଦୁଝର ଜିଲ୍ଲାର ପାଟଣା ତହସିଲରେ ପ୍ରତିଷ୍ଠା କରିବା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର କରିବା ପରେ ମୁଣ୍ଡ ଟେକିଛି ଶିଳ୍ପ ବିରୋଧି ଆନ୍ଦୋଳନ। ସବୁଠାରୁ ରୋଚକ ତଥ୍ୟ ଯେ ଯେଉଁ ଅଞ୍ଚଳରୁ ଶ୍ରମିକ ନେତାମାନେ ଏଠାକୁ ଆସି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ସେମାନଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ହୋଇଛି ଓ ସେମାନେ ଏହାର ସୁଫଳ ପାଇଛନ୍ତି। ଗତ ଗୁରୁବାର ଦିନ ହୋଇଥିବା ଆନ୍ଦୋଳନରେ ଯେତିକି ଅର୍ଥ ଖର୍ଚ୍ଚ ହୋଇଥଲା ସେହି ଅର୍ଥ ଆସିଲା କେଉଁଠୁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶହଶହ ସଂଖ୍ୟାରେ ଗାଡି, ଗାଡି ଆଗରେ ବ୍ୟାନର, ଲୋକଙ୍କ ଉପସ୍ଥିତି ଆଦିକୁ କଳନା କଲେ ଏହା ଲକ୍ଷ ଲକ୍ଷ ଟଙ୍କାର ଖର୍ଚ୍ଚ ହୋଇଥିବା କାହାକୁ ଅଛପା ନୁହେଁ ବୋଲି ଆଲୋଚନା ହେଉଛି। ଏଥିପାଇଁ ସ୍ଥାନୀୟ ଅଧିବାସୀ, ନା ତଥାକଥିତ ଶ୍ରମିକ ନେତା ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରିଥିଲେ କି ବୋଲି ପ୍ରଶ୍ନ ହୋଇଛି। ଅନ୍ୟପକ୍ଷରେ କେନ୍ଦୁଝର ଜିଲ୍ଲାରେ ଗତ ବେଶ କିଛି ବର୍ଷ ହେବ ଖଣି ଖୋଲି ଅନ୍ୟତ୍ର କାରଖାନା କରିଥିବା କମ୍ପାନୀ ଏଥିପାଇଁ ଅର୍ଥର ସୁବନ୍ଦୋବସ୍ତ କରୁଥିବା କଥା କେତେକ ସ୍ଥାନରେ ଆଲୋଚନା ହେଉଛି। ଯଦିଓ ଏହାର କୌଣସି ଠୋସ ପ୍ରମାଣ ନାହିଁ କିନ୍ତୁ କେନ୍ଦୁଝର ଜିଲ୍ଲାର ବୃହତ ଇସ୍ପାତ ପ୍ରକଳ୍ପ ଏପରି ହେଲେ ହାତଛଡା ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନ ପାରେ। ଶିଳ୍ପ ବିରୋଧିଙ୍କ ପାଇଁ ଏକ ବଡ ଅସ୍ତ୍ର ହେଉଛି ଗ୍ରାମସଭା। କେନ୍ଦୁଝର ଜିଲ୍ଲାର ଏହି ଅଂଚଳ ଏକ ଅନୁସୂଚିତ ଅଞ୍ଚଳ ବା ସିଡବ୍ଲ୍ୟୁ ଏରିଆ ହୋଇଥିବାରୁ ଇଡକୋ ବା କମ୍ପାନୀ ପାଇଁ ଏହା ଅସୁବିଧା ସୃଷ୍ଟି କରିପାରେ। ଅତୀତରେ ଏପରି ଘଟଣା ମଧ ଦେଖିବାକୁ ମିଳିଥିଲା, ଫଳରେ ଆର୍ସେଲର-ମିତ୍ତଲ ପରି ସଂସ୍ଥା କେନ୍ଦୁଝର ଜିଲ୍ଲାରୁ ମୁହଁ ଫେରାଇ ନେଇଥିଲା। ଏପରି ସ୍ଥଳେ ପାଟଣା ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏକ ବଡ ଗୋଷ୍ଠୀ ଆଗଭର ହେଲେଣି। ପାଟଣାର କମଳାକାନ୍ତ ଦାଶ, ରାଜନଗରର ରଜନୀକାନ୍ତ ମିଶ୍ର ପ୍ରମୁଖ ଏଥିପାଇଁ ନେତୃତ୍ୱ ନେବାକୁ ଆଗେଇ ଆସିଲେଣି। ଏହାକୁ ନେଇ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ କହିଛନ୍ତି ଯେ ଲୋକଙ୍କ ସହ ଆମେ ଆଲୋଚନା କରିବୁ। ପାଟଣା ତହସିଲରେ ବୃହତ ଇସ୍ପାତ ଲାଗି କେବଳ ଚେମଣକ୍ଷ ପଞ୍ଚାୟତର ୮ଟି ଗ୍ରାମ ଓ ଯମୁନାପଶି ପଞ୍ଚାୟତର ୪ଟି ଗ୍ରାମ ପ୍ରଭାବିତ ହେବ। ଲୋକଙ୍କୁ ଆମେ ଭରସାକୁ ନେବୁ ବୋଲି ସେ କହିଛନ୍ତି।

## ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା

# ସଠିକ୍ ସର୍ବେକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ସୋମବାର ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟାରମ୍ଭ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଓ ଗୋଷ୍ଠୀ କୃଷି ଅଧିକାରୀଙ୍କ ଆୟୋଜନ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସୌଜନ୍ୟରେ ଖରିଫ-୨୦୨୫ ସର୍ବେକ୍ଷଣ କର୍ମଶାଳା ବ୍ଲକ୍ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କ ସଞ୍ଚାଳନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ ଯୋଗଦେଇ ସର୍ବେକ୍ଷଣ ମାଧ୍ୟମରେ ଜମି ଓ ଫସଲର ଅବସ୍ଥିତିର ସଠିକ୍ ରିପୋର୍ଟ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ନିରଞ୍ଜନ ବାରିକ ଯୋଗଦେଇ ସମସ୍ତ ସର୍ବେକ୍ଷଣକାରୀମାନେ ସର୍ବେକ୍ଷଣକୁ ଗୁରୁତ୍ୱ ଭାବେ ନେଇ କାର୍ଯ୍ୟକରି ସଠିକ୍ ସର୍ବେକ୍ଷଣ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। ତିହିଡ଼ି ବ୍ଲକ୍‌ରେ ମୋଟ୍ ୧ ଲକ୍ଷ ୩୭ ହଜାର ୪୩୬ ପ୍ଲଟ୍‌ର ସର୍ବେକ୍ଷଣ ହେବାକୁ ଥିବାବେଳେ ତନ୍ମଧ୍ୟରୁ ଏବେସୁଦ୍ଧା ୬୨ ହଜାର ପ୍ଲଟ୍‌ର ସର୍ବେକ୍ଷଣ ଶେଷ ହୋଇ ବ୍ଲକ ଜିଲ୍ଲାରେ ୨ ନମ୍ବରରେ ରହିଛି। ଏହି ସର୍ବେକ୍ଷଣକୁ ଜିଲ୍ଲାରେ ୧ ନମ୍ବର କରିବା ପାଇଁ ସମସ୍ତ ସର୍ବେକ୍ଷଣକାରୀମାନେ ଯତ୍ନବାନ ହେବାକୁ କୃଷି ଅଧିକାରୀ ସାହୁ କହିଥିଲେ। ବ୍ଲକ୍ କୃଷି ସହକାରୀ ଅଧିକାରୀ ବିଦ୍ୟୁତ୍ କୁମାର ସାହୁ, ତହସିଲ ସୁପରଭାଇଜର ଧନେଶ୍ୱର ମାରାଣ୍ଡି ମଞ୍ଚାସୀନ ଥିଲେ। ବ୍ଲକ୍ ପ୍ରଶୀକ୍ଷକ ଏସ୍. ଗିରିଜାଶଙ୍କର ରାୟଚୌଧୁରୀ ଯୋଗଦେଇ ପ୍ରଶିକ୍ଷଣକାରୀ ମାନଙ୍କୁ ଫସଲର କିପରି ଅବସ୍ଥିତି ସର୍ବେକ୍ଷଣ କରାଯିବ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ବିପିଏମ୍ ରଣଜିତ୍ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ବାସନ୍ତୀ ସ୍ୱାଇଁ, ସ୍ନେହଲତା ବାରିକ, ଗୀତାଞ୍ଜଳି ବେହେରା, ମତ୍ସ୍ୟବିଭାଗ ପକ୍ଷରୁ ସଙ୍ଗୀତା ପତି ଓ ସୁଚେତା ବେହେରା, ରାଜସ୍ୱ ନିରୀକ୍ଷକ ସୌମ୍ୟରଞ୍ଜନ ସାମନ୍ତ, ସୁଜାତା ଦାସ, ଶୁଭସ୍ମିତା ପଣ୍ଡା, ସ୍ମିତାରାଣୀ ସାହୁ, ପ୍ରହଲ୍ଲାଦ ସାମନ୍ତ, ଶରତ କୁମାର ଜେନା, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ମନୋହର ନାଏକ ପ୍ରମୁଖ ଉପସ୍ଥିତ ଥିଲାବେଳେ ସମସ୍ତ ସର୍ବେକ୍ଷଣକାରୀ ମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ହିନ୍ଦୀ ଶିକ୍ଷକ ଦେବକିଶୋର ଦାସ ସମ୍ବର୍ଦ୍ଧିତ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକସ୍ଥିତ ତିହିଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଦେବକିଶୋର ଦାସ ଆଦର୍ଶ ଶିକ୍ଷକ ଭାବେ ଜିଲ୍ଲାସ୍ତରୀୟ ଗୁରୁଦିବସ ସମାରୋହରେ ସମ୍ବର୍ଦ୍ଧିତ ହୋଇଥିବାର ଜଣାପଡ଼ିଛି। ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ପୁରସ୍କାର ସମାରୋହରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ହିନ୍ଦୀ ଶିକ୍ଷକ ଦାସଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଓ ସରୋଜ କୁମାର ଦତ୍ତ, ଡେପୁଟି କଲେକ୍ଟର ଡ. କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ କାର୍ତ୍ତକେଶ୍ୱର ରାଉଳ,



ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର ଓ ଧରଣୀଧର ପାତ୍ର, ତିହିଡ଼ି ବ୍ଲକ ଶିକ୍ଷା ଅଧିକାରୀ ସୂର୍ଯ୍ୟଶିଖା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଦାସଙ୍କୁ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ରାୟଗଡ଼, (ଭାସ୍କର ନ୍ୟୁଜ): କୋଲନରା ବ୍ଲକ ସଭାଗୃହଠାରେ ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକରି ଅମୂଲ୍ୟ କୁମାର ଧର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ଼, ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଏଥିରେ ମୋଟ ୬୬ ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୪୨ଟି ବ୍ୟକ୍ତିଗତ, ୨୧ଟି ସାମୁହିକ ଦରଖାସ୍ତ ଓ ୦୩ଟି ମେଡିକାଲ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ରେଡ଼କ୍ରସ ପାଣ୍ଠିରୁ ୦୩ ଜଣଙ୍କୁ ୪୦,୦୦୦ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୌର ହରି ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦଶରଥୀ ସୋରେନ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିନା ପ୍ରଧାନ ଶିବିର ପରିଚାଳନା କରିଥିଲେ।

# ସର୍ବଭାରତୀୟ ସାମ୍ବାଦିକ ସଂଗଠନର ସାଙ୍ଗଠନିକ ସମ୍ପାଦକ ହେଲେ ଡ଼. ପାଢ଼ୀ




ବ୍ୟାସନଗର, (ଭାସ୍କର ନ୍ୟୁଜ): ସର୍ବ ଭାରତୀୟ ସାମ୍ବାଦିକ ସଂଗଠନ ନେସନାଲ ୟୁନିଅନ ଅଫ ଜୋର୍ଣ୍ଣାଲିଷ୍ଟସ, ଇଣ୍ଡିଆ (ଏନୟୁଜେ) ଇଣ୍ଡିଆର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଭାବେ ବରିଷ୍ଠ ସାମ୍ବାଦିକ ଡ଼. ଚିନ୍ତାମଣି ପାଢ଼ୀଙ୍କୁ ନିଯୁକ୍ତି ମିଳିଛି। ଆନ୍ଧ୍ର ପ୍ରଦେଶର ବିଜୟବାଡ଼ା ସ୍ଥିତ ହୋଟେଲ ଇଲାପୁରାମ ଠାରେ ଏୟୁଜେର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଗତ ୬ ଓ ୭ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରରେ ଭାରତର ୨୬ ଗୋଟି ରାଜ୍ୟର ଜାତୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉକ୍ତ ଜାତୀୟ କାର୍ଯ୍ୟକ୍ରମରେ ଓଡିଶାରୁ ଜାତୀୟ ସମ୍ପାଦକ ବବୁଲ ସିଂ, ଏସୟୁଜେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି କୀର୍ତ୍ତି ଚନ୍ଦ୍ର ସାହୁ, ଉପ ସଭାପତି ବାସୁଦେବ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ, ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ ଉଦୟନାଥ ଖଣ୍ଡାଇ, ପ୍ରୟାଗରାଜ କର, ଦିଲ୍ଲୀପ କୁମାର ମିଶ୍ର, ଚିନ୍ତାମଣି ପାଢ଼ୀ ପ୍ରମୁଖ ଯୋଗ ଦେଇଥିବାବେଳେ ଏଠାରେ ଡ଼ଃ ପାଢ଼ୀଙ୍କୁ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଭଳି ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି। ଏନୟୁଜେର ପୂର୍ବାଞ୍ଚଳ ଆସାମ, ମଣିପୁର, ତ୍ରିପୁରା, ପଶ୍ଚିମବଙ୍ଗ, ଓଡିଶା, ଆନ୍ଧ୍ରପ୍ରଦେଶ ସମେତ ତେଲେଙ୍ଗାନା ରାଜ୍ୟ ସଂଗଠନ ଗୁଡିକୁ ସୁଦୃଢ କରିବା ପାଇଁ ଡ଼ଃ ପାଢ଼ୀ ନିଷ୍ଠାର ସହ କାର୍ଯ୍ୟ କରି ଏନ୍‌ୟୁଜେ ଓ ଏସ୍‌ୟୁଜେ ଓଡ଼ିଶା ସମ୍ମାନ ବୃଦ୍ଧିରେ ସହାୟକ ହେବେ ବୋଲି ଏନୟୁଜେ ରାଷ୍ଟ୍ରୀୟ ସଭାପତି ସୁରେଶ ଶର୍ମା, ରାଷ୍ଟ୍ରୀୟ ମହାସଚିବ ତ୍ରିଯୁଗ ନାରାୟଣ ତିୱାରୀ ମତପୋଷଣ କରିଛନ୍ତି। ଯାଜପୁର ଜିଲ୍ଲାର ଜଣେ ଜଣାଶୁଣା ସାମ୍ବାଦିକ ସୁସଂଗଠକ ଭାବେ ତାଙ୍କର ପରିଚୟ ରହିଛି। ଏହା ଆମ ରାଜ୍ୟ ଓ ଯାଜପୁର ପାଇଁ ଗୌରବ ଆଣିଛି। ଏହି ଖବର ଜଣାପଡିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବେକରେ ଲୁଗା ବାନ୍ଧି ମହିଳାଙ୍କ ଆତ୍ମହତ୍ୟା

# ଘଟଣାର ତଦନ୍ତ ଚଳାଇଛନ୍ତି ପୋଲିସ ଓ ସାଇଣ୍ଟିଫିକ୍ ଟିମ୍

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତ ଅଧିନସ୍ତ ଚିତାପାରି-୩ ଗ୍ରାମରେ ରହୁଥିବା ପୂର୍ଣ୍ଣ ମୁଦୁଲୀ ନାମକ ବ୍ୟକ୍ତିଙ୍କ ଝିଅ ସବିତା ମୁଦୁଲୀ-(୩୦) କୌଣସି କାରଣରୁ ଗତ ଶନିବାର ସନ୍ଧ୍ୟାରେ ନିଜ ବାପାଙ୍କ ଘରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏ ନେଇ ମୃତ ମହିଳା ସବିତାଙ୍କ ବାପା ଚନ୍ଦ୍ର ମୁଦୁଲୀ ଗତ ଶନିବାର ରାତିରେ ଓର୍କେଲ ଥାନାରେ ଦ୍ୱାରସ୍ତ ହୋଇ ଏହି ଘଟଣା ସମ୍ପର୍କରେ ଏକ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ପକ୍ଷରୁ ଏନେଇ ଥାନାରେ ୨୩/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମନୋହର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଘଟଣାସ୍ଥଳରେ ପହଞ୍ଚି ସବିତାଙ୍କ ମୃତ ଦେହକୁ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସର ଅନୁରୋଧ କ୍ରମେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ସାଇଣ୍ଟିଫିକ ଟିମ ରବିବାର ଘଟଣା ସ୍ଥଳରେ ପହଞ୍ଚି ଘାଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଥିଲେ। ଏହା ପରେ ପୋଲିସ ପକ୍ଷରୁ ସବିତାଙ୍କ ମୃତଦେହକୁ ଜବତ କରି ମାଲକାନଗିରି ମେଡିକାଲକୁ ପଠାଇ ଶବ ବ୍ୟବଛେଦ କରାଇବା ପରେ ମହିଳାଙ୍କ ମୃତ ଶରୀରକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କାରାଯାଇଥିବା ଏସ୍‌ଆଇ ମନୋହର ସାହୁ କହିଛନ୍ତି। ମିଳିଥିବା ସୂଚନା ମୁତାବକ କିଛି ବର୍ଷ ପୂର୍ବେ ବୀରକିଶୋରପୁର ଗ୍ରାମର ପବିତ୍ର ଖିଲ ନାମକ ବ୍ୟକ୍ତଙ୍କ ସହିତ ସବିତାଙ୍କର ବିବାହ ହୋଇଥିଲା। କିଛିଦିନ ସବିତା ତାଙ୍କ ଶାଶୁ ଘରେ ରହିବା ପରେ ତାଙ୍କ ସ୍ୱାମୀ ପବିତ୍ରଙ୍କୁ ଛାଡି ନିଜ ବାପାଙ୍କ ଘରକୁ ପଳାଇ ଆସିଥିଲେ। ୩ ନମ୍ବର ଗାଁରେ ନିଜ ବାପାଙ୍କ ଘରେ କିଛି ଦିନ ରହିବା ପରେ ସେ ଉକ୍ତ ଗ୍ରାମର ଖଗପତି କିର୍ସାନାଙ୍କ ସହ ବିବାହ କରି ଉଭୟେ ବାପା ଚନ୍ଦ୍ରଙ୍କ ଘରେ ରହୁଛନ୍ତି ତେବେ ଶନିବାର ସନ୍ଧ୍ୟାରେ ଘରେ କେହି ନଥିବା ବେଳେ ସବିତା ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ। ତେବେ ଏହି ଘଟଣାର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ତଦନ୍ତ ଚାଲିଛି। ଉଭୟଙ୍କ ତଦନ୍ତ ରିପୋର୍ଟ ଏବଂ ପୋଷ୍ଟମଟମ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

## ନାବାଳିକା ଗର୍ଭବତୀ, ଯୁବକ ଗିରଫ



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ଥାନାରେ ଜଣେ ନାବାଳିକାକୁ ୮ ମାସର ଗର୍ଭବତୀ କରାଇବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ନିଆଳି ଥାନା ପୋଲିସ ୩୧୯୪/୨୫ ମାମଲା ରୁଜୁ କରି ଅଭିଯୁକ୍ତ ଙ୍କୁ ଧରିବା ନିମନ୍ତେ ବିଭିନ୍ନ ଜାଗାରେ ଚଢ଼ାଉ ଜାରି ରଖିଥିଲା। କୌଣସି ସୂତ୍ରରୁ ଖବର ପାଇ ଅଭିଯୁକ୍ତଙ୍କୁ ଜଲାର ପୂର ଜାଗାରୁ ଗିରଫ କରିଥିଲା। ଅଭିଯୁକ୍ତ ଘର ଉକ୍ତ ଥାନା ଅଧିନସ୍ତ ଅଁଳ ପଞ୍ଚାୟତ ମହଙ୍ଗ ପଡା ଗ୍ରାମର। ନିରଞ୍ଜନ ସ୍ୱାଇଁଙ୍କ ପୁଅ ଦିନା ସ୍ୱାଇଁ ଓରଫ ମିଟୁ (୨୮)। ତାଙ୍କୁ ସୋମବାର ଦିନ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

# ଭସାଣ ବେଳେ ଉତ୍ତେଜନା, ପୋଲିସ ମୁତୟନ



ଭଦ୍ରକ, (ଭାସ୍କର ନ୍ୟୁଜ): ଗଣେଶ ଭସାଣି ଶୋଭାଯାତ୍ରାରେ ଗଣ୍ଡଗୋଳ ସହ ଏକାଧିକ ଆହତ ହୋଇଛନ୍ତି। ସ୍ଥିତିକୁ ନଜରରେ ରଖି ସ୍ଥାନୀୟ ଅଞ୍ଚଳରେ ପୋଲିସ ମୁତୟନ କରାଯାଇଛି। ସୂଚନା ଅନୁଯାଇ ଭଦ୍ରକ ସହରାଞ୍ଚଳ ଥାନା ଅନ୍ତର୍ଗତ ଅସ୍ଥଳ ଗ୍ରାମର କ୍ଷମା ସାଗର ପୂଜା କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଗଣେଶ ପୂଜାର ଆୟୋଜନ କରାଯାଇଥିଲା। ରବିବାର ଦିନ ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଭସାଣି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଭସାଣି ଶୋଭାଯାତ୍ରା ସହର ପରିକ୍ରମା ସାରି ଅସ୍ଥଳ ଗ୍ରାମ ମଧ ଦେଇ ଶାଳନ୍ଦୀ ନଦିଘାଟକୁ ଯାଉଥିବା ବେଳେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଯୁବକମାନେ ମଟର ସାଇକେଲ ନେଇ ଯିବା ସମୟରେ ଶୋଭାଯାତ୍ରାରେ ସାମିଲ ଥିବା ଯୁବକ ମାନଙ୍କ ସହ ପ୍ରଥମେ ବଚସା ହୋଇଥିଲା। ଯୁବକ ଜଣକ ଯାଇ ତାଙ୍କ ଗ୍ରାମ ସାହାପୁର ଠାରେ ପହଞ୍ଚି ସେଠିକାର କିଛି ଲୋକଙ୍କୁ ଏକାଠି କରି ଶୋଭାଯାତ୍ରାକାରୀ ମାନଙ୍କ ସହ ପ୍ରଥମେ ବଚସା କରିବା ପରେ ଟେକା ପଥର ଫୋପାଡ଼ି ଥିଲେ। ପଥର ମାଡ଼ରେ ଏକାଧିକ ଆହତ ହୋଇଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ଭଦ୍ରକ ସହରାଞ୍ଚଳ ପୋଲିସ। ଘଟଣାର ତଦନ୍ତ କରିବାସହ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଥିବାରୁ ପୋଲିସଫୋର୍ସ ମୁତୟନ କରିବା ସହ ଏକ ଅସ୍ଥାୟୀ କ୍ୟାମ୍ପ ମଧ ପକାଇଛି ଭଦ୍ରକ ପୋଲିସ।

# ବନ୍ଧାଳ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଶିକ୍ଷକ ଅଭାବ ସମସ୍ୟାକୁ ନେଇ ସୋମବାର ଦିନ ବନ୍ଧାଳ-ମଡ଼ିଆଳି ଉଚ୍ଚ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟରେ ବାଲବିକାଶ ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ଯାଏ ଶିକ୍ଷା ଦାନ ବ୍ୟବସ୍ଥା ଥିବା ବେଳେ ମାତ୍ର ୭ଜଣ ଶିକ୍ଷକ ନିଯୁକ୍ତଅଛନ୍ତି। ବାଲ ବିକାଶରେ ୧୦ ଜଣ, ପ୍ରଥମରୁ ପଞ୍ଚମ ଯାଏ ୪୭ ଜଣ, ଷଷ୍ଠରୁ ଅଷ୍ଟମ ଶ୍ରେଣୀରେ ୮୭ ଜଣ ଓ ନବମ, ଦଶମ ଶ୍ରେଣୀରେ ୮୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ମାତ୍ର ଏହି ଛାତ୍ରଛାତ୍ରୀମାନଙ୍କ ପାଇଁ ଆବଶ୍ୟକ ଶିକ୍ଷକ ନଥିବା ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଗତ ଦଶବର୍ଷ ଧରି ହିନ୍ଦୀ ଶିକ୍ଷକ ପଦବୀ ଖାଲିପଡ଼ିଛି। ସେହିପରି ବିଦ୍ୟାଳୟରେ କୌଣସି ପିଅନ ମଧ ନାହାନ୍ତି। ସେହିପରି ସଂସ୍କୃତ ଓ ଟିଜିଟି ଶିକ୍ଷକ ପଦବୀ ଗୋଟିଏ ଖାଲି ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ମାତ୍ର ଦୁଇଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟରେ କିରାଣୀ ମଧ ନାହାନ୍ତି। ଏଥିପାଇଁ ଅଭିଭାବକ ମାନେ ବାରମ୍ବାର ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନଥିବାରୁ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ଅଭିଭାବକ ମାନେ କହିଛନ୍ତି। ଖବର ପାଇ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗୋଟିଏ ସପ୍ତାହ ମଧ୍ୟରେ ଶିକ୍ଷକ ନିଯୁକ୍ତି ପାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି ସୂଚନା ମିଳିଛି।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ




ନବରଙ୍ଗପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନର ସଭାଗୃହ ଠାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୌରୀଶଙ୍କର ମାଝୀ, ମାନ୍ୟବର ବିଧାୟକ ନବରଙ୍ଗପୁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନର ଅଧକ୍ଷ ଡ. ଓଁକାର ପଟ୍ଟନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତ ରଞ୍ଜନ ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ମାଝୀ ଜିଲ୍ଲାର ସାକ୍ଷରତା ହାର ବୃଦ୍ଧି କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ଆଗାମୀ ଦିନରେ ଜିଲ୍ଲାର ନିରକ୍ଷରତା ଦୂର କରିବା ପାଇଁ ସମସ୍ତେ ମିଳିମିଶି ଆନ୍ତରିକତା ସହିତ କାର୍ଯ୍ୟ କରିବାପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଶିକ୍ଷାର ଉନ୍ନତି ପାଇଁ ଜିଲ୍ଲା ଶିକ୍ଷା ବିଭାଗ ନେଇଥିବା ବିଭିନ୍ନ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସାକ୍ଷରତା ହାର ବୃଦ୍ଧି କରିବାରେ ଶିକ୍ଷକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ସାକ୍ଷରତା ହାର ବୃଦ୍ଧି ହେଲେ ଜିଲ୍ଲାରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ହେବା ସହ ଆତ୍ମ ନିଯୁକ୍ତି, ଦକ୍ଷତା ବିକାଶ ଦିଗରେ ବିଶେଷ ସହାୟକ ହେବ ବୋଲି କହିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷକ ସମାଜ ନିରକ୍ଷରତା ଦୁର ପାଇଁ ନବ ସାକ୍ଷରମାନଙ୍କ ଘରକୁ ଘର ଯାଇ ବୁଝାଇ ଶିକ୍ଷାର ମହତ୍ତ୍ୱ ବୁଝାନ୍ତୁ ଓ ସେମାନେ ସଓକ୍ଷର ହେଲେ ବିଭିନ୍ନ ସରକାରୀ ଯୋଜନାର ଆର୍ଥିକ ସହାୟତା କୁ ଠିକ୍ ରୂପେ ପରିଚାଳନା କରି ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଗୁପ୍ତ ପ୍ରସାଦ ନାଗ ପରିଚାଳନା କରିଥଲେ ଓ ଆଶୁତୋଷ ବେହେରା, ଜି.କରିଶ୍ମା, ପଲ୍ଲବୀ ସିଂ, ବିଜିଲି ଏକ୍କା, ମୂର୍ତ୍ତି କୁମାର ଓ ଅନୁଷ୍ଠାନର ଗୁରୁ, ଛାତ୍ରଛାତ୍ରୀ ସହାୟତା କରିଥିଲେ।

## ଦୟାନଦୀରେ ବନ୍ୟାଜଳ ବଢ଼ିବାରେ ଲାଗିଛି

କଣାସ, (ଭାସ୍କର ନ୍ୟୁଜ): କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖା ନଦୀମାନଙ୍କରେ ବନ୍ୟାଜଳ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ୭ତାରିଖ ସନ୍ଧ୍ୟା ୬ଟା ସମୟରେ ୩ମିମି ଥିବା ବେଳେ ଆଜି ସଂଧ୍ୟା ୬ଟା ସମୟରେ ୩.୭୫ମିମି ପହଞ୍ଚିଛି। କଣାସ ଠାରେ ବିପଦ ସଂଙ୍କେତ ୩.୯୯ମିମି ରହିଥିବା ବେଳେ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର ଗ୍ରାମପ□ାୟତର ସମସ୍ତ ଧାନଜମି, ପରିବା ଫସଲ ଜମି ୫ ଫୁଟ୍‌ରୁ ଉର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି।

## ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା

କଣାସ, (ଭାସ୍କର ନ୍ୟୁଜ): କଣାସ ବ୍ଲକ ଅର୍ନ୍ତଗତ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତର ଦିବ୍ୟସିଂହପୁର ଠାରେ ଆଜି ଏକ ସମ୍ବର୍ଦ୍ଧନା ସଭା କବି କାଶିନାଥ ପାଣିଗ୍ରାହୀଙ୍କ ଅ୍ଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଡ. କୃପାସିନ୍ଧୁ ପଣ୍ଡା, ଡ. ସାରଥି ଜେନା, ଡ. ଆର୍ତ୍ତତ୍ରଣା ସାହୁଙ୍କୁ ସେମାନଙ୍କ ପ୍ରତିଭା ନିମନ୍ତେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାପୁଲୋଡା ପଞ୍ଚାୟତ ନୂତନ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଭିତରେ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଆଣ୍ଠୁଏ ପାଣି ଠିଆ ହୋଇ ରହିଛି। ବିଦ୍ୟାଳୟ ସହିତ ୪୦ପିଲା ବିଶିଷ୍ଟ ହଷ୍ଟେଲ ରହିଥିବା ବେଳେ ୮୭ ପିଲା ଗ୍ରାମରୁ ଆସି ମୋଟ ୧୨୭ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପିଲାଙ୍କ ପାଠ ପଢା ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ବର୍ଷା ଋତୁରେ ସ୍କୁଲ ସମ୍ମୁଖ ଭିତରେ ପାଣି ଭର୍ତ୍ତି ହେଉଥିବାରୁ ପିଲା ଖେଳିବା, ଏକ କୋଠରୀରୁ ଅନ୍ୟ କୋଠରୀକୁ ଯିବା ଆସିବା ପାଇଁ ପିଲାଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ ଆଜକୁ ପ୍ରାୟ ଦୁଇ ବର୍ଷ ତଳେ ସ୍କୁଲର ପ୍ରଧାନ ଶିକ୍ଷକ ମହେନ୍ଦ୍ର ନାଗ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଲିଖିତ ଭାବେ ସରପଞ୍ଚ ଆକାମା ମେଲେକା ଙ୍କ ଜଣାଇ ଥିଲେ। ଆଜିପର୍ଯ୍ୟନ୍ତ ସ୍କୁଲ ଭିତରୁ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲରୁ ବର୍ଷା ଜଳ ନିଷ୍କାସନ ପାଇଁ ସ୍ଥାନୀୟ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ଅତି ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।



## ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧିନସ୍ଥ ଗୌଡୁଣୀପୋଖରୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ଜେନାଙ୍କ ସଭାପତିତ୍ୱ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ପ୍ରୟାସରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମତୋ କ୍ଲଷ୍ଟରର ସିଆରସିସି ବୀର ନାରାୟଣ ଦାସ, ଏସ.ଏମ.ସି ଅଧ୍ୟକ୍ଷ ସୃଷ୍ଟିଧର ମହାନ୍ତି, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ରାଉତ, ବିଦ୍ୟାଳୟର ହିତାକାଂକ୍ଷୀ ନିତ୍ୟାନନ୍ଦ ନାୟକ, ରାମଚନ୍ଦ୍ର ସୂତାର, ଶରତ କୁମାର ରାଉତ, ଶ୍ରୀନିବାସ ରାଉତ, ସୁଧୀର ଦାସ, ବୈକୁଣ୍ଠ ମହାଳିକ ଯୁବନେତା ଅଭୟ, ଅଷ୍ଟଶମ୍ଭୁ ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ସସ୍ମିତାଙ୍କୁ ତାଙ୍କ ସଫଳତା ପାଇଁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇ ସ୍କୁଲ ଓ ସ୍ଥାନୀୟ ଅଞ୍ଚଳର ଗୌରବ ବଢ଼ାଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦେବସ୍ମିତା ଦିଦି, ମମତା ଦିଦି, ନୀଳମଣି ସାର, ଜନ୍ମଜୟ ସାର ଓ ଅମୂଲ୍ୟ କୁମାର ରାଉତ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ତରରେ ଶିକ୍ଷୟିତ୍ରୀ ସସ୍ମିତା ମହାନ୍ତି ଏହି ପୁରସ୍କାର ପାଇବାରେ ଚାନ୍ଦବାଲି ବ୍ଲକର ସମ୍ମାନନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ମହାରାଜ, ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ୧୯ଟି କ୍ଲଷ୍ଟରର ସିଆର୍‌ସିସି, ବିଶେଷକରି ନିଜ ପ୍ରଧାନ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଆପ୍ରେନଟାଇସ ମେଳା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ତାଲିମପ୍ରାପ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଆପ୍ରେଟାଇସ ମେଳା ସୋମବାର ଅଧକ୍ଷ ଦୀପକ କୁମାର ମୁଦୁଲିଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଟାଟା ମୋଟରର୍ସ, ଏମ୍‌ଆର୍‌ଏଫ୍ ଆୟାରର୍ସ, ସୁଜୁକି ମୋଟରର୍ସ ଭଳି ବୃହତ୍ତ କମ୍ପାନୀଙ୍କ ସମେତ ୫ଟା କମ୍ପାନୀ ଅଂଶଗ୍ରହଣ କରିଥିଲେ। ମୋଟ ୮୧ ଜଣ ଆପ୍ରେନଟାଇସ ସ୍ଥାନ ପାଇଁ ୧୭ ମହିଳାଙ୍କ ସମେତ ୫୪ ଜଣ ତାଲିମପ୍ରାପ୍ତ ଆବେଦନ କାରୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୩୨ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ଏଥିରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରିଣୀ ଅନିତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ



ଦେଇଥିଲେ। ପ୍ରତିଷ୍ଠାନର ନିୟୋଜନ ଅଧିକାରୀ ସୂର୍ଯ୍ୟକାନ୍ତ ସାମଲଙ୍କ ସମେତ ସମସ୍ତ କର୍ମଚାରୀ ମାନେ ମେଳା ପରିଚାଳନା କରିଥିଲେ।

## ୧୨ରେ ଆୟୋଜିତ ହେବ ଏଫ୍‌ଏଲ୍‌ଓ ବଜାର

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ୨୦୨୫ ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଏଫଏଲ୍‌ଓ ବଜାର ଆୟୋଜିତ ହେବାକୁ ଯାଉଛି। ଏହା ମେଫେୟାର କନ୍‌ଭେନସନ୍‌ରେ ପୂର୍ବାହ୍ନ ୧୦ ଟାରୁ ଚାଲିବ। ବହୁ ପ୍ରତୀକ୍ଷିତ ଏହି କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀମାନଙ୍କର ସୃଜନଶୀଳତା, ନବସୃଜନ ଏବଂ ମଜଭୁତ ପଣ ପ୍ରଦର୍ଶିତ ହେବ, ଯାହା କ୍ରେତାମାନଙ୍କୁ ଫ୍ୟାଶନ, ସୌନ୍ଦର୍ଯ୍ୟ, ଲାଇଫଷ୍ଟାଇଲ, ଗହଣା, ୱେଲ୍‌ନେସ୍ ଏବଂ ହୋମ୍ ଡେକୋର ଆଦି ବହୁବିଧ କ୍ଷେତ୍ରରେ ଅନନ୍ୟ ଉତ୍ପାଦଗୁଡିକ ଦେଖିବାକୁ ଏକ ସ୍ୱତନ୍ତ୍ର ମଞ୍ଚ ଯୋଗାଇ ଦେଉଛି। ଫାଲ୍‌କନ ରିଅଲ ଇଷ୍ଟେଟ ଏବଂ କାର୍ସିନୋଭା କ୍ୟାନସର ହସ୍ପିଟାଲ ପ୍ରାୟୋଜିତ ତଥା ଏସ୍‌ଏନ୍ ମହାନ୍ତି



ଗ୍ରୁପ୍ ଅଫ କମ୍ପାନିଜ ଓ ଡୁରାମିକ୍ସର ସହ-ପ୍ରାୟୋଜକତାରେ ଏଫ୍‌ଏଲ୍‌ଓ ବଜାରକୁ ଶେରୋ ପ୍ରପର୍ଟିଜ, ଏମ୍‌ଜିଏମ୍ ଗ୍ରୀନ ଏନର୍ଜି, ଲାକ୍‌ମି ଏକାଡେମୀ କଟକ, ୱଣ୍ଡର ୱର୍ଲଡ ୱାଟର ପାର୍କ, ଭାରତ ଆଡଭର୍ଟାଇଜର୍ସ ଏବଂ କଳିଙ୍ଗ ଏଫଏମ୍ ୧୦୪ ସମର୍ଥନ ଯୋଗାଇ ଦେଉଛନ୍ତି। ଏଥିରେ ସ୍ଥାନ ପାଉଥିବା ଷ୍ଟଲଗୁଡିକ ମଧ୍ୟରେ ରହିଛି ଜିଭାଡା, ରୋଜ୍ ନିଟ୍, କୁନ୍‌ସ୍, ଥ୍ରେଡ ସହିତା, ପିକ୍ସି ଥ୍ରେଡସ୍, ରିଲାଏନ୍ସ ଜୁଏଲସ୍, ଟାମିକନ୍, ସୋଲସ୍ପେଶ୍ କ୍ରିଏସନ, ଲିଲ୍‌ଗ୍ଲାମ୍, ଲେବଲ ଅସ୍‌ମିତ, ରିମ୍‌ଲି ଡିଜାଇନ ଷ୍ଟୁଡିଓ, ସଂସ୍କୃତି, ଦି ଲୋକୋ କ୍ରିଏସନ, ଦୀପଶିଖା, କେସି କଲେକ୍ସନ, ନିୟୁ ନିଟିଂ, ହୁଲହୁଲିହୁଲି ଏବଂ ଆହୁରି ଅନେକ। "ଏଫଏଲ୍‌ଓ ବଜାର ଜୀବିକାକୁ ସମର୍ଥନ କରିବା ସହିତ ସ୍ୱରଗୁଡ଼ିକୁ ଶାଣିତ କରୁଛି ଏବଂ ମହିଳାଙ୍କ ନେତୃତ୍ୱରେ ପରିଚାଳିତ ଉଦ୍ୟୋଗଗୁଡ଼ିକୁ ନେଇ ଆନନ୍ଦ ମନାଉଛି ଯାହା ସଫଳତାକୁ ପୁନଃଭାଷିତ କରୁଛି," ବୋଲି ଡଃ. ପ୍ରଜ୍ଞା ପାରମିତା ମିଶ୍ର, ଚେୟାରପର୍ସନ ଏଫଏଲ୍‌ଓ ଭୁବନେଶ୍ୱର କହିଛନ୍ତି।

## ନିଆଳି କୈବର୍ତ୍ତ ସମାଜର ଜରୁରି ବୈଠକ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଅନୁବନ୍ଧିତ ମାଁ ମାଣିକେଶ୍ୱରୀ କୈବର୍ତ୍ତ ସମାଜ ମନମୁଣ୍ଡା କେନ୍ଦ୍ରର ଆରାଧ୍ୟ ଦେବୀ ମାଁ ମାଣିକେଶ୍ୱରୀ ଓ ଇଷ୍ଟ ଦେବୀ ମାଁ ବାସୁଳୀ ଦେବୀଙ୍କ ବାର୍ଷିକ ପୂଜା ତଥା ସମାଜର ବାର୍ଷିକ ଜୁଗାର ଯାତ୍ରାକୁ ନେଇ କେନ୍ଦ୍ର ସଭାପତି ସୁଦାମ ଚରଣ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସମାଜର ବାର୍ଷିକ ବୈଠକ ମନମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କେନ୍ଦ୍ରର ସମସ୍ତ ହାଣ୍ଡି ଚାଳକ ଗୋଷ୍ଠୀର ମୁଖିଆ ଯୋଗ ଦେଇଥିଲେ। କେନ୍ଦ୍ରର ବାସୁଦେବପାଲି ହାଣ୍ଡିଚାଳକ ଗୋଷ୍ଠୀର ବରିଷ୍ଠ



ସଦସ୍ୟ ଦେବାର୍ଚ୍ଚନ ସେଠୀ ଦେହ ତ୍ୟାଗ କରି ଥିବାରୁ ତାଙ୍କର ଆଆମର ଆତ୍ମାର ସଦଗତି ପ୍ରାପ୍ତି ନିମନ୍ତେ ଉପସ୍ଥିତ ସମସ୍ତ ସଦସ୍ୟ ଛିଡ଼ା ହୋଇ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସ୍ଥାୟୀ ସମ୍ପାଦକ ରାଘବ ନାଏକ ଅନୁପସ୍ଥିତ ଥିବାରୁ ପୂର୍ବ ସମ୍ପାଦକ ଗଣେଶ ଲୋଇ ଗତ ମାସିକ ବୈଠକ ତଥା ଗତ ବର୍ଷ ବାର୍ଷିକ ପୂଜାର ବିବରଣୀ ପଠନ କରିଥିଲେ। କୋଷାଧକ୍ଷ ରାଜେନ୍ଦ୍ର ମଲ୍ଲିକ ବାର୍ଷିକ ପୂଜା ପାଳନକୁ ପୁରୁଣା ଢାଞ୍ଚାରୁ ବାହାର କରି ନୂତନ ପରମ୍ପରା ସୃଷ୍ଟି କରାଯିବାକୁ ଦୃଷ୍ଟି ଆକର୍ଷଣ କାଟିଥିଲେ। ତାଙ୍କ ପ୍ରସ୍ତାବ ଅନୁସାରେ ମା'ଙ୍କ ନିକଟରୁ ବଳୀପ୍ରଥା ଉଚ୍ଛେଦ କରି ସମସ୍ତଙ୍କ ମନରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ କେନ୍ଦ୍ର ଅଧିନସ୍ଥ ସମସ୍ତ ଗୋଷ୍ଠୀର ମୁଖ୍ୟ ନାକଫୁଡ଼ି ଲୋଇ, ସୁଦାମ ଚରଣ ମଲ୍ଲିକ, ଈଶ୍ୱର ମଲ୍ଲିକ, ନୀଳାଞ୍ଚଳ ସେଠୀ, ବଳରାମ ବିଶି, ବିଶ୍ୱାମିତ୍ର ବାଘ, କେଦାର ପାଣ୍ଡେ, ଧର୍ମୁ ସାହୁ, ପ୍ରଫୁଲ୍ଲ ସେଠୀ, ଆଲୋକ ସାହୁ, ଅଜିତ ସେଠୀ, ସଙ୍ଖାଳି ଲୋଇ, ଦୋଳଗୋବିନ୍ଦ ସେଠୀ, ସମରୁ ସେଠୀ, ବୃଷଭ ପାଣ୍ଡେ, ବିନୋଦ ବିହାରୀ ମଲ୍ଲିକ, ଶ୍ରୀଧର ବଢ଼େଇ ପ୍ରମୁଖଙ୍କ ସହ ସମାଜର ବରିଷ୍ଠ ସଦସ୍ୟ ନନ୍ଦୀ କିଶୋର ସେଠୀ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ରାଘବ ନାଏକ ଆସି ପହଞ୍ଚି ଧନ୍ୟବାଦ ଅର୍ପଣ କରିଥିଲେ।

## ମର୍ଯ୍ୟାଦା ହାନୀ ମନ୍ତବ୍ୟ ନେଇ ଅଭିଯୋଗ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ ମର୍ଯ୍ୟାଦାହାନୀ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଥାନାରେ ଆଶାକର୍ମୀ ମାନେ ସମାବେଶ କରିଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସଁପୋଇ ଗ୍ରାମର ଚନ୍ଦ୍ରଶେଖର ରାଉତ ନାମକ ବ୍ୟକ୍ତିଗତ ୨ତାରିଖରେ ନିଜ ଫେସବୁକ ଆକାଉଣ୍ଟରେ ସାମୂହିକ ଭାବେ ଆଶାକର୍ମୀ ମାନଙ୍କୁ 'ଅଯୋଗ୍ୟ' ବୋଲି ଆକ୍ଷେପ କରିବା ସହ ସେମାନଙ୍କ ପାଇଁ ରାଜକୋଷରୁ ଅର୍ଥ ବ୍ୟୟ ହେଉଥିବାରୁ ଛଟେଇ କରାଯାଉ ବୋଲି ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ଆଶାକର୍ମୀ ମାନଙ୍କ ମର୍ଯ୍ୟାଦା ହାନୀ କରୁଥିବା ଦର୍ଶାଇ ଆଶାକର୍ମୀ ମାନେ ଗତ ୪ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ଏଥିପାଇଁ ସମୟ ଲୋଡାଯାଇଥିଲା। ସୋମବାର ଆଶାକର୍ମୀ ସଭାପତି ପଦ୍ମିନୀ ପଣ୍ଡା, ସମ୍ପାଦକ ପ୍ରତିମା ସାମଲଙ୍କ ନେତୃତ୍ୱରେ ପଚାଶରୁ ଅଧିକ ଆଶାକର୍ମୀ ମାନେ ଥାନାରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିଥିଲେ। ଥାନାଧିକାରୀ ଟାଳଟୁଳ ନୀତି ଯୋଗୁଁ ଆଶାକର୍ମୀମାନେ ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଗୁହାରୀ କରିଥିବା ଜଣାଯାଇଛି। ମଙ୍ଗଳବାର ସୁଦ୍ଧା ପଦକ୍ଷେପ ଗ୍ରହଣ କରିବାକୁ ଉପଖଣ୍ଡ ପୁଲିସ ଅଧିକାରୀ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଅବକାରୀ ବିଭାଗର ଚଢ଼ାଉ, ୩ ଗିରଫ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣରେ ମହୁଲି ମଦ ଓ ପୋଚ ଜବତ ପରେ ନଷ୍ଟ କରାଯାଇଛି। କରଞ୍ଜିଆ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ମହୁଲି ମଦ କାରବାର ବୃଦ୍ଧି ପାଉଥିବା ବେଳେ ଉପଅଧିକ୍ଷକ ସୋମ୍ୟ ରଂଜନ ବେହେରାଙ୍କ ତତ୍ତ୍ୱାବଧାନରେ କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଂଜନ ନାୟକ, ଯଶୀପୁର ଓଆଇସି ଶୁଭଦର୍ଶିନି ସାହୁ, ସୁକୃଳି ଓଆଇସି କୃଷ୍ଣ ଚନ୍ଦ୍ର ବିନ୍ଧାଣି, ଠାକୁରମୁଣ୍ଡା ଓଆଇସି ଭାରତୀ ନାୟକ, କରଞ୍ଜିଆ ଏଏସଆଇ ଫୁଲମଣୀ ନାଏକ, କନଷ୍ଟେବଳ ଅଂଶୁମାନ ପରିଡ଼ା, ଆଲୋକ ସୁତାରଙ୍କ ସହଯୋଗରେ ଆଜି ଦିନ ତମାମ ୪ ଗୋଟି ଗ୍ରାମ ସଂଲଗ୍ନ ଜଙ୍ଗଲ ଓ ନଦୀ କୂଳ ମାନଙ୍କରେ ଚଢ଼ାଉ କରି ସମୁଦାୟ ୮୫୦ ଲିଟର ଦେଶୀ ମହୁଲି ମଦ ଓ ୧୫ ହଜାର କିଲୋ ମହୁଲ ପୋଛ ଜବତ୍ ପରେ ନଷ୍ଟ କରିଥିଲେ। ବାଟପଳସା କୁମ୍ଭାର ସାହି, ବଣକାଟି, ଭାଲିଆନାଳ, ଗୋପାଳପୁର ପ୍ରଭୃତି ଗ୍ରାମ ସଂଲଗ୍ନ ଜଙ୍ଗଲ



ଓ ନଦୀକୂଳ ମାନଙ୍କରେ ଚଢ଼ାଉ କରିଥିଲେ। ସେହିପରି କାଳୀଚରଣ ବେହେରା ନିକଟରୁ ୩୦ ଲିଟର, ବିଶ୍ୱଜିତ୍ ବେହେରା ନିକଟରୁ ୪୦ ଲିଟର ମହୁଲି ମଦ ଜବତ କରିବା ସହିତ ପୂର୍ବରୁ ଫେରାରଥିବା ମାଲଦେ ସୋରେନ୍‌କୁ ମଧ୍ୟ ଅବକାରୀ ବିଭାଗ ଗିରଫ କରିଛି। ଏନେଇ ଅବକାରୀ ଥାନାରେ ୧୧୦/୨୫, ୧୧୧/୨୫, ୧୧୨/୨୫ ନମ୍ବରରେ ତିନିଗୋଟି ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବା କରଞ୍ଜିଆ ଅବକାରୀ ଓଆଇସି ନାୟକ ସୂଚନା ଦେବାସହିତ ପାର୍ବଣ ସମୟରେ ଏହିପରି ଚଢ଼ାଉ ଜୋରଦାର କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ଯନ୍ତ୍ରାଂଶ ବଣ୍ଟନ ଓ ପରିମାପକ ଶିବିର



ମାଥିଲି, (ଭାସ୍କର ନ୍ୟୁଜ): ମାଲକାନଗିରି ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସଙ୍କ ତତ୍ତ୍ୱାବଧାନରେ ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ ଯନ୍ତ୍ରାଂଶ ବଣ୍ଟନ ଓ ପରିମାପକ ଶିବିର ମାଥିଲି ନୂଆଗୁଡ଼ା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ମାଲକାନଗିରି ଓ ଆଲିମକୋ ଭୁବନେଶ୍ୱର ମିଳିତ ପ୍ରୟାସ ରେ ଆୟୋଜିତ ଏହି ଶିବିରକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ୍ ବିଶ୍ୱାସ ଉଦ୍ଘାଟନ କରିଥିଲେ। ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଆଲିମକୋର ପ୍ରତିନିଧି ଅର୍ଥୋପ୍ରୋସ୍ଥେଷ୍ଟିକ୍ସ ବିକ୍ରମ କୁମାର ମହାରଣା ଅର୍ଥଟେକନିକ ମହାବୀର ସିଂହ, ଆକାଶ କୁମାରରାୟ ଅମନ ଦ୍ୱିବେଦୀ ଯୋଗଦେଇ ଆବଶ୍ୟକ ଉପକରଣର ମାପ ନେଇଥିଲେ। ଏହି ଶିବିରକୁ ବରିଷ୍ଠ ଶିକ୍ଷକ ତଥା ଭାରପ୍ରାପ୍ତ ବିଆରପି ରତ୍ନାକର ପାଳ ପରିଚାଳନା କରିଥିଲେ। ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକାରର ଉପକରଣ ଓ ଯନ୍ତ୍ରାଂଶର ଯତ୍ନ ସମ୍ପର୍କରେ ଅଭିଭାବକ ଓ ବିଦ୍ୟାର୍ଥୀ ମାନଙ୍କୁ ଶ୍ରୀ ପାଳ ପରାମର୍ଶ ଦେଇ ଖୁବ୍ ଶୀଘ୍ର ନୂତନ ଯନ୍ତ୍ରାଂଶ ପ୍ରଦାନ କରାଯିବା ବୋଲି ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣା ପାଣି ସେଠୀ, ଶିକ୍ଷୟିତ୍ରୀ, କେ ୱରା ଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା ବେହେରା ସିଆରସିସି ଚିନ୍ତାମଣି ବିଷୋୟୀ, ମନୋଜ କୁମାର ବେହେରା, ବରିଷ୍ଠ ଶିକ୍ଷକ ମଧୁସୂଦନ ନାୟକ, ସହକାରୀ ତୁଷାର କାନ୍ତ ପଣ୍ଡା, ମନୋଜ କୁମାର ପାଳ, ବୈଷ୍ଣବ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ ୬୦ ରୁ ଉର୍ଦ୍ଧ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ସମେତ ସେମାନଙ୍କ ଅଭିଭାବକ ଯୋଗଦେଇ ଥିଲେ। ୩୨ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଙ୍କୁ ବିଭିନ୍ନ ପ୍ରକାରର ଆବଶ୍ୟକ ଉପକରଣ ବଣ୍ଟନ କରାଯାଇଥିଲା। ୨୫ ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ନୂତନ ଉପକରଣ ପ୍ରଦାନ ପାଇଁ ମାପ ନିଆଯାଇଥିଲା।

## ଛାତ୍ରୀଙ୍କୁ ମାଡ ମାମଲାରେ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

କଣାସ, (ଭାସ୍କର ନ୍ୟୁଜ୍): ଗତ ୨ ତାରିଖରେ କଣାସ ବ୍ଲକ ଗଡବଳଭଦ୍ରପୁର ପଞ୍ଚାୟତର ଗୌଡାପାଟଣା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ମାଡ ମାରିବା ଅଭିଯୋଗରେ ତଦନ୍ତ କରି କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଜେନାଙ୍କୁ ଆଜି ଚାକିରୀରୁ ନିଲମ୍ବିତ କରିଛନ୍ତି। ସମ୍ବାଦପତ୍ରରେ ଏ ସମ୍ପର୍କରେ ପ୍ରକାଶନ ପରେ ଶିକ୍ଷାଧିକାରୀ କଣାସ ନିଜ ପକ୍ଷରୁ ଏକ ତଦନ୍ତ କମିଟି ବସାଇ ଘଟଣାର ତଦନ୍ତ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଛନ୍ତି। ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ଦିନ ୩ଟା ସମୟରେ କଣାସ-ଡେଲାଙ୍ଗ ରାସ୍ତାରେ ଛାତ୍ରଛାତ୍ରୀମାନେ ଘରକୁ ଯାଉଥିବା ଦେଖି ଛାତ୍ରଛାତ୍ରୀ ମାନଙ୍କୁ ପଚାରି ନିକଟବର୍ତ୍ତୀ ତ୍ରିଲୋଚନପୁର ପଞ୍ଚାୟତ ଗାଉପଡା ପ୍ରାଥମିକ ବିଦ୍ୟାଳୟରେ ଦିନ ୩ଟା ସମୟରେ ପହଞ୍ଚିଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀ ନଥିବାର ଶିକ୍ଷକ ଶିକ୍ଷୟିତ୍ରୀ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିବାରୁ ଶିକ୍ଷାଧିକାରୀ ଦିନକ ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିମଳେନ୍ଦୁ ମହାପାତ୍ର ଓ ସହକାରୀ ଶିକ୍ଷୟିତ୍ରୀ ସୁମାଷ ପୃଷ୍ଟିଙ୍କ ଦରମା ବନ୍ଦ କରିଛନ୍ତି। ଏଥି ସହ ସେମାନଙ୍କ ବିରୁଦ୍ଧରେ କାହିଁ କି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନ ନିଆଯିବ ତାହାର ଉତ୍ତର ତିନିଦିନ ମଧ୍ୟରେ ପ୍ରଦାନ କରିବାକୁ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

## ବନିତା ହତ୍ୟାକାଣ୍ଡ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଗଣଧାରଣା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ପଟ୍ଟାମୁଣ୍ଡାଇ ବୋଧ ଗାଁ'ର ଝିଅ ବନିତା ରାଉତ ବିଭତ୍ସ ଗଣହତ୍ୟାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ସୋମବାର ଦିନ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ପୋଲିସର ନିଷ୍କ୍ରିୟତା ଓ ପକ୍ଷପାତିତା, ଦୋଷୀମାନଙ୍କୁ ଘଣ୍ଟ ଘୋଡାଇବା, ମୃତ ବନିତାଙ୍କ ବିରୁଦ୍ଧରେ ପୁଲିସର ବୟାନ ବାଜି ଏବଂ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାର ବିରୁଦ୍ଧରେ ଅନୁଷ୍ଠିତ ଗଣଧାରଣା ପୂର୍ବରୁ ଭୀଷଣ ବର୍ଷା ସତ୍ତ୍ୱେ ସ୍ଥାନୀୟ ସାନ୍ତସାହି ପୋଲ ନିକଟରୁ ପଞ୍ଚଶହରୁ ଅଧିକ ମହିଳା ଓ ପୁରୁଷଙ୍କ ଏକ ଗଣପଟୁଆର ସହରର ମୁଖ୍ୟ ରାସ୍ତା ଅତିକ୍ରମ କରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ପ୍ରକାଶ ଥାଉକି ଗତ ମାସ ୨୮ତାରିଖ ଦିନ ପଟ୍ଟାମୁଣ୍ଡାଇ ସହରସ୍ଥିତ ମୁନିସପାଲିଟି ଅଫିସ ନିକଟ ଭେଣ୍ଡିଙ୍ଗଜୋନର କେବିନ ନଂ୩୧ ରେ ମୃତ ବନିତାଙ୍କୁ ହତ୍ୟାକାରାଯାଇ ରଖାଯାଇ ଥିଲା। ବନିତାଙ୍କୁ ନପାଇ ଘରଲୋକେ ପୁଲିସରେ ଏଫଆଇଆର ଦେଲାପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ମୃତଦେହ କେବିନିରେ ତିନିଦିନ ରହିବା ପରେ ଗନ୍ଧ ହେବାରୁ ପୁଲିସ ଖବର ପାଇ କବାଟ ଭାଙ୍ଗି ମୃତ ଦେହକୁ ଉଦ୍ଧାର




କରିଥିଲେବି କେବଳ ମୁଖ୍ୟ ଅଭିଯୁକ୍ତ ଆସାମୀ ସନ୍ତୋଷ ପରିଡା ଓରଫ ଚକୁଳିକୁ ଗିରଫ କରି ନିରବ ଦ୍ରଷ୍ଟା ସାଜିଛି। ମୃତ ବନିତାର ମାଙ୍କ ବୟାନକୁ ମଧ୍ୟ ରେକର୍ଡ଼ କରାଯାଇନି। ପରନ୍ତୁ ପୁଲିସ ସାମ୍ବାଦିକ ସମ୍ମିଳନୀ କରି ମୃତ ବନିତାଙ୍କ ଚରିତ୍ର ସଂଘାର କରିଛି। ଏଭଳି ସ୍ଥଳେ ଧାରଣାକାରୀମାନେ ପୁଲିସର ତଦନ୍ତ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ତେଣୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବା, କେବଳ ଚକୁଳି ନୁହେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା, ଅପରାଧିମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ମୃତ ବନିତାଙ୍କ ପୁଅକୁ ପଚାଶଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ଓଡିଶା କୃଷକ ସଭା ଜିଲ୍ଲା ସମ୍ପାଦକ ବିଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା କୃଷକ ସଭା ଜିଲ୍ଲା ସଭାପତି ଗୟାଧର ଧଳ, ଓଡ଼ିଶାର ବିଶିଷ୍ଟ କର୍ମଚାରୀ ନେତା ନରୋତ୍ତମ ପାର୍ଥସାରଥୀ, ପଟ୍ଟାମୁଣ୍ଡାଇର ବରିଷ୍ଠ କୃଷକ ନେତା ଦାସରଥୀ ସାହୁ, ନବଦିଗନ୍ତ ସ୍ୱେଚ୍ଛାସେବୀ ସାମାଜିକ ସଂଗଠନର ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯଦୁମଣି ଦାସ, ସୁଦର୍ଶନ ମଳିକ, ସ୍ଥାନୀୟ ନାୟବ ସରପଞ୍ଚ ସହଦେବ ଦାସ, ଲିଲି ଜେନା, ଗୋଲାପ ଜେନା, ସୂର୍ଯ୍ୟକାନ୍ତ ତ୍ରିପାଠୀ ଓ ସରୋଜ ସାହାଣୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏକ ସାତ ଜଣିଆ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସାତଦିନ ମଧ୍ୟରେ ଦାବି ପୂରଣ ନହେଲେ ବ୍ୟାପକ ଆନ୍ଦୋଳନ ହେବବୋଲି ବକ୍ତାମାନେ ଚେତାବନୀ ଦେଇଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

କାଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ପୂର୍ବରୁ ମାଓଗଡ ଭାବେ ପରିଚିତ ଥିବା ମାନ୍ୟୁମକୋଣ୍ଡା ଠାରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏବଂ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ହେଚ୍ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କରିଥିଲେ। ତେଣୁ ମାନ୍ୟୁମକୋଣ୍ଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ରୁଣ୍ଡ ହୋଇଥିଲେ। ଏଥିରେ କେତେକ ଅଭିଯୋଗ ତୁରନ୍ତ ସମାଧାନ କରାଯାଇ ଥିବା ବେଳେ ଅନ୍ୟ କେତେକ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରାଯିବ ବୋଲି ଜଣାପଡିଛି। ଏଠାରେ ୟୁରିଆ ସାର ଯୋଗାଇ ଦେବା ପାଇଁ ମଧ୍ୟ ଅଭିଯୋଗ ହୋଇଥିଲା। ଏନେଇ ତୁରନ୍ତ ୟୁରିଆ ସାର ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଅଭିଯୋଗ ଶୁଣାଣି ପରେ ଓଡ଼ିଶା ଓ ଆନ୍ଧ୍ରକୁ ସଂଯୋଗ କରୁଥିବା ଅଧାପନ୍ତରିଆ ପୋଲ ଦେଖିବାକୁ ଜିଲ୍ଲାପାଳ ପୋଲୁରରେ ପହଞ୍ଚି ଥିଲେ। ଜିଲ୍ଲାର ଆଦିମ ଅଧିବାସୀଙ୍କ ପରମ୍ପରାରେ ଜଡ଼ିତ ପ୍ରସିଦ୍ଧ ବଡ଼ ଯାତ୍ରା ଉତ୍ସବକୁ ଦୃଷ୍ଟିରେ ରଖି ପାଞ୍ଚ ବର୍ଷ ତଳେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାଏଁ ସମାପନ ହୋଇନାହିଁ। ସେହିପରି ମାନ୍ୟୁମକୋଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନ ଭୋଜନ



ସମ୍ପର୍କରେ ବୁଝିଥିଲେ। ଅଣ୍ଡା ଖାଉନଥିବା ଛାତ୍ର ଛାତ୍ରୀଙ୍କୁ ତା ବଦଳରେ ଫଳ ଦିଆଯାଉ ନଥିବାରୁ ପ୍ରଧାନ ଶିକ୍ଷକ ଦୁଲା ଭେଙ୍କେଟଶ୍ୱର ରାଓଙ୍କୁ କାରଣ ଦର୍ଶାଇବାକୁ ଜିଲାପାଳ କହିଥିଲେ। ଶିବିରରେ ଉପଜିଲ୍ଲାପାଳ ଆସିନ ଏଏଲ, ଜିଲ୍ଲା ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦଳମଣି ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସମେତ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମଧ୍ୟ ସାମିଲ ଥିଲେ। କାଳିମେଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦିପ କୁମାର କର, ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରଇ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଦା, ସମ୍ପୃକ୍ତ ସରପଞ୍ଚ କମଳା ଗୋଲରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାରେ ପ୍ରଥମକରି ମାନ୍ୟୁମକୋଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କୁ ତୃଣମୂଳ ସ୍ତରରେ ପାଇ ସ୍ଥାନୀୟ ଲୋକେ ଖୁସି ବ୍ୟକ୍ତ କରିବା ସହିତ ଆମ ଅଭିଯୋଗ ସମାଧାନ ହେବ ବୋଲି ଦୃଢ ଆଶା ପ୍ରକଟ କରିଛନ୍ତି।

## ଦାଦା ବଟି ମାଗି ହତ୍ୟା ଧମକ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବିଳମ୍ବିତ ରାତ୍ରରେ ଅସ୍ତରଙ୍ଗ ଭଉଁରୀଆ ସେତୁ ନିକଟରେ ପହଞ୍ଚି କାର୍ଯ୍ୟକୁ ତଦାରଖ ସହ ରାତ୍ର ଜଗୁଆଳକୁ ଦାଦାବଟି ମାଗି ମୁଣ୍ଡରେ ବନ୍ଧୁକ ଦେଖାଇ ଦୁର୍ବୃତ୍ତ ଫେରାର। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଭଉଁରୀଆ ସେତୁ ନିର୍ମାଣ କାର୍ଯ୍ୟ ଜାରୀ ରହିଥିବା ବେଳେ ଜିନିଷ ପତ୍ର ତଦାରଖ କରିବାକୁ ରାତ୍ର ଜଗୁଆଳ ଠିକାଦାରଙ୍କ ତରଫରୁ ନିୟୋଜିତ କରାଯାଇଛି। କିନ୍ତୁ ରବିବାର ବିଳମ୍ବିତ ରାତ୍ର ୧ଘଟିକା ରୁ ୨ଘଟିକା ମଧ୍ୟରେ ଏକ ଧଳା ରଙ୍ଗର କାରରେ ୨ଜଣ ଯୁବକ ଭଉଁରୀଆ ସେତୁ ନିକଟରେ ପହଂଚି ରାତ୍ର ଜଗୁଆଳ ଭାବେ କାର୍ଯ୍ୟରତ ଗୋପାଳକୃଷ୍ଣ ଜେନା ଓ ଝାଟୁ ବରାଳଙ୍କୁ ଧମକ ଦେବା ସହ ଠିକା-ଦାରଙ୍କୁ ଫୋନ କରିବାକୁ ଧମକାଇ ଥିଲେ। କିନ୍ତୁ ଫୋନ କରିବାକୁ ନାରାଜ ହେବାରୁ ମୁଣ୍ଡରେ ବନ୍ଧୁକ ଦେଖାଇ ଏଠାରେ କିଏ ବୁଝାବୁଝି କରୁଛି ବୋଲି ପଚାରି ଫୋନ କରିବାକୁ କହିଥିଲେ। ଉକ୍ତ ରାତ୍ର ଜଗୁଆଳ ଦ୍ୱୟ ଭୟରେ ସ୍ଥାନୀୟ ଅଞ୍ଚଳ ଟୁଲୁ ନାୟକଙ୍କୁ ଫୋନ କରିଥିଲେ ଦ୍ୱୟ ଦୁର୍ବୃତ୍ତ ସିଧା ଟୁଲୁଙ୍କୁ ଧମକ ଦେବା ସହ ଦାଦା ବଟି ମାଗିଥିଲେ। ଶେଷରେ ରାତ୍ର ଜଗୁଆଳଙ୍କ ମୁଣ୍ଡରେ ବନ୍ଧୁକ ରଖି ଧମକାଇ କହିଥିଲେ ତୁମ ମାଲିକକୁ କହିବ ତୁରନ୍ତ ପାର୍ବଣ ଆସୁଛି ଦାଦା ବଟି ଦେଇ ଆସିବ। ଏ ନେଇ ସୋମବାର ଦିନ କାର୍ଯ୍ୟର ସୁପରଭାଇଜର ବଂଶୀଧର ପରିଡା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ ପଚରା ଉଚରା ପରେ ତଦନ୍ତ ଜାରୀ ରଖିଛି। କିନ୍ତୁ ଏଘଟଣାଟି ସ୍ଥାନୀୟ ଅଞ୍ଚଳ ଲୋକ ନାଁପେସାଦାର ଦୁର୍ବୃତ୍ତ ତାହାକୁ ନେଇ ପୋଲିସ ତଦନ୍ତ ଜାରୀ ରଖିଥିବା ବେଳେ ସ୍ଥାନୀୟ ଲୋକ ଦାବି କରିଛନ୍ତି ଯୁବକ ଦ୍ୱୟ କିଏ ତୁରନ୍ତ ଧରିବାକୁ।

## ସାକ୍ଷରତା ସପ୍ତାହ ପାଳିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚବିଦ୍ୟାଳୟରେ ଆନ୍ତର୍ଜାତିୟ ସାକ୍ଷରତା ସପ୍ତାହ ସୋମବାର ପାଳନ କରାଯାଇଛି। ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ନେତୃତ୍ୱରେ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ, ଶରତ ଚନ୍ଦ୍ର ଥାଟୋଇ, ରମେଶ ଚନ୍ଦ୍ର ରାଉତ, ଶିକ୍ଷୟତ୍ରୀ ରିତାଞ୍ଜଳୀ ମହାନ୍ତି, ଜୟଶ୍ରୀ ମହାନ୍ତି, ଆରୁଣୀ ବେହେରା, ରଶ୍ମିରେଖା ରାଉତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସ୍ଲୋଗାନ ସହ ଗ୍ରାମ ପରିକ୍ରମା କରିଥିଲେ ଓ ପ୍ରତ୍ୟେକ ବ୍ୟକ୍ତି ଅନ୍ୟୁନ ଗୋଟିଏ ଭାଷା ଲେଖିବା ଓ ପଢିବା ଭଳି ସାକ୍ଷରତା ହାସଲ କରିବା ଉଚିତ ବୋଲି ଲୋକଙ୍କୁ ବୁଝାଇଥିଲେ।



# ଆମ କଳାହାଣ୍ଡି





### ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଭିନବ ପ୍ରୟାସ

## ସରକାରୀ କର୍ମଚାରୀଙ୍କ ଏକ ଦିବସୀୟ ମାଗଣା ସ୍ୱାସ୍ଥ୍ୟ ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ପରିକଳ୍ପନା ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦୁ ପଣ୍ଡାଙ୍କ ପ୍ରୟାସରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାରେ ପ୍ରଥମ ଥର କରି ସରକାରୀ କର୍ମଚାରୀମାନଙ୍କ ପାଇଁ ଏକ ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ପ୍ରକାଶ ଏହି ସ୍ୱାସ୍ଥ୍ୟଶିବିର ପରିଦର୍ଶନ କରି କର୍ମମୟ ବ୍ୟସ୍ତବହୁଳ ଜୀବନରେ ସ୍ୱାସ୍ଥ୍ୟ ହିଁ ସମ୍ପଦକୁ ଗୁରୁତ୍ୱ ଦେଇ ସମସ୍ତ ସରକାରୀ କର୍ମଚାରୀ ନିଜନିଜର କାର୍ଯ୍ୟାଳୟ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବାକୁ ହେଲେ ନିଜର ତଥା ପରିବାରର ସ୍ୱାସ୍ଥ୍ୟ ପରୀକ୍ଷା କରି ସୁସ୍ଥ ରହିବାସହ ସ୍ୱାସ୍ଥ୍ୟବାନ ହେବାପାଇଁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ସଚେତନତା ପ୍ରତି ଜିଲ୍ଲାପାଳଙ୍କ ଏହି ନୂତନ ପରିକଳ୍ପନା ଓ ମହତ ଉଦ୍ୟମକୁ ସମସ୍ତ ଅଧିକାରୀ ଓ କର୍ମଚାରୀ ପ୍ରଶଂସା କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ ଦୁବେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ଶିବିରରେ ମେଡିକାଲ ଚିକିତ୍ସା ବିଭାଗ,ଦାନ୍ତ ଚିକିତ୍ସା ବିଭାଗ, ଚକ୍ଷୁ, ନାସା, କର୍ଣ୍ଣ ଓ ଗଳା,ଶିଶୁ ରୋଗ ବିଭାଗ ଇତ୍ୟାଦିର ବିଶେଷଜ୍ଞ ଡାକ୍ତର ମାନେ ଉପସ୍ଥିତ ରହି ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପରାମର୍ଶ ସେବା ଯୋଗାଇ ଦେଇଥିଲେ। ଏହି ଶିବିରରେ ଅଧିକ୍ଷଣ ଯକ୍ଷ୍ମା ପୂର୍ବ ବିଭାଗ ଶିବାଜୀ ପ୍ରଧାନ, ଡି ଡି ୟୁନିଟ ସ୍ୱକାନ୍ତ ଦଲେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାତ୍ରି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ସହକାରୀ ଯକ୍ଷ୍ମା ପୂର୍ବ ବିଭାଗ ସୁବ୍ରତ ସାହୁ, ଏପିଡି, ବିମ୍ବାଧର ସାହୁ, ଡିଇଓଏମ୍, ସଞ୍ଜୀବ କୁମାର ଚୌଧୁରୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ,କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ଶତାଧିକା ସରକାରୀ କର୍ମଚାରୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରର ପରିଚାଳନାରେ ବୃନ୍ଦାବନ ସଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ଦାସ ଓ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆଲୋକ ରଞ୍ଜନ ମୁଣ୍ଡ, ଅନନ୍ତ କୁମାର ପଣ୍ଡା ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## 'ଆପନା ଫ୍ୟାମିଲି' ଢାବାରେ ବାସି ଖାଦ୍ୟ ଯାଞ୍ଚ



କୋକସରା, (ଭାସ୍କର ନ୍ୟୁଜ୍) : ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଶନିବାର କୋକସରା ବ୍ଲକର ଲଡୁଗାଁର ବିଭିନ୍ନ ହୋଟେଲ ସମେତ ନିକଟବର୍ତ୍ତୀ ଅଞ୍ଚଳର ଅନେକ ଦୋକାନ ଯାଞ୍ଚ କରାଯାଇଛି। ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଡଙ୍ଗାଗୁଡ଼ା ସ୍ଥିତ ଆପନା ଫ୍ୟାମିଲି ଢାବାରେ ମଧ୍ୟ ବିଭାଗ ପକ୍ଷରୁ ଖାଦ୍ୟ ଯାଞ୍ଚ କରାଯାଇଥିଲା। ଧର୍ମଗଡ଼ ଉପଖଣ୍ଡ ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ନାଏକ, ଏନଟିଏସ୍ ଗଜିନ୍ଦ୍ର ଜେକିବଙ୍କ ପ୍ରମୁଖ ଯାଞ୍ଚ କରିଥିଲେ। ମୋଟ ୨୭ଟି ସ୍ଥାନ ପରିଦର୍ଶନ କରି ଯାଞ୍ଚ କରାଯାଇଥିବା ବେଳେ ବିନା ଖାଦ୍ୟ ସୁରକ୍ଷା ସାର୍ଟିଫିକେଟରେ କାର୍ଯ୍ୟ କରୁଥିବା ଖାଦ୍ୟ ବ୍ୟବସାୟୀ ଓ ପରିଚାଳକଙ୍କୁ ନୋଟିସ ପ୍ରଦାନ କରାଯାଇଛି। ଏହା ସହିତ ନିର୍ଦ୍ଧାରିତ ପରିଷ୍କାର ପରିଚ୍ଛନ୍ନତା ଏବଂ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପାଳନ କରୁ ନଥିବାରୁ ହୋଟେଲ ଗୁଡ଼ିକୁ ଚେତାବନୀ ଦିଆଯାଇଛି। ସେହିପରି ଡଙ୍ଗାଗୁଡ଼ା ସ୍ଥିତ ଆପନା ଫେମିଲି ଢାବାରେ ବାସି ଖାଦ୍ୟ ପରଷା ଯାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ଏହାକୁ ନେଇ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀ ମାନେ ଢାବାରେ ପହଞ୍ଚି ଖାଦ୍ୟ ଯାଞ୍ଚ କରିଥିଲେ। ତେବେ ବାସି ଖାଦ୍ୟ ରହିଥିବା ଦେଖିବାକୁ ପାଇ ଢାବା ମାଲିକଙ୍କୁ ତାଗିଦ୍ କରିବା ସହ ୧୦ ହଜାର ଟଙ୍କା ଫାଇନ କରିବା ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିବା ସୂଚନା ମିଳିଛି। ଏହାବାଦ୍ ଆଗକୁ ଗ୍ରାହକଙ୍କୁ ବାସୀ ଖାଦ୍ୟ ପରଷିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନେଇ ଚେତାବନୀ ମଧ୍ୟ ଦିଆଯାଇଛି।

## ଶିକ୍ଷକଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍)-ଲାଞ୍ଜିଗଡ ବ୍ଲକ ମସ୍କାଗୁଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ପ୍ରଧାନ ଶିକ୍ଷକ ଓ ମୌଳିକ ଶିକ୍ଷା ଓ ସାକ୍ଷରତା ଶିକ୍ଷକମାନଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଗୁର୍ଟିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଳାହାଣ୍ଡି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ଚନ୍ଦ୍ର ବେହେରା ଓ ଆଉ ସୁଦୂର ନବରଙ୍ଗପୁର ଜିଲ୍ଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ବିଜୁଳି ଏକ୍କା ଯୋଗ ଦେଇଥିଲେ। ମସ୍କାଗୁଡା କ୍ଲଷ୍ଟର ସଂଯୋଜକ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବରିଷ୍ଠ ଶିକ୍ଷକ ସତ୍ୟାନନ୍ଦ ବେହୁରା, ଭାଗିରଥୀ ବେହୁରା, ଗୁର୍ଟିଗଡ଼ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାକାର ସାହୁ, ଶିକ୍ଷକ ଶିବପ୍ରସନ୍ନ ସାହୁ, ବିଭୂତିଭୂଷଣ ଡାଣ୍ଡି, ଲଳିତମୋହନ ଭୋଇ, ସୁବ୍ରତ ବୁଝିଆ, ସୂର୍ଯ୍ୟମଣି ପାତ୍ର, ଝସକେତନ ବୁଝିଆ, ଭବାନୀଶଙ୍କର ବାରିକ, ପ୍ରମୋଦ ସାହୁ, ବୁଲେଶ ସାହୁ, ବବ୍ରୁବାହନ ଭୋଇ, ସୁରେଶ ଭୋଇ, ଜଗନ୍ନାଥ ମାଝୀ, ସୁଚିସ୍ମିତା ବେହେରା, ନଳିନୀ ଜେନାଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଡୁଡୁକେଲରେ ନୂଆଁଖାଇ ଭେଟଘାଟ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ସରିଯାଇଛି ହେଲେ ଏବେ ଚାଲିଛି ସବୁଠି ଭେଟଘାଟ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ପଞ୍ଚାୟତ ଡୁଡୁକେଲ ଗାଁର ଯୁବକ ସଙ୍ଘ ତରଫରୁ ନୂଆଁଖାଇ ଭେଟଘାଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ମାନଝରି ସରପଞ୍ଚ ଜଗଜୀବନ ଅଘରିଆ, ଲାଲସାଏ ମହାନନ୍ଦ, ରତନ ଭୋଇ, ରଜନୀ ଭାଟି, ଉଦେଶ୍ୱଙ୍କ ସମିତି ସଭ୍ୟ ଚୈତନ୍ୟ ମାଝୀ, ବରିଷ୍ଠ ଶିକ୍ଷକ ପବନ ମହାନନ୍ଦ, ରିତେକ ଭାଟି, ୱାର୍ଡ ମେମ୍ବର ଧାନେନ୍ଦ୍ର ମାଝୀ, ଅନନ୍ତ ଡାଣ୍ଡି, ସାମାଜିକ କର୍ମୀ ଲୋଚନ ଭାଟି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ବୋରଗୁଡା ଗ୍ରାମର ନାଟକ ପରିବେଶନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅଶ୍ୱିନ କୁମାର ମଲ୍ଲିକ ସଭା ପରିଚାଳନା କରିଥିବା ବେଳେ ସ୍ଥାନୀୟ ଗଣେଶ ପୂଜା କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ।

## ଓଡ଼ିଶା ତୀରନ୍ଦାଜ ସଙ୍ଘ ଉପସଭାପତି ହେଲେ ସୁନୀଲ କୁମାର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଓଡିଶା ତୀରନ୍ଦାଜୀ ସଙ୍ଘର ଉପସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଜଣାପଡିଛି। ୮ ତାରିଖ ରବିବାର ଦିନ କଟକ ବାରବାଟୀ ଷ୍ଟାଡିୟମ ଠାରେ ଓଡିଶା ତୀରନ୍ଦାଜୀ ସଙ୍ଘର ସଭାଗୃହରେ ଉପସଭାପତି ତଥା ସଂଘର ବରିଷ୍ଠ ସଦସ୍ୟ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇ ୨୦୨୫-୨୯ ଚାରି ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ କଳାହାଣ୍ଡିର ସୁନୀଲ କୁମାର ବେହେରା ଉପସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ଏହି ସମ୍ବାଦ ମିଳିଲା ପରେ ସମଗ୍ର କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି ଓ ଚାରିଆଡୁ ଶ୍ରୀ ବେହେରାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତାମାନ ପହଞ୍ଚିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲା କ୍ରୀଡାସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଆସୋସିଏସନର ଉପସଭାପତି ଜଗମୋହନ ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ମଧ ଶ୍ରୀ ବେହେରାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କଂଗ୍ରେସ ସଭାପତି ଚୟନ ନେଇ ସମୀକ୍ଷା ବୈଠକ




କୋକସରା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣ ମଣ୍ଡପଠାରେ ଶନିବାର କଂଗ୍ରେସର ଜିଲ୍ଲା ସଭାପତି ଓ ବ୍ଲକ ସଭାପତି ଚୟନ ପ୍ରକିୟାର ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏଆଇସିସିରୁ ପର୍ଯ୍ୟବେକ୍ଷକ ଭାବେ ଶେଖ୍ ମସ୍ତାନ୍ ଅଲ୍ଲି ଯୋଗଦେଇ ବ୍ଲକସ୍ତରୀୟ ନେତା ଓ କର୍ମୀ ମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଭାରତୀୟ ଜାତୀୟ କଂଗ୍ରେସକୁ ଆଗାମୀ ଦିନରେ ଅଧିକ ସୁଦୃଢ କରିବା ଓ ଦାୟିତ୍ୱବାନ ବ୍ୟକ୍ତିଙ୍କୁ ନିରପେକ୍ଷ ଭାବେ କିପରି ଜିଲ୍ଲା ସଭାପତି ଓ ବ୍ଲକ ସଭାପତି ଚୟନ ହୋଇ ପାରିବ ସେନେଇ ସମସ୍ତଙ୍କ ମତକୁ ନେଇ ରାଷ୍ଟ୍ରୀୟ ସଭାପତିଙ୍କ ନିକଟରେ ରିପୋର୍ଟ ପ୍ରଦାନ କରିବା ପାଇଁ ପର୍ଯ୍ୟବେକ୍ଷେକ ଶେଖ୍ ମସ୍ତାନ୍ ଅଲ୍ଲି କହିଛନ୍ତି। ବୈଠକରେ ତାଙ୍କ ସହ ବ୍ଲକ କଂଗ୍ରେସ ସଭାପତି ଲିଙ୍ଗରାଜ ବେହେରା, ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ଜିଲ୍ଲା ଯୁବ ସଭାପତି ମହମ୍ମଦ ସାହେବ, ଛାତ୍ର ସଭାପତି ଶୁଭମ ବାରିକ, ଜିଲ୍ଲା ସାଧାରଣ ସମ୍ପାଦକ ବେଣୁପାଣି ଦୁର୍ଗା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବୈଠକ ଆରମ୍ଭ ପୂର୍ବରୁ ପର୍ଯ୍ୟବେକ୍ଷେକ ଶେଖ୍ ମସ୍ତାନ ଅଲ୍ଲି ଏକ ସାମ୍ବାଦିକ ସମ୍ମିଳନୀ କରି ଓଡ଼ିଶାରେ ଦାଦନ ସମସ୍ୟା ଉଗ୍ର ରୁପ ନେଇଛି, ବେରୋଜଗାରୀ ବଢିଛି, ଦରଦାମ ସୀମା ଟପିଥିବା, ଭୋଟ୍ ଚୋରି ଆଦି ବିଷୟରେ ସରକାରଙ୍କୁ ଟାର୍ଗେଟ କରିବା ସହ କଂଗ୍ରେସ ଶାସନ ସମୟରେ ଏସବୁ ହୋଇ ନଥିଲା ବୋଲି କହିଥିଲେ। ବୈଠକରେ ତ୍ରିଭୁବନ ନାଏକ, ଅଭି ପଟ୍ଟନାୟକ, ଅରୁଣ ମାଝୀ, ଟିକିଚନ୍ଦ୍ର ଧଙ୍ଗଡାମାଝୀ, ଲକ୍ଷ୍ମଣ ଶବର, ମହେନ୍ଦ୍ର ଧରୁଆ, ହରିଶ୍ଚନ୍ଦ୍ର ନାଏକ, ଫୁଲତୋଲା ଖମାରୀ, ମାଧୁରୀ ନିଏଲ, ତପସ୍ୱିନୀ ପ୍ରଧାନୀ, ନିମାଇଁ ଚରଣ ଧଙ୍ଗଡାମାଝୀ, ନବୀନ ନାଏକ, ଯତୀନ୍ଦ୍ର ଦଳେଇ, କମଲ ନାଏକ, ସୁବାସ ଚନ୍ଦ୍ର ଦାସ ସମେତ ବ୍ଲକର ବିଭିନ୍ନ ସ୍ଥାନରୁ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହିଥିଲେ।

## 'ଶିକ୍ଷକ ନୈତିକତା ହରାଇଲେ ପିଲାଙ୍କ ଭବିଷ୍ୟତ ହେବ ଅନ୍ଧାର'



କଳମପୁର, (ଭାସ୍କର ନ୍ୟୁଜ୍) : ଜଣେ ଡାକ୍ତର ନୈତିକତା ହରାଇଲେ ଅତି ବେଶିରେ ପଚାଶ ଶହେ ଜଣଙ୍କ ଜୀବନ ହାନିର କାରଣ ହୋଇପାରେ। ସେହିଭଳି ଜଣେ ଯନ୍ତ୍ରୀ ତା'ର କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଅତି ବେଶିରେ ପଚାଶ ଶହେ ଜଣଙ୍କ ଜୀବନ ହାନିର କାରଣ ହୋଇପାରେ। କିନ୍ତୁ ଜଣେ ଶିକ୍ଷକ ବା ଗୁରୁ ନୈତିକତା ହରାଇଲେ ଅତି କମ୍‌ରେ ପାଞ୍ଚ ଶହରୁ ହଜାରେ ଜଣଙ୍କ ଭବିଷ୍ୟତ ଅନ୍ଧାରର କାରଣ ହୋଇପାରେ। ଏଥିପାଇଁ ଜଣେ ଶିକ୍ଷକଙ୍କୁ ସାଳିନତା ରଖିବାର ଆବଶ୍ୟକତା ରହିଛି। ଯଦି ଜଣେ ଶିକ୍ଷକ ଯେଉ ଦିନ ମଧ୍ୟାହ୍ନ ଭୋଜନ ବାଟମାରଣା କରି ଖାଇବା ଆରମ୍ଭ କରିବ ସେହି ଦିନ ଠାରୁ ତାଙ୍କର ଅଧୋପତନ ଆରମ୍ଭ ହୋଇଗଲା ବୋଲି ବୁଝିବାକୁ ପଡିବ। ଯେଉଁ ଦିନ ଜଣେ ଶିକ୍ଷକ ନିମ୍ନମାନର ପୋଷାକ ଯୋଗାଇ ନିଜ ପକେଟ ଗରବ କରିବ ସେହି ଦିନଠାରୁ ତାଙ୍କର ବିନାଶ ଆରମ୍ଭ ହୋଇଗଲା ବୋଲି ବୁଝିବାକୁ ପଡିବ। କଳାହାଣ୍ଡି ଜିଲ୍ଲାସ୍ତରୀୟ ଗୁରୁ ଦିବସ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏଭଳି ଅନର୍ଗଳ ଭାଷଣ ଦେଇ ସମସ୍ତ ପରିବେଶକୁ ବିମୋହିତ କରିଥିଲେ ଶିକ୍ଷାବିତ ବରିଷ୍ଠ ନାଟ୍ୟକାର ତଥା ସମାଜ ସଂସ୍କାରକ ଉମେଶ ଚନ୍ଦ୍ର ଶତପଥି, ଗତକାଲି ଗୁରୁପୂର୍ଣ୍ଣିମା ଅବସରରେ ପ୍ରାଥମିକ ଶିକ୍ଷକ ସଂଘ ଖାରବେଳ ଭୁବନେଶ୍ୱରଙ୍କ ଅନୁବନ୍ଧିତ କଳାହାଣ୍ଡି ଶାଖା ପକ୍ଷରୁ ଜିଲ୍ଲା ସ୍ତରୀୟ ଗୁରୁ ଦିବସ କଳମପୁର ବ୍ଲକ ପଣ୍ଡିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମହାଆଡମ୍ବରରେ ପାଳନ ହୋଇଥିଲା। କଳାହାଣ୍ଡି ଜିଲ୍ଲା ସଭାପତି ତଥା ପଣ୍ଡିଗାଁ ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମଧୁସ୍ମିତା ନାଏକ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଉମେଶ ଚନ୍ଦ୍ର ଶତପଥି, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଳମଣି ମାଝି, ଦିଲିପ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ଜନାର୍ଦ୍ଦନ ମାଝି, ପୂର୍ବତନ ଶିକ୍ଷକ ସଂଘ ଜିଲ୍ଲା ସଭାପତି ଗଙ୍ଗାଧର ପ୍ରଧାନ, ଶିକ୍ଷକ ସଂଘର ଜିଲ୍ଲା ସଂପାଦକ ସୁଧିର ରଥ, ସହ ସଂପାଦକ ପ୍ରଦୀପ କୁମାର ମାଝୀ, ଉପ ସଭାପତି ପୀତବାସ ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ, ପାତ୍ରବସା ସ୍କୁଲର ପ୍ରଧାନଶିକ୍ଷକ ମନ୍ମଥ କୁମାର ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ସଂଯୁକ୍ତା ମୁଣ୍ଡ, ଶିକ୍ଷକ ବିନୟ ପଣ୍ଡା, ଜୟସିଂ ମାଝୀ, ସୁଧିର ରଥ, ଦିଗାମ୍ବର ପରିଡା, ପ୍ରଶାନ୍ତ ପ୍ରଧାନ, ଗୌରାଙ୍ଗ ବାଗ, ଦୁର୍ଗା ପ୍ରସାଦ ଧଙ୍ଗଡା ମାଝି, ମୋହନ ପ୍ରସାଦ ମୁଣ୍ଡ, ଗୋପବନ୍ଧୁ ମୁଣ୍ଡ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଲକ୍ଷ୍ମୀକାନ୍ତ ସାମରଥ,ପ୍ରଦୀପ ମାଝୀ, ମଧୁସ୍ମିତା ରଥ, ଦେବେନ୍ଦ୍ର ନାଏକ,ମନୋଜ ମେହେର ବସ୍ତ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଗଙ୍ଗାଧର ପ୍ରଧାନ - ୨୦୨୫ ପାଇଁ ଶିକ୍ଷକ ମନ୍ମଥ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ମାଝୀ, ନୀହାରିକା ଗହିର, ମଞ୍ଜୁକଳା ମାଝୀ, ଶିକ୍ଷକ ଦେବରାଜ ବେମାଲ, କିଶୋର ଚନ୍ଦ୍ର ନାଏକ, ଲକ୍ଷ୍ମଣ ଛତ୍ରିଆ ପ୍ରମୁଖ ସହଯୋଗ କରିଥିବା ବେଳେ ପଣ୍ଡିଗାଁ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମନ୍ଦିରରେ ଗୁରୁ ଦିବସ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ବ୍ରଜବିହାର ଠାରେ ପବିତ୍ର ଗୁରୁଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା ଅନୁଷ୍ଠାନର ପ୍ରଧାନଆଚାର୍ଯ୍ୟ ମନୋଜ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା। ପ୍ରାରମ୍ଭିକ ସଂଗୀତ ଗାଇଥଲେ ଶିଶୁ ଭାଇଭଉଣୀ ମାନେ। ମୁଖ୍ୟ ଅତିଥି ଥିଲେ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ତଥା ପ୍ରତ୍ନତତ୍ତ୍ୱବିତ ଓ ଗବେଷକ ଡକ୍ଟର ବାବା ମିଶ୍ର, ସମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ଦୀନବନ୍ଧୁ ମୁଣ୍ଡ। ଦିବସର ମହତ୍ତ୍ୱ ବିଷୟରେ ମୁଖ୍ୟଅତିଥି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ବିଷୟରେ ଏବଂ ଗୁରୁଶିଷ୍ୟଙ୍କ ସମ୍ପର୍କ ବିଷୟରେ ସୁନ୍ଦର ତଥ୍ୟ ପ୍ରତିପାଦନ କରିଥିଲେ। ଗୁରୁଜୀ କୌସ୍ତୁଭମଣି ବାଗ ଏବଂ ଅୟସକାନ୍ତ ପତି ମଧ ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା ନବମ ଓ ଦଶମ ଶ୍ରେଣୀର ଭାଇ ଭଉଣୀଙ୍କ ଦ୍ୱାରା। ବରିଷ୍ଠ ଗୁରୁଜୀ ଗୋଦାବରୀଶ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ସନ୍ତୋଷିନୀ ଆଚାରୀ। ଶିଶୁମାନଙ୍କ ଦ୍ୱାରା ଗୁରୁଜୀ ଗୁରୁମା ଏବଂ ସମସ୍ତ ସେବକ ସେବିକାଙ୍କ ପୂଜନ ହୋଇଥିଲା। ଧନ୍ୟବାଦ ଦେଇଥିଲେ ସୁନିତା ରାଉଳ। ଶିଶୁ ପ୍ରାରମ୍ଭ ଠାରୁ ଦଶମ ପର୍ଯ୍ୟନ୍ତ ଗୁରଜୀ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାବିତ୍ରୀ ବାଇ ଫୁଲେ ମହିଳା ସଙ୍ଘ ପକ୍ଷରୁ ନୂଆଁଖାଇ ଭେଟଘାଟ




କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଲଡୁଗାଁ ଆମ୍ବେଦକର ପଡ଼ାଠାରେ କ୍ରାନ୍ତି ଜ୍ୟୋତି ମାତା ସାବିତ୍ରୀ ବାଇ ଫୁଲେ ମହିଳା ସଙ୍ଘ ପକ୍ଷରୁ ରବିବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ଭେଟଘାଟ ପୂର୍ବରୁ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଏବଂ ସାବିତ୍ରୀ ବାଇ ଫୁଲେଙ୍କ ଫଟୋ ଚିତ୍ରରେ କ୍ୟାଣ୍ଡେଲ ଓ ପୁଷ୍ପଗୁଚ୍ଛ ଅର୍ପଣ କରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟଘାଟ କାର୍ଯ୍ୟକ୍ରମରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଦେବାନନ୍ଦ ନାଏକ ମୁଖ୍ୟବକ୍ତା, ଟୁନୁ ମହାନନ୍ଦ, ଗରୁଡ଼ ବାଗ, ପ୍ରହଲ୍ଲାଦ ଠାକୁର, ବ୍ୟବସାୟୀ ଦୁର୍ଗା ପ୍ରାସାଦ ଅଗ୍ରୱାଲା, ରତ୍ନାକର ନିଆଲ, ତ୍ରିନାଥ ବାଗ, ପଙ୍କଜ ମୁଖ ଚୌଧୁରୀ, ପୂର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ, ଚୈତନ୍ୟ ବାଗ, ଦିବାକର ଦୁର୍ଗା, ସାମ୍ବାଦିକ ବସନ୍ତ ସରାବୁ, ଗଜିନ୍ଦ୍ର ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କ୍ରମରେ ଅତିଥିମାନେ ନୂଆଁଖାଇର ଗାରିମା, ପରମ୍ପରା ଓ ନିଶା ନିବାରଣ ଉପରେ ଆଲୋକପାତ କରିଥିଲେ। ପରେ ମହିଳା ସଂଘର କର୍ମକର୍ତ୍ତା ମାନେ ପରସ୍ପରକୁ ଅଭିବାଦନ ଜଣାଇ ଅତିଥି ମାନଙ୍କୁ ଜୁହାର ଭେଟ ହେଇଥିଲେ। ଅନୁଷ୍ଠାନର ସଭାନେତ୍ରୀ ପିଙ୍କି ମହାନନ୍ଦ, ସମ୍ପାଦିକା କୁମୁଦିନୀ ପାଣିଗ୍ରାହୀ, କୋଷାଧକ୍ଷା ଜୟନ୍ତୀ ପାଣିଗ୍ରାହୀ, ଧନମତି କଣ୍ଡା, ଭାନୁମତୀ ପାଣିଗ୍ରାହୀ, ଗୋଲାପି ନାଗ, କସ୍ତୁରୀ କୁମାର, ସୁରଭି ନାଏକ, ସବିତା ନିଆଲ, ରତ୍ନମଣି ମହାନନ୍ଦ ପ୍ରେମସିଲା ବାଗ, ସରସ୍ୱତୀ ମହାନନ୍ଦ ତଥା ବେଣୁଧର କଣ୍ଡା, ଉଦ୍ଧବ ବାଗ, ହରେକୃଷ୍ଣ ମହାନନ୍ଦ, ଯୋଗେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧ୍ୱଜ ମହାନନ୍ଦ ଏବଂ ପିତାମ୍ବର ମହାନନ୍ଦ କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

## ରାଶିଫଳ


**ମଙ୍ଗଳବାର, ୦୯ ସେପ୍ଟେମ୍ବର ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ। ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।




**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି। ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ହେବାର ସମ୍ଭାବନା ଅଛି। ଏକ ଦୀର୍ଘ ରୋଗରୁ ମୁକ୍ତି ପାଇବାର ସମ୍ଭାବନା ରହିଛି। ଗ୍ରୀଷ୍ମ ଋତୁରେ ଯଥାସମ୍ଭବ ତରଳ ପଦାର୍ଥ ଖାଆନ୍ତୁ।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ। ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ତେଣୁ ଶରୀରକୁ ବିଶ୍ରାମ ଦିଅନ୍ତୁ। ଆପଣ ଆପଣଙ୍କର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ।




**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି। ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ। ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କର କାର୍ଯ୍ୟ କରିବାର ପଦ୍ଧତିରେ ପରିବର୍ତ୍ତନ କରନ୍ତୁ, ନଚେତ୍ କ୍ଷତି ହୋଇପାରେ।




**ସିଂହ:** ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ। ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ। ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ, ଯେଉଁଥିପାଇଁ ଦିନସାରା ମନ ଖରାପ ରହିବ।




**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ। ପରିବାରରେ ଖୁସିର ବାତାବରଣ ରହିବ। ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।




**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ। ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ। କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ। ଶାନ୍ତି ପାଇଁ ଯୋଗ ଏବଂ ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ।



**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ। କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ। ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ। ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ। ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ। ଚାକିରିକୁ ପଦୋନ୍ନତି ମିଳିପାରେ। ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ। ବିତର୍କ ଏବଂ ଝଗଡା ଯୋଗୁଁ ମାନସିକ ଦୁଃଖ ବୃଦ୍ଧି ପାଇବ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ। ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ। ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ। ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଧାର୍ମିକ ଯାତ୍ରାକୁ ଯାଇପାରନ୍ତି। ସ୍ୱାସ୍ଥ୍ୟ ଭଲ ହେବ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମୁନିଗୁଡ଼ା , (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଟିକରପଡା ନିକଟସ୍ଥ ଆଦିବାସୀ ସାହିଠାରେ ଥିବା ସ୍ୱଛାସ୍ୱେୀ (ଭି.ଆର୍.ଓ) ଅନୁଷ୍ଠାନ ପକ୍ଷରୁ ଫିନାଇଲ ପ୍ରସ୍ତୁତି କାର୍ଯ୍ୟକ୍ରମ ଆଜି ଶୁଭାରମ୍ଭ ହୋଇଯାଇଛି। ଗ୍ରାମ୍ୟ ପୁନଃ ନିର୍ମାଣ ସଂସ୍ଥା ଦ୍ୱାରା ମହିଳାମାନଙ୍କୁ ସ୍ୱାବଲମ୍ୱୀ କରିବା ଲକ୍ଷ୍ୟରେ ସରକାରୀ.ବେସରକାରୀ ସଂସ୍ଥା ମାଧ୍ୟମରେ ବିଭିନ୍ନ ପ୍ରକାର ଯୋଜନା ପ୍ରସ୍ତୁତ କରାଯାଇଛି। ମହିଳାମାନଙ୍କୁ ସ୍ୱାବଲମ୍ୱୀ କରିବାରେ ଭି.ଆର୍.ଓ ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣକରିଆସୁଛି। ଯାହାକି ଦୀର୍ଘ ବର୍ଷଧରି ଅଞ୍ଚଳର ମହିଳାମାନଙ୍କୁ ସିଲେଇ ତାଲିମ, ଫିନାଇଲ ପ୍ରସ୍ତୁତି ସହ ଅନ୍ୟାନ୍ୟ କୁଟୀର ଶିଳ୍ପ ପ୍ରସ୍ତୁତି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ କେନ୍ଦ୍ର ଅଧିନରେ ଥିବା, ଟିକରପଡା, ମୁନିଖୋଲ, ଗୈ।ଡସାହି, ପାଇକସାହି, ମେର୍କାବଣ୍ଡଲୀ, ଭୈରବ ଗଡ଼,ସିଙ୍ଗାରୀ,ଛେଳିଆନାଳ, ବାରଖମା, ଗୋବର୍ଦ୍ଧନ ଭଳି ଅନେକ ଗ୍ରାମର ସମସ୍ତ ଇଛୁକ ମହିଳା ଓ ଯୁବତୀମାନଙ୍କୁ ନେଇ ଆଦିବାସୀ ସାହିରେ ଥିବା ଭି.ଆର୍.ଓ ଅଫିସ ପରିସରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।



# ସ୍ୱର୍ଗତଃ ହରିହର ସାହୁ ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ



ବାଲୁଗାଁ, (ଭାସ୍କର ନ୍ୟୁଜ୍): ଚିଲିକା ବ୍ଲକ ଅଠରବାଟିଆ ପଞ୍ଚାୟତ ଅନ୍ତର୍ଗତ ଇଞ୍ଜନପୁର ଚିଲିକା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନରେ ସ୍ୱର୍ଗତ ଶ୍ରୀ ହରିହର ସାହୁ ସ୍ମାରକୀ ଛାତ୍ର ବୃତ୍ତି ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି।ଭାରତୀୟ ନୌସେନାରେ କାର୍ଯ୍ୟରତ କମାଣ୍ଡିଙ୍ଗ ଅଫିସର ତପନ କୁମାର ସାହୁ ନିଜ ପିତାଙ୍କ ସ୍ମୃତିକୁ ବଜାୟ ରଖି ଛାତ୍ରଛାତ୍ରୀମାନଙ୍କ ପ୍ରତି ଥିବା ନିବିଡ଼ ସମ୍ପର୍କକୁ ଚିରସ୍ଥାୟୀ ସହିତ ପ୍ରତିଯୋଗିତା ମୂଳକ ପାଠ୍ୟକ୍ରମରେ ଉର୍ତ୍ତୀ ପାଇଁ ଉକ୍ତ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ତିନିଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ବୃତ୍ତି ପ୍ରଦାନ କରିଆସୁଛନ୍ତି।ବୃତ୍ତି ବାବଦକୁ ପ୍ରଥମ ମେଧାବିଙ୍କୁ ୧୦୦୦ ଟଙ୍କା ସହ ମାନପତ୍ର ଓ ଟ୍ରଫି,ଦ୍ୱିତୀୟ ମେଧାବିଙ୍କୁ ୮୦୦ ଟଙ୍କା ସହ ମାନପତ୍ର ଓ ଟ୍ରଫି ଏବଂ ତୃତୀୟ ମେଧାବିଙ୍କୁ ୭୦୦ ଟଙ୍କା ସହ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଉଛି।ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପ୍ରଥମ ମେଧାବୀ ଛାତ୍ରୀ ଭାବେ ତପସ୍ୱିନୀ ସାମନ୍ତରାୟ, ଦ୍ୱିତୀୟ ମେଧାବୀ ଛାତ୍ରୀ ଭାବେ ନର୍ମଦା ଜାଲି ଓ ତୃତୀୟ ମେଧାବୀ ଛାତ୍ର ଭାବେ ଓମ ପ୍ରକାଶ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ଗୁରୁଜନମାନଙ୍କୁ ଗୁରୁବନ୍ଦନା କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁଣନିଧି ବେହେରା ଆନୁଷ୍ଠାନିକ ଭାବେ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ କମିଟି ଅଧକ୍ଷା ମାନସୀ ମହାପାତ୍ର, କମିଟି ସଦସ୍ୟ ରବୀନ୍ଦ୍ରନାଥ ବାରିକ, ସମାଜସେବୀ ନବୀନ କୁମାର ମହାପାତ୍ର, ପ୍ରକାଶ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ପ୍ରତିବର୍ଷ ଏପରି ମହାନ କାର୍ଯ୍ୟ ଜାରି ରହିଥିବାରୁ ଛାତ୍ରଛାତ୍ରୀ ମାନଙ୍କ ମଧରେ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ ପାଉଥିବା ବେଳେ କମାଣ୍ଡର ଶ୍ରୀ ସାହୁଙ୍କ ଏଭଳି ମହନୀୟତା କାର୍ଯ୍ୟ ପାଇଁ ଅଞ୍ଚଳବାସୀ ଭୂୟାଁସି ପ୍ରଶଂସା କରିଛନ୍ତି।

# ଧୋଡ୍ରାକୁ ନୂତନ ବ୍ଲକ୍ ମାନ୍ୟତା ଦାବି



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଧୋଡ୍ରା କୁ ବ୍ଲକ ମାନ୍ୟତା ପାଇଁ ଦାବି ଆଜି ଜୋର ଧରିଛି । ୧୪ ଗୋଟି ପଞ୍ଚାୟତ ର ସରପଞ୍ଚ ସମେତ ତୃଣମୂଳ ପ୍ରତିନିଧିଙ୍କୁନେଇ ଆଜି ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ସମସ୍ତେ ଏକତ୍ରିତ ହୋଇ ଉକ୍ତ ଦାବିକୁ ସରକାରଙ୍କୁ ଜଣାଇବାପାଇଁ ଧୋଡ୍ରା ଦୁର୍ଗା ମଣ୍ଡପଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଶିବ ମନ୍ଦିର ଯାଇଥିଲେ। ସ୍ଥାନୀୟ ବିଧାୟକ ଏବଂ ସାଂସଦଙ୍କ ଜରିଆରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳ ଓ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିବା ପାଇଁ ଶହସ୍ର ଲୋକ ଏକତ୍ରିତ ହୋଇଥିଲେ । ଅନେକ ପଞ୍ଚାୟତ ୨୫ ରୁ ୫୦କିମି ଦୂରରେ ଅବସ୍ଥିତ ଥିବା ହେତୁ ସରକାରଙ୍କ ଯୋଜନା ସମ୍ବନ୍ଧରେ କିଛି ଜାଣି ପାରୁନାହାନ୍ତି ଏବଂ ଅବହେଳିତ ଅବସ୍ଥାରେ ରହି ଆସୁଛନ୍ତି। ଝରିଗାଁ ବ୍ଲକର ଧାମନା ଗୁଡା, ଚାଟିଗୁଡା, ବକଡା ବେଡା, ଡଙ୍ଗରୀଗୁଡା, ଧୋଡ୍ରା, ଭିକ୍ଷା, କାନାକୋଟ ଓ ଉମରକୋଟ ବ୍ଲକର କାରାଗାଁ, ମୁଣ୍ଡିଗୁଡା, ସିଙ୍ଗିସାରୀ, ରାଜପୁର, , ଭଣ୍ଡାରୀଗୁଡା, ତୋରେଙ୍ଗା, ଏବଂ ଡାବୁଗାଁ ବ୍ଲକର ନନ୍ଦପୁରା, ଘୋଡାଖୁଣ୍ଟା ପଞ୍ଚାୟତ ପ୍ରମୁଖ ମିଶାଇବାକୁ ଦାବି ହୋଉଛି । ବ୍ଲକର ବହୁ ଦୂରରେ ଥିବା ଉପାନ୍ତ ପଞ୍ଚାୟତର ଅଧିବାସୀଙ୍କ ନିକଟରେ ପ୍ରଶାସନିକ ସେବା ଆଜିବି ଅପହଞ୍ଚ ।ଜମିଜମା ମାଲିକ ମକଦମା,ବରିଷ୍ଠ ନାଗରିକଙ୍କ ପେନସନଜନିତ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଏଥିପାଇଁ ପ୍ରାୟ ୪୦କିଲୋମିଟର ଅତିକ୍ରମ କରିବାକୁ ପଡୁଛି । ଏହି ଅବସରରେ ଏହି ଅଞ୍ଚଳର ଉନ୍ନତି ଏବଂ ବିକାଶ ପାଇଁ ସବୁବେଳେ ଚିନ୍ତିତ ଏଣୁ ଶତ ପ୍ରତିଶତ କାର୍ଯ୍ୟ କରିବାକୁ ଚେଷ୍ଟା କରିବେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରିବେ ବୋଲି ଝରିଗାଁ ବିଧାୟକ ନରସିଂ ଭତରା ସମସ୍ତଙ୍କୁ ଆଶା ଦେଖାଇ ଛନ୍ତି। ଏହି ଅବସରରେ ଝରିଗାଁ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଉଲଧର ମାଝୀ, ସମାଜ ସେବି କେଦାରସ୍ୱର ପଟ୍ଟନାୟକ, ବଂଶୀଧର ଭୂଇଁୟା, ମନୋଜ ପାତ୍ର, ମଙ୍ଗଳା ମାଝୀ, ହରି ପୂଜାରୀ, ଭାଗିରଥି ନାୟକ, ଅର୍ଜୁନ ସାମରଥ, ସୁକାଲୁ ଗଣ୍ଡ, ଅରବିନ୍ଦ ଗୁପ୍ତା, ବେଣୁଧର ମାଝୀ ବହୁ ପ୍ରମୁଖ ସମେତ ୧୪ଗୋଟି ପଞ୍ଚାୟତର ତୃଣମୂଳ ସ୍ତରରୁ ବହୁଜନତା ଉପସ୍ଥିତରହି ଆମର ଦାବି ପୂରଣ ହଉ ଏବଂ ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହା ଜାରିରହିବ ବୋଲି କହିଛନ୍ତି ।

### ଗାଁ ସାଥୀ ନିଯୁକ୍ତିରେ ଚଞ୍ଚକତା

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ୩୦ରୁ ଉର୍ଦ୍ଧ୍ୱ ଗାଁ ସାଥିମାନେ ବ୍ଲକକୁ ଯାଇ ଗାଁ ସାଥୀ (ମେଟ୍) ନିଯୁକ୍ତିରେ ଚଞ୍ଚକତା ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏଠି ଏହିକି, ସରପଞ୍ଚ, ଗ୍ରାମସଭା କିମ୍ବା ପଞ୍ଚାୟତ ଅଫିସରୁ ସେମାନଙ୍କୁ କୌଣସି ଖବର କିମ୍ବା ନିର୍ଦ୍ଦେଶ ନଦେଇ କିଛି ବ୍ୟକ୍ତି ମନଇଚ୍ଛା ବେଆଇନ ଭାବେ ଚଞ୍ଚକତା କରି ନିଜର ପ୍ରିୟ ପରିଜନ ମାନଙ୍କୁ 'ଗାଁ ସାଥୀ' ଭାବେ ଚୟନ




କରି ମନରେଗାର ବିଭିନ୍ନ କାର୍ଯ୍ୟ କରାଇ ନେଲେ। ଯାହା ଫଳରେ ପ୍ରଥମରୁ ନିଯୁକ୍ତି ପାଇଥିବା ଗାଁ ସାଥି ଅଧିକାରରୁ ବଞ୍ଚିତ ହେବା ସଙ୍ଗେ ସଙ୍ଗେ ନିଜର କର୍ମନିଯୁକ୍ତି ଉପରେ ଆଶଙ୍କା ସୃଷ୍ଟି ହେଇଥିବା ନେଇ ଅଭିଯୋଗରେ ଦର୍ଶାଇଛାନ୍ତି। ବର୍ତ୍ତମାନ ସରକାରଙ୍କ ତରଫରୁ ଚିଠି ନଂ ୨୦୮୭୭, ତା ୩୧.୦୭.୨୦୨୫ ରିଖ ଗାଁ ସାଥୀ (ମେଟ୍)ଙ୍କ ଡ଼ାଟାବେସ ମଗାଯାଇଅଛି। ସେହି ଚିଠିର ନିର୍ଦ୍ଦେଶ ଅନୁଯାୟୀ ସରପଞ୍ଚମାନେ ବ୍ଲକକୁ ଦେଇଥିବା ଡ଼ାଟାବେସରେ ପ୍ରକୃତ ୨୦୦୮ ମସିହାରେ ସରକାରଙ୍କ ତରଫରୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପାଇଥିବା ପ୍ରକୃତ ଗାଁସାଥୀ (ମେଟ୍)ଙ୍କ ନାମ ସେଥିରୁ ବାଦ୍ ଦିଆଯାଇ ମନମୁଖୀଭାବେ ନୂଆ ନାମଗୁଡ଼ିକ ସେଥିରେ ସାମିଲ୍ କରାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଯାହାଫଳରେ ସେମାନେ ନିଜର କର୍ମସଂସ୍ଥାନ ହରାଇ, ମାନସିକ ସ୍ତରରେ ହତୋସାହିତ ହୋଇ ପଡ଼ିଛନ୍ତି ବୋଲି ଦର୍ଶାଇଛନ୍ତି। ସେମାନଙ୍କର ନାମ ଏବେ ମଧ୍ୟ ୨୦୦୮ ମସିହାର ଡ଼ାଟାବେସ୍ ଇଣ୍ଟରନେଟ୍‌ରେ ରହିଥିବା ବେଳେ, ବିନା କୌଣସି ସୂଚନା, ଲିଖିତ ପତ୍ର କିମ୍ବା ସାକ୍ଷାତ ବିନା ଆମ୍ଭମାନଙ୍କୁ କେଉଁ ଆଧାରରେ ବହିଷ୍କାର କରି ନୂଆ ମେଟ୍ ମାନଙ୍କୁ ନିଯୁକ୍ତି ଦିଆଗଲା ତାହାର ଉପଯୁକ୍ତ ତଦନ୍ତ ସାପେକ୍ଷ । ଅପରପକ୍ଷେ ଏହାର ତଦନ୍ତ କରିବା ସହ ୨୦୦୮ ମସିହାର ସମସ୍ତ ଗାଁସାଥୀ (ମେଟ୍) ମାନଙ୍କୁ ଡ଼ାଟାବେସରେ ସାମିଲ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯିବା ନେଇ ଆଳି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛ। ଉଲ୍ଲେଖ ଯୋଗ୍ୟକି ଗାଁସାଥୀ (ମେଟ୍) ୨୦୦୮ ମସିହାରେ ବ୍ଲକ ସ୍ତରରେ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ 'ଗାଁସାଥୀ (ମେଟ୍)'ରେ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିଲେ । ବିଗତ ଦିନମାନଙ୍କରେ ବିଭିନ୍ନ ସମୟରେ ତତ୍କାଳିନ ସରପଞ୍ଚ କିମ୍ବା ପଞ୍ଚାୟତ ଅଫିସ୍‌ର ନିର୍ଦ୍ଦେଶ ଅନୁଯାୟୀ ସେମାନେ ମନରେଗାର ବିଭିନ୍ନ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିଲେ। ମାତ୍ର ପରିତାପର ବିଷୟ

# ଲୋକସେବା ଆୟୋଗଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକ ସାମ୍ପ୍ରତିକ ରାୟରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ଏକ ଐତିହାସିକ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ୨୦୦୨ ମସିହାରେ ସହକାରୀ ଶିକ୍ଷକ ପଦବୀ ପାଇଁ ମନୋନୀତ ହୋଇ ନଥିବା ଜଣେ ପ୍ରାର୍ଥୀଙ୍କୁ ସାକ୍ଷାତକାର ମାର୍କ ପ୍ରଦାନ କରିବାକୁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭଦ୍ରକ ଜିଲ୍ଲାର ମିନତୀ ରାଣୀ ମହାପାତ୍ର ଇତିହାସ ବିଷୟ ପାଇଁ ସହକାରୀ ଶିକ୍ଷକ ପଦବୀ ନିମନ୍ତେ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ମାର୍କ ଏବଂ ସାକ୍ଷାତକାର ମାର୍କ ଉପରେ ଆଧାରିତ ଥିଲା । ଜୁନ୍ ୨୦୦୨ ମସିହାରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ସେ ତାଙ୍କ ନାମ ପାଇ ନଥିଲେ । ଫଳାଫଳରେ ଅସନ୍ତୁଷ୍ଟ ହୋଇ ସେ ଡିସେମ୍ବର ୨୦୦୨ ମସିହାରେ ଆରଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିଅର ମୂଲ୍ୟାୟନ ଏବଂ ସାକ୍ଷାତକାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ । ଓଡିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିଅରର ମାର୍କ ପ୍ରଦାନ କରିଥିଲା। ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ତାଙ୍କ ଐତିହାସିକ ରାୟରେ କହିଛନ୍ତି ଯେ ଓଡ଼ିଶା ଲୋକସେବା ଆୟୋଗର ଏପରି ନିଷ୍ପତି ସୂଚନା ଅଧିକାର ଆଇନର ବ୍ୟବସ୍ଥା ବିରୁଦ୍ଧ । ପ୍ରାର୍ଥୀଙ୍କର ସାକ୍ଷାତକାରରେ ପାଇଥିବା ମାର୍କ ଜାଣିବାର ପୂର୍ଣ୍ଣ ଅଧିକାର ରହିଛି । ଏହା ଦ୍ୱାରା ସେ ପରବର୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରି ପାରିବେ । ପ୍ରତ୍ୟେକ ପ୍ରାର୍ଥୀ, ବିଶେଷ କରି, ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ ସେମାନେ କେଉଁ ଆଧାରରେ ସଫଳ ହୋଇ ପାରିଲେ ନାହିଁ । ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖି ପାରିବ ନାହିଁ । ତାଙ୍କ ଆଦେଶରେ ଶ୍ରୀ ପରିଡା କହିଛନ୍ତି ଯେ ସୂଚନା ଅଧିକାର ଆଇନ, ୨୦୦୫ ର ଧାରା ୨୨ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଅନ୍ୟ ସମସ୍ତ ଆଇନ ଏବଂ ନିୟମକୁ ସମର୍ଥନ ଦିଏ । ଓଡ଼ିଶା ଲୋକସେବା ଆୟୋଗଙ୍କୁ ଏହାର ପ୍ରକ୍ରିୟା ପରିବର୍ତନ କରିବାକୁ ଏବଂ ପ୍ରାର୍ଥୀମାନଙ୍କୁ ମିଳିଥିବା ମାର୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି ।

# ପାଲିଆ ପୂର୍ବତନ ସରପଞ୍ଚଙ୍କ ପରଲୋକ



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଚୈତନ୍ୟ ପୂଜାରୀଙ୍କ ଗତକାଲି ଅପରାହ୍ନ ୧.୩୦ ଘଟିକା ସମୟରେ ପରଲୋକ ହୋଇଥିବା ସୂଚନା ମିଳିଛି । ସ୍ୱର୍ଗତ ଚୈତନ୍ୟ ପୂଜାରୀ ଜଣେ ରାଜନୀତିଜ୍ଞ, ସମାଜସେବୀ, ପରୋପକାରୀ, ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କର ଦେହାନ୍ତ ଖବର ପାଲିଆ ପଞ୍ଚାୟତବାସୀଙ୍କୁ ମର୍ମାହତ କରିଛି । ସେ ୧୯୯୭ ମସିହାରୁ ୨୦୦୨ ମସିହା ପର୍ଯ୍ୟନ୍ତ ପାଲିଆ ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ ତୁଲେଇ ବେସ ପ୍ରଶଂସା ସାଉଁଟିଥିଲେ। ତାଙ୍କପରେ ତାଙ୍କ ଧର୍ମପତ୍ନୀ ମଙ୍ଗରୀ ପୂଜାରୀ ମଧ୍ୟ ପାଲିଆ ପଞ୍ଚାୟତର ସରପଞ୍ଚ ହୋଇ ୨୦୦୨ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ପଞ୍ଚାୟତର କାର୍ଯ୍ୟଭାର ସୁଚାରୁ ରୂପେ ତୁଲେଇଥିଲେ । ପାଞ୍ଚ ବର୍ଷ ପୂର୍ବେ ସେ ଏକ ଅଜଣା ରୋଗରେ ପଡ଼ିବା ପରେ ସେବେଠାରୁ ଦୃଷ୍ଟି ଶକ୍ତି ହରେଇ ବସି ଅଧିକାଂଶ ସମୟ ଘରେ ହିଁ ରହୁଥିଲେ। ନୂଆଁଖାଇ ଦିନଠାରୁ ସେ ଜ୍ୱରରେ ପୀଡିତ ଥିଲେ ଓ ଗତକାଲି ଅପରାହ୍ନ ୧.୩୦ ଘଟିକା ସମୟରେ ହଠାତ ଚିରଦିନ ପାଇଁ ଆଖି ବୁଜି ଦେଇଥିଲେ ।ତାଙ୍କର ଦେହାନ୍ତ ଖବର ଅଞ୍ଚଳରେ ବ୍ୟାପିଯିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମସ୍ତ ପରିବାର ବର୍ଗ, ବନ୍ଧୁ ବାନ୍ଧବ ଓ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ଗାଁ ମସାଣିରେ ସ୍ୱର୍ଗତ ଚୈତନ୍ୟ ପୂଜାରୀଙ୍କ ଅନ୍ତିମ ସତ୍କାର ହୋଇଥିବା ସୂଚନା ମିଳିଛି।

# ପାଗଳା ଗଧିଆର ଆତଙ୍କରାଜ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନଖଣ୍ଡ ଦୁଧିଆଣି ବନାଞ୍ଚଳ ଅନ୍ତର୍ଗତ ବାକରତଳା, ହାତୀମୁଣ୍ଡି, ତୁଳସୀପୋଷି ଓ ତିନଟିଆ ଗ୍ରାମରେ ଆଜି ସନ୍ଧ୍ୟା ୭ରୁ ଏକ ପାଗଳା ଗଧିଆର ଆତଙ୍କରାଜ ଜାରି ରହିଛି । ବିଲବାଡ଼ିରୁ କାମ ସାରି ଲୋକେ ଘରକୁ ଫେରିବାପରେ ଗ୍ରାମ ରାସ୍ତାରେ ଦୌଡ଼ି ଦୌଡ଼ି ଲୋକଙ୍କୁ ଆକ୍ରମଣ କରୁଛି । ବାକରତଳା ଓ ହାତୀମୁଣ୍ଡି ଗ୍ରାମରେ ୬ଜଣଙ୍କୁ ଆକ୍ରମଣକରି ଗୋଧିଆ ତୁଳସୀପୋଷି ଗ୍ରାମକୁ ଯାଇଥିଲା । ସେଠାରେ ୪ଜଣଙ୍କୁ ଆକ୍ରମଣ କରିବାପରେ ତିନଟିଆ ଗ୍ରାମର ୮ଜଣଙ୍କୁ ଆକ୍ରମଣ କରିଥିଲା । ରାତି ୮.୩୦ରେ ଖବର ଲେଖାହେବା ବେଳକୁ ତିନଟିଆ ଗ୍ରାମରେ ଗଧିଆ ଥିବା ନେଇ ଲୋକେ ପ୍ରକାଶ କରିଥିଲେ । ଆହତମାନଙ୍କୁ ଡାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଉକ୍ତ ଗଧିଆକୁ ନିୟନ୍ତ୍ରଣରେ ରଖିବା ଅଥବା ମାରିଦେବା ପାଇଁ ବନବିଭାଗ ତୁରନ୍ତ ପଦକ୍ଷେପନେବା ପାଇଁ ପ୍ରାକ୍ତନ ବିଧାୟକ ବିଜୟ କୁମାର ନାଏକ ବିଭାଗୀୟ ପଦାଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଗୋଷ୍ଠୀକେନ୍ଦ୍ରରେ ବିଜୟ ନାଏକ ରହି ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝୁଛନ୍ତି।

## ୮୦ଲିଟରରୁ ଉର୍ଦ୍ଧ୍ୱ ବିଦେଶୀମଦ ଜବତ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ସଫା ପଞ୍ଚାୟତରେ ବେଆଇନ୍ ଭାବେ ମଦ ବ୍ୟବସାୟ ନେଇ ଅଭିଯୋଗ ହୋଇ ଆସୁଥିବାବେଳେ ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ଶିବପ୍ରସାଦ ଭଦ୍ରଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ହେମନ୍ତ ସାମଲସଫା ଗ୍ରାମରେ ଚଢ଼ାଉ କରି ୮୨.୭୧ଲିଟର ବିଦେଶୀ ମଦ ଜବତ କରିଥିବାବେଳେ ଏହି ମଦ ବ୍ୟବସାୟ କରୁଥିବା ଉକ୍ତ ଗ୍ରାମର ପରୀକ୍ଷିତ ପାଣ୍ଡବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦୁଷ୍କର୍ମ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନବରଙ୍ଗପୁର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ସ୍ୱତନ୍ତ୍ର ପୋକସୋ କୋର୍ଟର ମାନ୍ୟବର ବିଚାରପତି ଶ୍ରୀ ବାସୁଦେବ ଆଚାର୍ଯ୍ୟ ଏକ ଦୁଷ୍କର୍ମ ଘଟଣାର ବିଚାର କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ଯୋଗେଶ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ ,ନବରଙ୍ଗପୁର ଥାନା ଅନ୍ତର୍ଗତ ତାରାଗାଁ ଗ୍ରାମର ସୋମନାଥ ହରିଜନ ଗତ ୦୬/୧୧/୨୦୨୩ ତାରିଖ ଦିନ ନବରଙ୍ଗପୁର ଥାନାରେ କେସ ନମ୍ବର ୪୫୬/୨୩ ପ୍ରକାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଯେ ତାଙ୍କ ଝିଅକୁ ନାନା ପ୍ରକାର ଭାବରେ ପ୍ରଲୋଭିତ କରି ପଖନାଗୁଡା ଗ୍ରାମର ଯୋଗେଶ ଭତରା ତା ସହ ଦୁଷ୍କର୍ମ କରିଛି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଯୋଗେଶ ଭତରାକୁ କୋର୍ଟ ଚାଲାଣ କରିବା ସହ ତା ନାମରେ ଭାରତୀୟ ପିଙ୍ଗଳ କୋର୍ଡ ର ଧାରା ୩୬୩/୩୭୬(୨)(ଭ)/୩୭୬(୩) ଓ ସ୍ୱତନ୍ତ୍ର ପୋକସୋ ଆଇନ ୨୧୦୨ ର ଧାରା ୪(୨)/୬ ପ୍ରକାରେ ମାମଲା ରୁଜୁ କରିଥିଲେ। ସମସ୍ତ ୨୭ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର ବିଚାରପତି ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତ ଯୋଗେଶ ଭତରାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ବ୍ରାଉନ୍ ସୁଗର ଜବତ, ଅଭିଯୁକ୍ତ କୋର୍ଟ ଚାଲାଣ



ବୋଲଗଡ, (ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ସ୍ଥିତ ନେତାଜୀ ସୁବାଷ ବୋଷ ଛକଠାରେ ରବିବାରଦିନ ରାତିରେ ପୁଲିସ ପାଟ୍ରୋଲିଙ୍ଗ କରୁଥିବାବେଳେ ଅଭିଯୁକ୍ତ ଜଣକ ୮.୨୭ ଗ୍ରାମ ବ୍ରାଉନସୁଗାର ଧରି ବାଇକରେ ଯାଉଥିବା ସମୟରେ ଧରିଥିଲେ। ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ନିର୍ଦ୍ଦେଶ ଓ ଉପ ନୀରିକ୍ଷକ ଉମାକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଏଏସଆଇ ମନୋଜ କୁମାର ଶତପଥି,ଜଗନ୍ନାଥ ପୂଜାରୀ, ସିପାହୀ ପ୍ରଦୀପ କୁମାର ବେହେରା, ନିବାସ କୁମାର ବାରିକ ଓ ପବନା ରାଉତରାୟ ପ୍ରମୁଖ ରାତ୍ରରେ ପାଟ୍ରୋଲିଙ୍ଗ କରୁଥିବା ବେଳେ ରାଜସୁନାଖଳାରୁ ଅଭିଯୁକ୍ତ ମନୋଜ କୁମାର ମାଝୀ ପୁରୀ ଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ ନିଜ ଗ୍ରାମ କୁପିନ୍ଦାକୁ ବାଇକ ଯୋଗେ ଯାଉଥିବା ବେଳେ ପୁଲିସ ହାତରେ ଧରା ପଡ଼ି ଯାଇଥିଲେ। ତାଙ୍କ ପାଖରୁ ୮.୨୭ ଗ୍ରାମ ବ୍ରାଉନ ସୁଗାର ଜବତ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣା ପଡିଛି ।

# ଜିଲ୍ଲା କଂଗ୍ରେସ ସଭାପତି ପଦ ପାଇଁ ଯଶୋବନ୍ତ ଆଶାୟୀ



କାକଟପୁର, (ଭାସ୍କର ନ୍ୟୁଜ୍): ଦୀର୍ଘ ୨୦ ବର୍ଷ ଧରି କଂଗ୍ରେସ ଦଳ ପାଇଁ ନିସ୍ୱାର୍ଥ ପର ଭାବେ ଜଶୋବନ୍ତ କାର୍ଯ୍ୟ କରିଚାଲିଛନ୍ତ। କାକଟପୁର ବ୍ଲକ କଂଗ୍ରେସର ସଂଯୋଜକ ତଥା ପୁରୀ ଜିଲ୍ଲା କଂଗ୍ରେସ କମିଟିର ଉପ ସଭାପତି ଭାବେ ସୁଚାରୁରୂପେ ଦାୟିତ୍ୱ ତୁଲାଇଛନ୍ତି। ସାଂଗଠନିକ ଦକ୍ଷତା ବଳରେ ସୁହାଗପୁର ପଞ୍ଚାୟତରୁ ନିଜର ରାଜନୈତିକ ଅଭିଯାନ ଆରମ୍ଭକରି ଆଜି ପୁରୀ ଜିଲ୍ଲା କଂଗ୍ରେସ ସଭାପତି ପାଇଁ ଅନ୍ୟ ଆଶାୟୀଙ୍କ ଅପେକ୍ଷା ସବାଗ୍ରେ ଅଛନ୍ତି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପର୍ଯ୍ୟବ୍ୟକ୍ଷକ ଜଣେ ଯୁବ ଓ ଅନୁଭବ ବ୍ୟକ୍ତିଙ୍କୁ ଜିଲ୍ଲା ସଭାପତି କରିବାକୁ ଇଚ୍ଛୁକ ଅଛନ୍ତି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ପ୍ରସ୍ତୁତି ସମୀକ୍ଷା ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ଅନ୍ତର୍ଗତ ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରୀମାନେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବାରଣାସୀ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧକ୍ଷତାରେ ଭୁବନେଶ୍ୱରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଦିଆଯାଇଥିବା ଦାୟିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଏହି ଯୋଜନାରେ କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳର ୭୭୫ ଜଣ ତୀର୍ଥଯାତ୍ରୀ ଏବଂ ସେମାନଙ୍କୁ ସହଯୋଗ କରିବାକୁ ୨୫ ଜଣ ଅଧିକାରୀ ଏହି ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ। ଆସନ୍ତା ସେପ୍ଟେମ୍ବର ୧୦ରୁ ତୀର୍ଥଯାତ୍ରୀମାନେ ଭୁବନେଶ୍ୱର ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରଣାସୀ ଦର୍ଶନ କରି ସେପ୍ଟେମ୍ବର ୧୫ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଏହି ପ୍ରସ୍ତୁତି ବୈଠକରେ ତୀର୍ଥଯାତ୍ରାରେ ସାମିଲ ହେଉଥିବା ବରିଷ୍ଠ ନାଗରିକମାନଙ୍କର ସୁରକ୍ଷା,ଖାଦ୍ୟପେୟ, ସ୍ୱାସ୍ଥ୍ୟ ଆଦି ସଂପର୍କରେ ବିଶଦଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ପର୍ଯ୍ୟଟନ ସହନିର୍ଦ୍ଦେଶକ ଅଞ୍ଜନ କୁମାର ବାରିକ, ଖୋର୍ଦ୍ଧା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମୀରା ବେହେରା, ପୁଲିସ, ଅଗ୍ନିଶମ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣି ଶିବିର



ଆଳି, (ଭାସ୍କର ନ୍ୟୁଜ ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ମୋଟ ୨୧୭ଟି ଅଭିଯୋଗର ଶୁଣାଣି ହୋଇଛ। ଏହି ଅଭିଯୋଗ ଗୁଡିକ ମଧରେ ୧୯୫ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୨୨ଟି ସାମୁହିକ ଅଭିଯୋଗ ହୋଇଥିବା ସୂଚନା ମିଳିଛ। ବ୍ୟକ୍ତିଗତ ଅଭିଯୋଗ ଗୁଡିକ ମଧ୍ୟରେ ରାସନ କାର୍ଡ, ଭିର୍ନ୍ନକ୍ଷମ ମାନଙ୍କର ପ୍ରମାଣ ପତ୍ର ଡିଜିଟାଲ ହେବା ଫଳରେ ବହୁ ଭିନ୍ନକ୍ଷମ ହିତାଧିକାରୀମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବା ଫଳରେ ସେମାନେ ବହୁସଂଖ୍ୟାରେ ଆସି ଅଭିଯୋଗ ପତ୍ର ପ୍ରଦାନକରିଥିଲେ। ତତ୍‌ସହିତ ସାମୁହିକ ଆବେଦନ ମଧ୍ୟରେ ମୁଖ୍ୟତଃ ଆଳି ବ୍ଲକରେ ନୂତନ ଗାଁ ସାଥି ମାନଙ୍କର ଚୟନରେ ଚଞ୍ଚକତା ଯାହାକୁ ନେଇ ୩୦ରୁ ଉର୍ଦ୍ଧ୍ୱ ଗାଁ ସାଥିମାନେ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ବଡାମ୍ବିଳା ପଞ୍ଚାୟତର ମହାଦେବ ଛକ ନିକଟରୁ ବଡାମ୍ବିଳା ଗ୍ରାମ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଶୋଚନୀୟ ନେଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନଥିବା ଯୋଗୁଁ ଆଜି ସେମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହିତ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି । ସିଙ୍ଗିରି, ଚଣ୍ଡୀଆଗାଡି, ମାଣିକପାଟଣା, ଅରେହିକଣା ଗ୍ରାମପଞ୍ଚାୟତର ଶତାଧିକ ଚାଷୀ ଆଜି ଜିଲ୍ଲାପାଳଙ୍କୁ ଭେଟି ଛପଲିଆ ପୋଲ ସମସ୍ୟା ନେଇ ଲିଖିତ ଅଭିଯୋଗ କରିଛନ୍ତ। ଏହାକୁ ଆଧାର କରି ଜନଶୁଣାଣି ପରେପରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କ ସହ ଉକ୍ତ ପୋଲ ଉପରକୁ ଯିବା ସହ ସାଧାରଣ ଲୋକଙ୍କ ସହ ସିଧାସଳଖ ସମସ୍ୟା ବୁଝିବା ସହ ଖୁବଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଜିଲ୍ଲାପାଳ ଶ୍ରୀ ଆୟାରଙ୍କ ସୂଚନା ଅନୁଯାୟୀ ପୂର୍ବ ଆଳି ବ୍ଲକର ମିଳିତ ଜନଶୁଣାଣିରେ ଗ୍ରହଣ କରାଯାଇଥିବା ମୋଟ ୧୧୯ ଅଭିଯୋଗ ମଧ୍ୟରୁ ୮୫ ଟି ସମାଧାନ ହୋଇଥିବା ବେଳେ ୩୪ଟି ଅଭିଯୋଗ ପ୍ରଗତିଶୀଳ ଅଛି। ତତ୍‌ସହିତ ସମସ୍ତ ଅଭିଯୋଗ ରତଥ୍ୟ ବିଡିଓଙ୍କ ପ୍ରକୋଷ୍ଠ ସାମ୍ନା ନୋଟିସ ବୋର୍ଡରେ ଲଗାଯିବା ନେଇ ମଧ ସୂଚନା ଦେଇଛନ୍ତ। ଆଜିର ଏହି ଜନଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସମେତ ଅତିରିକ୍ତ ଏସପି ସୁଧାକର ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି ସମେତ ବ୍ଲକର ବିଡ଼ିଓ ଅଭିନାଶ ବିଶ୍ୱଜିତ ସେଠି, ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଆଳି ଥାନା ଭାରପ୍ରାପ୍ତ ଅଧିକାରୀ ଧୀରାଜ କୁମାର ଲେଙ୍କା, ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମାମିନା ବାଳା ପଣ୍ଡା, ଆଳି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ପ୍ରଣବ କୁମାର ଶୁକ୍ଳାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ସ୍କୁଟି ସହିତ ଧରାପଡିଲା ଗଞ୍ଜେଇ ବେପାରୀ



ଟାଙ୍ଗୀ , (ଭାସ୍କର ନ୍ୟୁଜ୍): ଅନ୍ଧାର ରାତିରେ ଗାଁ-ଗହଳିର ଅଙ୍କାବଙ୍କା ରାସ୍ତାରେ ସ୍କୁଟି ଗାଡ଼ିରେ ଗଞ୍ଜେଇ ନେଇ ଯାଉଥିଲା ବେପାରୀ । ଏହାର ଖବର ପାଇଥିଲା ଟାଙ୍ଗୀ ପୋଲିସ । ଟାଙ୍ଗୀ ଥାନା ନିରୀକ୍ଷକ ନିଜର ସହକର୍ମୀମାନଙ୍କୁ ନେଇ ସାଧା ପୋଷାକରେ ଗଞ୍ଜେଇ ଥିବା ସ୍କୁଟି ଗାଡ଼ିକୁ ଗୋଡ଼ାଇ ଗୋଡ଼ାଇ ମାଡ଼ି ବସିଲେ । ଜବତ ହେଲା ୭୦ ହଜାର ଟଙ୍କାର ଗଞ୍ଜେଇ , ଆଉ ବନ୍ଧାହେଲା ଗଞ୍ଜେଇ ବେପାରୀ । ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଞ୍ଚଳରେ ଛୁପାରୁସ୍ତମ ଭାବେ ଗଞ୍ଜେଇ କାରବାର ହେଉଛି । ଏଭଳି ଅଭିଯୋଗ ଆସିବା ପରେ ସେମାନଙ୍କୁ ଧରପଗଡ଼ କରିବା ପାଇଁ ଟାଙ୍ଗୀ ପୋଲିସ ପକ୍ଷରୁ ତତ୍ପରତା ଆରମ୍ଭ ହୋଇଥିଲା । ବିଶେଷ ସୂତ୍ରରୁ ଖବର ପାଇ ଟାଙ୍ଗୀ ଥାନାର କର୍ମଚାରୀ ଏବଂ ସାଧା ପୋଷାକ ନିଜର ବେଶଭୁଷା ବଦଳାଇ ଗଞ୍ଜେଇ ବେପାରୀଙ୍କୁ ଧରପଗଡ଼ ପାଇଁ ଚୋରା ଚାଲାଣ ରାସ୍ତାର ରୁଟ୍-ଚାଟ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ଅଭିଯୁକ୍ତ ତଥା ଗଞ୍ଜେଇ ବେପାରୀ ପ୍ରହଲ୍ଲାଦ ବେହେରାଙ୍କୁ ଗିରଫ କରିବା ସହିତ ଗଞ୍ଜେଇ ଓ ସ୍କୁଟି ଗାଡ଼ି ଜବତ କରିଛିପୋଲିସ ।